# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୯/୨୦୨୪ (୧୮ ପୃଷ୍ଠା) | Bhubaneswar, Monday, August 19/2024 | Page 18 | ₹ 7.00

୫୦ଶ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 265 | ମୂଲ୍ୟ₹୭/-




## ବଲିଉଡ୍ ତାରକାଙ୍କୁ ମୂର୍ଖ କହିଲେ କଙ୍ଗନା

ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଏକ ସାକ୍ଷାତ୍‌କାରରେ ବଲିଉଡ୍ ସେଲିବ୍ରିଟିମାନଙ୍କର ଜୀବନଶୈଳୀକୁ ସମାଲୋଚନା କରିଛନ୍ତି।

୧୦

୧୬

## କୋହଲିଙ୍କ ୧୬ ବର୍ଷ

ଅନ୍ତର୍ଜାତୀୟ କ୍ରିକେଟରେ ୧୬ବର୍ଷ ପୂରଣ କରିଛନ୍ତି ଭାରତୀୟ କ୍ରିକେଟ ତାରକା ବିରାଟ କୋହଲି ।





**ଆଜି ରକ୍ଷା ବନ୍ଧନ**

ରକ୍ଷାବନ୍ଧନର ଅବ୍ୟବହିତ ପୂର୍ବରୁ ରବିବାର ପଶ୍ଚିମବଙ୍ଗ ଦକ୍ଷିଣ ଦିନାଜପୁର ଜିଲାର ବେଲୁରଘାଟ ନିକଟ ଭାରତ-ବାଂଲାଦେଶ ସୀମାରେ ଜଣେ ମହିଳା ବିଏସ୍ଏଫ୍ ଯବାନଙ୍କ ହାତରେ ରାଖି ବାନ୍ଧୁଛନ୍ତି।

# ୨୦ରେ ସୁପ୍ରିମକୋର୍ଟରେ ଶୁଣାଣି

### କୋଲକାତା ବଳାତ୍କାର-ହତ୍ୟା ମାମଲା

ନୂଆଦିଲ୍ଲୀ,୧୮।୮

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଅଭିଯୋଗକୁ ସୁପ୍ରିମକୋର୍ଟ ନିଜଆଡ଼ୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି କରିବେ। ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅଗଷ୍ଟ ୨୦ ପାଇଁ ଅପ୍‌ଲୋଡ୍ ହୋଇଥିବା ମାମଲାଗୁଡ଼ିକର ତାଲିକାରୁ ଏହା ଜଣାପଡ଼ିଛି।

ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିବାବେଳେ ଦେଶବ୍ୟାପୀ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଆନ୍ଦୋଳନ ଜାରି ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି କରିବେ। କୋଲକାତା ହାଇକୋର୍ଟ ଗତ ସପ୍ତାହରେ ମାମଲାର ଶୁଣାଣି କରିବା ସହ ଏହାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିଥିଲେ। ରବିବାର ସୁଦ୍ଧା ପୋଲିସ ତଦନ୍ତରେ ଅଗ୍ରଗତି ନ ହେଲେ ମାମଲା ସିବିଆଇକୁ ହସ୍ତାନ୍ତର କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାବେଳେ ଏହା ପୂର୍ବରୁ ହାଇକୋର୍ଟ ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ସଂସ୍ଥାକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପୋଲିସ ତଦନ୍ତକୁ ନେଇ ଆରମ୍ଭରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ମହିଳା ଡାକ୍ତରଙ୍କ ମୃତଦେହ ଦେଖିବା ପାଇଁ ତାଙ୍କ ମାଆବାପାଙ୍କୁ ନ ଛାଡ଼ିବା, ବ୍ୟବଚ୍ଛେଦ ରିପୋର୍ଟ ନ ଦେଖାଇବା ଏବଂ ତୁରନ୍ତ ଜଣେ ସିଭିକ୍ ଭଲ୍ୟୁଣ୍ଟିୟରଙ୍କୁ ଗିରଫ କରିବା ଘଟଣାରୁ ପୋଲିସର କାର୍ଯ୍ୟ ପ୍ରତି ସନ୍ଦେହ ସୃଷ୍ଟି ହୋଇଥିଲା। ମହିଳା ଡାକ୍ତରଙ୍କ ଶରୀରରେ ଥିବା ଆଘାତ ଚିହ୍ନରୁ ଏକାଧିକ ଆକ୍ରମଣକାରୀ ସମ୍ପୃକ୍ତ ଥିବା ଡାକ୍ତରମାନେ କହୁଥିବାବେଳେ ପୋଲିସ କେବଳ ଜଣଙ୍କୁ ଗିରଫ କରି ହାତବାନ୍ଧି ବସିଥିଲା। ସେହିପରି ମୃତଦେହର ଅନ୍ତିମ ସଂସ୍କାର ଅତି ତରବରିଆ ଭାବେ ☞ପୃଷ୍ଠା-୧୨

### ପ୍ରତି ୨ ଘଣ୍ଟାରେ ସ୍ଥିତି ରିପୋର୍ଟ ଦିଅ

ନୂଆଦିଲ୍ଲୀ,୧୮।୮(ପି.ଟି.)

**ଡାକ୍ତରଙ୍କ ଆନ୍ଦୋଳନକୁ ନେଇ ରାଜ୍ୟକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ଡାକ୍ତର, ନର୍ସିଂ ଷ୍ଟାଫ୍ ଓ ଅନ୍ୟ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଥିବାବେଳେ ପ୍ରତି ୨ ଘଣ୍ଟାରେ ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ସମସ୍ତ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ମନ୍ତ୍ରଣାଳୟ ରାଜ୍ୟ ପୋଲିସକୁ ଜଣାଇଛି। ଏଥିପାଇଁ ପ୍ରତି ୨ ଘଣ୍ଟାରେ ଆଇନଶୃଙ୍ଖଳା ସ୍ଥିତି ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନୂଆଦିଲ୍ଲୀସ୍ଥିତ କଣ୍ଟ୍ରୋଲ ରୁମ୍‌କୁ ଫ୍ୟାକ୍ସ, ଇମେଲ କିମ୍ବା ହ୍ୱାଟ୍ସଆପ୍ ଜରିଆରେ ପଠାଇବା ପାଇଁ ନିର୍ଦ୍ଦେଶନାମାରେ କୁହାଯାଇଛି। ମନ୍ତ୍ରଣାଳୟ ରାଜ୍ୟ ପୋଲିସକୁ ଫ୍ୟାକ୍ସ ଏବଂ ହ୍ୱାଟ୍ସଆପ୍ ନମ୍ବର ଓ ଇମେଲ୍ ଆଇଡି ପ୍ରଦାନ କରିଛି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ ଦେଶର ବିଭିନ୍ନ ଭାଗରେ ରୋଗୀସେବା ବ୍ୟାହତ ହୋଇଛି। ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଉପରେ ହିଂସା ବନ୍ଦ ଲାଗି କେନ୍ଦ୍ରୀୟ ଆଇନ ଆଣିବାକୁ ସେମାନେ ଦାବି କରିଛନ୍ତି। ହସ୍ପିଟାଲଗୁଡ଼ିକୁ ସୁରକ୍ଷିତ ଜୋନ୍ ଘୋଷଣା କରିବା ସହ ଅନ୍ୟାନ୍ୟ ଦାବି ପୂରଣ ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଦାବି କରିଛନ୍ତି।

**ଆଜିର ସମ୍ପାଦକୀୟ** — ଯୁଦ୍ଧରୁ ଲାଭ

## ସମ୍ପତ୍ତି ଲୋଭରେ ବାପାଙ୍କୁ ହତ୍ୟା

**ଇଞ୍ଜିନିୟର ପୁଅ, କିନ୍ନର ବୋହୂ କୋର୍ଟ ଚାଲାଣ**

ବ୍ରହ୍ମପୁର,୧୮।୮(ସୁବାସ ଚନ୍ଦ୍ର ପାଢ଼ୀ)

ସମ୍ପତ୍ତି ଲୋଭରେ ଜଣେ ବୃଦ୍ଧଙ୍କୁ ତାଙ୍କ ପୁଅ ଓ କିନ୍ନର ବୋହୂ ମିଶି ହତ୍ୟା କରିଥିବା ଘଟଣା ବ୍ରହ୍ମପୁର ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ବ୍ରହ୍ମପୁର ଅଯୋଧ୍ୟାନଗର ୩ୟ ଲେନ୍‌ର ତଥା ରାଜସ୍ୱ ବିଭାଗର ଅବସରପ୍ରାପ୍ତ କିରାଣି ଗରିବବନ୍ଧୁ ପଣ୍ଡା(୭୪)। ତାଙ୍କର ଇଞ୍ଜିନିୟର ପୁଅ ସନ୍ଦୀପ ପଣ୍ଡା(୪୪) ଓ କିନ୍ନର ବୋହୂ ଶ୍ରୀୟାଙ୍କୁ ପୋଲିସ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ଉଭୟେ ହତ୍ୟାକାଣ୍ଡ ଭିଆଇବା ପରେ ଏହାକୁ ଦୁର୍ଘଟଣାର ରୂପ ଦେଖିବାକୁ ସମସ୍ତ ଯୋଜନା କରିଥିଲେ ବୋଲି ସୂଚନା ମିଳିଛି। ଘରୁ ରକ୍ତଭିଜା ତକିଆ, ଶାର୍ଟ ଓ ଗଞ୍ଜି ଜବତ କରି ପୋଲିସ ତଦନ୍ତ ଚଳାଇଛି। ଅବସରପ୍ରାପ୍ତ କିରାଣି ଗରିବବନ୍ଧୁଙ୍କ ସ୍ତ୍ରୀଙ୍କ ୨ ବର୍ଷ ତଳେ ମୃତ୍ୟୁ ହୋଇଯାଇଛି। ତାଙ୍କ ଝିଅ ଆମେରିକାରେ ନିଜ ପରିବାର ସହ ରହୁଛନ୍ତି। ପୁଅ ସନ୍ଦୀପ ପୂର୍ବରୁ ମୁମ୍ବାଇରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ହେଲେ ସେ ସବୁବେଳେ ମଦ୍ୟପାନ କରୁଥିବାରୁ ଅନେକ ଦିନ ହେଲା ତାଙ୍କ ସ୍ତ୍ରୀ ଓ ଝିଅ ବାପଘରକୁ ଚାଲି ଯାଇଛନ୍ତି। ଘରେ ଗରିବବନ୍ଧୁ ଓ ତାଙ୍କ ପୁଅ ସନ୍ଦୀପ ରହୁଥିଲେ। ମୁମ୍ବାଇରେ ରହୁଥିବା ବେଳେ ମହାରାଷ୍ଟ୍ର ଥାନେ ଜିଲାର କାଲସ୍ୱା ଥାନା ଅନ୍ତର୍ଗତ ଶିବାଜୀନଗରର କିନ୍ନର ଶ୍ରୀୟା ଓରଫ ପ୍ରବୀଣ ☞ପୃଷ୍ଠା-୧୨

## ଭୁବନେଶ୍ୱର ପରେ କଟକରେ ସିମ୍ ବକ୍ସ

ଭୁବନେଶ୍ୱର,୧୮।୮
(ସତ୍ୟଜିତ୍ ରାଉତ)

**ଖୋଲୁଛି ବାଂଲାଦେଶୀ ଆତଙ୍କୀଙ୍କ ଗୁମର**

- **ଷ୍ଟିକରିଂ ହୋଇଛି ପାକିସ୍ତାନ, ଆଫ୍‌ଗାନିସ୍ତାନ, ମ୍ୟାନ୍‌ମାର ଭଳି ଦେଶର ଆଇଏସ୍‌ଡି କୋଡ୍**
- **ରାଜୁ ମଣ୍ଡଳଙ୍କୁ ୫ଦିନିଆ ରିମାଣ୍ଡରେ ଆଣି ତନାଘନା**



ଓଡ଼ିଶାରେ ବାଂଲାଦେଶୀ ଆତଙ୍କୀଙ୍କ ଗୁମର ଖୋଲିବାରେ ଲାଗିଛି। ଭୁବନେଶ୍ୱର ପରେ କଟକରୁ ମଧ୍ୟ ସିମ୍ ବକ୍ସ ମିଳିଛି। ଏହି ଘଟଣାରେ ବିଦେଶୀ ଲିଙ୍କ୍ ମିଳିଥିବାରୁ କମିଶନରେଟ୍ ପୋଲିସ ଗୁରୁତ୍ୱର ସହ ନେଇ ଅଧିକ ତନାଘନା ଚଳାଇଛି। ଗିରଫ ହୋଇ ଜେଲରେ ଥିବା ଏଜେଣ୍ଟ ରାଜୁ ମଣ୍ଡଳଙ୍କୁ ୧୪ ଦିନିଆ ରିମାଣ୍ଡରେ ନେବାକୁ ଲକ୍ଷ୍ମୀସାଗର ଥାନା ପକ୍ଷରୁ ଭୁବନେଶ୍ୱର ଏସ୍‌ଡିଜେମ୍ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ୫ ଦିନିଆ ରିମାଣ୍ଡ ଅନୁମତି ଦେବା ପରେ ରାଜୁଙ୍କୁ ରବିବାର ଝାରପଡା ଜେଲରୁ ନେଇ ପୋଲିସ ଟିମ୍ ମାରାଥନ ଜେରା ଆରମ୍ଭ କରିଛି। ପ୍ରଥମ ଦିନରେ ରାଜୁଙ୍କଠାରୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଭୁବନେଶ୍ୱର ଭଳି କଟକରେ ମଧ୍ୟ ରାଜୁ ଘର ଭଡ଼ା ନେଇ ସିମ୍ ବକ୍ସ ଚଳାଇଥିବା କହିବା ପରେ ତୁରନ୍ତ ସେଠାରେ ଚଢ଼ାଉ ପାଇଁ ଯୋଜନା ହୋଇଥିଲା।

ସ୍ପେଶାଲ ସ୍କ୍ୱାଡ୍, ଲକ୍ଷ୍ମୀସାଗର ଓ ମଧୁପାଟଣା ଥାନା ପୋଲିସ ଏବଂ ସାଇବର ଏକ୍ସପର୍ଟଙ୍କୁ ନେଇ ଏକ ମିଳିତ ଟିମ୍ ଅପରାହ୍ନରେ ରାଜୁଙ୍କୁ ଧରି ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣୀ ନଗରସ୍ଥିତ ବୃନ୍ଦାବନ ଭବନରେ ଭଡ଼ା ଘରେ ଯାଞ୍ଚ କରିଥିଲା। ଉକ୍ତ ଘରେ ଥିବା ର୍‍ୟାକ୍‌ରୁ ୫ଟି ସିମ୍ ବକ୍ସ ସମେତ ବିଭିନ୍ନ ଟେଲିକମ୍ କମ୍ପାନୀର ୫୪୬ ସିମ୍ କାର୍ଡ ଜବତ କରାଯାଇଛି। ଏଥିସହ ସେଠାରୁ ୪୦ଟି ସିମ୍ କାରିୟର୍ସ, ଗୋଟିଏ ରାଉଟର, ୨ଟି ଏୟାରଟେଲ ବ୍ରଡ୍‌ବ୍ୟାଣ୍ଡ ମଧ୍ୟ ମିଳିଛି। ଜବତ ସିମ୍‌ରୁ ୨୩୬ଟି ସିମ୍ ଆକ୍ଟିଭ୍ ଥିଲା ବୋଲି ☞ପୃଷ୍ଠା-୧୨

## ବସ୍ ଭିତରେ ନାବାଳିକାଙ୍କୁ ଗଣବଳାତ୍କାର

**ଦେଶରେ ମହିଳା ବିରୋଧୀ ବର୍ବରତା ବଢ଼ିବାରେ ଲାଗିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁସାରେ ପ୍ରତି ୧୬ ମିନିଟ୍‌ରେ ଜଣେ ମହିଳା ବା ଶିଶୁକନ୍ୟା ବଳାତ୍କାରର ଶିକାର ହେଉଛନ୍ତି। କୋଲକାତା ଆର୍.ଜି.କର ହସ୍ପିଟାଲରେ ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ଘଟଣା ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ମହିଳାଙ୍କୁ ଆକ୍ରମଣ ଓ ଯୌନ ହିଂସା ସମ୍ପର୍କିତ ରିପୋର୍ଟ ଆସିବାରେ ଲାଗିଛି।**

ଡେରାଡୁନ୍,୧୮।୮

ଉତ୍ତରାଖଣ୍ଡ ରୋଡ୍‌ୱେଜ୍‌ର ଏକ ବସ୍‌ରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସମେତ ରାଜ୍ୟ ପରିବହନ ବିଭାଗର ୫ ଜଣଙ୍କୁ ରବିବାର ଗିରଫ କରାଯାଇଛି। ସେମାନେ ଅପରାଧ ଘଟାଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ନାବାଳିକା ଜଣଙ୍କ ଉତ୍ତରାଖଣ୍ଡ ପରିବହନ ନିଗମ ବସ୍‌ରେ ଦିଲ୍ଲୀରୁ ଡେରାଡୁନ୍ ଯାଇଥିଲେ। ଗତ ମଙ୍ଗଳବାର ଭୋର ସମୟରେ ସେ ଡେରାଡୁନ୍ ବସ୍ ଟର୍ମିନାଲରେ ପହଞ୍ଚିଥିବାବେଳେ ତାଙ୍କୁ ବସ୍ ଭିତରେ ଗଣବଳାତ୍କାର କରାଯାଇଥିଲା। ଉକ୍ତ ବସ୍‌ର ଡ୍ରାଇଭର, କଣ୍ଡକ୍ଟରଙ୍କ ସମେତ ୫ ଜଣଙ୍କ ନାଁରେ ଏତଲା ଦାଏର ହୋଇଛି। ଅନ୍ୟ ଅଭିଯୁକ୍ତ ହେଲେ ପାଖରେ ପାର୍କିଂ କରିଥିବା ଅନ୍ୟ ଏକ ବସ୍‌ର ଡ୍ରାଇଭର, କ୍ଲିନର ଏବଂ ଆଇଏସ୍‌ବିଟିର କ୍ୟାଶିୟର। ପୀଡ଼ିତାଙ୍କ ଘର ☞ପୃଷ୍ଠା-୧୨

## ଆଜି ଦୃଶ୍ୟମାନ ହେବ ବିରଳ 'ସୁପର ବ୍ଲୁ ମୁନ୍'

ୱାଶିଂଟନ, ୧୮।୮



ଚଳିତ ବର୍ଷ ରାଖୀ ପୂର୍ଣ୍ଣିମା ଅବସରରେ ଭାରତରେ ବିରଳ 'ସୁପର ବ୍ଲୁ ମୁନ୍' ଦୃଶ୍ୟମାନ ହେବ। ସୋମବାର ଭାରତରେ ସୁପର ମୁନ୍ ଏବଂ ବ୍ଲୁ ମୁନ୍‌ର ବିରଳ ମିଶ୍ରଣ ଦେଖିବାକୁ ମିଳିବ, ଯାହା ଏକ ଅସାଧାରଣ ଜ୍ୟୋତିର୍ବିଜ୍ଞାନ ଘଟଣା ବୋଲି ଆମେରିକୀୟ ମହାକାଶ ସଂସ୍ଥା(ନାସା) ପକ୍ଷରୁ କୁହାଯାଇଛି। ପୂର୍ଣ୍ଣିମା ସମୟରେ ଯେତେବେଳେ ଚନ୍ଦ୍ର ୯୦%ରୁ ଅଧିକ ପୃଥିବୀର ନିକଟତର ହୋଇଥାଏ, ସେତେବେଳେ ସୁପର ମୁନ୍ ଦୃଶ୍ୟମାନ ହୋଇଥାଏ। ସୁପରମୁନ ଶବ୍ଦର ଆବିଷ୍କାର ୧୯୭୯ରେ ଜ୍ୟୋତିର୍ବିଜ୍ଞାନୀ ରିଚାର୍ଡ ନୋଲ୍ଲେ କରିଥିଲେ। ସୁପରମୁନରେ ଚନ୍ଦ୍ର ସାମାନ୍ୟଠାରୁ ୩୦% ଅଧିକ ଉଜ୍ଜ୍ୱଳ ରହିବା ସହ ଆକାରରେ ୧୪% ବଡ଼ ଦେଖାଯାଇଥାଏ ବୋଲି ନାସା କହିଛି। ସେହିପରି ବ୍ଲୁ ମୁନ୍ ୨ ପ୍ରକାରର ହୋଇଥାଏ। ଗୋଟିଏ ଋତୁଭିତ୍ତିକ ଏବଂ ଅନ୍ୟଟି ମାସଭିତ୍ତିକ ହୋଇଥାଏ ବୋଲି ନାସା ପକ୍ଷରୁ କୁହାଯାଇଛି। ତେବେ ଏହାର ନୀଳ ରଙ୍ଗ ସହ କୌଣସି ସମ୍ପର୍କ ନ ଥାଏ। ଯେତେବେଳେ କୌଣସି ଋତୁରେ ୪ଟି ପୂର୍ଣ୍ଣିମା ପଡ଼ିଥାଏ, ତୃତୀୟ ପୂର୍ଣ୍ଣିମାକୁ ଋତୁଭିତ୍ତିକ ବା 'ସିଜନାଲ ବ୍ଲୁ ମୁନ୍' କୁହାଯାଏ। ସେହିପରି ☞ପୃଷ୍ଠା-୧୨






# ରହସ୍ୟଜନକ ମୃତ୍ୟୁର ଲମ୍ବା ତାଲିକା

ସ୍ୱନାମଧନ୍ୟ ବେଙ୍ଗଲୀ ଡାକ୍ତର ରାଧା ଗୋବିନ୍ଦ କରଙ୍କ ନାମରେ ୧୮୮୬ ମସିହାରେ ପ୍ରତିଷ୍ଠିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଦେଶର ଅନ୍ୟତମ ସର୍ବପୁରାତନ ସରକାରୀ ସଂସ୍ଥା। ୨୩ ବର୍ଷ ପୂର୍ବେ ଏହି ହସ୍ପିଟାଲରେ ଜଣେ ମେଡିକାଲ ଛାତ୍ରଙ୍କ ମୃତଦେହ ମିଳିଥିଲା। ପୋଲିସ ଏହାକୁ ଆତ୍ମହତ୍ୟାର ରୂପ ଦେଇଥିଲା। କିନ୍ତୁ ସମ୍ପୃକ୍ତ ଛାତ୍ର ଜଣକ ଏକ ପର୍ନ ରିଙ୍ଗ୍‌କୁ ଧରାପକାଇବା ପାଇଁ ଉଦ୍ୟମ କରିଥିବାରୁ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଅଭିଯୋଗ ଆସିବାରୁ କାଲକାଟା ହାଇକୋର୍ଟ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ଗଣମାଧ୍ୟମକୁ କହିଥିଲେ, ସମ୍ପୃକ୍ତ ଗ୍ୟାଙ୍ଗ୍ ମେଡିକାଲ କଲେଜକୁ ଗଣିକାମାନଙ୍କୁ ଆଣି ଅଶ୍ଳୀଳ ଫଟୋ ଓ ଭିଡିଓ ଶୁଟିଂ କରୁଥିଲେ। ଯେତେବେଳେ ଖରାପ କାର୍ଯ୍ୟରେ ନିୟୋଜିତ ହେବା ପାଇଁ କୌଣସି ଯୁବତୀ ବା ମହିଳା ମିଳୁ ନ ଥିଲେ, ସେତେବେଳେ ଗ୍ୟାଙ୍ଗ୍ ସଦସ୍ୟମାନେ ବ୍ୟବଚ୍ଛେଦ ପାଇଁ ରଖାଯାଇଥିବା ମୃତଦେହଗୁଡ଼ିକୁ ବ୍ୟବହାର କରି ବ୍ଲୁ ଫିଲ୍ମ ଶୁଟିଂ କରୁଥିଲେ। ୨୦୨୪ ଅଗଷ୍ଟ ୮ ରାତିରେ ଉକ୍ତ ହସ୍ପିଟାଲରେ ଜଣେ ୩୧ ବର୍ଷୀୟା ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ଘଟଣାରୁ ସମ୍ପ୍ରତି ଦେଶବ୍ୟାପୀ ଡାକ୍ତର ଆନ୍ଦୋଳନ ମୁଣ୍ଡ ଟେକିଛି। ଫଳରେ ଆର୍.ଜି. ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପୁନର୍ବାର ଚର୍ଚ୍ଚାକୁ ଆସିଛି।




## ଚର୍ଚ୍ଚାରେ ପର୍ନ ଭିଡିଓ ଶୁଟିଂ

କୋଲକାତା,୧୮।୮

କୋଲକାତାର ଆର୍.ଜି. ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ପିଜି ଛାତ୍ରୀଙ୍କ ମୃତଦେହ ମିଳିବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରଥମେ ଏହାକୁ ଆତ୍ମହତ୍ୟା ମାମଲା କହି ରଫାଦଫା କରିବାକୁ ଉଦ୍ୟମ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହା ଏକ ବଳାତ୍କାର ଓ ହତ୍ୟା ମାମଲା ବୋଲି ତଦନ୍ତରୁ ଜଣାପଡ଼ିଲା। ସେହି ରାତିରେ ପୀଡ଼ିତା ଡାକ୍ତରଙ୍କ ସହ କ'ଣ ସବୁ ଘଟିଥିଲା, ତାହା ଉପରୁ ପରଦା ହଟାଇବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପୁଙ୍ଖାନୁପୁଙ୍ଖ ତନାଘନା ଚଳାଇଛି। ତେବେ ଉକ୍ତ ହସ୍ପିଟାଲରେ ଏହା ଏହି ଧରଣର ପ୍ରଥମ ମାମଲା ନୁହେଁ। ହସ୍ପିଟାଲରେ ବଳାତ୍କାର ଓ ହତ୍ୟାର ଏପରି ଏକ ଲମ୍ବା ଇତିହାସ ରହିଛି, ଯାହାର ତାଲିକା ଦେଖିଲେ ସଭ୍ୟ ସମାଜର ମୁଣ୍ଡ ତଳକୁ ହୋଇଯିବ। ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଆସୁଥିବା ଯୁବତୀମାନେ ନିଜେ ବର୍ବର ହତ୍ୟାର ଶିକାର ହେବା କେବଳ ସମ୍ପୃକ୍ତ ହସ୍ପିଟାଲ କିମ୍ବା କୋଲକାତା ନୁହେଁ, ବରଂ ସାରା ଦେଶ ପାଇଁ ଲଜ୍ଜାର ବିଷୟ ପାଲଟିଛି।

୨୦୦୧ ଅଗଷ୍ଟ ୨୫ରେ ଆର୍.ଜି. କର ହସ୍ପିଟାଲର ଲଳିତ ମେମୋରିଆଲ୍ ହଷ୍ଟେଲରେ ଚତୁର୍ଥ ବର୍ଷ ମେଡିକାଲ ଛାତ୍ର ସୌମିତ୍ର ବିଶ୍ୱାସଙ୍କ ଝୁଲନ୍ତା ମୃତଦେହ ତାଙ୍କ ହଷ୍ଟେଲ ରୁମ୍‌ରୁ ମିଳିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ସଦ୍ୟ ଘଟଣା ଭଳି ଏହାକୁ ମଧ୍ୟ ଆତ୍ମହତ୍ୟା ବୋଲି ପ୍ରଚାର କରିଥିଲେ। କିନ୍ତୁ ତାଙ୍କ ପରିବାର ଏଥିରେ ଅସହମତ ହୋଇ ତଦନ୍ତ ଦାବି କରିଥିଲେ। କାଲକାଟା ହାଇକୋର୍ଟ ଏହି ମାମଲାର ସିଆଇଡି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅରୋମିତା ଦାସ ମେଡିକାଲ କଲେଜର ଜଣେ ଛାତ୍ରୀ ହୋଇଥିଲେ ମଧ୍ୟ ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା। ତେବେ ପଶ୍ଚିମବଙ୍ଗ ସିଆଇଡିର ତଦନ୍ତରେ ଅଗ୍ରଗତି ହୋଇ ନ ଥିଲା। ଫଳରେ ମାମଲା ଅମୀମାଂସିତ ହୋଇ ରହିଗଲା। ପୋଲିସ ସିପିଏମ୍ ଛାତ୍ର ସଙ୍ଗଠନ ଷ୍ଟୁଡେଣ୍ଟ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ)ର ଅନେକ ସଦସ୍ୟଙ୍କୁ ପଚରାଉଚରା କରିବା ସତ୍ତ୍ୱେ କିଛି ସୁରାକ ପାଇ ନ ଥିଲା। ସୌମିତ୍ରଙ୍କ ମା' ସବିତା ଅଭିଯୋଗ ଆଣିଥିଲେ ଯେ, ତାଙ୍କ ପୁଅଙ୍କ ସାଙ୍ଗମାନେ ତାଙ୍କୁ ହତ୍ୟା କରିଥିଲେ। କାରଣ କ୍ୟାମ୍ପସ୍‌ରେ ଚାଲିଥିବା ଅନୈତିକ କାର୍ଯ୍ୟ ସମ୍ପର୍କରେ ସୌମିତ୍ର ସବୁ ଜାଣିଥିଲେ। କାଳେ ସେ କିଛି ପ୍ରଘଟ କରିଦେବେ ଆଶଙ୍କା କରି ସେମାନେ ମିଳିମିଶି ତାଙ୍କୁ ଜୀବନରେ ମାରିଦେଲେ। ଏହା ପଛରେ ପର୍ନ ର୍ୟାକେଟ ଏବଂ ଡାକ୍ତରମାନଙ୍କ ହାତ ଥିବା ସନ୍ଦେହ କରାଯାଇଥିଲା। ହସ୍ପିଟାଲ ଓ ହଷ୍ଟେଲ ରୁମ୍‌ଗୁଡ଼ିକରେ ପର୍ନୋଗ୍ରାଫିକ୍ ଫଟୋ ଓ ଭିଡିଓ ଶୁଟିଂକୁ ଧରାପକାଇବା ପାଇଁ କରିଥିବା ଉଦ୍ୟମ ଲାଗି ସୌମିତ୍ରଙ୍କୁ ଆତ୍ମବଳିଦାନ ଦେବାକୁ ପଡ଼ିଲା ବୋଲି ତାଙ୍କ ସହପାଠୀମାନେ ଅଭିଯୋଗ ଆଣିଥିଲେ।

୨୦୦୩ ଫେବୃଆରୀ ୬ ରାତିରେ ହସ୍ପିଟାଲର ହାଉସ୍‌ଷ୍ଟାଫ୍ ଅରିଜିତ ଦତ୍ତା(୨୪) ସର୍ଜିକାଲ ସିଜର୍ସରେ ନିଜ ଭେନ୍ କାଟିବା ପରେ ମେନ୍ ହଷ୍ଟେଲ ଛାତରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସରସ୍ୱତୀ ପୂଜା ପାଇଁ ହସ୍ପିଟାଲରେ ପ୍ରସ୍ତୁତି ଚାଲିଥିବାବେଳେ ଅରିଜିତ କାହିଁକି ଆତ୍ମହତ୍ୟା କଲେ, ତା'ର କାରଣ ପୋଲିସ ଖୋଜିପାରି ନ ଥିଲା।


ଗୌତମ ପାଲ

୨୦୧୬ ଅକ୍ଟୋବର ୨୪ରେ ହସ୍ପିଟାଲର ପ୍ରଫେସର ଡ. ଗୌତମ ପାଲଙ୍କ ଗଳିତ ମୃତଦେହ ସେ ଭଡ଼ାଘରେ ରହୁଥିବା ବନ୍ଦ କୋଠରିରୁ ମିଳିଥିଲା। ମେଡିସିନ ବିଭାଗ ମୁଖ୍ୟ ଗୌତମ ଏହାର କିଛି ଦିନ ପୂର୍ବରୁ ନିଖୋଜ ହୋଇଯାଇଥିବା ପୋଲିସ କହିଥିଲା। ଡାକ୍ତର ସେଠାରେ ଏକୁଟିଆ ରହୁଥିଲେ। ସେ କାହା ସହ ମିଳାମିଶା କରୁ ନ ଥିଲେ ବୋଲି ପଡ଼ୋଶୀମାନେ କହିଥିଲେ। ଏହି ମୃତ୍ୟୁର ରହସ୍ୟ ମଧ୍ୟ ପୋଲିସ ଫିଟାଇପାରି ନ ଥିଲା।


ପୌଲମୀ ଶାହା

୨୦୨୦ ମେ' ୧ରେ ଉକ୍ତ ହସ୍ପିଟାଲର ଦ୍ୱିତୀୟ ବର୍ଷ ପିଜି ଛାତ୍ରୀ ପୌଲମୀ ଶାହା ଏମର୍ଜେନ୍ସି ବିଲ୍ଡିଂର ଷଷ୍ଠ ମହଲାରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଇଥିଲା। ୨୫ ବର୍ଷୀୟା ପୌଲମୀଙ୍କ ମୃତଦେହ ନିକଟରୁ କୌଣସି ସୁଇସାଇଡ୍ ନୋଟ୍ ମିଳି ନ ଥିବାବେଳେ ପାରିପାର୍ଶ୍ୱିକ ସ୍ଥିତି ଅସ୍ପଷ୍ଟ ରହିଥିଲା। ସୌମିତ୍ରଙ୍କ ଭଳି ପୌଲମୀଙ୍କ ମୃତ୍ୟୁ ମଧ୍ୟ ଅସମାହିତ ହୋଇ ରହିଯାଇଥିଲା। କୋଭିଡ୍-୧୯ ସଂକ୍ରମିତଙ୍କୁ ଚିକିତ୍ସା କରି କରି ଶେଷରେ ସେ ଅବସାଦ ଭିତରକୁ ଚାଲିଯାଇଥିବା ଅନେକେ କହିଥିଲେ।

୨୦୨୩ ଜାନୁଆରୀ ୧୨ରେ ଆର୍.ଜି. କର ମେଡିକାଲ କଲେଜର ଚତୁର୍ଥ ବର୍ଷ ଛାତ୍ର ସୟାନ ମଣ୍ଡଳ ନିଜ ସାଙ୍ଗମାନଙ୍କ ସହ ଉତ୍ତରାଖଣ୍ଡ ଯାଇଥିଲେ। ୨୨ ତାରିଖରେ ଟ୍ରେକିଂ କରି ୧୨,୦୦୦ ଫୁଟ୍ ଉଚ୍ଚତାରେ ପହଞ୍ଚିବା ପରେ ତାଙ୍କ ମୃତ୍ୟୁ ଘଟିଥିଲା। ସୟାନଙ୍କ ମୃତ୍ୟୁ ପରେ ୩ ସାଙ୍ଗ ଘରକୁ ଫେରିଆସିଥିବାବେଳେ ତାଙ୍କ ମୃତଦେହ ପାହାଡ଼ ଉପରେ ପଡ଼ିରହିଥିଲା।


ସୟାନ ମଣ୍ଡଳ



ପଞ୍ଜାବର ଜଲନ୍ଧରରେ କ୍ୟାଣ୍ଡେଲ ଜାଳି ଟ୍ରେନିଂ ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟାର ପ୍ରତିବାଦ।

## ଝିଅର ପ୍ୟାଣ୍ଟ ଖୋଲାଥିଲା, ଆଖି ଓ ପାଟିରୁ ରକ୍ତ ଝରୁଥିଲା: ପୀଡ଼ିତାଙ୍କ ମା'

ଅଗଷ୍ଟ ୮ ରାତିରେ ମୃତ ମହିଳା ଡାକ୍ତରଙ୍କ ପ୍ୟାଣ୍ଟ ଖୋଲାଯାଇଥିଲା। ଦେହରେ କେବଳ ଖଣ୍ଡିଏ ଲୁଗା ଥିଲା। ହାତ ଭାଙ୍ଗିଯାଇଥିଲା ଏବଂ ଆଖି ଓ ପାଟିରୁ ରକ୍ତ ଝରୁଥିଲା। ମନେହେଉଥିଲା ସତେ ଯେମିତି ଝିଅ ତା' ହତ୍ୟାକାରୀକୁ ଅନେଇ ରହିଥିଲା। ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। କିନ୍ତୁ କୋଲକାତା ପୋଲିସ ତଦନ୍ତ କରିବା ପରିବର୍ତ୍ତେ ସମୟ ଗଡ଼ାଇ ଚାଲିଥିଲା ବୋଲି ଟ୍ରେନି ଡାକ୍ତରଙ୍କ ମା' ଅସନ୍ତୋଷ ବ୍ୟକ୍ତ କରିବା ସହ ସେହି ରାତିର ଲୋମଟାଙ୍କୁରା ଦୃଶ୍ୟ ଗଣମାଧ୍ୟମ ଆଗରେ ବୟାନ କରିଛନ୍ତି। ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇକୁ ପୀଡ଼ିତାଙ୍କ ମା' କହିଛନ୍ତି, ହସ୍ପିଟାଲରୁ ଆମେ ପ୍ରଥମେ ଖବର ପାଇଥିଲୁ, ତୁମ ଝିଅ ଅସୁସ୍ଥ ଅଛନ୍ତି ବୋଲି। ଏହା ପରେ ସେମାନେ ଫୋନ୍ କାଟିଦେଲେ। ଆମେ ପୁଣି ଫୋନ୍ କରିବାରୁ ସେମାନେ ହସ୍ପିଟାଲକୁ ଡାକିଲେ। ପୁନର୍ବାର ଫୋନ୍ କରିବାରୁ 'ଆସିଷ୍ଟାଣ୍ଟ ସୁପର' ପରିଚୟ ଦେଇ ଜଣେ ବ୍ୟକ୍ତି କହିଲେ, ତୁମ ଝିଅ ଆତ୍ମହତ୍ୟା କରିଛନ୍ତି। ଝିଅ ଗୁରୁବାର ଡ୍ୟୁଟିକୁ ଯାଇଥିବାବେଳେ ଆମେ ଶୁକ୍ରବାର ରାତି ୧୦ଟା ୫୩ରେ ଖବର ପାଇଥିଲୁ। ସେଠାରେ ପହଞ୍ଚିବା ପରେ ଭୋର୍ ୩ଟା ପର୍ଯ୍ୟନ୍ତ ଝିଅକୁ ଦେଖିବାକୁ ଦେଇ ନ ଥିଲେ।



ଅହମଦାବାଦରେ ମେଡିକାଲ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ୭୦ ଡାକ୍ତର

ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଶନିବାର ସକାଳ ୬ଟାରୁ ୨୪ ଘଣ୍ଟିଆ ଆନ୍ଦୋଳନ ଚଳାଇଥିବା ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍ଏ) ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଛି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ କମିଟି ଗଠନ କରାଯିବ ବୋଲି ସରକାର ଦେଇଥିବା ପ୍ରତିଶ୍ରୁତି ଆନ୍ଦୋଳନକୁ ପ୍ରଶମିତ କରିପାରି ନାହିଁ। ଏମ୍ସ ରେସିଡେଣ୍ଟିଆଲ ଡକ୍ଟର୍ସ ଆସୋସିଏଶନ୍ କହିଛି, ଏପରି ଅନେକ କମିଟି ଅତୀତରେ ଗଢ଼ାଯାଇଛି। କିନ୍ତୁ ଡାକ୍ତରମାନଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରି ନାହିଁ। ସେହିପରି ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ୭୦ରୁ ଊର୍ଦ୍ଧ୍ୱ ଡାକ୍ତର କାର୍ଯ୍ୟସ୍ଥଳରେ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରି ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ପତ୍ର ଲେଖିଥିବା ଡାକ୍ତରଙ୍କ ମଧ୍ୟରେ ରହିଛନ୍ତି ଅଶୋକ ବୈଦ, ହର୍ଷ ମହାଜନ, ଅନୁପ ମିଶ୍ରା, ଏ.କେ. ଗ୍ରୋଭର, ଅଲକା କ୍ରିପାଲିନୀ ଓ ମେହାସିନ ୱାଲି। ଇତିମଧ୍ୟରେ ବିକ୍ଷୋଭରତ ଡାକ୍ତରମାନେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଦେଶବ୍ୟାପୀ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ଚିକିତ୍ସା ପାଇଁ ବହୁ ଦୂରରୁ ଆସିଥିବା ରୋଗୀମାନେ ହସ୍ପିଟାଲଗୁଡ଼ିକରେ ହନ୍ତସନ୍ତ ହୋଇଛନ୍ତି।

## ପୂର୍ବ ପ୍ରିନ୍ସିପାଲଙ୍କୁ ସିବିଆଇର ମାରାଥନ୍ ଜେରା

ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କୁ ସିବିଆଇ ତୃତୀୟ ଥର ମାରାଥନ ଜେରା କରିଛି। ସିବିଆଇ ସମନ ପାଇବା ପରେ ସନ୍ଦୀପ ରବିବାର ପୂର୍ବାହ୍ନ ୧୧ଟାରେ କେତେକ ଫାଇଲ ଓ ଦସ୍ତାବିଜ ଧରି କୋଲକାତାସ୍ଥିତ ସିଜିଓ କମ୍ପ୍ଲେକ୍ସ ଅଫିସରେ ପହଞ୍ଚିଥିଲେ। ଅଗଷ୍ଟ ୮ ରାତିରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ସମୟରେ ସେ କେଉଁଠି ଥିଲେ। ଘଟଣା ସମ୍ପର୍କରେ ତାଙ୍କୁ କିଏ ସୂଚନା ଦେଲା ଏବଂ ତାହା ଶୁଣିବା ପରେ ତାଙ୍କର ପ୍ରଥମ ପ୍ରତିକ୍ରିୟା କ'ଣ ଥିଲା। ସନ୍ଦୀପଙ୍କୁ ଏଭଳି ଅନେକ ପ୍ରଶ୍ନ କରିଛି ସିବିଆଇ। ପ୍ରକାଶ ଯେ, ଟ୍ରେନି ଡାକ୍ତରଙ୍କ ମୃତଦେହ ହସ୍ପିଟାଲରୁ ମିଳିବାର ୨ ଦିନ ପରେ ସନ୍ଦୀପ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ସିବିଆଇ ଜେରା ପାଇଁ ୪୦ ଜଣଙ୍କ ନାମକୁ ନେଇ ଏକ ତାଲିକା ପ୍ରସ୍ତୁତ କରିଥିବାବେଳେ ଅଦ୍ୟାବଧି ୨୦ ଜଣଙ୍କୁ ପଚରାଉଚରା କରିସାରିଲାଣି।


ସନ୍ଦୀପ ଘୋଷ

## ଅଭିଯୁକ୍ତଙ୍କ ସାଇକୋଲୋଜିକାଲ ଟେଷ୍ଟ କଲା ସିବିଆଇ

ସେଣ୍ଟ୍ରାଲ ଫୋରେନ୍ସିକ୍ ସାଇନ୍ସ ଲାବରେଟୋରି (ସିଏଫ୍‌ଏସ୍‌ଏଲ୍)ର ୫ ବିଶେଷଜ୍ଞଙ୍କୁ ନେଇ ଗଠିତ ସିବିଆଇର ଏକ ଟିମ୍ ରବିବାର ପିଜି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତ ସଞ୍ଜୟ ରାୟଙ୍କ ସାଇକୋଲୋଜିକାଲ ଟେଷ୍ଟ କରିଛି। ଏହି ପରୀକ୍ଷାରେ ଅଭିଯୁକ୍ତଙ୍କ ଅଭ୍ୟାସ, ରୁଟିନ୍ ଓ ଆଚରଣ ଆଦି ଯାଞ୍ଚ କରାଯାଇଥାଏ। ଏହାକୁ ସାଇକୋଲୋଜିକାଲ ଅଟୋପ୍‌ସି ମଧ୍ୟ କୁହାଯାଏ। ସଞ୍ଜୟଙ୍କ ମନସ୍ତାତ୍ତ୍ୱିକ ସ୍ଥିତି ପରୀକ୍ଷା ପାଇଁ କୋର୍ଟଙ୍କ ଅନୁମତି ଆବଶ୍ୟକ ହୋଇ ନ ଥିବାବେଳେ ବ୍ରେନ୍ ମ୍ୟାପିଂ, ଲାଏ ଡିଟେକ୍ଟର, ନାର୍କୋଆନାଲିସିସ୍ ଟେଷ୍ଟ ପାଇଁ ଅଦାଲତଙ୍କ ଅନୁମତି ଲୋଡ଼ା। ୫ ଜଣିଆ ଟିମ୍ ଶନିବାର କୋଲକାତାରେ ପହଞ୍ଚିଥିଲେ। ସେମାନେ ସଞ୍ଜୟଙ୍କୁ ପୂର୍ବ ପ୍ରସ୍ତୁତ କେତୋଟି ପ୍ରଶ୍ନ କରିଛନ୍ତି। ଫୋରେନ୍ସିକ୍ ଟିମ୍ ମଧ୍ୟ ଆର.ଜି. କର ହସ୍ପିଟାଲରେ ତୃତୀୟ ଦିନ ଧରି ପ୍ରମାଣ ସଂଗ୍ରହ କରିଛି।

୩୩ ବର୍ଷୀୟ ସଞ୍ଜୟ ୨୦୧୯ରେ କୋଲକାତା ପୋଲିସର ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଗ୍ରୁପ୍‌ରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ୱେଲଫେୟାର ସେଲ୍‌ରେ କାର୍ଯ୍ୟ କରିଥିଲେ। ସଞ୍ଜୟ ୧୨ ହଜାର ଟଙ୍କା ଦରମା ପାଉଥିଲେ। ସେ କେପିର ଚତୁର୍ଥ ବାଟାଲିୟନ୍ ପରିସରରେ ରହିବା ପରେ ଉକ୍ତ ହସ୍ପିଟାଲର ପୋଲିସ ଫାଣ୍ଡିରେ କାର୍ଯ୍ୟ କଲେ। ହସ୍ପିଟାଲକୁ ଆସୁଥିବା ରୋଗୀମାନଙ୍କୁ ଡାକ୍ତରଙ୍କ ସହ ସାକ୍ଷାତ କରାଇବା ପାଇଁ ରହିଥିବା ର୍ୟାକେଟରେ ସଞ୍ଜୟ ସମ୍ପୃକ୍ତ ଥିବା ଜଣାପଡ଼ିଛି।


ସଞ୍ଜୟ ରାୟ

# ବର୍ଷା ସହ ବଜ୍ରପାତ ନେଇ ସତର୍କ କଲେ ଏସ୍‌ଆର୍‌ସି

ଭୁବନେଶ୍ୱର, ୧୮।୮ (ଅସମାପିକା ସାହୁ)

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ସକ୍ରିୟ ରହିଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ୱେଲ୍‌ମାର୍କଡ ଲୋ-ପ୍ରେସରର ରୂପ ନେବା ପରେ ବାଂଲାଦେଶ ଉପକୂଳମୁହାଁ ହେବ। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ଜାରି ରହିଛି। ରବିବାର ଭଦ୍ରକ ଓ ଯାଜପୁରରେ ସର୍ବାଧିକ ୩୦ ମି.ମି.ବର୍ଷା ହୋଇଥିବାବେଳେ ସୁନ୍ଦରଗଡ଼ରେ ୨୦.୬, ଝାରସୁଗୁଡ଼ା ୨୦.୨, ତାଳଚେର ୧୮, କେନ୍ଦୁଝର ୧୦.୩, ଜଗତ୍‌ସିଂହପୁର ୧୦.୨ ଓ ବାଲେଶ୍ୱରରେ ୯.୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ କିଛି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ତେବେ ୨୩ ତାରିଖରୁ ବିଶେଷକରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ଦୁଇଦିନ କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ରହିଛି। କିନ୍ତୁ ୨୩ରୁ ଉତ୍ତର ଓଡ଼ିଶାରେ ୭୦ରୁ ୧୧୦ ମି.ମି. ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ରହିବା ପାଇଁ ସୂଚନା ଦିଆଯାଇଛି। ସେହିଭଳି ଆସନ୍ତା ୫ଦିନ ପର୍ଯ୍ୟନ୍ତ ବଜ୍ରପାତ ଜାରି ରହିବ। ବିଶେଷକରି ଉତ୍ତର ଓଡ଼ିଶାର ଅଧିକାଂଶ ଅଞ୍ଚଳ ଏବଂ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବର୍ଷା ଯୋଗୁ ଅଚାନକ ପାଣି ମାଡ଼ି ଆସିପାରେ ଏବଂ ଜଳବନ୍ଦୀ ସ୍ଥିତି ହେବା ସମ୍ଭାବନା ରହିଛି। ପାହାଡ଼ିଆ ଅଞ୍ଚଳରେ ମାଟି ଅତଡ଼ା ଧସିବାର ଆଶଙ୍କା ଥିବାରୁ ସଜାଗ ରହିବାକୁ କୁହାଯାଇଛି। ବିଭିନ୍ନ କେନାଲ ଓ ନଦୀବନ୍ଧ ଉପରେ ନଜର ରଖିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ଉତ୍ତର ବଙ୍ଗୋପସାଗରର ଓଡ଼ିଶା ଉପକୂଳକୁ ଯିବା ପାଇଁ ବାରଣ କରାଯାଇଛି। କାରଣ ଏହି ଦୁଇଦିନ ଘଣ୍ଟା ପ୍ରତି ପବନ ୩୫ରୁ ୪୫ କି.ମି. ବେଗରେ ବୋହିବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ଘାତକ ସାଜିଛି ବଜ୍ରପାତ

# ବିଲରେ ଟଳିପଡ଼ିଲେ ୭ ଚାଷୀ

ଭୁବନେଶ୍ୱର, ୧୮।୮ (ଅସମାପିକା ସାହୁ)

ରାଜ୍ୟରେ ଘାତକ ସାଜିଛି ବଜ୍ରପାତ। ଶନିବାର ରାଜ୍ୟର ବିଭିନ୍ନ ଜିଲାରୁ ୧୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ଜଣ ଆହତ ହୋଇଥିଲେ। ରବିବାର ମଧ୍ୟ ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ହୋଇଛି। ରାତି ୯ଟା ସୁଦ୍ଧା ମିଳିଥିବା ସୂଚନାନୁସାରେ, ବଜ୍ରପାତରେ ୫ ଜିଲାରେ ୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ଜଣ ଆହତ ହୋଇଛନ୍ତି। କେନ୍ଦ୍ରାପଡ଼ା ଓ ଯାଜପୁରରେ ୨ଜଣ ଲେଖାଏଁ ଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ବାଲେଶ୍ୱର, ଭଦ୍ରକ ଓ ସୁବର୍ଣ୍ଣପୁର ଜିଲାରେ ୩ଜଣଙ୍କର ଜୀବନ ଯାଇଛି। ଏମାନେ ବିଲରେ କାମ କରୁଥିଲେ ଓ ସମସ୍ତ ମୃତକଙ୍କର ବିଲରେ ହିଁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ୨ଜଣ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବିଜୟ ମଲ୍ଲିକ(୪୯) ଏବଂ ରାଜକିଶୋର ପ୍ରଧାନ (୬୫)। ବାଲେଶ୍ୱର ଜିଲା ସୋର ବ୍ଲକରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ଗୋଟିଏ ପରିବାରର ୫ଜଣ ବିଲକୁ କାମ କରିବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଯୁବ ଚାଷୀ ହରିଶ ମଲ୍ଲିକ(୧୮)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଭଦ୍ରକ ଭଣ୍ଡାରିପୋଖରୀ ଥାନା ଅଧୀନ ନେରଡ଼ା ଗ୍ରାମ ନାୟକସାହିର ସୁଜିତ ନାୟକ (୩୫) ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଟଳି ପଡ଼ିଥିଲେ। ସେହିଭଳି ଯାଜପୁର କୋରେଇର ଚାଷୀ ରାଜେନ୍ଦ୍ର ମଲ୍ଲିକ ଏବଂ ଧର୍ମଶାଳାର ରମାକାନ୍ତ ସାହୁ(୪୯)ଙ୍କର ମୃତ୍ୟୁ ଘଟିଥିବାବେଳେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ହିମାଂଶୁ ମହାନନ୍ଦ(୫୨)ଙ୍କର ବଜ୍ରପାତରେ ଜୀବନ ଯାଇଛି।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ମୃତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ସେମାନଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୨୦୨୨-୨୩ରେ ଯାଇଥିଲା ୨୯୧ ଜୀବନ

ରାଜ୍ୟରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବୃଦ୍ଧିରେ ରୋକ ଲାଗିପାରୁନାହିଁ। ସରକାର ଯେତେ ପଦକ୍ଷେପ ନେଲେ ବି କିଛି ସୁଫଳ ମିଳୁନି। ଚଳିତବର୍ଷ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ ଦ୍ୱାରା ପ୍ରକାଶିତ ବାର୍ଷିକ ରିପୋର୍ଟ 'ଅନ୍‌ନାଚୁରାଲ କାଲାମିଟିଜ ୨୦୨୨-୨୩'ରୁ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ବଢ଼ିଥିବା ଜଣାପଡ଼ିଛି। ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ରାଜ୍ୟରେ ବଜ୍ରପାତ ଦ୍ୱାରା ମୋଟ ୨୯୧ ଜଣଙ୍କର ମୃତ୍ୟୁ ହୋଇଛି। ୨୦୨୧-୨୨ରେ ଏହି ମୃତ୍ୟୁ ସଂଖ୍ୟା ୨୮୧ ରହିଥିଲା। ସେହିପରି ୩୨ ମୃତ୍ୟୁ ସହିତ ମୟୂରଭଞ୍ଜ ଜିଲା ପ୍ରଥମ ସ୍ଥାନରେ ଥିବାବେଳେ ୨୦ ମୃତ୍ୟୁ ସହିତ କେନ୍ଦୁଝର ଓ ବାଲେଶ୍ୱର ଦ୍ୱିତୀୟ, ୧୮ ସହ ବଲାଙ୍ଗୀର ଓ ଗଞ୍ଜାମ ତୃତୀୟ ସ୍ଥାନରେ ରହିଛି। କଳାହାଣ୍ଡି ଜିଲାରେ ବଜ୍ରପାତଜନିତ କୌଣସି ମୃତ୍ୟୁ ହୋଇ ନ ଥିବା ବେଳେ କନ୍ଧମାଳରେ ମାତ୍ର ଜଣଙ୍କର ଜୀବନଯାଇଛି।

### ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁ ଅଧିକ: ମନ୍ତ୍ରୀ

ରାଜ୍ୟରେ ବଜ୍ରପାତ ମୃତ୍ୟୁକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଓଡ଼ିଶାରେ ବଜ୍ରପାତ ମୃତ୍ୟୁସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହୁଛି। ବଜ୍ରପାତରେ ପ୍ରତିବର୍ଷ ପ୍ରାୟ ୩ଶହ ଲୋକଙ୍କ ମୃତ୍ୟୁ ହେଉଛି। ଅନେକ ସ୍କୁଲରେ ଆର୍ଥିଂ ନାହିଁ। ଗଣଶିକ୍ଷା ବିଭାଗ ସହ ଆଲୋଚନା କରିଛୁ। ସେହିଭଳି ତାଳ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଛୁ। ଚାଷୀଙ୍କ ନିକଟରେ ତଥ୍ୟ ପହଞ୍ଚାଇବାକୁ ଟେକ୍ନୋଲୋଜିର ସାହାଯ୍ୟ ନେବୁ। ବିପଦ ସୂଚନା ସତ୍ତ୍ୱେ ଶ୍ରମିକଙ୍କୁ କାମ କରାଇଲେ, କାର୍ଯ୍ୟାନୁଷ୍ଠାନ ନେବୁ। ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ଶୂନ କରିବା ଲକ୍ଷ୍ୟ ରଖିଛୁ ବୋଲି ମନ୍ତ୍ରୀ କହିଛନ୍ତି।

# ଟ୍ରେନ୍ ଯୋଗେ ଉତ୍ତର ପ୍ରଦେଶରୁ ଆସିବ ଆଳୁ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ଏବେ ଟ୍ରେନ୍ ଯୋଗେ ଉତ୍ତର ପ୍ରଦେଶରୁ ରାଜ୍ୟ ସରକାର ଆଳୁ ଆଣିବେ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ସୂଚନା ଦେଇଛନ୍ତି। ମନ୍ତ୍ରୀ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଉତ୍ତର ପ୍ରଦେଶରୁ ଟ୍ରେନ୍‌ରେ ଆଳୁ ଆସିବ। ୨ଟି ଟ୍ରେନ୍‌ରେ ଆଳୁ ଆଣିବାକୁ ସରକାର



ଯୋଜନା କରୁଛନ୍ତି। ଏନେଇ ରେଳ ମନ୍ତ୍ରୀଙ୍କ ସହିତ ଯୋଗାଯୋଗ ଚାଲିଛି।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ଦେଖା ଦେଇଥିବା ଆଳୁ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ବଜାରରେ ଚଢ଼ା ଦରରେ ଖାଉଟିଙ୍କୁ ଆଳୁ କିଣିବାକୁ ପଡ଼ିବା ପରେ ସାଧାରଣରେ ଲୋକମାନେ ପ୍ରତିକ୍ରିୟାଶୀଳ ହେଉଥିବା ଲକ୍ଷ୍ୟ କରାଯାଉଛି। ତେବେ ଲୋକଙ୍କ ଭିତରେ ସୃଷ୍ଟି ହେଉଥିବା ଅସନ୍ତୋଷ ଏବେ ରାଜ୍ୟ ସରକାରଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଛି। ଆଳୁ ସମସ୍ୟାର ସମାଧାନ ଲାଗି ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଏକାଧିକ ଚେଷ୍ଟା କରାଯିବା ସତ୍ତ୍ୱେ ଏହା ସମ୍ଭବ ହୋଇପାରି ନାହିଁ। ବିଗତ ଦିନରେ ପଶ୍ଚିମବଙ୍ଗ ସରକାର ଆଳୁ ବୋଝେଇ ଗାଡ଼ି ଓଡ଼ିଶାକୁ ଛାଡ଼ିବାରେ ସମସ୍ୟା ସୃଷ୍ଟି କରିବା ପରେ ରାଜ୍ୟ ସରକାର ଉତ୍ତରପ୍ରଦେଶରୁ ଆଳୁ ମଗାଇବାକୁ କହିଥିଲେ। ଉତ୍ତରପ୍ରଦେଶରୁ ମଧ୍ୟ ଥରେ ଓଡ଼ିଶାକୁ ଆଳୁ ଆସିବା ସତ୍ତ୍ୱେ ଉକ୍ତ ଆଳୁ ନେଇ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଓଡ଼ିଶାର ଆବଶ୍ୟକତା ଅନୁସାରେ ଆଳୁ ବୋଝେଇ ଟ୍ରକ ଓଡ଼ିଶାରେ ପହଞ୍ଚିପାରି ନ ଥିଲା। ଅନ୍ୟପଟେ ଯେତିକିବି ଆଳୁ ବୋଝେଇ ଗାଡି ଆସିଥିଲା ସେଥିରେ ବହୁ ପରିମାଣର ପଚାଶଢ଼ା ଥିବା ଅଭିଯୋଗ ଉଠିଥିଲା। ଯେଉଁଥିଲାଗି ଉତ୍ତରପ୍ରଦେଶରୁ ଆସିଥିବା ଆଳୁ ଉଚ୍ଚା ଦରରେ ବିକ୍ରି ହୋଇଥିଲା। ଏହାପରେ ମନ୍ତ୍ରୀ ପଞ୍ଜାବରୁ ଆଳୁ ଆଣାଯିବ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ଓଡ଼ିଶାକୁ ଆଳୁ ଯୋଗାଣ ସ୍ୱାଭାବିକ କରିବାକୁ କହିଥିଲେ। ହେଲେ ମନ୍ତ୍ରୀ ପାତ୍ର ପରବର୍ତ୍ତୀ ସମୟରେ ନାଫେଡ ମାଧ୍ୟମରେ ୩୦ ଟଙ୍କାରେ ସହରାଞ୍ଚଳଗୁଡ଼ିକରେ ଲୋକଙ୍କୁ ଆଳୁ ବିକ୍ରି କରାଯିବ ବୋଲି କହିଥିଲେ। ଆଳୁ ଉଚ୍ଚା ଦରରେ ଆଣିଲେ ମଧ୍ୟ ସରକାର ୩୦ ଟଙ୍କାରେ ଦେବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଆଳୁ ଉତ୍ତର ପ୍ରଦେଶରୁ ଆସିବ ବୋଲି କହିଥିଲେ।

# ରାଷ୍ଟ୍ରପତିଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳିବେ ଓଡ଼ିଶାର ୨୫ ଛାତ୍ରୀଛାତ୍ର



ଭୁବନେଶ୍ୱର, ୧୮।୮ (ଅସମାପିକା ସାହୁ)

ରାଷ୍ଟ୍ରପତି ଭବନ ପରିସରରେ ସୋମବାର ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହେଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ଛାତ୍ରୀଛାତ୍ର ଏହି ଉତ୍ସବ ପାଳିବେ। ଏଥିପାଇଁ ଓଡ଼ିଶାର ବିଭିନ୍ନ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ୨୫ଜଣ ଛାତ୍ରୀଛାତ୍ର ରବିବାର ଭୁବନେଶ୍ୱର ବିମାନବନ୍ଦରରୁ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ରାଷ୍ଟ୍ରପତି ଭବନରେ ହେବାକୁ ଥିବା ରକ୍ଷାବନ୍ଧନ ଉତ୍ସବରେ ସେମାନେ ଯୋଗଦେବେ। ଏହାପରେ ରାଷ୍ଟ୍ରପତିଙ୍କ ସହିତ ଛାତ୍ରୀଛାତ୍ରଙ୍କର ଏକ ସ୍ୱତନ୍ତ୍ର ସାକ୍ଷାତକାର କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି। ପିଲାମାନେ ବିଭିନ୍ନ ବିଷୟରେ ଆଲୋଚନା କରିବେ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହାୟତାରେ ୨୫ଜଣ ଛାତ୍ରୀଛାତ୍ରଙ୍କ ସହିତ ୫ଜଣ ଶିକ୍ଷୟିତ୍ରୀଶିକ୍ଷକ ଓ ଜଣେ ନୋଡାଲ ଅଧିକାରୀ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ଏଥିରେ ମୟୂରଭଞ୍ଜ ଜିଲାସ୍ଥିତ ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟ, କେନ୍ଦୁଝର ଜିଲାର ଡି.ଏନ୍. ଉଚ୍ଚବିଦ୍ୟାଳୟ, ନବରଙ୍ଗପୁର ଜିଲାର ଉମରକୋଟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସମ୍ବଲପୁର ଜିଲାର ବୁଢ଼ାରାଜା ଉଚ୍ଚବିଦ୍ୟାଳୟ ଏବଂ ଢେଙ୍କାନାଳ ଜିଲାର ବି.ବି. ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଛନ୍ତି। ନୂଆଦିଲ୍ଲୀଠାରେ ଏହି ଛାତ୍ରୀଛାତ୍ରଙ୍କ ରହଣି ପାଇଁ ଜାତୀୟ ବାଲ୍ ଭବନରେ ସମସ୍ତ ଆୟୋଜନ କରାଯାଇଛି। ସମସ୍ତ ଛାତ୍ରୀଛାତ୍ର ୨୧ ତାରିଖରେ ନୂଆଦିଲ୍ଲୀରୁ ଫେରି ୨୨ ତାରିଖରେ ନିଜ ଜିଲାକୁ ଗସ୍ତ କରିବେ।

# ୨୨ରେ ଡିଗ୍ରୀଧାରୀ ମାଧ୍ୟମିକ ଶିକ୍ଷକ ଆଶାୟୀଙ୍କ ଧାରଣା

ଭୁବନେଶ୍ୱର, ୧୮।୮ (ଅନୁରାଧା ମହାରଣା)

ରାଜ୍ୟରେ ୮୦ ହଜାରରୁ ଊର୍ଦ୍ଧ୍ୱ ମେଧାବୀ ଛାତ୍ରୀଛାତ୍ର ଦୁଇବର୍ଷିଆ ବି.ଏଡ୍ ପାଠ ପଢି ଘରେ ବେକାର ହୋଇ ବସିଛନ୍ତି। ତୁରନ୍ତ ନିଯୁକ୍ତି ଦାବି କରି ମାଧ୍ୟମିକ ଆଶାୟୀ ଶିକ୍ଷକ ସଂଘ ଆସନ୍ତା ୨୨ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବିଧାନସଭା ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପାଇଁ ସଂଘ ପ୍ରସ୍ତୁତ ହେଉଥିବା ସୂଚନା ଦିଆଯାଇଛି। ସଂଘର ଅଭିଯୋଗ ଅନୁସାରେ, ଆଶାୟୀ ଶିକ୍ଷକମାନେ ବି.ଏଡ୍. ପରେ ଓଏସ୍‌ଏସ୍‌ଟିଇଟି ଯୋଗ୍ୟତା ହାସଲ କରିଛନ୍ତି। ଅନ୍ୟପଟେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ବହୁ ପଦବୀ ଖାଲିପଡ଼ିଛି। ଏହି ପଦବୀ ପୂରଣ ନିମନ୍ତେ ପୂର୍ବ ସରକାର ବିଜ୍ଞପ୍ତି ପ୍ରକାଶପୂର୍ବକ ୨୦୨୩ ଫେବୃଆରୀରେ ଲିଭ୍ ଟ୍ରେନିଙ୍ଗ ରିଜର୍ଭେଶନ(ଏଲଟିଆର୍) ଘୋଷଣା କରିଥିଲେ। ଛୁଟି ପ୍ରଶିକ୍ଷଣ ଓ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଅନୁପସ୍ଥିତି ଭରଣା ପାଇଁ ମୋଟ୍ ୬୦୨୫ ପଦବୀ ଥିଲେ ମଧ୍ୟ ଏହା ପୂରଣ ହୋଇପାରୁନାହିଁ। ଏହି ପଦବୀ ଅର୍ଥ ବିଭାଗରୁ ମଧ୍ୟ ଅନୁମୋଦିତ ହୋଇଥିବା ନେଇ ଶିକ୍ଷକ ଆଶାୟୀ ସଂଘ ବହୁବାର ସରକାରଙ୍କୁ ଅବଗତ କରିଆସୁଛି। ମୋହନ ସରକାରଙ୍କୁ ମଧ୍ୟ ଆଶାୟୀ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ବାରମ୍ବାର ଜଣାଇଛନ୍ତି। ମାତ୍ର କିଛି ସୁଫଳ ମିଳୁନାହିଁ ବୋଲି ସୋମବାର ସଂଘର ସଦସ୍ୟମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି। କିଛି ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ଅବସର ପରେ ସେହି ଶିକ୍ଷକମାନଙ୍କୁ ପୁଣି ନିଯୁକ୍ତି ଦିଆଯାଉଥିବାବେଳେ ଏଥିରେ ମଧ୍ୟ ଆଶାୟୀ ମେଧାବୀ ଶିକ୍ଷକ ନିଯୁକ୍ତିରୁ ବଞ୍ଚିତ ହେଉଥିବା ସଂଘ କହିଛି।

# ପରିବେଶ ସୁରକ୍ଷା ଆମର ସମ୍ମିଳିତ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮।୮ (ବନ୍ଦନା ସେଠୀ)

ଓଡ଼ିଶା ପରିବେଶ ସମିତି (ଓଇଏସ୍)ର କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ରାଜ୍ୟର ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଛନ୍ତି। ମହେନ୍ଦ୍ରଗିରି ଜଙ୍ଗଲ ପରିସଂସ୍ଥାକୁ ରାଜ୍ୟର ଦ୍ୱିତୀୟ ସଂରକ୍ଷିତ ଜୈବମଣ୍ଡଳ ରୂପେ ଘୋଷଣା କରିବା, ଚିଲିକା ଆଇନକୁ ବିଧାନସଭାରେ ପାରିତ କରି କାର୍ଯ୍ୟକାରୀ କରିବା, ଜାତିସଂଘ ଦ୍ୱାରା ୨୦୨୧-୨୦୩୦ ପର୍ଯ୍ୟନ୍ତ ୧୦ବର୍ଷକୁ 'ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି' ଘୋଷଣା କରାଯାଇଥିବା ପରିପ୍ରେକ୍ଷୀରେ ରାଜ୍ୟରେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ ହାତକୁ ନେବା ଏବଂ ସାମଗ୍ରିକ ଭାବେ ପରିବେଶର ଗୁଣାତ୍ମକମାନ ବୃଦ୍ଧି ବିଷୟକୁ ଗୁରୁତ୍ୱ ଦେବା ନିମନ୍ତେ ଅନୁରୋଧ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରିବେଶ ସୁରକ୍ଷା ଆମର ସମ୍ମିଳିତ ଦାୟିତ୍ୱ। ରାଜ୍ୟର ପରିବେଶର ଗୁଣବତ୍ତାକୁ ବଜାୟ ରଖିବାକୁ ସେ ଗୁରୁତ୍ୱ ଦେବା ସହ ପରିବେଶ ସୁରକ୍ଷା କ୍ଷେତ୍ରକୁ ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ଏବଂ ଜନସାଧାରଙ୍କ ପର୍ଯ୍ୟନ୍ତ ସମ୍ମିଳିତ ଭାବରେ ସମସ୍ତେ ନିଜନିଜର ଅବଦାନ ରଖିବାକୁ ଆହ୍ୱାନ ଜଣାଇଥିଲେ। ଓଇଏସ୍‌ର ଜଣେ ଆଜୀବନ ସଦସ୍ୟ ଭାବରେ ମୁଖ୍ୟମନ୍ତ୍ରୀ ସମିତିର ଉତ୍ତରୋତ୍ତର ସଫଳତା କାମନା କରିଥିଲେ। ଓଇଏସ୍ ଦ୍ୱାରା ପ୍ରକାଶିତ ଗୋଟିଏ ସେଟ୍ ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର, ଉପସଭାପତି ଡ. ବିଜୟ କେତନ ପଟ୍ଟନାୟକ, ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ, ସହସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଏବଂ ସଦସ୍ୟ ଡ. ଶରତ ଚନ୍ଦ୍ର ମିଶ୍ର, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।



**ଆଜିର ମନ୍ତବ୍ୟ**

ଜାତୀୟ ସ୍ୱାର୍ଥକୁ ଆମେ ସର୍ବୋଚ୍ଚ ପ୍ରାଥମିକତା ଦେଇଥାଉ। ରାଷ୍ଟ୍ରହିତ କଥା ଭୁଲି ବ୍ୟକ୍ତିଗତ ଓ ରାଜନୈତିକ ସ୍ୱାର୍ଥ ପାଇଁ କାମ କରୁଥିବା ଦେଶବିରୋଧୀ ତତ୍ତ୍ୱଙ୍କୁ ଲୋକେ ରୋକିବା ଉଚିତ। –ଜଗଦୀପ ଧନକର, ଉପରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୨ତମ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ମାର୍ଗ, କଳିଙ୍ଗ ଡାକ୍ତରଖାନା ଛକ, ସମୟ: ସକାଳ ୮ଟା ୩୦।
- ବୃକ୍ଷରେ ରକ୍ଷାବନ୍ଧନ ଓ ଭାଇ ପରି ସ୍ନେହ କାର୍ଯ୍ୟକ୍ରମ, ସ୍ଥାନ: ନ୍ୟୁ ଏଜି କଲୋନୀ, ଦୁର୍ଗା ମଣ୍ଡପ, ସମୟ: ସକାଳ ୮ଟା ୩୦।
- ବିଶ୍ୱ ଫଟୋଗ୍ରାଫି ଦିବସ ଓ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଯ୍ୟ ସମାଜ ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ସାମୂହିକ ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ସ୍ୱାମୀ ବ୍ରହ୍ମାନନ୍ଦ ଆଶ୍ରମ, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପ୍ରଦେଶ ଯୁଥ୍ କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ୩ୟ ଶ୍ରାଦ୍ଧୋତ୍ସବ, ସ୍ଥାନ: ଆର୍‌ଆର୍ କନ୍‌ଭେନଶନ୍, ସତ୍ୟନଗର, ସମୟ: ପୂର୍ବାହ୍ନ ୧୧ଟା।
- ଆଇକନିକ୍ ସ୍ପୋର୍ଟ୍ସ ଆଇକନ ଆୱାର୍ଡ ୨୦୨୪, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ନ ୩ଟା ୩୦।
- ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ବ୍ଲାଇଣ୍ଡ ଆସୋସିଏଶନ, ୟୁନିଟ୍-୩, ସମୟ: ଅପରାହ୍ନ ୫ଟା।
- କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ ଗହ୍ମା ପୂର୍ଣ୍ଣିମା ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ହୋପ୍ ସେବା ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ସରଳାଦେବୀ ସ୍ମୃତି ସଂସଦ ପକ୍ଷରୁ ଲୌହମାନବୀ ସରଳା ଦେବୀଙ୍କ ଜୟନ୍ତୀ ସଭା, ସ୍ଥାନ– କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ଘୋଡ଼ା ବଜାର ସରସ୍ୱତୀ ଶିଶୁ ମନ୍ଦିର, ପୁରୀ, ସମୟ: ସକାଳ ୭ଟା୧୫।
- ବିଶ୍ୱ ଫୋଟୋଗ୍ରାଫି ଦିବସ ଅବସରରେ ସି ବିଚ୍ ଫୋଟୋଗ୍ରାଫି ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ହାନସ କୋକୋ ପାମ୍‌ଠାରୁ ଦିଗବାରେଣି ବେଳାଭୂମି, ପୁରୀ, ସମୟ: ସକାଳ ୮ଟା। ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ପୌର ସଦନ, ସମୟ: ଅପରାହ୍ନ ୫ଟା।
- ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ପୁରୀ, ସମୟ: ସକାଳ ୮ଟା ୩୦।
- ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ହରଚଣ୍ଡି ସାହି ଶିଶୁ ମନ୍ଦିର, ପୁରୀ, ସମୟ: ସକାଳ ୯ଟା ୧୫।
- ନିମାପଡ଼ା ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ୩ୟ ରାଜ୍ୟସ୍ତରୀୟ ଓଡ଼ିଆ ଭାଷା, ସାହିତ୍ୟ ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାକ୍ଷୀଗୋପାଳଙ୍କ ଝୁଲଣ ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଭଗବତୀ ବିଦ୍ୟା ନିକେତନ, ଅଠରନଳା, ପୁରୀ, ସମୟ: ଅପରାହ୍ନ ୫ଟା।
- ବିଭିନ୍ନ ମଠରେ ଝୁଲଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଧେଶ୍ୟାମ ମଠ, ନେବଳ ଦାସ ମଠ, ଜୀୟର ସ୍ୱାମୀ ମଠ, ଉତ୍ତରପାର୍ଶ୍ୱ ମଠ, ରାଧା ବଲ୍ଲଭ ମଠ, ଜଗନ୍ନାଥ ବଲ୍ଲଭ ମଠ, ମନିରାମ ମଠ, ଝାଞ୍ଜପିଟା ମଠ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ମା'ସନ୍ତୋଷୀ ଦେବୀ ପରିଚାଳନା କମିଟି ରାମଚନ୍ଦ୍ରପୁର ବଜାର ପକ୍ଷରୁ ମା'ସନ୍ତୋଷୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଆଖଣ୍ଡଳମଣି ମନ୍ଦିର ପରିସର, ଜଟଣୀ, ସମୟ: ସକାଳ ୭ଟା।
- ଅନୁଷ୍ଠାନ ପ୍ରତିଶ୍ରୁତି ପକ୍ଷରୁ ଗୋବର୍ଦ୍ଧନ ପୂଜା, ସ୍ଥାନ: ଗୀତାଭବନ, ଖୋର୍ଦ୍ଧା, ସମୟ: ସକାଳ ୯ଟା ୩୦।
- ଜାଗୃତି ପକ୍ଷରୁ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ, ସ୍ଥାନ: ଟିଏଲ୍‌ସି ରୋଡ, ସମୟ: ପୂର୍ବାହ୍ନ ୧୦ଟା।
- ଜଟଣୀ ଗୋସେବା ଶିବିର ପକ୍ଷରୁ ଗୋମାତା ପୂଜା, ସ୍ଥାନ: ଗୋସେବା ଶିବିର, କୁସୁମାଟି, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଅଲିପୁର, ଖଇରା, ସମୟ: ସକାଳ ୭ଟା୩୦।
- ନୀଳରକ୍ତ କଙ୍କଡ଼ା ସଂରକ୍ଷଣ ସମ୍ପର୍କିତ ଜାତୀୟ କର୍ମଶାଳା ଉଦ୍‌ଯାପନୀ ଉତ୍ସବ,ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ,ସ୍ଥାନ:ଦୁବୁଲାଗଡ଼ି ସମୁଦ୍ର ବେଳାଭୂମି,ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ସଦର ଭାଜପା କାର୍ଯ୍ୟାଳୟରେ 'ରକ୍ଷା ବନ୍ଧନ' ଉତ୍ସବ,ସ୍ଥାନ: ଜେଲ ରୋଡ୍, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଟାଟା ଫାଉଣ୍ଡେଶନ୍ ପକ୍ଷରୁ ସାହିତ୍ୟ ସଭା ଓ କବିତା ଆସର,ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୁଳି,ବସ୍ତା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୧ଟା।
- ଆନନ୍ଦମାର୍ଗ ପ୍ରଚାରକ ସଂଘ ପକ୍ଷରୁ ଦୀକ୍ଷା ଦିବସ, ସ୍ଥାନ: ଆନନ୍ଦମାର୍ଗ ଇଂଲିଶ ମାଧ୍ୟମିକ ସ୍କୁଲ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ମହତାବନଗର ମଙ୍ଗଳା ମନ୍ଦିର, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ପୀଠରେ ପୂର୍ଣ୍ଣିମା ପୂଜା ଏବଂ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ମା' ବିଶ୍ୱ ତାରିଣୀ ମନ୍ଦିରରେ ପୂର୍ଣ୍ଣିମା ଉପଲକ୍ଷେ ପୂଜା, ସ୍ଥାନ: ଛେନାପଦୀ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ରକ୍ଷା ପୂର୍ଣ୍ଣିମା ଏବଂ ବଳଦେବଙ୍କ ଜନ୍ମ ପାଳନ ଏବଂ ଭଜନ, କୀର୍ତ୍ତନ ସମାରୋହ , ସ୍ଥାନ: ଢେଙ୍କା, ବଂଚୋ, ଶାଳନିଆଁ, କଳିଙ୍ଗା, ହାଟଡ଼ିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୭ ଟା।
- ସଂସ୍କୃତ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳନ, ସ୍ଥାନ: କଳିଙ୍ଗା, ବିଷ୍ଣୁପୁର, ଗୁକୁଣା, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ଭାଜପା ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ମିରିଖୋଜି ଗୋଠାଣି ପଡ଼ିଆ, ପାଟଣା, ସମୟ: ମଧ୍ୟାହ୍ନ ୧ଟା।

## ମୟୂରଭଞ୍ଜ

- ରକ୍ଷାବନ୍ଧନ ଓ ଗୋ ପୂଜନ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି ବ୍ଲକ,ସମୟ: ସକାଳ ୮ଟା।
- ଗଛରେ ରାକ୍ଷୀ ବନ୍ଧନ ସହ ପୂଜାର୍ଚ୍ଚନା, ସ୍ଥାନ: ଉଦଳା ଶ୍ମଶାନ କାଳୀ ମନ୍ଦିର ଗ୍ରାମ୍ୟ ଜଙ୍ଗଲ, ସମୟ: ସକାଳ ୮ଟା।
- ୨୧ତମ ଜଙ୍ଗଲ ରକ୍ଷା ବନ୍ଧନ, ସ୍ଥାନ: ହାତୀମଡ଼ା ଗାଁ ଶୁଳିଆପଦା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଚାରି ଦିନିଆ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୁଡ଼ଡ଼ିଆ ହାଇସ୍କୁଲ ପଡ଼ିଆ,ଶୀଳଘାଟୀ ଗ୍ରାମ ପଞ୍ଚାୟତ, ଗୋପବନ୍ଧୁ ନଗର ବ୍ଲକ। ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ଣ୍ଣେଶ୍ୱର ମନ୍ଦିର କମିଟି ପକ୍ଷରୁ ଅନ୍ନଭୋଗ ବିକ୍ରି, ସ୍ଥାନ: କରଞ୍ଜିଆ, ସମୟ: ଅପରାହ୍ନ ୧ଟା।
- ଆଦୃତ ଚିଲଡ୍ରେନ୍ ହୋମ୍ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ, ସ୍ଥାନ:ତକତପୁର, ବାରିପଦା, ସମୟ: ଅପରାହ୍ନ ୧ଟା ୩୦।
- ସଦ୍‌ଭାବନା ସମିତି ପକ୍ଷରୁ ସନ୍ଥ ଦିବସ ପାଳନ, ସ୍ଥାନ: ଦୁର୍ଗା ହୋଟେଲ, ବାରିପଦା, ସମୟ: ସନ୍ଧ୍ୟା ୬ଟା।
- ନିୟୁ ରାଜସ୍ଥାନୀ କଟନ ଫେବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ବ୍ରହ୍ମପୁର

- ରକ୍ଷାବନ୍ଧନ ପାଳନ, ସ୍ଥାନ: ୩୭ ନଂ ୱାର୍ଡ, ସମୟ: ଅପରାହ୍ନ ୨ଟା୩୦।
- ମା ତୁଝେ ସଲାମ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ସଂସ୍କୃତି ଭବନ,ସମୟ: ସନ୍ଧ୍ୟା ୫ଟା।

## ଗଞ୍ଜାମ

- କାର୍ଯ୍ୟକ୍ରମ ସନ୍ତୋଷୀ ମା' ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ, ସ୍ଥାନ:ଅଗସ୍ତି ନୂଆଗାଁ ଡିମିରିହା, ସମୟ: ପୂର୍ବାହ୍ନ ୧୧ଟା।
- ବଳଦେବଜୀଉଙ୍କ ଜନ୍ମ ଉତ୍ସବ,
- ସ୍ଥାନ: ବୁଗୁଡ଼ା ଶ୍ରୀବଳଦେବ ସ୍ୱାମୀଙ୍କ ମନ୍ଦିର ପରିସର,ସମୟ: ଅପରାହ୍ନ ୧ଟା।

## ଢେଙ୍କାନାଳ

- ଶ୍ରୀଶ୍ରୀ ବଳରାମ ମହାପ୍ରଭୁଙ୍କ ଜନ୍ମ ଉତ୍ସବରେ ଶୋଭାଯାତ୍ରା, ସ୍ଥାନ: ଢେଙ୍କାନାଳସ୍ଥିତ ବ୍ରାହ୍ମଣୀ ଦେବୀଙ୍କ ପୀଠ, ସମୟ: ଅପରାହ୍ନ ୩ଟା।
- ବିଶ୍ୱ ଫଟୋଗ୍ରାଫି ଦିବସ, ସ୍ଥାନ: ଢେଙ୍କାନାଳ ଜିଲା ଲେଖକ ସଂସଦ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀବଳଭଦ୍ରଙ୍କ ସ୍ୱର୍ଣ୍ଣକ୍ଷେତ୍ର ଓ ରକ୍ଷାବନ୍ଧନ ଏବଂ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ: ଢେଙ୍କାନାଳ ଗୋବିନ୍ଦପୁର ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତସିଂହପୁର

- ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍ କାଉନ୍‌ସିଲ(ଆଇଏଚ୍‌ଆର୍‌ସି) ତରଫରୁ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବଉଳାଙ୍ଗ, ରାମଚରିତ ମାନସ ପଡ଼ିଆ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ଯବାନମାନଙ୍କ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ରାଖୀ ପ୍ରେରଣ କାର୍ଯ୍ୟକ୍ରମ, ସ୍ଥାନ: ଡିଏଭି ସ୍କୁଲ ପରିସର, ପିପିଏଲ୍, ପାରାଦୀପ, ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ ତୁଳସୀ ବେଶ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ମଠ କମିଟି ଓ ଓକା ଓଡ଼ିଶା ପକ୍ଷରୁ ଜିଲା ରତ୍ନ ସମ୍ମାନ ଉତ୍ସବ, ସ୍ଥାନ: ବଡଗାଁ ମଠ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୩ଟା।
- ଭଜନ ସମାରୋହ, ସ୍ଥାନ: ରଥଦାଣ୍ଡ, ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ କୁମାରୀ ଗ୍ରାମସ୍ଥିତ ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୫ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ ନରସିଂହପୁରସ୍ଥିତ ପଞ୍ଚାୟତ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼

- ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ନୟାଗଡ଼ ଯଦୁମଣି ନଗର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଗୋଡ଼ିପଡ଼ା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ରଥ ଚକ ମହୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକର ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଦୁର୍ଦ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ରାଜଯୋଗ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ରାହ୍ମଣସାହିସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଗହ୍ମା ଡିଆଁ ପର୍ବ, ସ୍ଥାନ: ଗୋଡିପଡ଼ା ଖିଲା ମୁଣ୍ଡା ଠାକୁରାଣୀଙ୍କ ଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା, ଖଣ୍ଡପଡ଼ା ବ୍ଲକର ସିଧାମୂଳା ଆୟୁର୍ବେଦିକ୍ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୪ଟା, ସ୍ଥାନ: ଖଣ୍ଡପଡ଼ା ବ୍ଲକର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ: ଅପରାହ୍ନ ୪ଟା।
- ସୁଦର୍ଶନଙ୍କ ଗାଁକୁ ବିଜେ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ସିଆର୍‌ପିଏଫ କ୍ୟାମ୍ପ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଗହ୍ମା ଡିଆଁ, ସ୍ଥାନ: ନବରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୩ଟା ୩୦।

## କୋରାପୁଟ

- ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ: ନାଲ୍‌କୋ କମ୍ୟୁନିଟି ସେଣ୍ଟର ଦାମନଯୋଡ଼ି, ସମୟ: ସନ୍ଧ୍ୟା ୭ଟା।
- ସତା ସାହିତ୍ୟ ସଂସଦ ପକ୍ଷରୁ ରକ୍ଷା ବନ୍ଧନ, କବିତା ପାଠୋତ୍ସବ, ସ୍ଥାନ : କୋରାପୁଟସ୍ଥିତ ଆଦିବାସୀ ସଂଗ୍ରାହଳୟ, ସମୟ : ଅପରାହ୍ନ ୩ ଟା।

## ମାଲକାନଗିରି

- ଅନୁସୂଚିତ ଜାତି ଜନଜାତି ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ଜଙ୍ଗଲରେ ରକ୍ଷା ବନ୍ଧନ
- ସ୍ଥାନ– ମାଲକାନଗିରି ବ୍ଲକ କଟାମେଟାରୁ
- ସମୟ– ପୂର୍ବାହ୍ନ ୯ଟା

## ସମ୍ବଲପୁର

- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଅମୃତ ବିହାରସ୍ଥିତ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତି, ସମୟ : ସକାଳ ୮ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଅମୃତ ବିହାର ସ୍ଥିତ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତି, ସମୟ : ସକାଳ ୮ଟା ୩୦।
- ମେହେର ସମାଜ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତି ମଣ୍ଡପ, ସମୟ : ସକାଳ ୯ଟା।
- ବିଭିନ୍ନ ସଙ୍ଗଠନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଅମୃତ ବିହାର ସ୍ଥିତ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତି, ସମୟ : ସକାଳ ୯ଟା।
- ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ : ଜିଏମୟୁ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ : ପୂର୍ବାହ୍ନ ୧୦ଟା।
- ସାମୂହିକ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ : ଦାନୀବନ୍ଧ ସ୍ଥିତ ଶିବ ଦର୍ଶନ ଭବନ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସ୍ଥାନ : କୁଲୁଥକାନୀ କଙ୍କେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା।
- ମେଟାକାନୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ : ଡାକଡେରା ଖେଳ ପଡିଆ, ସମୟ : ଅପରାହ୍ନ ୧ଟା।

## ବଲାଙ୍ଗୀର

- ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଦମପଡା, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଶ୍ରାବଣ ପୂର୍ଣ୍ଣିମାରେ କ୍ଷୀର ଜଳାଶାୟୀ,ସ୍ଥାନ: ଶିବମନ୍ଦିର, ସାଗରପଡା, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ଜେଲ୍‌ରେ ରକ୍ଷାବନ୍ଧନ, ସ୍ଥାନ: ରାଉରକେଲା ସ୍ୱତନ୍ତ୍ର ଜେଲ୍, ସମୟ: ସକାଳ ୮ଟା।
- ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ରକ୍ଷାବନ୍ଧନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସର ବୈଠକ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ଶିଶୁ ମେଳା, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସକାଳ ୮ଟା ।
- ଅନେଷ୍ୱାର ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜଭବନ, ସମୟ: ସନ୍ଧ୍ୟା ୭ଟା।
- ଗଙ୍ଗାଧର ଜୟନ୍ତୀ ଉତ୍ସବ, ସ୍ଥାନ: ମ୍ୟୁଜିକ ସର୍କଲ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଶ୍ରୀ ଶ୍ରୀ ଶ୍ୟାମେଶ୍ୱର ବାବାଙ୍କ ପୂର୍ଣ୍ଣ ଜଳାଭିଷେକ, ସ୍ଥାନ: ମାଁ ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ଗହ୍ମା ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଝାରବନ୍ଧ ବ୍ଲକ ପଡିଆ, ସମୟ: ସକଳ ୭ଟା।
- ନିଶା ନିବାରଣ ବ୍ରତ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୮ଟା।
- ରକ୍ଷାବନ୍ଧନ, ଶ୍ରୀ ଶ୍ରୀ ବଳଦେବଙ୍କ ଜନ୍ମ ଦିବସ ଓ ଗଙ୍ଗାଧର ଜୟନ୍ତୀ, ସ୍ଥାନ: ଶାନ୍ତି ତପୋବନ ଆଶ୍ରମ, ଚକରକେନ୍ଦ ଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ନିଷ୍ଠା ପରିବାରର ମହମବତୀ ଶୋଭାଯାତ୍ରା, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।
- ଗଙ୍ଗାଧର ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଗଙ୍ଗାଧର ଜୟନ୍ତୀ ଓ ଗଙ୍ଗାଧର ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ମେହେର ମଧ୍ୟପଡ଼ା, ବିଜେପୁର: ସମୟ: ସନ୍ଧ୍ୟା ୭ଟା।
- ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ପ୍ରତିଷ୍ଠା ଦିବସ, ସ୍ଥାନ: ନୃସିଂହନାଥ ଗାନ୍ଧୀ ସମାଧି ପୀଠ, ପାଇକମାଳ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଗଙ୍ଗାଧର ମେହେର ଜୟନ୍ତୀ ସମାରୋହ, ସ୍ଥାନ: ବଳଦିଆମାଳ,ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଘଣ୍ଟାପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ଘଣ୍ଟାପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କନ୍ଧମାଳ, ସମୟ: ସକାଳ ୮ଟା।
- ବନ୍ଧଗୋରା ଶିବ ମନ୍ଦିରରେ ସିଆଳଝୁଲୀ ଶ୍ରୀ ଶ୍ୟାମସୁନ୍ଦର ଭ୍ରାମ୍ୟମାଣ ସତ୍‌ସଙ୍ଗ, ସ୍ଥାନ: ବନ୍ଧଗୋରା ଧବଳେଶ୍ୱର ମନ୍ଦିର ପରିସର, କନ୍ଧମାଳ, ସମୟ: ସକାଳ ୯ଟା।
- ଘଣ୍ଟାପଡା ଶିବମନ୍ଦିରରେ ନାମଯଜ୍ଞ, ସ୍ଥାନ: ଘଣ୍ଟାପଡା ଶିବମନ୍ଦିର , କନ୍ଧମାଳ, ସମୟ: ସକାଳ ୯ଟା।
- ଗୋ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ:ଦନ୍ତାପାଲି, ମଥୁରା, ହରଭଙ୍ଗା , ସମୟ :ଅପରାହ୍ନ ୩ଟା।
- ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରାଜବାଟୀ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ପାର୍ଥେ ନିୟମ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରସାଦ ବଣ୍ଟନ, ସ୍ଥାନ: ଚମ୍ପେଶ୍ୱରି, ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ନିକଟ ଅଙ୍ଗନଦୀ କୂଳରେ ଥିବା ବାବା କପିଳେଶ୍ୱର ମନ୍ଦିରରେ ଶ୍ରାବଣ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଶିଶୁ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ସାମୂହିକ ରକ୍ଷା ବନ୍ଧନ, ସ୍ଥାନ: ଶିଶୁ ବିଦ୍ୟାମନ୍ଦିର, ବୀରମହାରାଜପୁର ସମୟ:ସକାଳ ୯ଟ।
- ଶ୍ରାବଣ ଶେଷ ସୋମବାରରେ ମହାପଣାସାଇ, ସ୍ଥାନ: କେଶଲଗା ସ୍ଥିତ ଧବଳେଶ୍ୱର ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଡୁଙ୍ଗୁରିପାଲି ସାହିତ୍ୟ ଓ ସାଂସ୍କୃତିକ ସଂସଦ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ପାଳନୋତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ଆରଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗୋ ପୂଜନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୫ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ ଟା।
- ରକ୍ଷା ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତରବୋଡ, ସମୟ: ସକାଳ ୯ ଟା।
- ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଓ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା।
- ସ୍ୱତନ୍ତ୍ର ପୂଜା ସହ କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ବାଗଡିହି ଗ୍ରାମ ମହାକାଳ ମନ୍ଦିର, ସମୟ: ପ୍ରାତଃ ୪ଟା।
- କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ ପ୍ରାତଃ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମଭାବରେ ଚନ୍ଦ୍ର ରହିଥିବାରୁ ଯାହା ଚାହୁଁଛନ୍ତି, ତାହା ପାରିବାରେ ଅସୁବିଧା ହେବନାହିଁ। ଅଫିସ ସମସ୍ୟା ସୁଧୁରି ଯିବ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ସାଙ୍ଗକୁ ଗାଡିମୋଟର ମରାମତି କାମ ସମ୍ପନ୍ନ କରିବେ। ପଡୋଶୀ, ସହକର୍ମୀ, ଭାଇଭଉଣୀରେ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ ହେବ।

**ବୃଷ** ଗ୍ରହଙ୍କ ଶୁଭ ସଂସ୍ଥାନରୁ କାର୍ଯ୍ୟସିଦ୍ଧି ସହ ଶୁଭଖବର ମନକୁ ଆହ୍ଲାଦିତ କରିବ। ଅଫିସ୍ ଯିବା ବାଟରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଚେଷ୍ଟା କରୁଥିବା କାମ ଶୀଘ୍ର ଶେଷ କରିବା ପାଇଁ ଖୁବ୍ ଆଶାବାଦୀ ହେବେ। ରାଜନୀତି, ପ୍ରଶାସନ, ପ୍ରକାଶନ, ସାହିତ୍ୟ ଓ ସାମ୍ବାଦିକତା, ରାଜନୀତି ଓ ସଂଗଠନ ପାଇଁ ଦିନଟି ଭଲ।

**ମିଥୁନ** ବହୁତ ଦିନ ହେଲା ଯାହା କରିବା ପାଇଁ ମନସ୍ଥ କରିଛନ୍ତି, ତାହା ଶୀଘ୍ର ଆରମ୍ଭ କରିଦେବା ଭଲ। ଚେଷ୍ଟା କରୁଥିବା କାମରେ ସଫଳତା ପାଇଁ ଲଢେଇ ଜାରି ରଖିବାକୁ ହେବ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅନ୍ୟମନସ୍କ ରହିବେ। ବ୍ୟବସାୟ କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣକୁ ନେଇ ଅଶାନ୍ତି ଲାଗିରହିବ।

**କର୍କଟ** କର୍ମ ପରିସର ବୃଦ୍ଧି ହେତୁ କାର୍ଯ୍ୟବ୍ୟସ୍ତତା କାରଣରୁ ଜମା ଫୁର୍‌ସତ୍ ପାଇବେ ନାହିଁ। ଅର୍ଥର ଅଭାବ ନ ଥିଲେ ମଧ୍ୟ ହାତ ଖୋଲା ଖର୍ଚ୍ଚ କରିପାରିବେ ନାହିଁ, ଫଳରେ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କୃଷି, ସଭାସମିତି,ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**ସିଂହ** ପ୍ରତିବନ୍ଧକ କାରଣରୁ ଅଟକି ରହିଥିବା କୌଣସି ନୂଆ କାମ ହାତକୁ ନେଇପାରନ୍ତି। ନିରପେକ୍ଷତା ଅବଲମ୍ବନ ନ କଲେ ସମାଲୋଚିତ ହେବେ। ସ୍ନାୟବିକ ଦୁର୍ବଳତାଜନିତ କ୍ଲାନ୍ତିବୋଧ କରିବେ। ଅଧିକାଂଶ ସମୟ ସହକର୍ମୀ କିମ୍ବା ବନ୍ଧୁ ମେଳରେ କଟାଇପାରନ୍ତି। ପରିବାରରେ ପରସ୍ପରକୁ ଦୋଷ ଦେଇ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି।

**କନ୍ୟା** ବିଭିନ୍ନ ଘାତ, ପ୍ରତିଘାତ ମଧ୍ୟରେ ଗତି କରିବା କାରଣରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ନିଜ ପରିସରରେ ପରୋକ୍ଷ ଶତ୍ରୁତା କାରଣରୁ ଟେନ୍‌ସନ ଲାଗିରହିବ। ଭୁଲ୍ ବୁଝାମଣା ହେତୁ ଘରୋଇ କଳହକୁ ନେଇ ଅଶାନ୍ତି ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଆଶା ପୂରଣ ହେବ, କିନ୍ତୁ କୌଣସି ଅଜଣା ବ୍ୟକ୍ତି କଳହ କରିପାରନ୍ତି।

**ତୁଳା** ସମ୍ପର୍କୀୟ ବ୍ୟକ୍ତି ପଛରେ ବିଭିନ୍ନ ଅଶାଳୀନ ମନ୍ତବ୍ୟ ଦେଇପାରନ୍ତି। ଯେତେ ନୀରବ ରହିଲେ ମଧ୍ୟ ପରିବାରରେ ପ୍ରଶଂସା ସୂଚକ ପଦୁଟିଏ ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ଉପରିସ୍ଥଙ୍କ ଆଦେଶାନୁସାରେ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ।

**ବିଛା** କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା କରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ନିକଟରୁ ଦୂରେଇ ରହିବା ଭଲ। ଅସଂଗତି ନିରାକରଣ କ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ରାଜନୀତି, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ଧନୁ** ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଯୋଜନାରମ୍ଭ ସକାଶେ ସମ୍ପର୍କୀୟଙ୍କ ସାହାଯ୍ୟ ଅବଶ୍ୟ ମିଳିବ। ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହୋଇପାରନ୍ତି।

**ମକର** ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ସାମାନ୍ୟ କଥାରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିବ। ଅର୍ଥସଙ୍କଟ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ।

**କୁମ୍ଭ** ସାଧାରଣ କଥାକୁ ବଡ ଆକାରରେ ଚିନ୍ତା କରି ଅଯଥା ଟେନ୍‌ସନ ଭିତରକୁ ଟାଣି ହେବେ। ପରିବାରରେ ଆପଣ ସରଳତା ପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ଫେରିବା ରାସ୍ତାରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। କଳା, ସାହିତ୍ୟ, ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି।

**ମୀନ** ପରିବାର ସଦସ୍ୟଙ୍କର ଯେତେପ୍ରକାର ମନ ଧରି କାମ କଲେ ମଧ୍ୟ ସେମାନଙ୍କୁ ପୂର୍ଣ୍ଣମାତ୍ରାରେ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଉତ୍ତମ ବୁଝାମଣା ଓ ଆପୋସ ମିଳାମିଶାରୁ ଆନୁଷ୍ଠାନିକ ସମସ୍ୟାର ସମାଧାନ ଘଟିବ। ଆଶା କରିଥିବା ଦିଗରୁ ଅର୍ଥ ଲାଭ ସକାଶେ ବନ୍ଧୁଙ୍କ ପରାମର୍ଶ କାମକୁ ଆସିବ।

ଆଜି ଅଗଷ୍ଟ ୧୯ ତାରିଖ, ବିଶ୍ୱ ଫଟୋଗ୍ରାଫି ଦିବସ, ଶ୍ରାବଣ ମାସର ଝୁଲଣ ପୂର୍ଣ୍ଣିମା ସୋମବାର, ଶ୍ରୀବଳଦେବ ଜନ୍ମ, ଗହ୍ମାପର୍ବ, ରକ୍ଷାବନ୍ଧନ, ବୋଲବମ୍ ଯାତ୍ରା ଶେଷ, ଶ୍ରୀ ନିଗମାନନ୍ଦ ଦେବ ସରସ୍ୱତୀଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ସକାଳ ଘ.୦୮।୦୯ ମି. ପର୍ଯ୍ୟନ୍ତ ଶ୍ରବଣା/ମକର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୧ ଗତେ, ଘ.୦୬।୦୬ ମଧ୍ୟେ, ଘ.୧୦।୩୪ ଗତେ, ଘ. ୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୬।୦୬ ଗତେ, ଘ.୦୮।୪୦ ମଧ୍ୟେ ରାହୁ କାଳ।



ରାହୁଲ ପଧାନ

# ମାଉଣ୍ଟ ଏଲ୍‌ବ୍ରୁସ୍ ଚଢ଼ିଲେ କଳାହାଣ୍ଡିର ଯୁବକ

## ଜିଲା ପାଇଁ ଆଣିଲେ ଗୌରବ

ଭବାନୀପାଟଣା,୧୮।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଦେପୁର ଗ୍ରାମର ଯୁବ ପର୍ବତାରୋହୀ ରାହୁଲ ପଧାନ ଇଉରୋପ ମହାଦେଶର ୫୬୪୨ ମିଟର ବିଶିଷ୍ଟ ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲ୍‌ବ୍ରୁସ୍ ଚଢି ଜିଲା ପାଇଁ ଗୌରବ ଆଣିଛନ୍ତି। ଗତ ୧୪ ତାରିଖ ଅପରାହ୍ନ ୨ଟାରେ ସେ ଇଉରୋପର ଟ୍ରେସକଲ ଗ୍ରାମରୁ ମାଉଣ୍ଟ ଏଲ୍‌ବ୍ରୁସ୍ ଅଭିମୁଖେ ଯାତ୍ରା କରିଥିଲେ। ଦିନକ ପରେ ଅର୍ଥାତ ଅଗଷ୍ଟ ୧୫ ତାରିଖ ୧୦ ଟାରେ ମାଉଣ୍ଟ ଏଲ୍‌ବ୍ରୁସ୍‌ର ଶିଖରରେ ପହଞ୍ଚି ଜାତୀୟ ପତକା ଉଡାଇଥିଲେ। ମାଉଣ୍ଟ ଏଲ୍‌ବ୍ରୁସ୍ ଚଢିବା ପରେ ତାଙ୍କ ନିଜ ଗ୍ରାମ ଓ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଜିଲାର ବିଭିନ୍ନ ବର୍ଗର ଲୋକେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ପୃଥିବୀର ଅନ୍ୟ ୬ଟି ମହାଦେଶର ୬ଟି ଉଚ୍ଚତମ ଶୃଙ୍ଗ ଯାହାକୁ ଆମେ ପୃଥିବୀର ୭ ସବମିଟ ମଧ୍ୟ କହୁଛୁ ତାକୁ ଆରୋହଣ କରିବାର ଲକ୍ଷ୍ୟ ରହିଛି ବୋଲି ରାହୁଲ କହିଛନ୍ତି।

# ମଦ ପିଇ ଗାଡ଼ି ଚଳାଇ ଧରାପଡ଼ିଲେ ପୂର୍ବତନ ହକି କ୍ୟାପ୍‌ଟେନ ପ୍ରବୋଧ ତିର୍କୀ

**ଡ୍ରିଙ୍କ ଆଣ୍ଡ ଡ୍ରାଇଭ୍**

ଭୁବନେଶ୍ୱର,୧୮।୮(ସତ୍ୟଜିତ ରାଉତ)

ପୂର୍ବତନ ହକି କ୍ୟାପ୍‌ଟେନ ପ୍ରବୋଧ ତିର୍କୀ ଭୁବନେଶ୍ୱରରେ ମଦ୍ୟପାନ କରି ଗାଡ଼ି ଚାଳନା କରିବାବେଳେ କମିଶନରେଟ ପୋଲିସ ଦ୍ୱାରା ଧରାପଡ଼ିଛନ୍ତି। ସେ ଚଳାଉଥିବା କାର୍ (ଓଡି୦୨-ଜେ-୭୫୮୫)କୁ ପୋଲିସ ଜବତ କରିଛି। ଶନିବାର ରାତିରେ ସେଫ୍ ସିଟି ଡ୍ରାଇଭ ଅଭିଯାନରେ କମିଶନରେଟ ପୋଲିସ ପକ୍ଷରୁ ଡ୍ରିଙ୍କ ଆଣ୍ଡ ଡ୍ରାଇଭ୍ ବିରୋଧରେ ଓମ୍‌ଫେଡ ଛକରେ କଡ଼ାକଡ଼ି ଯାଞ୍ଚ ଚାଲିଥିଲା। ରାତି ପ୍ରାୟ ୧୨ଟା ୪୦ ବେଳେ ପ୍ରବୋଧଙ୍କ କାର୍‌କୁ ଅଟକାଯାଇ ଚେକିଂ କରାଯାଇଥିଲା। ପ୍ରବୋଧଙ୍କ ବ୍ଲଡ୍ ଆଲ୍‌କୋହଲ ଟେଷ୍ଟ କରାଯିବାପରେ ତାଙ୍କର ୧୧୫ ଏମ୍‌ଜି/୧୦୦ ଏମ୍‌ଏଲ୍ ବାହାରିଥିଲା। ପରେ ତାଙ୍କ କାରକୁ ଜବତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କୋର୍ଟରେ ଜରିମାନା ଦାଖଲ ପରେ ପ୍ରବୋଧ ତାଙ୍କ କାର୍ ମୁକୁଳାଇ ପାରିବେ ବୋଲି ପୋଲିସ ସୂଚନା ଦେଇଛି।

# ଦଳ ନିଜ ସ୍ୱାର୍ଥକୁ ଦେଶ ହିତଠାରୁ ଦୂରେଇ ରଖିବା ଦରକାର: ହରିବଂଶ

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ରାଜନୈତିକ ଦଳଗୁଡ଼ିକ ନିଜ ସ୍ୱାର୍ଥକୁ ଦେଶ ହିତଠାରୁ ଦୂରେଇ ରଖିବା ଉଚିତ ବୋଲି ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ କହିଛନ୍ତି। ୧୭ତମ ଓଡ଼ିଶା ବିଧାନସଭାର ନବନିର୍ବାଚିତ ବିଧାୟିକା, ବିଧାୟକମାନଙ୍କ ନିମନ୍ତେ ଆୟୋଜିତ ୨ ଦିନିଆ 'ଜ୍ଞାନସଂସ୍କାର' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ କହିଛନ୍ତି, ଯଦି ବିଧାୟକମାନେ ଗୃହ କାର୍ଯ୍ୟରେ ବିନା କାରଣରେ ବାଧାଦେବେ ତେବେ ଦେଶ ଓ ରାଜ୍ୟର ବିକାଶ ବାଧାପ୍ରାପ୍ତ ହେବ। ଜୀବନରେ ପ୍ରଶିକ୍ଷଣର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହା ଉଚ୍ଚକୋଟୀର ହେବା ଉଚିତ। ଏଠାରୁ ପ୍ରାପ୍ତ ଜ୍ଞାନକୁ କିଭଳି କାର୍ଯ୍ୟରେ ବ୍ୟବହାର କରିହେବ, ସେଥିପାଇଁ ବିଧାୟିକା ଓ ବିଧାୟକମାନେ ଦୃଷ୍ଟି ଦେବା ଆବଶ୍ୟକ। ଜନସାଧାରଣ ଦୃଢ଼ ବିଶ୍ୱାସର ସହ ନିଜର ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଆପଣମାନଙ୍କୁ ବିଧାନସଭାକୁ ସେମାନଙ୍କର ପ୍ରତିନିଧି ଭାବେ ପଠାଇଛନ୍ତି। ଏହି ଗୁରୁଦାୟିତ୍ୱ ସମସ୍ତଙ୍କୁ ସୁଚାରୁରୂପେ ତୁଲାଇ ଲୋକଙ୍କ ଆସ୍ଥାଭାଜନ ହେବାକୁ ପଡ଼ିବ ବୋଲି ହରିବଂଶ କହିଛନ୍ତି।

ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାର ପ୍ରାରମ୍ଭରେ ସେ କହିଛନ୍ତି, ଜ୍ଞାନସଂସ୍କାର



ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା।

## ସରିଲା ବିଧାୟକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମ ଆଗାମୀ ଦିନରେ ସମସ୍ତ ନିର୍ବାଚିତ ବିଧାୟିକା, ବିଧାୟକଙ୍କୁ ନୂତନ ଦିଗ୍‌ଦର୍ଶନ ଦେବ। ଗୃହରେ ଶିଷ୍ଟାଚାର ଓ ଉତ୍ତମ ପରମ୍ପରା ବଜାୟ ରଖିବା ଏକ ବିକଶିତ ଓ ଜନମଙ୍ଗଳକାରୀ ରାଜ୍ୟ ପାଇଁ ନିହାତି ଦରକାର। ସଦସ୍ୟମାନଙ୍କୁ ବିଧାନସଭାରେ ଶୃଙ୍ଖଳିତ କାର୍ଯ୍ୟପ୍ରଣାଳୀ ଓ ବିଭିନ୍ନ ବିଷୟ ଆଲୋଚନାରେ ଭାଗନେଇ ରାଜ୍ୟକୁ ବିକାଶ ଦିଗରେ ଆଗେଇନେବା ସହ ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବାକୁ ହେବ। ଏଥିରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି, ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର। ଜନସାଧାରଣ ଆମକୁ ଯେଉଁ ଆଶା ଓ ବିଶ୍ୱାସର ସହ ନିର୍ବାଚିତ କରି ବିଧାନସଭାକୁ ପଠାଇଛନ୍ତି ତାହାକୁ ସାକାର କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ଜ୍ଞାନସଂସ୍କାର କାର୍ଯ୍ୟକ୍ରମର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ବିଧାୟିକା ଓ ବିଧାୟକଙ୍କୁ ବିଧାନସଭା କାର୍ଯ୍ୟଧାରା ଓ ଏଥିସମ୍ପର୍କିତ ନିୟମ ତଥା ବ୍ୟବସ୍ଥାପକଗୁଡ଼ିକର ଦାୟିତ୍ୱ, ଅଧିକାର ଓ ସ୍ୱାଧିକାର, ବିଭିନ୍ନ ବୈଧାନିକ ପ୍ରକ୍ରିୟା, ଆଇନ ପ୍ରଣୟନ, ବଜେଟ ଉପସ୍ଥାପନ, ଗୃହରେ ଶିଷ୍ଟାଚାର ଓ ଉତ୍ତମ ପରମ୍ପରା ବଜାୟ ରଖିବା ବିଷୟରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥାଏ। ଶେଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜ୍ଞାନସଂସ୍କାର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଛନ୍ତି। ଜ୍ଞାନସଂସ୍କାର କାର୍ଯ୍ୟକ୍ରମର ୨ୟ ଦିବସରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସଂସଦୀୟ ପଦ୍ଧତିରେ କମିଟିର ସାମର୍ଥ୍ୟ ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଲୋକ ସଭା ସାଂସଦ ଭର୍ତ୍ତୃହରି ମହତାବ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଇନ ପ୍ରଣୟନ ପ୍ରକ୍ରିୟା ଉପରେ ଆଲୋଚନା ହୋଇଛି। ଏଥିରେ ଲୋକ ସଭା ସଚିବାଳୟର ପୂର୍ବତନ ଯୁଗ୍ମ ସଚିବ ବିନୟ କୁମାର ମୋହନ ଯୋଗ ଦେଇ ବିଷୟବସ୍ତୁ ଉପରେ ଆଲୋକପାତ କରିଛନ୍ତି।

# ବିଜେଡି, ଭାଜପା ଭଳି କଂଗ୍ରେସରେ ବିରୋଧର ଶିକାର ହେଉଛି: ତାରା

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

କଂଗ୍ରେସ ଭିତରେ ତାଙ୍କୁ ବିରୋଧ କରାଯାଉଛି ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ଭାଜପା ଓ ବିଜେଡି ଭଳି କଂଗ୍ରେସରେ ମଧ୍ୟ ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଥିବା କହିବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସେଥିଲାଗି ସେ ନିଜକୁ ତାଙ୍କ ନିର୍ବାଚନମଣ୍ଡଳୀ ଭିତରେ ରଖିଛନ୍ତି। ରବିବାର ଗଣମାଧ୍ୟମକୁ ତାରା ଏଭଳି ବୟାନ ଦେଇଥିବା ବେଳେ ଖାଲି ଏତିକି ନୁହେଁ, କଂଗ୍ରେସରେ ବିଭାଜନ ସୃଷ୍ଟି କରାଯାଉଥିବା ସେ କହିଛନ୍ତି।

ଗଣମାଧ୍ୟମକୁ ତାରା କହିଛନ୍ତି, ଗାଁ ଗହଳିରେ ଭାଜପାର ବିରି, ଅଖା ନ ଥିଲା। କିନ୍ତୁ ଏଥର ଲୋକମାନେ ଭାଜପାକୁ ଭୋଟ ଦେଇ ଜିତାଇଲେ। ୨ଟି କାରଣ ସକାଶେ ଭାଜପା ଜିତିଲା। ପ୍ରଥମ କଥାଟି ହେଉଛି, ଲୋକମାନେ ବିଜେଡି ଉପରେ କ୍ଷୁବ୍ଧ ଥିଲେ ଏବଂ ୨ୟଟି ହେଲା– ଓଡ଼ିଆଙ୍କ ସ୍ୱାଭିମାନ। ଫଳରେ ଭାଜପା ସରକାରକୁ ଆସିଲା। ହେଲେ ଆମେ ତା'ର ଫାଇଦା ଉଠାଇ ପାରିଲୁ ନାହିଁ। କିନ୍ତୁ ଏବେ ମଧ୍ୟ ଗାଁ ଗହଳିରେ ତାଙ୍କର ବିରି ଅଖା ନାହିଁ। ସେଥିପାଇଁ ସେମାନେ ବିଜେଡି ଓ କଂଗ୍ରେସରୁ କିଛି ଲୋକଙ୍କୁ ନେଇ ବିରି ଅଖାକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଥିବା ତାରା କହିଛନ୍ତି। ସାଧାରଣ ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ବିଜେଡି ପୁଣିଥରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆପ୍ରାଣ ଉଦ୍ୟମ କରୁଛି। ହେଲେ ଆମ କଂଗ୍ରେସବାଲାଙ୍କ ଭିତରେ ଗୋଡ଼ ଟଣାଟଣି ଚାଲିଛି। ଆମର କାହା ସହିତ କାହାର ମତ ମିଶୁନି। ସେଥିପାଇଁ ଆମେ ଯେଉଁମାନେ ପ୍ରକୃତ କଂଗ୍ରେସିଆ ଅଛୁ ଛାତିର କୋହ ଧରି ବସିଛୁ। ଏହା ଦେଖି ଆମକୁ ଦୁଃଖ ଓ କାନ୍ଦ ମଧ୍ୟ ଲାଗୁଛି। ଇଏ ଯେଉଁ ବିଭାଜନ ସୃଷ୍ଟି ହେଉଛି, ତାହା ହେବା କଥା ନୁହେଁ। ଆମର ମାଲିକ ଜଣେ। କଂଗ୍ରେସର ରାହୁଲ ଗାନ୍ଧୀଙ୍କ ପରିବାର ହେଉଛନ୍ତି ଆମର ବସ୍। ସେମାନେ ଯାହା ନିଷ୍ପତ୍ତି ନେବେ, ତାକୁ ମାନିବାକୁ ପଡ଼ିବ ବୋଲି ତାରା କହିଛନ୍ତି। ଦଳରେ ବିଭାଜନ କିଏ କରୁଛି ପ୍ରଶ୍ନରେ ତାରା କହିଛନ୍ତି, ବିଭାଜନ ଚାରିଆଡ଼େ ଚାଲିଛି। କେହି ଦଳୀୟ ସ୍ୱାର୍ଥ କଥା ଚିନ୍ତା କରୁନାହାନ୍ତି, କେବଳ ନିଜ ସ୍ୱାର୍ଥ ସାଧନ ପାଇଁ ଚେଷ୍ଟା ଚାଲିଛି। ଆମେ ସଙ୍ଗଠନ କରିଛୁ। ନିଜେ ବଞ୍ଚିଲେ ବାପାର ନାଁ, ସେଥିପାଇଁ ତାଙ୍କ ନିର୍ବାଚନମଣ୍ଡଳୀ ଭିତରେ ସେ ରହିଛନ୍ତି। ନିଜସ୍ୱ କଂଗ୍ରେସ କେମିତି ବଞ୍ଚିବ, ସେଥିପାଇଁ ପ୍ରୟାସ କରୁଛନ୍ତି ବୋଲି ତାରା କହିଛନ୍ତି। ଆଗାମୀ ଭବିଷ୍ୟତ ନେଇ ତାରା କହିଛନ୍ତି, ସମସ୍ତେ ଚେଷ୍ଟା କଲେ ଆରଥର କଂଗ୍ରେସ ନିଶ୍ଚିତ ଆସିବ। ଓଡ଼ିଆ ଭାଇମାନେ ଏକଜୁଟ ହେବା ଦରକାର। ସମସ୍ତଙ୍କ ଭିତରେ ସମନ୍ୱୟ ରହିବା ଦରକାର। ଗତ ନିର୍ବାଚନରେ ଲୋକ ଚାହୁଁଥିଲେ କଂଗ୍ରେସ ଆସୁ। ଯେହେତୁ ଆମର କିଛି ହୋଇପାରିଲା ନାହିଁ, ତେଣୁ ଲୋକମାନେ ଭାଜପା ଆଡ଼େ ପଳାଇଗଲେ ବୋଲି ତାରା କହିଛନ୍ତି।

# ୨୨ରେ ଇଡି ଅଫିସ୍ ଆଗରେ ବିକ୍ଷୋଭ କରିବ କଂଗ୍ରେସ



କଂଗ୍ରେସ ଭବନଠାରେ ଅନୁଷ୍ଠିତ ଦଳୀୟ ବୈଠକରେ ରାଜ୍ୟ ନେତୃବୃନ୍ଦ।

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଆହ୍ୱାନକ୍ରମେ ଦେଶବ୍ୟାପୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୨ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ନୟାପଲ୍ଲୀସ୍ଥିତ ଇଡି ଅଫିସ ସମ୍ମୁଖରେ ଏହା ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିବାର କଂଗ୍ରେସ ଭବନଠାରେ ଏହି କାର୍ଯ୍ୟକ୍ରମର ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ନିଷ୍ପତ୍ତି ନିଆଯାଇଛି।

ଏଥିରେ ସମସ୍ତ ଜିଲା କଂଗ୍ରେସ କମିଟି ସଭାପତିଓ ଛାମୁଆ ସଙ୍ଗଠନ ଏବଂ ଅନ୍ୟାନ୍ୟ ସାମ୍ମୁଖ୍ୟର ପୂର୍ବତନ କର୍ମକର୍ତ୍ତାମାନଙ୍କର ପୃଥକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୋକିମ କହିଛନ୍ତି, ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯେଉଁପରି ଭାବେ ଲଢ଼େଇ ଜାରି ରଖିଛନ୍ତି ତାକୁ ତ୍ୱରାନ୍ୱିତ କରିବା ସକାଶେ ରାଜ୍ୟର ପ୍ରତ୍ୟେକ ଜିଲାରୁ ନେତୃବୃନ୍ଦ, କର୍ମକର୍ତ୍ତା ଓ କର୍ମୀମାନେ ବିପୁଳ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଲେ ଏହି ଲଢ଼େଇ ସଫଳ ହୋଇପାରିବ। ଏଥିପାଇଁ ସମସ୍ତ ବରିଷ୍ଠ ନେତା, ଜିଲା ସଭାପତି ଓ ଅନ୍ୟାନ୍ୟ ସମସ୍ତ ଛାମୁଆ ସଙ୍ଗଠନର ସଦସ୍ୟମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ନେଇ ସଫଳ କରିବାକୁ ମୋକିମ ଆହ୍ୱାନ ଦେଇଛନ୍ତି। ଏଥିଲାଗି ଷ୍ଟିୟରିଂ କମିଟିର ସଦସ୍ୟବୃନ୍ଦ, ସମସ୍ତ ପୂର୍ବତନ ପିସିସି ସଭାପତି, କର୍ମକର୍ତ୍ତା, ବିଧାୟକ ଦଳ ନେତା ଓ ପୂର୍ବତନ ବିଧାୟକ ଦଳ ନେତା, ଏମ୍‌ପି ଓ ବିଧାୟକ, ପୂର୍ବତନ ଏମ୍‌ପି ଓ ପୂର୍ବତନ ବିଧାୟକଙ୍କ ସମେତ ଅନ୍ୟମାନଙ୍କୁ ପତ୍ର ଲେଖି ୨୨ ତାରିଖ କାର୍ଯ୍ୟକ୍ରମ ସଫଳ କରିବାକୁ ଅନୁରୋଧ କରିଛନ୍ତି।

# ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ରୋହିତଙ୍କ ପ୍ରଶଂସା

ସମ୍ବଲପୁର, ୧୮।୮
(ଭବାନୀ ଶଙ୍କର ଭୋଇ)

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ଅଚାନକ ସମ୍ବଲପୁର ସଦର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସ୍ଥିତି ପରଖିଥିଲେ। ମନ୍ତ୍ରୀଙ୍କ ଆକସ୍ମିକ ପରିଦର୍ଶନ କାର୍ଯ୍ୟକ୍ରମକୁ ତାଙ୍କର ସମର୍ଥକ ଓ ଜନସାଧାରଣ ସାମାଜିକ ଗଣମାଧ୍ୟମରେ ବେଶ୍ ପ୍ରଶଂସା କରୁଛନ୍ତି। ମନ୍ତ୍ରୀମାନେ ସରକାରୀ କାର୍ଯ୍ୟାଳୟରେ ପହଞ୍ଚି ସରକାରୀ ବାବୁମାନଙ୍କ କାର୍ଯ୍ୟର ସମୀକ୍ଷା କରିବା ନେଇ ମତାମତ ଦେଉଛନ୍ତି। ତେବେ ହ୍ୱାଟ୍ସଆପରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଏକ ଭିଡିଓ ଶେୟାର କରି ପ୍ରଶଂସା କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ବିରୋଧୀ ବିଜେଡିର ନେତା ଭାଜପା ସରକାରଙ୍କ ମନ୍ତ୍ରୀଙ୍କୁ ପ୍ରଶଂସା କରିବା ହୁଏତ ନୂଆ କିମ୍ବା ପ୍ରଥମ ଘଟଣା ନୁହେଁ। ତେବେ ସରକାରୀ କର୍ମଚାରୀ ଏବଂ ଅଧିକାରୀମାନଙ୍କ ବାବୁଗିରି ନେଇ ଲୋକଙ୍କ ଅଭିଯୋଗ ଏବଂ ଆକ୍ରୋଶ ରହିଆସିଥିବା ବେଳେ ବିରୋଧୀ ଦଳର ଜଣେ ନେତାଙ୍କ ଏଭଳି ସ୍ତୁତିଗାନକୁ ନେଇ ସାମାଜିକ ଗଣମାଧ୍ୟମରେ ବିତର୍କ ଆରମ୍ଭ ହୋଇଛି। ୨୪ବର୍ଷ ଧରି ବିଜେଡି ସରକାରରେ ଥିବା ବେଳେ ରୋହିତ ନିଜେ ମଧ୍ୟ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି। ତେଣୁ ବହୁ ବର୍ଷ ଧରି ସମ୍ବଲପୁର ତହସିଲ କାର୍ଯ୍ୟାଳୟରେ ରହି ଆସିଥିବା ଅବ୍ୟବସ୍ଥା ନେଇ ସେ ଆଗରୁ ସୂଚନା ପାଇଥିଲେ ନା ନାହିଁ ବୋଲି କେତେଜଣ ଲୋକ ସୋସିଆଲ ମିଡିଆରେ ପ୍ରଶ୍ନ କରିଛନ୍ତି। ପୁଣି ନିଜେ କାହିଁକି ମନ୍ତ୍ରୀ ଭାବେ ଆଗରୁ ଏଭଳି ପରିଦର୍ଶନ କରି ନ ଥିଲେ ବୋଲି ଆଉ କେତେକ ପ୍ରଶ୍ନ ପଚାରିଛନ୍ତି। ତେବେ ରୋହିତ ପୂଜାରୀ ନିଜ ପୋଷ୍ଟରେ ପ୍ରକୃତରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଶଂସା କରିବା ଛଳରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ତହସିଲ କାର୍ଯ୍ୟାଳୟ ଯାଇ ତଦାରଖ କରି ନ ଥିଲେ ବୋଲି ଲେଖିଥିଲେ। ଏହାପରେ ଜୟନାରାୟଣଙ୍କ ସମର୍ଥକମାନେ ରୋହିତଙ୍କ ଉପରେ ସାମାଜିକ ଗଣମାଧ୍ୟମରେ ଆକ୍ରମଣ ଆରମ୍ଭ କରିଥିଲେ। ପୂର୍ବ ସରକାରଙ୍କ ଅପାରଗତାକୁ ରୋହିତ ସ୍ୱୀକାର କରୁଛନ୍ତି କି ବୋଲି ପାଲଟା ପ୍ରଶ୍ନ ପଚାରିଛନ୍ତି। ଏଭଳି ଆରୋପ ପ୍ରତ୍ୟାରୋପକୁ ନେଇ ଶନିବାର ରାତିସାରା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି ରୋହିତଙ୍କ ପୋଷ୍ଟକୁ ନେଇ ରବିବାର ଲୋକେ ଭିନ୍ନ ମତ ପ୍ରକାଶ କରିଛନ୍ତି। ଅନେକେ ରୋହିତ ଜଣେ ରାଜନେତା ଭାବେ ଭଲ କାମକୁ ପ୍ରଶଂସା କରିବାକୁ ସ୍ୱାଗତ କରିବା ଯଥାର୍ଥ ବୋଲି ଲେଖିଛନ୍ତି। ଆଉ କେତେକ ପୁଣି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି, ରୋହିତ ଅଯଥାରେ ସାମାଜିକ ଗଣମାଧ୍ୟମରେ ମତଦେଇ ନିଜ ଦଳକୁ ଅଡୁଆରେ ପକାଉଛନ୍ତି।




ସାମାଜିକ ଗଣମାଧ୍ୟମରେ ରୋହିତ ପୂଜାରୀ କରିଥିବା ପୋଷ୍ଟ।

# ଅପେକ୍ଷା ରଖ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ: ମନ୍ତ୍ରୀ ବିଭୂତି

## ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ପ୍ରସଙ୍ଗ



ବିଭୂତି ଭୂଷଣ ଜେନା

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ପୂର୍ବତନ ଆଇଏଏସ୍ ଅଧିକାରୀ ଭି.କେ ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ସହିତ ଏଥିନିମନ୍ତେ ହୋଇଥିବା ଖର୍ଚ୍ଚର ହିସାବ ଚାଲିଛି। ଖୁବଶୀଘ୍ର ଏହାର ନିର୍ଯାସ ଆସିବ। ରାଜ୍ୟବାସୀଙ୍କ ମନରେ ଯାହା ସନ୍ଦେହ ରହିଛି ତାହା ସତ ହୋଇପାରେ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ରାଜ୍ୟରେ ଭାଜପା ସରକାର ଶୂନ୍ୟ ସହନଶୀଳ ନୀତି ଆପଣାଇଛି। ତେଣୁ ଅପେକ୍ଷା କରନ୍ତୁ ନିଶ୍ଚିତ ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳ ଉପମୁଖ୍ୟ ସଚେତକ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଦେବ କହିଛନ୍ତି ଯେ, ଭାଜପା ସରକାର ରାଜ୍ୟରେ ରହିଛି ତାଙ୍କ ହାତରେ କଲମ ଅଛି, ତେଣୁ ଯାହା ଚାହିଁବେ କରିପାରିବେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟରେ ସେ କାର୍ଯ୍ୟରତ ଥିଲେ। ସରକାରୀ କାମରେ ସେ ଲୋକଙ୍କ ସମସ୍ୟା ଶୁଣିବା ଲାଗି ଓ ଅଭିଯୋଗ ଆଣିବାକୁ ହେଲିକପ୍ଟର ଗସ୍ତ ଲାଗି ନିର୍ଦ୍ଦେଶ ପାଇ ଯାଇଥିଲେ। ଏକଥା ଗୃହର ଉତ୍ତରରେ ଅଛି। କେବଳ ଗଣମାଧ୍ୟମରେ ନିଜକୁ ଚର୍ଚ୍ଚାରେ ରଖିବା ସକାଶେ ସେମାନେ ଏଭଳି ପ୍ରତିକ୍ରିୟା ଦେଉଥିବା ପ୍ରତାପ କହିଛନ୍ତି।

ସୂଚନାଯୋଗ୍ୟ, ନିର୍ବାଚନ ପୂର୍ବରୁ ପାଣ୍ଡିଆନ ହେଲିକପ୍ଟର ଯୋଗେ ବିଭିନ୍ନ ଜିଲା ଗସ୍ତ କରିଥିଲେ। ଏଥିଲାଗି ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ସୂଚନା ଅଧିକାର କର୍ମୀ ଏନେଇ କେତେ ଅର୍ଥ ଖର୍ଚ୍ଚ ହୋଇଛି ବୋଲି ଆର୍‌ଟିଆଇ ଜରିଆରେ ତଥ୍ୟ ମାଗିବାରୁ ତାର ହିସାବ ଚାଲିଥିବା ସରକାର ଉତ୍ତର ରଖିଛନ୍ତି, ଯାହାକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ନିକଟରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଏହି ଘଟଣାରେ ତଦନ୍ତ ଚାଲିଛି, କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।

# ଲୋକଙ୍କ ପାଇଁ କାମ କର: ନବୀନ

## ରାଜ୍ୟ ବିଜେଡି ସଭାପତିଙ୍କୁ ଭେଟିଲେ ପାଲଲହଡ଼ା ନେତୃବୃନ୍ଦ



ନବୀନ ନିବାସରେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ପାଲଲହଡ଼ାର ନେତାମାନେ।

କଣିହାଁ.୧୮।୮ (ସଚ୍ଚିଦାନନ୍ଦ ପ୍ରଧାନ)

ବିଜେଡି ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଶନିବାର ପାଲଲହଡା ବିଜେଡି ନେତୃବୃନ୍ଦ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ପାଲଲହଡ଼ା ବ୍ଲକ ଓ କଣିହାଁ ବ୍ଲକ ଅଧ୍ୟକ୍ଷ, ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ନବୀନ ନିବାସରେ ପହଞ୍ଚି ନବୀନଙ୍କୁ ସାକ୍ଷାତ୍ କରି ବିଭିନ୍ନ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ବିଜେଡି ସହିତ ସେମାନେ ସର୍ବଦା ରହିଛନ୍ତି ଓ ତୃଣମୂଳସ୍ତରରେ ଲୋକଙ୍କ ପାଇଁ କାମ କରି ନବୀନଙ୍କ ହାତମୁଠା ଟାଣ କରିବେ ବୋଲି ଜଣାଇଥିଲେ। ଦଳୀୟ କର୍ମକର୍ତ୍ତାଙ୍କ ଉତ୍ସାହ ଦେଖି ବିଜେଡି ରାଜ୍ୟ ସଭାପତି ଖୁସିବ୍ୟକ୍ତ କରିବା ସହିତ ଲୋକଙ୍କ ସେବା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡା ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ପାଲଲହଡା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ପାଲଲହଡା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁବାସ ମହାନ୍ତି, ଛାତ୍ର ବିଜେଡି ସଭାପତି ସବ୍ୟସାଚୀ କରପଦାର, ପାଲଲହଡ଼ା ବ୍ଲକ ଯୁବ ବିଜେଡି ସଭାପତି ପ୍ରଶାନ୍ତ ସାମଲ, କଣିହାଁ ବ୍ଲକ ଯୁବ ବଜେଡି ସଭାପତି ଗଗନ ରାଉତ, ଦୁଇ ବ୍ଲକର ଜିଲା ପରିଷଦ ସଦସ୍ୟଙ୍କ ସମେତ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଭାଜପାରେ ମିଶିଲେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା

ବାଲେଶ୍ୱର,୧୮।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଆରତୀ ଦାସ, ସ୍ୱୟଂ ସହାୟିକା ଗୋଷ୍ଠୀ ସମୂହର ନେତ୍ରୀ ସଂଯୁକ୍ତା ଭୋଇ, ସକ୍ରିୟ କର୍ମୀ ଶିବାନନ୍ଦ ପରିଡ଼ା ଓ ସୁନନ୍ଦିତା ରଣା ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ, ଏମ୍‌ପି ଷଡ଼ଙ୍ଗୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ଯୋଗ ଦେଇଥିବା କହିଛନ୍ତି। ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲା ଉପସଭାପତି ମମତା ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ମଣ୍ଟୁ ପେରିୱାଲ, ଜଳେଶ୍ୱର ଗଣମାଧ୍ୟମ ସଂଯୋଜକ ସୁକୁମାର ରଣା, ମିଡିଆ ସହସଂଯୋଜକ ରଣଜିତ ପୃଷ୍ଟି, ଅରୁପ ଜେନା, ପ୍ରଶାନ୍ତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପାରେ ସାମିଲ ହୋଇଥିବା ନବାଗତଙ୍କୁ ସ୍ୱାଗତ କରାଯାଉଛି।

କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଉର୍ଦ୍ଧ୍ୱକୁ ଉଠିଯାଏ। କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ। -ଶ୍ରୀମା

-ଗହ୍ମାପର୍ବ, ବଳଭଦ୍ର ଜନ୍ମ, ରକ୍ଷାବନ୍ଧନ, ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା



# ଯୁଦ୍ଧରୁ ଲାଭ

ଇସ୍ରାଏଲ-ହମାସ ଯୁଦ୍ଧ ୧୦ ମାସ ଅତିକ୍ରମ କରିଯାଇଥିବା ବେଳେ ଏହା ଏବେ ମଧ୍ୟପ୍ରାଚ୍ୟରେ ବିଷମ ସ୍ଥିତି ସୃଷ୍ଟି କଲାଣି। ପାଲେଷ୍ଟାଇନ୍ ଉପରେ ଇସ୍ରାଏଲର ଘନ ଘନ ଆକ୍ରମଣ ଯୋଗୁ ସେଠାରେ ବ୍ୟାପକ ଧନଜୀବନହାନି ଘଟୁଥିବାରୁ ମୁସଲିମ ରାଷ୍ଟ୍ରଗୁଡ଼ିକ ଉଗ୍ର ହେବାରେ ଲାଗିଲେଣି। ଏମିତି ଦେଖିଲେ ଇସ୍ରାଏଲ-ହମାସ ଯୁଦ୍ଧ ଆରମ୍ଭ ବେଳୁ ଇରାନ୍ ସମର୍ଥିତ ହେଜବୋଲ୍ଲା ଗୋଷ୍ଠୀ ଓ ଇସ୍ରାଏଲ ସୈନ୍ୟଙ୍କ ମଧ୍ୟରେ ସୀମାନ୍ତ ଅଞ୍ଚଳରେ ଗୁଳିଗୋଳା ବିନିମୟ ଲାଗି ରହିଛି। ଉଲ୍ଲେଖଯୋଗ୍ୟ, ହେଜବୋଲ୍ଲା ହେଉଛି ଲେବାନନର ଇସ୍‌ଲାମିକ୍ କଠୋରପନ୍ଥୀ ଗୋଷ୍ଠୀ। ହମାସ ଉପରେ ହେଉଥିବା ଆକ୍ରମଣ ପାଇଁ ଏହା ଇସ୍ରାଏଲକୁ ଶତ୍ରୁ ଭାବେ ଧରି ନେଇଛି। ଜୁଲାଇ ଶେଷ ଆଡ଼କୁ ଇସ୍ରାଏଲ ସେନା ଲେବାନନ୍‌ର ବେରୁଟ୍‌ରେ ହେଜବୋଲ୍ଲାର ଦ୍ୱିତୀୟ ସର୍ବୋଚ୍ଚ ନେତା ଫଉଦ୍ ଶୁକର୍‌ଙ୍କୁ ଏୟାର ଷ୍ଟ୍ରାଇକ୍ କରି ହତ୍ୟା କରିଥିବାରୁ ହେଜବୋଲ୍ଲା ଅଧିକ ପ୍ରତିଶୋଧପରାୟଣ ହୋଇଉଠିଛି। ଅନ୍ୟପକ୍ଷରେ ଇସ୍ରାଏଲ-ହମାସ ଯୁଦ୍ଧ ଭିତରକୁ ଅନ୍ୟ ରାଷ୍ଟ୍ର ଓ ସଙ୍ଗଠନଗୁଡ଼ିକ ଟାଣି ହୋଇ ଆସୁଥିବାରୁ ଇସ୍ରାଏଲ ଆକ୍ରମଣାତ୍ମକ ହୋଇପଡ଼ିଛି। ସଦ୍ୟ ଘଟଣାକ୍ରମରେ ଲେବାନନର ଦକ୍ଷିଣାଞ୍ଚଳରେ ଇସ୍ରାଏଲ ସେନା ୧୭ ଅଗଷ୍ଟରେ ଆକ୍ରମଣ କରିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସିରିଆ ନାଗରିକ ଥିବାରୁ ଯୁଦ୍ଧ ପରିସର ବଢ଼ିବ ବୋଲି ଆଶଙ୍କା କରାଗଲାଣି।

ଏବର ସ୍ଥିତି ଦେଖିଲେ ଇସ୍ରାଏଲକୁ ଆମେରିକା ସମେତ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସମର୍ଥନ କରୁଥିବା ବେଳେ ହମାସ ପଛରେ ମୁସଲିମ ରାଷ୍ଟ୍ରଗୁଡ଼ିକ ଛିଡ଼ା ହେଲେଣି। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଅଶାନ୍ତିକୁ ପ୍ରଶମିତ କରିବା ଲାଗି ଅନ୍ତର୍ଜାତୀୟ ମଧ୍ୟସ୍ଥି ଆରମ୍ଭ ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଛି। କାତାର ରାଜଧାନୀ ଦୋହାରେ ହମାସ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ନେଇ ଚାଲିଥିବା ଆଲୋଚନା ୧୬ ଅଗଷ୍ଟରେ ସ୍ଥଗିତ ରହିଛି। ସେହି ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଟେଲିଫୋନ ମାଧ୍ୟମରେ କଥା ହୋଇ ପଶ୍ଚିମ-ଏସିଆରେ ଦେଖାଦେଇଥିବା ଉତ୍ତେଜନା ହ୍ରାସ କରିବା ଲାଗି ପ୍ରସ୍ତାବ ଦେଇଥିଲେ ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ହେଲେ ଲେବାନନର ଦକ୍ଷିଣ ଭାଗରେ ଇସ୍ରାଏଲର ଆକ୍ରମଣ ସୂଚାଇ ଦେଉଛି ଯେ, ଭାରତର ପ୍ରସ୍ତାବକୁ ନେତାନ୍ୟାହୁ ଖାତିର କରିନାହାନ୍ତି। ଶୁଣିବାକୁ ମିଳୁଥିଲା ଇସ୍ରାଏଲ ଉପରେ ଇରାନ୍ ଓ ହେଜବୋଲ୍ଲା ମିଳିତ ଆକ୍ରମଣ କରି ନେତ୍‌ନ୍ୟାହୁଙ୍କୁ ସିଧାସଳଖ ଚ୍ୟାଲେଞ୍ଜ ଦେବେ। ହେଲେ ଦୋହାଠାରେ ଚାଲିଥିବା ଶାନ୍ତି କଥାବାର୍ତ୍ତାକୁ ଅପେକ୍ଷା ଥିଲା। ଏବେ ଯୁଦ୍ଧବିରତି ଆଲୋଚନା ସ୍ଥଗିତ ହୋଇଯାଇଥିବାରୁ ସ୍ଥିତି ଆଗକୁ ଭୟଙ୍କର ହେବ ବୋଲି ଆଭାସ ମିଳିଲାଣି।

> **ଆମେରିକାର ସର୍ବଦା ଚେଷ୍ଟା ରହୁଛି ମଧ୍ୟପ୍ରାଚ୍ୟରେ ଅଶାନ୍ତ ସ୍ଥିତି ଲାଗି ରହୁ। ସେଠାକାର ତୈଳ ସମ୍ପଦ ଉପରେ ନଜର ସହ ଯୁଦ୍ଧ ପରିସ୍ଥିତି ଚାଲିଥିଲେ ସାମରିକ ସାମଗ୍ରୀ ବିକ୍ରି ବଢ଼ିଚାଲିବ। ତେଣୁ ଆମେରିକା ଭଳି ପ୍ରଭାବଶାଳୀ ଦେଶ ଯେପର୍ଯ୍ୟନ୍ତ ଯୁଦ୍ଧ ସ୍ଥିତିରୁ ଲାଭ ଉଠାଇପାରୁ ଥିବେ, ସେତେବେଳ ଯାଏ ବିଶ୍ୱରେ ନିଷ୍ଠାର ସହ ଯୁଦ୍ଧବିରତି ଚେଷ୍ଟା ହେବା କଷ୍ଟକର।**

ବର୍ତ୍ତମାନ ବିଶ୍ୱରେ ଯୁଦ୍ଧ ଭଳି ସ୍ଥିତି ଚାରିଆଡ଼େ ଦେଖିବାକୁ ମିଳୁଛି। ରୁଷିଆର ପଡ଼ୋଶୀ ଅଞ୍ଚଳ ଉପରେ ଦୃଷ୍ଟି ରହିଛି। ଫଳରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟୁନାହିଁ। ସେହିଭଳି ଚାଇନା ସର୍ବଦା ଦକ୍ଷିଣ ଚାଇନା ସାଗରରେ ସମସ୍ୟା ସୃଷ୍ଟି କରିବାରେ ଲାଗିଛି। ଏଭଳି ସ୍ଥଳେ ପାଶ୍ଚାତ୍ୟ ଦେଶ ବିଶେଷକରି ଆମେରିକା ପୃଥିବୀରେ ଦେଖାଦେଉଥିବା ଅନେକ ଅପ୍ରୀତିକର ସ୍ଥିତି ପାଇଁ ଦାୟୀ ବୋଲି କୁହାଯାଇପାରେ। କେବଳ ଦେଖେଇ ହେବା ପାଇଁ ଅନ୍ତର୍ଜାତୀୟ ମଧ୍ୟସ୍ଥ ଓ ଯୁଦ୍ଧବିରତି କଥା ଉଠାଉଛି। ଆନ୍ତରିକତାର ସହ ପଦକ୍ଷେପ ନିଆଯାଉ ନ ଥିବାରୁ ଅନେକ ଆଲୋଚନା ବିଫଳ ହୋଇଯାଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଗଠିତ ଜାତିସଂଘ ଶାନ୍ତି ରକ୍ଷା ଦିଗରେ ବଡ଼ ସଙ୍ଗଠନ ଭାବେ କାର୍ଯ୍ୟ କରିବ ବୋଲି ଯେଉଁ ଆଶା ଓ ଭରସା ଥିଲା, ତାହା ଏବେ ତା'ର ଭୂମିକା ନିର୍ବାହ କରିବାରେ ଅସହାୟ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ଆମେରିକାର ସର୍ବଦା ଚେଷ୍ଟା ରହୁଛି ମଧ୍ୟପ୍ରାଚ୍ୟରେ ଅଶାନ୍ତ ସ୍ଥିତି ଲାଗି ରହୁ। ସେଠାକାର ତୈଳ ସମ୍ପଦ ଉପରେ ନଜର ସହ ଯୁଦ୍ଧ ପରିସ୍ଥିତି ଚାଲିଥିଲେ ସାମରିକ ସାମଗ୍ରୀ ବିକ୍ରି ବଢ଼ିଚାଲିବ। ତେଣୁ ଆମେରିକା ଭଳି ପ୍ରଭାବଶାଳୀ ଦେଶ ଯେପର୍ଯ୍ୟନ୍ତ ଯୁଦ୍ଧ ସ୍ଥିତିରୁ ଲାଭ ଉଠାଇପାରୁ ଥିବେ, ସେତେବେଳ ଯାଏ ବିଶ୍ୱରେ ନିଷ୍ଠାର ସହ ଯୁଦ୍ଧବିରତି ଚେଷ୍ଟା ହେବା କଷ୍ଟକର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | | 9 | |
| | | 6 | 7 | | 1 | | | 4 |
| | 3 | 1 | | | 6 | | 8 | |
| | | | | | | | 5 | 2 |
| | 1 | | | 5 | | 9 | | |
| | 2 | 4 | | | | | | |
| | | | | 9 | | 6 | 1 | |
| 1 | | | | | | | 7 | |
| | 4 | | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 7 | 9 | 2 | 1 | 4 | 5 | 6 |
| 6 | 1 | 4 | 8 | 3 | 5 | 2 | 9 | 7 |
| 9 | 2 | 5 | 6 | 4 | 7 | 3 | 8 | 1 |
| 2 | 7 | 8 | 1 | 5 | 4 | 9 | 6 | 3 |
| 3 | 5 | 6 | 7 | 9 | 2 | 8 | 1 | 4 |
| 1 | 4 | 9 | 3 | 6 | 8 | 5 | 7 | 2 |
| 7 | 9 | 1 | 2 | 8 | 3 | 6 | 4 | 5 |
| 5 | 6 | 2 | 4 | 7 | 9 | 1 | 3 | 8 |
| 4 | 8 | 3 | 5 | 1 | 6 | 7 | 2 | 9 |

ଗତକାଲିର ଉତ୍ତର

# ସେ କାଳର ଜନପ୍ରତିନିଧି



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଗଣତନ୍ତ୍ର ହେଉଛି ଗଣର ଶାସନ। ସଂସଦ ହେଉ ବା ବିଧାନସଭା ହେଉ, ଏହି ଗଣ ପ୍ରତିନିଧିମାନେ ଆମ ପାଇଁ ଆଇନ ତିଆରି କରନ୍ତି। ଆଶା କରାଯାଏ, ଏମାନେ ଆଇନ ତିଆରି କଲାବେଳେ ନିଜ ସ୍ୱାର୍ଥ ବିଷୟରେ ଚିନ୍ତା ନ କରି ଗଣର ସ୍ୱାର୍ଥ ବିଷୟରେ ଚିନ୍ତା କରନ୍ତି। ସେଠାରେ ତାଙ୍କର ବିଚାର ବା ପ୍ରସ୍ତାବ ରାଜ୍ୟ ଓ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପ୍ରତିନିଧିତ୍ୱ କରେ। ଏଣୁ ଦେଶର ଶାସନ କଥା ଚିନ୍ତା କଲାବେଳେ ସେମାନଙ୍କ ପାଖରୁ ଆମେ ମାନବୀୟ ସଂବେଦନା ଆଶା କରୁ। ମାତ୍ର ଆଜିକାଲି ସଂସଦ ଓ ବିଧାନସଭା ଚାଲିଥିବାବେଳେ ଯେଉଁ କୁତ୍ସିତ ଦୃଶ୍ୟ ଅଭିନୀତ ହୁଏ, ତାହା ବୁଦ୍ଧିଜୀବୀମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇପଡ଼େ। ଗୃହ ମଧ୍ୟରେ ଆଲୋଚନା ହେଲାବେଳେ ପ୍ରବଳ ହଟ୍ଟଗୋଳ, ଉଚବାଚ, ମୁଠ ମରାମରି, ମାଇକ୍‌ଫିଙ୍ଗା, ବାଚସ୍ପତିଙ୍କ ଟେବୁଲ ଉପରକୁ ଚଢ଼ିବା, ଝାଞ୍ଜ ବଜାଇବା, ସ୍ଲୋଗାନ ଦେବା ଆଦି ଆଜିକାଲି ସାଧାରଣ ଘଟଣା ହୋଇଗଲାଣି। ଯେଉଁମାନେ ଏସବୁ କରନ୍ତି, ସେମାନଙ୍କ ମଧ୍ୟରେ ଅନେକ ଉଚ୍ଚଶିକ୍ଷିତ ଓ ସଂଭ୍ରାନ୍ତ ବିଧାୟକ/ସାଂସଦ ଥାଆନ୍ତି। ବେଳେବେଳେ ସଦସ୍ୟମାନଙ୍କ ମଧ୍ୟରେ ଏଭଳି ବିଶୃଙ୍ଖଳିତ ଆଚରଣ ପାଇଁ ବାଚସ୍ପତିଙ୍କୁ ଗୃହକୁ ମୁଲତବୀ କରିବାକୁ ପଡ଼େ। ବିଡ଼ମ୍ବନାର ବିଷୟ ହେଲା, ମାନବୀୟ ସଂବେଦନା ଦାବି କରୁଥିବା ଘଟଣା ସଂପର୍କରେ ଆଲୋଚନା ଚାଲିଥିବାବେଳେ ମଧ୍ୟ ଅନେକ ସଦସ୍ୟା ସଦସ୍ୟ ତାଙ୍କର ପାରିବାପଣ ପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏପରି ହଟ୍ଟଗୋଳ ସୃଷ୍ଟି କରନ୍ତି ଯେ, ସମ୍ବେଦନଶୀଳ ବିଷୟବସ୍ତୁରୁ ଧ୍ୟାନ ହଟିଯାଏ। ସେହି ପ୍ରତିବାଦରେ ନା ଥାଏ ସଂବେଦନା ନା ଉଦ୍‌ବେଗ। କେବଳ ଥାଏ ଆମେ ପ୍ରତିବାଦ କରୁଛୁ ବୋଲି ଜାହିର କରି ଅହଂର ପ୍ରଦର୍ଶନ କରିବା। ଯେଉଁ ଜନପ୍ରତିନିଧିମାନେ ଏଭଳି ବ୍ୟବହାର କରନ୍ତି, ସେମାନଙ୍କୁ ଅନ୍ତତଃ ଅତୀତର ଦୁଇଜଣ ଜନପ୍ରତିନିଧିଙ୍କ ସଂପର୍କରେ ସ୍ମରଣ କରାଇ ଦିଆଯାଇପାରେ।

୧୯୫୨ ମସିହା କଥା। ଆଇନ୍‌ଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱର କେତେକ ତ୍ରୁଟି ପ୍ରତି ଦୃଷ୍ଟି ଆକର୍ଷଣ କରି ବିଖ୍ୟାତ ଗଣିତଜ୍ଞ ସତ୍ୟେନ ବୋଷ୍ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ରାଜ୍ୟ ସଭା ସଦସ୍ୟ ଭାବରେ ସଂସଦରେ ଯୋଗ ଦେଇଥା'ନ୍ତି। ସେତେବେଳେ ସିମ୍‌ଲାରେ ଆନ୍ଦୋଳନକାରୀ ରେଳ ଶ୍ରମିକ ଓ ପୋଲିସ ମଧ୍ୟରେ ସଂଘର୍ଷ ହେବାରୁ ପୋଲିସ ଗୁଳି ଚଳାଇଥିଲା ଓ ସେଥିରେ ଆଠଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ସେଥିପାଇଁ ରାଜ୍ୟ ସଭାରେ ମୁଲତବୀ ପ୍ରସ୍ତାବ ଉପରେ ବିତର୍କ ଚାଲିଥିଲା। ଅଧ୍ୟକ୍ଷ ଭାବରେ



କାର୍ଯ୍ୟ ପରିଚାଳନା କରୁଥା'ନ୍ତି ଡ. ରାଧାକ୍ରିଷ୍ଣନ୍। ହଠାତ୍ ସମସ୍ତଙ୍କ ଦୃଷ୍ଟି ପଡ଼ିଲା ସବା ପଛ ବେଞ୍ଚରେ ବସିଥିବା ପ୍ରଫେସର ସତ୍ୟେନ୍ ବୋଷ୍‌ଙ୍କ ଉପରେ। ସ୍ୱଭାବତଃ ସେ ଅଳ୍ପଭାଷୀ, ମାତ୍ର ଖୁବ୍ ମନନଶୀଳ ଓ ସମ୍ବେଦନଶୀଳ। ସେ ପଛସିଟ୍‌ରୁ ହଠାତ୍ କାନ୍ଦି କାନ୍ଦି ବଡ଼ ପାଟିରେ କହିବା ଆରମ୍ଭ କଲେ, ''ମଣିଷର ସବୁ ଜ୍ଞାନବିଜ୍ଞାନ ଯଦି ଗୋଟିଏ ଜୀବନ ସୃଷ୍ଟି କରି ନ ପାରେ, ତାହେଲେ ସେ ଗୁଳିଚଳାଇ ମଣିଷର ଜୀବନ ନାଶ କରିବ କେଉଁ ଅଧିକାରରେ ?'' କାନ୍ଦି କାନ୍ଦି ବାରମ୍ବାର ସେ ଏହି କଥା କହି ସିଧା ଅଧ୍ୟକ୍ଷଙ୍କୁ ସମ୍ବୋଧନ କରି ସେହି ପ୍ରଶ୍ନର ପୁନରାବୃତ୍ତି କଲେ। ପ୍ରଫେସର ସତ୍ୟେନ୍ ବୋଷ୍‌ଙ୍କ ଏହି କଥା ପଦକରେ ବିତର୍କ ବନ୍ଦ ହୋଇଗଲା। ଡ. ରାଧାକ୍ରିଷ୍ଣନ୍ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ ଓ କହିଲେ, ''ଗୁଳିକାଣ୍ଡ ସମ୍ପର୍କରେ ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି ଉଠିଛି। ସରକାର ଏ ସମ୍ପର୍କରେ ଯଥାବିଧି ତଦନ୍ତ କରାଇବେ। ଆପଣଙ୍କ ଯଦି କିଛି କହିବାର ଥାଏ, ତାହେଲେ ନିଜ ସିଟ୍‌କୁ ଯାଇ କହନ୍ତୁ। ମୁଁ ଅନୁମତି ଦେଉଛି।'' ମାତ୍ର ପ୍ରଫେସର ବୋଷ୍‌ଙ୍କ କୋହ ବୃଦ୍ଧି ପାଉଥିଲା ଓ ତାଙ୍କର ସେହି ଜିଜ୍ଞାସାର ବିରତି ହୋଇ ନ ଥିଲା। ସେହିଭଳି କାନ୍ଦି କାନ୍ଦି ମଣିଷ ମଣିଷକୁ ମାରିବାର କି ଅଧିକାର ଅଛି ବୋଲି ପଚାରି ପଚାରି ସଂସଦ ଗୃହରୁ ସେ ବାହାରକୁ ଚାଲିଆସିଲେ। ସେଦିନ ପ୍ରଫେସର ବୋଷ୍‌ଙ୍କଠାରେ ମାନବୀୟ ସମ୍ବେଦନାର ଯେଉଁ ପରାକାଷ୍ଠା ପ୍ରକାଶ ପାଇଥିଲା, ତାହା ଆଜି କେବଳ ସ୍ମୃତିର ବିଷୟ।

ଗୋପବନ୍ଧୁ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ପ୍ରତିନିଧି ଥାଆନ୍ତି। ୧୯୨୦ ମସିହା କଥା। ସେତେବେଳେ ଚାରିଆଡ଼େ ବନ୍ୟା। ଅର୍ଦ୍ଧରାତ୍ର ସମୟ। ଭୀଷଣ ବର୍ଷା ହେଉଥାଏ। ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ହଠାତ୍ ବିକଳ କ୍ରନ୍ଦନ ଶୁଣିଲେ। ଆଲୁଅ ଜାଳି ଦେଖିଲେ ଗୋପବନ୍ଧୁ ଛୋଟ ଶିଶୁଙ୍କ ଭଳି ଭୋ ଭୋ କାନ୍ଦୁଛନ୍ତି। ପଣ୍ଡିତ ଗୋଦାବରୀଶ ପଚାରିଲେ, 'କଣ ହେଲା ?' ଗୋପବନ୍ଧୁ କାନ୍ଦି କାନ୍ଦି କହିଲେ, ''ଆଜି ବନ୍ୟାଞ୍ଚଳକୁ ଯାଇଥିଲି। ଲୋକଙ୍କ ଦୁଃଖ କହିଲେ ନ ସରେ। କାହାରି ଘରେ ଚାଳ ନାହିଁ। ବର୍ଷାରେ ସେମାନେ ରହିବେ କିପରି ?'' ସେହି ବର୍ଷ ବ୍ୟବସ୍ଥାପକ ସଭାରେ ଓଡ଼ିଶାର ବନ୍ୟା ଓ ମରୁଡ଼ିର ଚିତ୍ରକୁ ସେ ଯେଭଳି ଭାବବିହ୍ୱଳ ଭାବରେ ଉପସ୍ଥାପନ କରିଥିଲେ, ତାହା ସମସ୍ତଙ୍କୁ ଚକିତ କରିଦେଇଥିଲା। ସେ କହିଥିଲେ, ''ଏ ଦେଶରେ ଯଦି କୌଣସି ଲୋକ ଉପବାସରେ ମୃତ୍ୟୁବରଣ କରେ, ତେବେ ତାର ନିଃଶ୍ୱାସ ସରକାରଙ୍କ ଉପରେ ପଡ଼ିବ। ସରକାର ଦୁଃଖୀ ଦରିଦ୍ର ଜନତାର ମୁହଁରେ ଅନ୍ନ ଦିଅନ୍ତୁ।'' ଏତିକି କହୁ କହୁ ଗୋପବନ୍ଧୁ ବ୍ୟବସ୍ଥାପକ ସଭାରେ ଭୋ ଭୋ ହୋଇ କାନ୍ଦି ଉଠିଲେ। ସଭାଟି ସ୍ତବ୍ଧ ହୋଇଗଲା। ଲାଟ୍ ସାହେବଙ୍କ ହୃଦୟ ତରଳିଗଲା ଓ ସେ ନିଜେ ବନ୍ୟାଞ୍ଚଳକୁ ଆସି ଲୋକଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖି ସାହାଯ୍ୟ ଯୋଗାଇ ଦେଇଥିଲେ।

ସେହି ସମୟରେ ଆମ ଜନପ୍ରତିନିଧିମାନଙ୍କ ଆଖିରୁ ଯେଭଳି ଲୁହ ବହୁଥିଲା, ଆଜି କାହିଁ ସେ ଲୁହ ? ସଂସଦରେ ବା କ୍ଷେତ୍ର ପରିଦର୍ଶନ କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କଲାବେଳେ ନ ଥାଏ କୌଣସି ସମ୍ବେଦନା, ବରଂ ଥାଏ ନିଜର ଫଟୋ ଉଠାଇ ତାକୁ ପ୍ରଚାରିତ ଓ ପ୍ରସାରିତ କରିବାର ବିକଳ ପ୍ରଚେଷ୍ଟା। ଏହି ପ୍ରସଙ୍ଗରେ ସ୍ମରଣକୁ ଆସେ ଗୋପବନ୍ଧୁଙ୍କ ଜୀବନର ଆଉ ଏକ ଘଟଣା। ୧୯୨୭ ମସିହା କଥା। ଲାଲ୍ ଲଜପତରାୟ 'ଅନ୍‌ହେପି ଇଣ୍ଡିଆ' ଶୀର୍ଷକରେ ଏକ ବହି ଲେଖୁଥାନ୍ତି। ସେଥିରେ ସେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ସମୟରେ ସେବା କରୁଥିବା ଗୋପବନ୍ଧୁଙ୍କ ସମ୍ପର୍କରେ କିଛି ଲେଖିବା ପାଇଁ ତାଙ୍କୁ ଏକ ଫଟୋ ଦେବାପାଇଁ ଅନୁରୋଧ କଲେ। ଗୋପବନ୍ଧୁ ଫଟୋ ପଠାଇଲେ ନାହିଁ ଓ ଲେଖିଲେ ''ମୁଁ ଦେଶର ଜଣାଶୁଣା ହୋଇ ଖ୍ୟାତି ପାଇବା ପାଇଁ କେବେହେଲେ ଇଚ୍ଛା କରି ନାହିଁ। ଲୋକେ ଜାଣିବାରେ କ'ଣ ମିଳିବ ?''

ଏହି ପ୍ରସଙ୍ଗରେ ବିଶିଷ୍ଟ ଲେଖକ ମନୋଜ ଦାସ ସମ୍ରାଟ୍ ନିରୋଙ୍କ ସମ୍ପର୍କିତ ଏକ ଜନଶ୍ରୁତି ମନେପକାଇ ଦେଇଛନ୍ତି। ଦିନେ ନିରୋ ଲୋକଙ୍କ ଦୁର୍ଦ୍ଦଶା କଥା ଭାବି କାନ୍ଦିବାର ପ୍ରେରଣା ଅନୁଭବ କରିଥିଲେ। କାନ୍ଦ କାନ୍ଦ ଅବସ୍ଥାରେ ଜଣେ କର୍ମଚାରୀଙ୍କୁ ସେ କହିଲେ, ''ଛିଡ଼ା ହୋଇ ଦେଖୁଛ କ'ଣ ? ମୋ ଲୁହ ତଳେ ପଡ଼ି ନଷ୍ଟ ହେବା ପୂର୍ବରୁ ଧରିରଖ।'' ସେ ଦୌଡ଼ିଯାଇ ଏକ ସୁନାର ପାତ୍ର ନେଇ ଆସିଲା। ଲେଖକ କହିଛନ୍ତି, ''ସେ ଯୁଗରେ ଫଟୋଗ୍ରାଫର ଥିଲେ ନିରୋ ଅବଶ୍ୟ ସେମାନଙ୍କୁ କ୍ୟାମେରା ସଜଡ଼ା ସଜଡ଼ି କରିବାର ସୁଯୋଗ ଦେଇ ଅଶ୍ରୁପାତ କରିଥାନ୍ତେ। ସୁନାପାତ୍ର ଆସିବାବେଳକୁ ଲୁହ ତଥାପି ଉଦ୍‌ଗତ ଅବସ୍ଥାରେ ଥିଲା କି ଶୁଖିଯାଇଥିଲା ଜଣାନାହିଁ। ନିରୋଙ୍କ ସମ୍ପର୍କିତ ଏହି କାହାଣୀ ଅତିରଞ୍ଜିତ ହୋଇପାରେ। ମାତ୍ର ଆଜିର ଜନପ୍ରତିନିଧିମାନଙ୍କ ଆଚରଣକୁ ଲକ୍ଷ୍ୟ କଲେ ସେମାନେ ଯେ ନିରୋଙ୍କ ପର୍ଯ୍ୟାୟରେ ପଡ଼ିବେ, ଏକଥା କହିଲେ ବୋଧହୁଏ ଅତିରଞ୍ଜନ ହେବ ନାହିଁ।'' ସମ୍ପ୍ରତି ପ୍ରଫେସର ସତ୍ୟେନ ବୋଷ ଓ ଗୋପବନ୍ଧୁଙ୍କ ଭଳି ଜନପ୍ରତିନିଧିମାନଙ୍କୁ ଖୋଜିଲେ ନିରାଶ ହେବାକୁ ପଡ଼ିବ, ଏଥିରେ ସନ୍ଦେହ ନାହିଁ।

ମୋ:୯୪୩୭୩୨୯୨୬୩

# ଡିଜିଟାଲ ଡ୍ରଗ୍ସ



ଡା. ସମ୍ରାଟ କର

ଡିଜିଟାଲ ଦୁନିଆ ପାଇଁ ଆମ ସମସ୍ତଙ୍କ କାର୍ଯ୍ୟପ୍ରଣାଳୀ ଯେତିକି ସହଜ ହୋଇପାରିଛି, ଯୁବପିଢ଼ି ଓ ଶିଶୁଙ୍କ ଉପରେ ସେତିକି କୁପ୍ରଭାବ ପଡ଼ିଛି। ସାଧାରଣ ଜୀବନରେ ଏହା ଅନେକଙ୍କ ପାଇଁ ଏକ ଅତ୍ୟାବଶ୍ୟକତା ପାଲଟିଗଲାଣି। ଓଡ଼ିଆରେ ଏକ ଲୋକକଥା ଅଛି 'ଦେଖାଶିଖା ଓଡ଼ିଶା'। ଅର୍ଥାତ୍ ନ ଜାଣି ନ ବୁଝି ଆମ ପାଖରେ ଜଣେ ଯଦି ଏକ ଭିନ୍ନ ଆଚରଣ ବା ଢଙ୍ଗରଙ୍ଗ ଦେଖାଏ ଆମ୍ଭେମାନେ ସେହିପରି ନିଜକୁ ଅଭ୍ୟସ୍ତ କରାଇଲେ। କିଛିଦିନ ହେବ ବିଶେଷ ଭାବରେ ଟିନ୍‌ଏଜମାନେ ଦକ୍ଷିଣ କୋରିଆନ ମ୍ୟୁଜିକ ବ୍ୟାଣ୍ଡ ବିଟିଏସ୍ ପାଇଁ ପାଗଳ ହୋଇଉଠିଛନ୍ତି। କେବଳ ସଙ୍ଗୀତ ନୁହେଁ, ତାଙ୍କ ଭଳି ପୋଷାକ ପିନ୍ଧିବା ଏବଂ ତାଙ୍କର ଖାଦ୍ୟ ଶୈଳୀକୁ ଅନୁସରଣ କରୁଛନ୍ତି। ଏ କ୍ଷେତ୍ରରେ କେତେ ଜଣ ପିଲା ହସ୍ପିଟାଲରେ ଭର୍ତ୍ତି ହୋଇଥିବାର ଖବର ମିଳିଛି। ଏହାକୁ ଆମ ମନସ୍ତାତ୍ତ୍ୱିକ ଭାଷାରେ ଡିଜିଟାଲ ଡ୍ରଗ୍ସ ବୋଲି ବୁଝାଯାଇଥାଏ। ଏହାକୁ 'ବାଇନୋରଲ୍ ବିଟ୍ସ' ବା 'ଅଡିଓ ଡ୍ରଗ୍ସ' ମଧ୍ୟ କୁହାଯାଏ। ପ୍ରକୃତରେ ଡିଜିଟାଲ ଡ୍ରଗ୍ସର ଅର୍ଥ ହେଉଛି, ଉଚ୍ଚ ଧ୍ୱନିସମ୍ପନ୍ନ ସଙ୍ଗୀତ ଶୁଣିବାର ଏକ ଅଭ୍ୟାସ। ଯଦି ସେଭଳି ସଙ୍ଗୀତ ଶୁଣିବାକୁ ନ ମିଳେ, ତେବେ ଡ୍ରଗ୍ସ ଅଭାବରେ ହେଉଥିବା ଲକ୍ଷଣଗୁଡ଼ିକ ଦେଖାଯାଏ। ଏହି ସଙ୍ଗୀତରେ ଦୁଇଟି ଭିନ୍ନ ଫ୍ରିକ୍ୱେନ୍ସିର ସଙ୍ଗୀତ ତରଙ୍ଗ କାନ ଦ୍ୱାରା ମସ୍ତିଷ୍କକୁ ଯାଇଥାଏ, ଯାହା ମନୋରଞ୍ଜନ କରେ। ଏହାକୁ ଶୁଣିବା ଦ୍ୱାରା ମାଦକଦ୍ରବ୍ୟ ଖାଇବା ଭଳି ଅନୁଭୂତ ହୁଏ। ସୋସିଆଲ ମିଡ଼ିଆରେ ଏଭଳି ସଙ୍ଗୀତର ଅଡିଓ ଓ ଭିଡିଓ ରହିଛି, ଯାହାକୁ ଶୁଣିବା ପରେ ଯୁବଗୋଷ୍ଠୀ ମାନସିକ ଅସୁସ୍ଥତାରେ ପୀଡ଼ିତ ହେଉଛନ୍ତି। ଏହି ମାନସିକ ଅସୁସ୍ଥତାର ଶିକାର ଅଧିକାଂଶ କେବଳ ଯୁବପିଢ଼ି ନୁହନ୍ତି କର୍ମଜୀବୀଙ୍କ ଭିତରେ ଏହା ବଢ଼ୁଥିବାରୁ ସେମାନଙ୍କ କର୍ମ ସଂସ୍ଥାନରେ ବିଶୃଙ୍ଖଳା ସହ ବ୍ୟକ୍ତିଗତ ଜୀବନରେ ମଧ୍ୟ କେତେକ ବିଲକ୍ଷଣ ସୃଷ୍ଟି କରିବା ସ୍ୱାଭାବିକ। ପ୍ରାଥମିକ ଅବସ୍ଥାରେ ଏହି 'ବାଇନୋରଲ୍ ବିଟ୍ସ'ର ସହଜ ଶିକାର ହେଉଥିବା ଲୋକମାନେ ପରବର୍ତ୍ତୀ ସମୟରେ ଉଚ୍ଚ ଫ୍ରିକ୍ୱେନ୍ସିର କେବଳ ସଂଗୀତ ନୁହେଁ କଥାବାର୍ତ୍ତା ଶୁଣିବାକୁ ଭଲପାଆନ୍ତି, ଯାହାକି କେବଳ ଏକ ପ୍ରକାର ମାନସିକ ବିକାରତା ନୁହଁ ବରଂ ଏକ ସାମାଜିକ ବିକାରତା। କାରଣ ଉଚ୍ଚ ଧ୍ୱନି ବା ସଂଗୀତ କିମ୍ବା କଥାବାର୍ତ୍ତା ଆପଣଙ୍କ ଆଖପାଖର ପରିବେଶକୁ ଖରାପ କରିଥାଏ। ଅନ୍ୟମାନଙ୍କ ପାଇଁ ଏହା ଶ୍ରୁତିକଟୁ ହେବା ମଧ୍ୟ ସ୍ୱାଭାବିକ ଏବଂ ଏହାକୁ ନେଇ ବେଳେ ବେଳେ କୌଣସି କୌଣସି ସ୍ଥାନରେ ଅଭାବନୀୟ ଘଟଣା ଘଟିବାର ନଜିର ମଧ୍ୟ ରହିଛି।

ଗୋଟିଏ କାନରେ ୫୦୦ ହର୍ଜ ଏବଂ ଦ୍ୱିତୀୟ କାନରେ ୫୨୦ ହର୍ଜର ଫ୍ରିକ୍ୱେନ୍ସି ସଙ୍ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କରେ ଏକ ଅଡିଟରି ଇଲ୍ୟୁଜନ ସୃଷ୍ଟି ହୋଇଥାଏ। ଏହାପରେ ମସ୍ତିଷ୍କରୁ ଆସୁଥିବା ବାୟୋଫିଡ଼ବ୍ୟାକ ଦ୍ୱାରା ଶାନ୍ତି ଓ ଖୁସିର ଅନୁଭବ ହୁଏ। ଅନେକଥର ଏଭଳି ସଙ୍ଗୀତ ଶୁଣିବା ଦ୍ୱାରା ବ୍ୟକ୍ତି ଭାବୁକ ହୋଇଉଠେ, ଭୁଲ୍ ଠିକର ବିଚାର କରିବାର ଶକ୍ତି ହରାଇବସେ, ନିଜ ଦୈନନ୍ଦିନ କାମରେ ରୁଚି ରଖେନାହିଁ, ହାତ ଗୋଡ଼ ଦୁର୍ବଳ ହେଲା ଭଳି



ଅନୁଭବ ହୁଏ, ମାଂସପେଶୀ ଟାଣି ହୋଇଗଲା ଭଳି ମନେହୁଏ। ତେଣୁ ଏହି ସଙ୍ଗୀତକୁ ଭାଙ୍ଗ ବିଟ୍ସ ମଧ୍ୟ କୁହାଯାଏ। ଯଦି ଏହି ସଙ୍ଗୀତ ଗୋଟିଏ ଦିନ ଶୁଣିବାକୁ ନ ମିଳେ, ତା'ହେଲେ ଆକ୍ରମଣାତ୍ମକ ବ୍ୟବହାର, ବ୍ୟସ୍ତ ବିବ୍ରତ ଚିନ୍ତାଧାରା, ଅସ୍ତବ୍ୟସ୍ତ ଲାଗିବା ଭଳି ଲକ୍ଷଣ ଦେଖାଯାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡିଜିଟାଲ ଡ୍ରଗ୍ସର ଅଭ୍ୟାସ କବଳରେ ୫.୩% କମ ବୟସର ପିଲାମାନେ ଅଛନ୍ତି। ଏହାକୁ ଦୂର କରିବା ପାଇଁ ମନୋଚିକିତ୍ସକଙ୍କ ପରାମର୍ଶ ସହ ସିବିଟି (କଗ୍‌ନିଟିଭ ବିହେଭିଅର ଥେରାପି) ନେବା ଉଚିତ। ପିଲାମାନେ ଏଥିରେ ଏପରି ଆସକ୍ତ ହୋଇପଡ଼ିଥାନ୍ତି ଯେ ସେମାନେ କେବଳ ନିଜ ପାଠପଢ଼ା ନୁହେଁ, ନିଜ ଖାଇବା ପିଇବାକୁ ମଧ୍ୟ ଏକ ପ୍ରକାର ଭୁଲି ଯାଇଥାନ୍ତି। ସେମାନଙ୍କ ଶାରୀରିକ ଅଭିବୃଦ୍ଧି ଓ ସୃଜନଶୀଳତା ସବୁକିଛି ବାଧାପ୍ରାପ୍ତ ହୋଇଥାଏ। ସେହିପରି ଆପଣଙ୍କ ନିତିଦିନିଆ ଜୀବନରେ ଅତ୍ୟଧିକ ସମୟ କାନରେ ହିୟରିଂଏଡ ଦେଇ ସଙ୍ଗୀତ ଶୁଣିବା ହେଉ ବା ମୋବାଇଲ ବ୍ୟବହାର ଏହା ଖରାପ ନିଶ୍ଚୟ। ଏହା କାନକୁ ପ୍ରଭାବିତ କରିବା ସହ ଜଣକୁ ନିଜେ ଉପସ୍ଥିତ ଥିବା ସ୍ଥାନଠାରୁ ଏକ ପ୍ରକାର ଅସ୍ୱାଭାବିକ କରିଦିଏ, ଯାହାପାଇଁକି ଅନେକ ସମୟରେ ଦୁର୍ଘଟଣାର ଅଘଟଣ ସୃଷ୍ଟି କରିଥାଏ। ଅନେକେ ଏହାକୁ ନିଜ ଭୋକଶୋଷ ଭୁଲି କାମଧନ୍ଦାକୁ ଅବହେଳା କରିଥାନ୍ତି। ସେମାନଙ୍କ ଜୀବନର ରୁଟିନ ଏକ ଭିନ୍ନ ଢଙ୍ଗରେ ଚାଲିଥାଏ। ଘଣ୍ଟା ଘଣ୍ଟା ଧରି ଏହା କାନରେ ରହିବା ଦ୍ୱାରା ପ୍ରଥମତଃ ଜଣଙ୍କ ଏକାଗ୍ରତା ନଷ୍ଟ ହୋଇଥାଏ, ଦ୍ୱିତୀୟତଃ ଏହା ଆପଣଙ୍କ ପରବର୍ତ୍ତୀ ସମୟରେ ଶ୍ରବଣ ଶକ୍ତି ଉପରେ ଗୁରୁତର ପ୍ରଭାବ ପକାଇଥାଏ। ବିଶେଷକରି କାନ ଝିଲ୍ଲୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ମଧ୍ୟ ରହିଥାଏ। ପରବର୍ତ୍ତୀ ସମୟରେ ଏହା ଅନେକ ଅସୁବିଧାର କାରଣ ହୋଇଥାଏ। ଅନେକେ ଏହାପରେ ବିଭିନ୍ନ ନିଶା ସେବନର ଅଭ୍ୟାସ କରିଥାନ୍ତି, ଠିକ ସମୟରେ ନିଦ ହୋଇ ନ ଥାଏ ଏବଂ ଜଣେ ଅଯଥାରେ ଅନ୍ୟମାନଙ୍କ ଉପରେ ଚିଡ଼ିଚିଡ଼ା ବ୍ୟବହାର ମଧ୍ୟ ଦେଖାଇଥାଏ। ତେଣୁ ଏହାଠାରୁ ଦୂରେଇବା ସବୁଠାରୁ ଭଲ। ଜଣଙ୍କ ଜୀବନରେ ଯେତିକି ସମୟ ଆବଶ୍ୟକ ପଡୁଛି ସାମାଜିକ ଗଣମାଧ୍ୟମ ସହ ସକ୍ରିୟ ରୁହନ୍ତୁ ଏବଂ ମନେରଖନ୍ତୁ ଯେ, ଆପଣଙ୍କର ଜୀବନ ଅଛି, ଆପଣଙ୍କର କର୍ମ ସଂସ୍ଥାନ ଅଛି ଏବଂ ଘର ପରିବାର ଅଛି। ଏସବୁ ଭିତରେ ଭାରସାମ୍ୟ ରଖନ୍ତୁ। ଏ କ୍ଷେତ୍ରରୁ ଯଥା ସମ୍ଭବ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ପ୍ରଥମତଃ ନିଜ ସମୟ ଓ କାର୍ଯ୍ୟ ନିର୍ଘଣ୍ଟ ସହ ଆପଣଙ୍କ ପ୍ରତିଦିନର ରୁଟିନ ବନ୍ଧା ଜୀବନକୁ ଦେଖନ୍ତୁ। ଏହା ଯେପରି ଅନ୍ୟମାନଙ୍କ ପାଇଁ ବିରକ୍ତିକର ଓ ଶ୍ରୁତିକଟୁ ନ ହୁଏ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। କେହି କେହି କେବଳ ଶାରୀରିକ କ୍ରୀଡ଼ା କୌଶଳ, ବ୍ୟାୟାମ ବା ଜଗିଂ ବା ମର୍ନିଂୱାକ ନୁହେଁ ବରଂ ଯୋଗ ପ୍ରାଣାୟମ ସମୟରେ ମଧ୍ୟ ଏହାର ସାହାରା ନେଇଥାନ୍ତି, ଯାହାକି ଆଦୌ ଠିକ ନୁହେଁ। ଏହା ଯେପରି ଆପଣଙ୍କ ସର୍ବନିମ୍ନ ଖାଇବା ପିଇବା ଓ ବିଶ୍ରାମକୁ ଅସଜଡ଼ା ନ କରେ ସେ ଦିଗ ପ୍ରତି ସତର୍କ ରୁହନ୍ତୁ। କାରଣ ଅନେକଙ୍କ ଏହି କୁଅଭ୍ୟାସ କେବଳ ଘର ପରିବାରର ଜୀବନ ନୁହେଁ, ସେମାନଙ୍କ କର୍ମମୟ ବା କର୍ମ ସଂସ୍ଥାନର କ୍ଷେତ୍ରକୁ ପ୍ରଭାବିତ ମଧ୍ୟ କରିଥାଏ। ଆପଣଙ୍କ ସର୍ବନିମ୍ନ ଦୂରତାରେ କୌଣସି ଗୀତ ସଂଗୀତ ଭିତରେ ଯୋଗ ପ୍ରାଣାୟମ ବା ଅନ୍ୟ କାର୍ଯ୍ୟ କରିପାରନ୍ତି ଏହା ଏକ ଭଲ ଅଭ୍ୟାସ କିନ୍ତୁ ଆପଣଙ୍କ ଜୀବନଚର୍ଯ୍ୟା ଓ ଦାୟିତ୍ୱ ସହ ଜୀବନ ଚେତନାକୁ ଯେପରି ଏହା ଦୁଃଖଦର କାରଣ ନ ହୁଏ ଆପଣ ଏହାକୁ ବିଚାର କରି ଜୀବନକୁ ପ୍ରସ୍ତୁତ କରନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ୍, କଟକ
ମୋ : ୯୧୩୨୪୩୩୩୩୩**

## ଏଇ ଭାରତରେ

ଜୀବନର ମୋଡ଼ ମଣିଷକୁ କେଉଁଠୁ ନେଇ କେଉଁଠି ପହଞ୍ଚାଇ ଦିଏ ତାହା କହିବା ମୁସ୍କିଲ। ଯେମିତି ଘଟିଛି ଟ୍ରକ ଡ୍ରାଇଭର ରାଜେଶ ରୱାନୀଙ୍କ କ୍ଷେତ୍ରରେ। ଟ୍ରକ ଚଳାଇ ପରିବାର ପୋଷୁଥିବା ରାଜେଶ ହଠାତ୍ କୋଟିପତି ପାଲଟି ଯାଇଛନ୍ତି ତାହା ପୁଣି ଅଜାଣତରେ। ୨୫ ବର୍ଷ ହେବ ଟ୍ରକ୍ ଚଳାଉଥିବା ଝାଡ଼ଖଣ୍ଡ ଜାମତାରା ଅଞ୍ଚଳର ରାଜେଶ ବିଭିନ୍ନ ସ୍ଥାନକୁ ଗାଡ଼ି ନେଇ ଯାଆନ୍ତି। ରାଜେଶଙ୍କର ରୋଷେଇ କରିବାର ସୌକ ଥିବାରୁ ସେ କୌଣସି ସ୍ଥାନରେ ବି ହୋଟେଲରୁ କିଣି ଖାଆନ୍ତି ନାହିଁ। ଏକ ସୁନ୍ଦର ସ୍ଥାନ ଦେଖି ସେହିଠାରେ ରୋଷେଇ କରନ୍ତି ଓ ପରିବାର ଲୋକଙ୍କୁ ଜଣାଇବା ପାଇଁ ସେସବୁର ଭିଡିଓ ରେକର୍ଡିଂ କରି ପଠାନ୍ତି। ତାଙ୍କ ଦୁଇପୁଅ ଏହି ରୋଷେଇ ଭିଡିଓକୁ ଏକ ୟୁଟ୍ୟୁବ ଚ୍ୟାନେଲରେ ଅପ୍‌ଲୋଡ୍ କରନ୍ତି। ଧୀରେ ଧୀରେ ୟୁଟ୍ୟୁବରେ ତାଙ୍କ ଭିଡିଓକୁ ଲୋକେ ପସନ୍ଦ କରିବାରୁ ରାଜେଶଙ୍କୁ ସବୁଦିନ ଭିଡିଓ କରି ପଠାଇବାକୁ ଘରଲୋକ କହିଥିଲେ। ଏହା ସମ୍ଭବ ନ ହେବାରୁ ରାଜେଶଙ୍କ ସହ ତାଙ୍କ ପୁଅ ଯାଇ ବାପାଙ୍କ ରୋଷେଇ ସମୟର ଭିଡିଓ କରି ଅପଲୋଡ୍ କରିଥିଲେ। ୟୁଟ୍ୟୁବରେ ଏବେ ତାଙ୍କର ୧.୬୮ ମିଲିଅନ୍ ସବ୍‌ସ୍କ୍ରାଇବର ଅଛନ୍ତି। ତେଣୁ ମାସକୁ ତାଙ୍କର ଲକ୍ଷ ଲକ୍ଷ ଟଙ୍କା ରୋଜଗାର ହୋଇପାରୁଛି। ଆଗରୁ ସେ କେବଳ ଭଏସ୍ ଓଭର ଦେଇ ରେକର୍ଡିଂ କରୁଥିଲେ। ଥରେ ନିଜ ଚେହେରା ଦେଖାଇ ଏକ ଭିଡିଓ କରିବାରୁ ଏହା ଜୋର୍‌ଦାର ଭାଇରାଲ୍ ହୋଇଥିଲା ଓ ଗୋଟିଏ ଦିନରେ ସାଢେ ୪ ଲକ୍ଷ ଲୋକେ ଭିଡିଓକୁ ଦେଖିଥିଲେ। ଏବେ ରାଜେଶ ଜଣେ ସଫଳ ୟୁଟ୍ୟୁବର ଭାବେ କୋଟିପତି ପାଲଟି ଯାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ଅଗଷ୍ଟ ୧୯୭୫**

- ଦକ୍ଷିଣପୂର୍ବ ରେଳବାଇ ଦେଶରେ ପ୍ରଥମଥର ପାଇଁ ଯାତ୍ରୀମାନଙ୍କର ପ୍ରତିକ୍ରିୟା ଜାଣିବା ନିମନ୍ତେ ପ୍ରତିକ୍ରିୟା କାର୍ଡ ପ୍ରଚଳନ କରିଛନ୍ତି।
- ବିଶିଷ୍ଟ ଫୁଟବଲ ଖେଳାଳି ରାଜେନ୍ଦ୍ର ନାଥ ଘୋଷଙ୍କ ୮୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଏ ଶୋଭା ମୋର ମଉଳେ ନାହିଁ
ଏ ସୁଖେ ନାହିଁ କ୍ଲେଶ
ପୁରୁଣା ନୋହେ ନବୀନ ଚିର
ସାଜେଁ ମୁଁ ଯେଉଁ ବେଶ।
-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଳୁ ଲଙ୍କା

ମହାଶୟ,

ଆମ ରାଜ୍ୟର ଲୋକଙ୍କ ପ୍ରଧାନଖାଦ୍ୟ ଭାତ ଓ ମାଛ ସହିତ ଏବେ ଯୋଡି ହୋଇଯାଇଛି ଆଳୁ। ପରିବାର ଧନୀ ହେଉ କି ଗରିବ, ଆଳୁ ବିନା ରୋଷେଇ ଘର ଅନ୍ଧାର। କିନ୍ତୁ ଏବେ ରାଜ୍ୟ ଆଳୁ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହୋଇ ହଟହଟା ହେବାକୁ ପଡୁଛି। ପଶ୍ଚିମବଙ୍ଗ ଆଳୁର ମାନ ଭଲ ଓ ବାଟ ଖର୍ଚ୍ଚ କମ୍ ଥିବା ସତ୍ତ୍ୱେ ୟୁପି ଏବେ ଧାଇଁବାକୁ ପଡୁଛି। ଏବେ ଟିଏମ୍‌ସି ଦାଦାଗିରି ଦେଖାଉଥିବା ବେଳେ ଭବିଷ୍ୟତରେ ସପା ଗୁଣ୍ଡାଗିରି ଦେଖାଇବାର ସମ୍ଭାବନା ଅଛି। ଏଭଳି ପରିସ୍ଥିତିରେ ଆମ ରାଜ୍ୟର ଆଳୁଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ବମ୍ପର ପ୍ରୋତ୍ସାହନ ଘୋଷଣା କରିବା ଦରକାର। ଦୁର୍ନୀତି ଅଭିଯୋଗରେ ଧରାପଡୁଥିବା ବାବୁ ଓ ବାବୁଆଣୀଙ୍କ ପାଇଁ ଆଳୁଚାଷ ଏକ ଦଣ୍ଡ ଭଳି ବାଧ୍ୟ କରାଗଲେ ଭଲହୁଅନ୍ତା। ରାଜ୍ୟରୁ ଧନୀ ଆଳୁଚାଷୀ ନ ବାହାରିବା ପର୍ଯ୍ୟନ୍ତ ସମସ୍ୟା ସମାଧାନ ଅସମ୍ଭବ।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ରକ୍ଷାବନ୍ଧନ ଅବସରରେ ପୁରୀ ବେଳାଭୂମିରେ ରବିବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ ପ୍ରସ୍ତାବକୁ ସ୍ୱାଗତ

ପୁରୀ ୧୮।୮ (ଅଜିତ୍ କୁମାର ମହାନ୍ତି)

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କୁ ମାଗଣାରେ କିଛି ମହାପ୍ରସାଦ ବଣ୍ଟନ ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି ବୋଲି କହିଥିଲେ। ମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ସୁଆର ଓ ମହାସୁଆର ନିଯୋଗ ସ୍ୱାଗତ କରିଛି। ମନ୍ତ୍ରୀ କହିଥିଲେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ମହାପ୍ରସାଦ ଟିକେ ପାଇଗଲେ ତାକୁ ମାନସିକ ଶାନ୍ତି ମିଳିଥାଏ। ଏଦିଗରେ ସରକାର ଗମ୍ଭୀର ଭାବେ ଚିନ୍ତା କରୁଛନ୍ତି। ମାଗଣାରେ ଭକ୍ତଙ୍କୁ ମହାପ୍ରସାଦ ପ୍ରଦାନ କରାଯିବା ନେଇ ବ୍ୟବସ୍ଥା ହେଉଥିବା ଆଇନମନ୍ତ୍ରୀ ସୂଚନା ଦେବାପରେ ଶ୍ରୀମନ୍ଦିର ସୁଆର ମହାସୁଆର ପକ୍ଷରୁ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। ଏନେଇ ସୁଆର ମହାସୁଆର ନିଯୋଗର ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, ଏହା ଏକ ସୁନ୍ଦର ବ୍ୟବସ୍ଥା। ଚାରି ପାଞ୍ଚ ବର୍ଷ ପୂର୍ବେ ପ୍ରଶାସନ ପକ୍ଷରୁ ନିଯୋଗକୁ ଦାୟିତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ଦିନ ୪ଗୋଟି କାନିକା ହାଣ୍ଡି ଭକ୍ତଙ୍କୁ ବଣ୍ଟା ଯାଉଥିଲା। ତେବେ ତାହା କ୍ରମଶଃ ବନ୍ଦ ହୋଇଯାଇଥିଲା। ତେବେ ନୂତନ ସରକାର ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ମହାପ୍ରସାଦ କ୍ରୟ କରିବାରେ ସମର୍ଥ ନ ଥିବା ଭକ୍ତ ମହାପ୍ରସାଦ ପାଇପାରିବେ। ପ୍ରଶାସନ ଯାହା ଦାୟିତ୍ୱ ଦେବେ ତାହାକୁ ପାଳନ କରିବା ନିମନ୍ତେ ପ୍ରସ୍ତୁତ ରହିଛୁ। ତେବେ ଶ୍ରୀମନ୍ଦିର ଭିତରେ ପ୍ରସ୍ଥାନ କରୁଥିବା ଦ୍ୱାରରେ ଭକ୍ତଙ୍କୁ ମହାପ୍ରସାଦ ମିଳିଲେ ଭଲ ହେବ। ଭକ୍ତଙ୍କୁ ମହାପ୍ରସାଦ ବାଣ୍ଟିବାରେ କୌଣସି ସମସ୍ୟା ହେବ ନାହିଁ ବୋଲି ମହାସୁଆର ମତବ୍ୟକ୍ତ କରି କହିଛନ୍ତି।

ସେହିପରି ମହାପ୍ରଭୁଙ୍କ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ଆଗାମୀ ଦିନରେ ପୁରୀରେ ଏକ ବଡ଼ ବ୍ୟାଖ୍ୟାନ କେନ୍ଦ୍ର ଖୋଲାଯିବା ନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି ବୋଲି ମନ୍ତ୍ରୀ ପୃଥ୍ୱୀରାଜ କହିଥିଲେ। ଏହି ବ୍ୟାଖ୍ୟାନ କେନ୍ଦ୍ର ଜରିଆରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରାଯିବ। ମହାପ୍ରଭୁଙ୍କ ବିଭିନ୍ନ ବେଶ, ନୀତି କାନ୍ତି, ବ୍ୟବସ୍ଥାବଳୀ, ନୀତିନିୟମ, ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ତଥ୍ୟ ପ୍ରଦାନ କରାଯିବ। ଏହାଦ୍ୱାରା ଅନେକ ଅନ୍ୟ ଧର୍ମର ବ୍ୟକ୍ତି ଯେଉଁମାନେ ଜଗନ୍ନାଥ ସଂସ୍କୃତି ବିଷୟରେ ଜାଣିବାକୁ ଚାହୁଁଛନ୍ତି, ସେମାନେ ଏହି ବ୍ୟାଖ୍ୟାନ କେନ୍ଦ୍ରକୁ ଯାଇ ଏକ ସମ୍ପୂର୍ଣ୍ଣ ତଥ୍ୟ ପାଇପାରିବେ ବୋଲି ଆଇନ ମନ୍ତ୍ରୀ କହିଥିଲେ। ଏଥିସହିତ ପୁରୀକୁ ସାରା ଭାରତରେ ଏକ ନମ୍ବର ତୀର୍ଥସ୍ଥଳୀ କରିବା ପାଇଁ ଯାହା ଦରକାର ତାହା ରାଜ୍ୟ ସରକାର କରିବେ ବୋଲି ଆଇନମନ୍ତ୍ରୀ କହିଥିଲେ। ସେହିପରି ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୁବ୍‌ଶୀଘ୍ର ଯାଞ୍ଚ ଆରମ୍ଭ ହେବ। ଏନେଇ ମାର୍ଗଦର୍ଶିକା ପ୍ରସ୍ତୁତି ସରିଛି। ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯିବା ପରେ ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ଯାଞ୍ଚ ହେବ। ଅତ୍ୟାଧୁନିକ ଯନ୍ତ୍ର ତଥା ଜିପିଆର୍‌ଏସ୍ ସର୍ଭେ କରାଯାଇ ରତ୍ନଭଣ୍ଡାରରେ ସୁଡ଼ଙ୍ଗ ଅଛି କି ନାହିଁ, ତାହା ଯାଞ୍ଚ ହେବ। ମରାମତି ସରିବା ପରେ ରତ୍ନଅଳଙ୍କାର ଗଣତି ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଥିଲେ।

## ୬୧୭ ଫୁଟ୍‌ରେ ପହଞ୍ଚିଲା ହୀରାକୁଦ ଜଳଭଣ୍ଡାର ଜଳସ୍ତର

ସମ୍ବଲପୁର,୧୭।୮ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମଶଃ ବୃଦ୍ଧି ପାଇ ରବିବାର ରାତ୍ରି ସାଢ଼େ ୯ଟା ସୁଦ୍ଧା ୬୧୭.୩୭ ଫୁଟ୍‌ରେ ପହଞ୍ଚିଛି। ରବିବାର ହସ୍ତଗତ ଶେଷ ସୂଚନା ଅନୁସାରରେ ଜଳଭଣ୍ଡାରକୁ ପ୍ରତିସେକେଣ୍ଡରେ ହାରାହାରି ୬୬ ହଜାର ୦୮୭ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତିସେକେଣ୍ଡରେ ମୋଟ ହାରାହାରି ୩୭ ହଜାର ୪୮୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୩ ହଜାର ୮୨୦ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୬୫୮ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ମିଶି ମୋଟ ୨୭୭ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ୭.୦୪ ମିଲିମିଟର ଓ ତଳ ମୁଣ୍ଡରେ ୩.୨୪ ମିଲିମିଟର ବର୍ଷା ରେକର୍ଡ ହୋଇଛି।

## ଏସ୍‌ସିବିରେ ଆନ୍ଦୋଳନ ଜାରି, ଚିକିତ୍ସା ସେବାରେ ଅଚଳାବସ୍ଥା

କଟକ,୧୮।୮ (ଶିଳ୍ପା ପ୍ରିୟଦର୍ଶିନୀ)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତରୀ ସଂଘ(ଜେଡିଏ) ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏଥିଯୋଗୁ ଚିକିତ୍ସା ସେବାରେ ଅଚଳାବସ୍ଥା ଦେଖିବାକୁ ମିଳିଛି। ଜେଡିଏ ୩ ଦିନ ପୂର୍ବେ କାର୍ଯ୍ୟ ବନ୍ଦ ଡାକରା ଦେଇଥିଲା। ୭୨ ଘଣ୍ଟା ଭିତରେ ଦାବି ପୂରଣ ନ ହେଲେ କାଜୁଆଲ୍‌ଟି ସେବା ବନ୍ଦ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଇତିମଧ୍ୟରେ ରବିବାର ୭୨ ଘଣ୍ଟା ପୂରଣ ହୋଇଛି। ଜରୁରିକାଳୀନ ସେବା ବନ୍ଦ କରା ନ ଯାଇ ପୂର୍ବଭଳି ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସଂଘ ସଭାପତି ଡା. ସୁବ୍ରତ ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ସୋମବାର ମଧ୍ୟ ମେଡିକାଲର କୌଣସି ଆଉଟ୍‌ଡୋରରେ ଜୁନିୟର ଡାକ୍ତରମାନେ ଡ୍ୟୁଟି କରିବେ ନାହିଁ ବୋଲି ଜଣାପଡିଛି। ଜେଡିଏର ଆନ୍ଦୋଳନକୁ ଏସ୍‌ସିବି ମେଡିକାଲ ଡାକ୍ତରୀ ଛାତ୍ର ସଂଘ ସମର୍ଥନ ଜଣାଇଛି। ଫଳରେ ଏସ୍‌ସିବିରେ ରୋଗୀସେବା ଅଧିକ ମାତ୍ରାରେ ପ୍ରଭାବିତ ହେବା ଆଶଙ୍କା ରହିଛି। ଇତିମଧ୍ୟରେ ଡାକ୍ତରୀ ଛାତ୍ରଙ୍କ ୮ ଜଣିଆ ଟିମ୍ ଶନିବାର ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କୁ ଭୁବନେଶ୍ୱରରେ ଭେଟିଥିଲା। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲର ଡାକ୍ତରଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ନୀତି ପ୍ରଣୟନ ଉପରେ ଆଲୋଚନା ହୋଇଥିବା ସୂଚନା ରହିଛି।

**କୋଲକାତାରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର, ହତ୍ୟା ଘଟଣା**




**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for Solar powered Lift Irrigation Systems and Portable Solar's at Jujomura, Rairakhol and Naktideul blocks of Sambalpur district, Odisha. For more details please visit www.baif.org.in & www.baifodisha.org

Address : Plot no.: 1565/2682, At Bhatra, PO. Dhanupali, Sambalpur, Odisha-768005
Telephone: +91-7894418530

**UNIMONI FINANCIAL SERVICES LIMITED**

RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**PUBLIC NOTICE**

जनता को सूचित किया जाता है कि गिरवी रखे गए सोने के गहनों की नीलामी यूनिमोनी फाइनेंशियल सर्विसेज लिमिटेड द्वारा 22.08.2024 को सुबह 10:00 बजे नीचे दिए गए संबंधित केंद्रों पर आयोजित की जाएगी। नीलाम किए जाने वाले सोने के आभूषण हमारे विभिन्न ग्राहकों के ऋण खातों से संबंधित हैं जो अपना बकाया चुकाने में विफल रहे हैं। नीलामी के हमारे नोटिस इन उधारकर्ताओं को विधिवत जारी कर दिए गए हैं। नीलाम किए जाने वाले सोने के आभूषण हमारे विभिन्न ग्राहकों के अतिदेय ऋण खातों से संबंधित हैं, जिनका शाखा नाम के साथ नीचे उल्लेख किया गया है।

Auction Centre Address & Loan Nos : BHUBANESWAR (BUU - Plot No - 44, Ashok Nagar, Unit Ii, Bhubaneswar - 751001. Contact no :9937043634) 2060182, 2100353, 2089382, 2102221

(Reserves the right to alter the number of accounts to be auctioned &/ postpone / cancel the auction without any prior notice.)

## ଋଣ ଭାର ଚିନ୍ତାରେ ଚାଲିଗଲା ଜୀବନ

ଦେଓଗାଁ,୧୮।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ଋଣ ନେଇଥିବା ଘରକୁ ବର୍ଷେ ତଳୁ ସିଲ୍ କରିଥିଲା ବ୍ୟାଙ୍କ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତୁଷୁରା ଥାନା ଅନ୍ତର୍ଗତ ବଡବାହାଲ ଗାଁରେ ଜଣେ ବ୍ୟକ୍ତି ଋଣଭାରରେ ଜୀବନ ହରାଇଥିବା ଅଭିଯୋଗ ହୋଇଛି। ସରକାର ଋଣଭାରଗ୍ରସ୍ତ ପରିବାରକୁ ଋଣ ଶୁଝିବାକୁ ବାଧ୍ୟ ନ କରିବାକୁ ବିଭିନ୍ନ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିବା ବେଳେ ଋଣଭାରରେ ଜୀବନ ଚାଲିଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ବଡବାହାଲ ଗ୍ରାମର ଦେବରାଜ ସାହୁ କିଛିବର୍ଷ ତଳେ ଦେଓଗାଁର ଏକ ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଗୃହଋଣ ନେଇଥିଲେ। ତାହା ସେ ଶୁଝି ନ ପାରିବାରୁ ଉକ୍ତ ବ୍ୟାଙ୍କ ଗୃହଋଣ ନେଇଥିବା ଘରକୁ ପ୍ରାୟ ବର୍ଷେ ତଳେ ସିଲ୍ କରିଥିଲା।ସେହିଦିନଠାରୁ ସଂପୃକ୍ତ ପରିବାର ନିଜ ସମ୍ପର୍କୀୟ ଘରେ କିଛିଦିନ ରହିବା ପରେ ଅନ୍ୟତ୍ର ଚାଲି ଯାଇଥିଲେ। ପରେ ଦେବରାଜ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ସାହୁ ଭୁବନେଶ୍ୱରରେ କାମକରି ପେଟ ପୋଷୁଥିଲେ। ଶନିବାର ଦେବରାଜଙ୍କୁ ଜ୍ୱର ହେବାରୁ ଗୁରୁତର ହୋଇ ପଡିଥିଲେ। ସେଠାକାର ମାଲିକ ତାଙ୍କୁ ସ୍ଥାନୀୟ ଏକ ମେଡିକାଲରେ ଭର୍ତ୍ତି କରାଇ ଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଦେବରାଜଙ୍କ ମୃତ୍ୟୁ ଘଟିଥିବା ପରିବାରବର୍ଗ ସୂଚନା ଦେଇଛନ୍ତି। ନିଜ ଘରକୁ ବ୍ୟାଙ୍କ ସିଲ୍ କରିବା ପରେ ଦେବରାଜ ଋଣଭାର ଚିନ୍ତାରେ ରହିଥିଲେ। ଜିଲାପାଳ ଏହି ଅସହାୟ ପରିବାରକୁ ସହଯୋଗ କରିବାକୁ ସାଧାରଣରେ ଦାବି ହେଉଛି।

## ବାଂଲାଦେଶୀ ପରିଚୟକୁ ନେଇ ମୁହାଁମୁହିଁ, ୩ ଅଟକ

ବାରିପଦା,୧୮।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଟାଉନ ଥାନା ଅଞ୍ଚଳରେ ବାଂଲାଦେଶୀ ପରିଚୟକୁ ନେଇ ଶନିବାର ରାତିରେ ୨ ସମ୍ପ୍ରଦାୟକୁ ନେଇ ଘଟିଥିବା ଗଣ୍ଡଗୋଳ ଦ୍ୱିତୀୟ ଦିନ ରବିବାର ଥାନା ଆଗରେ ଉତ୍ତେଜନା ପ୍ରକାଶ ପାଇଛି। ଆଧାର କାର୍ଡକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହେବା ପରେ ସଂଘବଦ୍ଧ ଭାବେ ଆକ୍ରମଣ କରିବାରୁ ଜଣେ ଗୁରୁତର ହୋଇ ପିଆରଏମ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ପୋଲିସ ରବିବାର ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ ପ୍ରକାଶ କରିଛନ୍ତି। ତୁଳସୀ ଚଉରା ବାକ୍ସ ଫ୍ୟାକ୍ଟ୍ରିଅଞ୍ଚଳର ସେକ୍ ଇମଦାଦୁଲ୍ଲା ରାତି ୯ଟାରେ ସାହିଲ ଖାନ୍ ଓ ମହମ୍ମଦ ଅସରଦ ଅନସାରୀଙ୍କ ସହ ଷ୍ଟେଶନ ବଜାରରୁ ଘରକୁ ଫେରୁଥିଲେ। ବାଟରେ ଥିବା ପୋଲ ନିକଟରେ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ଆଧାର କାର୍ଡ ଦେଖାଇବାକୁ ବାଧ୍ୟ କରିଥିଲେ। ସେମାନେ ଆଧାର କାର୍ଡ ଦେଖାଇବା ପରେ ମଧ୍ୟ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା। ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବା ସହ ଅଟକାଇଥିବା ବ୍ୟକ୍ତି ଭୁଜାଲିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣକାରୀ ବାଇକ ଯୋଗେ ଗୋଡ଼ାଇବା ସହ ପଥରରେ ଆକ୍ରମଣ କରିବାରୁ ଜଣେ ଗୁରୁତର ହୋଇଛନ୍ତି। ଏହି ସମୟରେ ସେମାନେ ପାଟ୍ରୋଲିଂ କରୁଥିବା ପୋଲିସକୁ ଜଣାଇଥିଲେ। ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରି ଥାନାରେ ଅଭିଯୋଗ କରିବାକୁ କହିବାରୁ ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ସହ ପାଟ୍ରୋଲିଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ବିଳମ୍ବିତ ରାତି ୧ଟା ପର୍ଯ୍ୟନ୍ତ ନିଜ ଜିଦ୍‌ରେ ଅଟଳ ରହିବା ପରେ ପୋଲିସ ବୁଝାସୁଝା କରି ରବିବାର ଅଭିଯୁକ୍ତଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମାତ୍ର ଘଟଣାର ୨୪ ଘଣ୍ଟା ପରେ କାହାରିକୁ ଗିରଫ କରାଯାଇ ନ ଥିବାରୁ ରବିବାର ଶତାଧିକ ବ୍ୟକ୍ତି ଟାଉନ ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଜୁଏଲଙ୍କ ସ୍ତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ



ଲହୁଣୀପଡ଼ା,୧୮।୮ (ଦାଶରଥି ପଣ୍ଡା)

**ଶେଷ ଦର୍ଶନ କଲେ ନେତା, ପ୍ରଶାସନିକ ଅଧିକାରୀ**

କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଜୁଏଲ ଓରାମଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମ(୫୮)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ସକାଳେ ତାଙ୍କର ମରଶରୀର ପୈତୃକ ଗ୍ରାମ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ କେନ୍ଦୁଡିହୀ ଗ୍ରାମରେ ପହଞ୍ଚିଥିଲା। ଏଠାରେ ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ରାଉରକେଲା ଏସ୍‌ପି ତଥା ଡିଆଇଜି ବ୍ରିଜେଶ କୁମାର ରାୟ, ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା, ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ର, ତହସିଲଦାର ବାବୁଲ ପେରେଇ, ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ଜିଲା ପ୍ରଭାରୀ ବଟକୃଷ୍ଣ ମିଶ୍ର, ଭାଜପା ପ୍ରବକ୍ତା ଧୀରେନ ସେନାପତି, ବୀରମିତ୍ରପୁର ପୂର୍ବତନ ବିଧାୟକ ଶଙ୍କର ଓରାମ, ସୁନ୍ଦରଗଡ ପୂର୍ବତନ ବିଧାୟକ କୁସୁମ ଟେଟେ, ରମେଶ ଅଗ୍ରୱାଲ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାଏକ, ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ରାଉରକେଲା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର,ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ବିରାଟ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ କେନ୍ଦୁଡିହୀଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଗୋଆରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

କୋକସରା,୧୮।୮ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଥମୁନି ଦାଦନ ଯନ୍ତ୍ରଣା। ବ୍ଲକର ଡେଙ୍ଗାଗୁଡା ଗ୍ରାମ ଗୌଣ୍ଡିଆପଡାର ସନୁ ଛତ୍ରିଆ (୪୫)ଙ୍କ ଖାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଗୋଆର ମ ହସ୍ପିଟାଲରେ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କଠାରୁ ସୂଚନା ମିଳିଛି। ସୂଚନା ମତେ ସନୁ ଆଜକୁ ୩ ମାସ ତଳେ ପେଟପାଟଣା ପାଇଁ ଛତିଶଗଡ଼ ଝାକରପଡାର ନିଜ ସମ୍ପର୍କୀୟ ଶଳାଙ୍କ ସହ ମିଶି ଗୋଆକୁ ଦାଦନ ଖଟିବାକୁ ଯାଇ ଏକ ଠିକାସଂସ୍ଥାରେ ବିଲଡିଂ କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ଶନିବାର ସନ୍ଧ୍ୟାରେ ଦେହ ଅସୁସ୍ଥ ହୋଇଥିଲା। ଖାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ତାଙ୍କ ପୁତୁରା ହେମରାଜ ଛତ୍ରିଆ କହିଛନ୍ତି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ହସ୍ପିଟାଲରେ ରହିଥିବା ବେଳେ ଠିକାସଂସ୍ଥା ପକ୍ଷରୁ ଭିଟାମାଟିକୁ ପଠାଇବା ନେଇ ଠିକାଦାରଙ୍କ ସହ ଯୋଗାଯୋଗ କରାଯାଇଛି। ଏଣେ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁ ଖବର ଶୁଣି ପରିବାରରେ କାନ୍ଦ ବୋବାଳି ପଡିଛି। ପ୍ରଶାସନ ପକ୍ଷରୁ ମୃତ ଦାଦନଙ୍କ ମୃତଦେହ ଆଣିବାକୁ ନିବେଦନ କରାଯାଇଛି।

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ୩/୧ ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇ-ମେଲ: crld.robhubaneshwar@unionbankofindia.bank
**ପୁରୀ ମୁଖ୍ୟ ଶାଖା**
**ଡିମାଣ୍ଡ ନୋଟିସ୍**

ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନ

ପ୍ରାପ୍ତେଷୁ,
**ଋଣଗ୍ରହୀତା/ବନ୍ଧକଦାତା: (୧)ଶ୍ରୀ ଭାଗିରଥୀ ପ୍ରଧାନ,** ପିତା: ଶ୍ରୀ ଜଳନ୍ଧର ପ୍ରଧାନ, ଠିକଣା: ସା/ପୋ.: ସମଗରା, ଭାୟା: ବାଲିଗୁଆଳି, ଜିଲ୍ଲା: ପୁରୀ-୭୫୨୦୧୧।
**ଜାମିନ୍‌ଦାର: (୨)ଶ୍ରୀ ସଦାଶିବ ଆପାଟ,** ପିତା:ସ୍ୱ ରାମଚନ୍ଦ୍ର ଆପାଟ, ଠିକଣା: ଗୁଡିଆ ସାହି, ବାହିନୀପତି ଲେନ୍, ହରଚଣ୍ଡି ସାହି, ପୁରୀ- ୭୫୨୦୦୧।
ମହାଶୟ/ମହାଶୟା,
**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨)ସହିତ ଧାରା ୧୩(୩) ଅନୁସାରେ ନୋଟିସ୍ ।**
ତା.୦୩.୦୮.୨୦୨୪ରିଖରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁସାରେ **ପୁରୀ ମୁଖ୍ୟ ଶାଖା**, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଆପଣଙ୍କ ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବା ନିମନ୍ତେ ଆପଣଙ୍କ ଅନ୍ତିମ ଜ୍ଞାତ ଠିକଣାରେ ନୋଟିସ୍ ପଠାଯାଇଥିଲା, କିନ୍ତୁ ତାହା ପ୍ରାପ୍ତ ହୋଇନଥିଲା। ତେଣୁ ଏହି ଖବରକାଗଜ ପ୍ରକାଶନ ମାଧ୍ୟମରେ ଆମେ ଡିମାଣ୍ଡ ନୋଟିସ୍ ଜାରି କରିଅଛୁ । ଆପଣଙ୍କ ଋଣ ଆକାଉଣ୍ଟ ତା.୨୯.୦୮.୨୦୧୯ରେ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଅଛି । ଆପଣ ଋଣ ସୁବିଧା ଗ୍ରହଣ କରିବା ସମୟରେ ବ୍ୟାଙ୍କ ସହିତ ଆପଣ ଋଣ ଦସ୍ତାବିଜ୍ କାର୍ଯ୍ୟକାରୀ କରିଛନ୍ତି । ଋଣ ଆକାଉଣ୍ଟର ବକେୟା ଦେୟ ଓ ସୁରକ୍ଷିତ ବନ୍ଧକ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ନଂ. | ଋଣର ପ୍ରକାର | ୩୧.୦୭.୨୦୨୪ରିଖ ସୁଦ୍ଧା ବକେୟା ପରିମାଣ | ବକେୟା ସୁଧ | ବ୍ୟାଙ୍କ ଦ୍ୱାରା ନୋଟିସ୍ ତାରିଖ ପର୍ଯ୍ୟନ୍ତ କରାଯାଇଥିବା ଖର୍ଚ୍ଚ/ଚାର୍ଜ | ସମୁଦାୟ ବକେୟା ପରିମାଣ |
|---|---|---|---|---|---|
| ୧. | ୟୁନିୟନ ମଡ୍‌ଗେଜ୍ | ଟ.୪,୭୬,୪୮୨.୧୩ | ଟ.୨,୯୬,୦୫୭/- | ଟ.୩୭,୭୪୧.୫୧ | ଟ.୮,୧୦,୨୮୦.୬୪ |

ସମୁଦାୟ ବକେୟା ପରିମାଣ: ଆଠ ଲକ୍ଷ ଦଶ ହଜାର ଦୁଇଶହ ଅଶି ଟଙ୍କା ଚଉଷଠି ପଇସା ମାତ୍ର ।

ବନ୍ଧକ ସ୍ଥାବର ସମ୍ପତ୍ତି ନିମ୍ନରେ ପ୍ରଦାନ କରାଗଲା:
**ଶ୍ରୀ ଭାଗିରଥୀ ପ୍ରଧାନଙ୍କ ନାମରେ ଥିବା ବାସପୋଯୋଗି ଜମି ଏବଂ ଗୃହ ଯାହାର ଖାତା ନଂ.୫୯୫, ପ୍ଲଟ ନଂ.୪୪୪, ଏରିଆ: ଏ୦.୦୨ ଡିସିମିଲ୍, ମୌଜା: ପୁରୀ ସହର, ୟୁନିଟ୍ ନଂ.୧୦, ମଣିକର୍ଣ୍ଣିକା ସାହି, ପୁରୀ, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ନାରାୟଣ ପୂଜାପଣ୍ଡା, ଦକ୍ଷିଣ- ବିହାରିବନ୍ଧୁ ମହାନ୍ତି, ପୂର୍ବ- ରାସ୍ତା, ପଶ୍ଚିମ- ବିଶ୍ୱନାଥ ନନ୍ଦ ।**
ଆପଣ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ଏହି ବିଜ୍ଞପ୍ତି ପ୍ରକାଶନର ୬୦ଦିନ ମଧ୍ୟରେ **ଟ.୮,୧୦,୨୮୦.୬୪**(ଆଠ ଲକ୍ଷ ଦଶ ହଜାର ଦୁଇଶହ ଅଶି ଟଙ୍କା ଚଉଷଠି ପଇସା ମାତ୍ର) ସହିତ ପରବର୍ତ୍ତି ସୁଧ ଏବଂ ତତ୍ ସମ୍ବନ୍ଧୀୟ ଖର୍ଚ୍ଚ ପଇଠ କରନ୍ତୁ। ଯଦି ଆପଣମାନେ ଏହା ପରିଶୋଧ କରିବାରେ ବିଫଳ ହୁଅନ୍ତି ତେବେ ସୁରକ୍ଷିତ ଋଣଦାତା ସିକ୍ୟୁରିଟାଇଜେସନ୍‌ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍‌ଅଫ୍ ଫାଇନାନ୍‌ସିଆଲ୍‌ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟିଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ର ସମସ୍ତ କ୍ଷମତା ପ୍ରୟୋଗ କରିବାକୁ ବାଧ୍ୟହେବେ । ଆକ୍ଟର ଧାରା ୧୩(୧୩)ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ହସ୍ତାନ୍ତର କରିପାରିବେ ନାହିଁ । ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛିକି ସରଫେସୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ ।
ଦ୍ରଷ୍ଟବ୍ୟ: ସରଫେଶୀ ଆକ୍ଟ ୨୦୦୨ଅନୁସାରେ ପୂର୍ବରୁ ଜାରି କରାଯାଇଥିବା ସମସ୍ତ ନୋଟିସ୍‌କୁ ଏଠାରେ ରଦ୍ଦ କରିଦିଆଗଲା ଏବଂ ବର୍ତ୍ତମାନ ନୋଟିସ୍ ପୂର୍ବ ନୋଟସ୍‌ମାନଙ୍କ ବିପକ୍ଷରେ ବଳବତ୍ତର ରହିବ ।
ତାରିଖ: ୧୭.୦୮.୨୦୨୪ ଆପଣଙ୍କ ବିଶ୍ୱସ୍ତ
ସ୍ଥାନ: ଭୁବନେଶ୍ୱର ମୁଖ୍ୟ ପ୍ରବନ୍ଧକ ସହିତ କ୍ଷମତାପ୍ରାପ୍ତ ଅଧିକାରୀ

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ୩/୧ ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇ-ମେଲ: crld.robhubaneshwar@unionbankofindia.bank
**ଶାସ୍ତ୍ରୀନଗର ଶାଖା**
**ଡିମାଣ୍ଡ ନୋଟିସ୍**

ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନ

ପ୍ରାପ୍ତେଷୁ,
**ଋଣଗ୍ରହୀତା: (୧)ମା ଜାଗେଶ୍ୱରୀ ଫେବ୍ରିକେସନ୍, ସତ୍ତ୍ୱାଧିକାରୀ: ଶ୍ରୀ ପ୍ରମୋଦ କୁମାର ମହାରଣା,** ଠିକଣା: ପ୍ଲଟ ନଂ.୫୮୦, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା- ୭୫୧୦୧୯ ।
**ଜାମିନ୍‌ଦାର/ବନ୍ଧକଦାତା: (୨)ଶ୍ରୀମତୀ ସ୍ନେହାସିନୀ ମହାରଣା,** ଠିକଣା: ଖାତା ନଂ.୧୩୩୧/୧୦୯୯, ପ୍ଲଟ ନଂ.୭୫୭/୬୦୯୨, ୟୁନିଟ୍ ନଂ.୨୮, ଗୌତମ ନଗର, ଥାନା: ଲିଙ୍ଗରାଜ ନଂ.୫୫, ଭୁବନେଶ୍ୱର-୭୫୧୦୧୪ ।
ମହାଶୟ/ମହାଶୟା,
**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨)ସହିତ ଧାରା ୧୩(୩) ଅନୁସାରେ ନୋଟିସ୍ ।**
ତା.୨୯.୦୭.୨୦୨୪ରିଖରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁସାରେ **ଶାସ୍ତ୍ରୀନଗର ଶାଖା**, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଆପଣଙ୍କ ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବା ନିମନ୍ତେ ଆପଣଙ୍କ ଅନ୍ତିମ ଜ୍ଞାତ ଠିକଣାରେ ନୋଟିସ୍ ପଠାଯାଇଥିଲା, କିନ୍ତୁ ତାହା ପ୍ରାପ୍ତ ହୋଇନଥିଲା। ତେଣୁ ଏହି ଖବରକାଗଜ ପ୍ରକାଶନ ମାଧ୍ୟମରେ ଆମେ ଡିମାଣ୍ଡ ନୋଟିସ୍ ଜାରି କରିଅଛୁ । ଆପଣଙ୍କ ଋଣ ଆକାଉଣ୍ଟ ତା.୨୯.୧୧.୨୦୨୩ରେ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଅଛି । ଆପଣ ଋଣ ସୁବିଧା ଗ୍ରହଣ କରିବା ସମୟରେ ବ୍ୟାଙ୍କ ସହିତ ଆପଣ ଋଣ ଦସ୍ତାବିଜ୍ କାର୍ଯ୍ୟକାରୀ କରିଛନ୍ତି । ଋଣ ଆକାଉଣ୍ଟର ବକେୟା ଦେୟ ଓ ସୁରକ୍ଷିତ ବନ୍ଧକ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ନଂ. | ଋଣର ପ୍ରକାର | ୩୦.୦୬.୨୦୨୪ରିଖ ସୁଦ୍ଧା ବକେୟା ପରିମାଣ | ବକେୟା ସୁଧ | ସମୁଦାୟ ବକେୟା ପରିମାଣ |
|---|---|---|---|---|
| ୧. | ୟୁନିୟନ ପ୍ରୋଗ୍ରେସ୍ (ଟିଏଲ) | ଟ.୭,୨୩,୮୩୫/- | ଟ.୮୫,୬୧୫/- | ଟ.୮,୦୯,୪୫୦/- |

ସମୁଦାୟ ବକେୟା ପରିମାଣ: ଆଠ ଲକ୍ଷ ନଅ ହଜାର ଚାରିଶହ ପଚାଶ ଟଙ୍କା ମାତ୍ର ।

ବନ୍ଧକ ସ୍ଥାବର ସମ୍ପତ୍ତି ନିମ୍ନରେ ପ୍ରଦାନ କରାଗଲା:
**ବାସପୋଯୋଗି ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୭୫୭/୬୦୯୨, ଖାତା ନଂ.୧୩୩୧/୧୦୯୯, ସମୁଦାୟ ଜମି ଏରିଆ: ଏ୦.୦୩୭ ଡିସିମିଲି (୧୬୧୨ ବର୍ଗଫୁଟ), ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.୨୮, ଗୌତମ ନଗର, ହାଲ ଥାନା: ଲିଙ୍ଗରାଜ (ନଂ.୫୫), ଭୁବନେଶ୍ୱର ।**
ଆପଣ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ଏହି ବିଜ୍ଞପ୍ତି ପ୍ରକାଶନର ୬୦ଦିନ ମଧ୍ୟରେ **ଟ.୮,୦୯,୪୫୦/-** (ଆଠ ଲକ୍ଷ ନଅ ହଜାର ଚାରିଶହ ପଚାଶ ଟଙ୍କା ମାତ୍ର) ସହିତ ପରବର୍ତ୍ତି ସୁଧ ଏବଂ ତତ୍ ସମ୍ବନ୍ଧୀୟ ଖର୍ଚ୍ଚ ପଇଠ କରନ୍ତୁ । ଯଦି ଆପଣମାନେ ଏହା ପରିଶୋଧ କରିବାରେ ବିଫଳ ହୁଅନ୍ତି ତେବେ ସୁରକ୍ଷିତ ଋଣଦାତା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ର ସମସ୍ତ କ୍ଷମତା ପ୍ରୟୋଗ କରିବାକୁ ବାଧ୍ୟହେବେ । ଆକ୍ଟର ଧାରା ୧୩(୧୩)ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ହସ୍ତାନ୍ତର କରିପାରିବେ ନାହିଁ । ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛିକି ସରଫେସୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ ।
ତାରିଖ: ୧୭.୦୮.୨୦୨୪ ଆପଣଙ୍କ ବିଶ୍ୱସ୍ତ
ସ୍ଥାନ: ଭୁବନେଶ୍ୱର ମୁଖ୍ୟ ପ୍ରବନ୍ଧକ ସହିତ କ୍ଷମତାପ୍ରାପ୍ତ ଅଧିକାରୀ

# ଜୀବନ ଯିବା ପରେ ଡେଙ୍ଗୁ ଭୟ ବଢ଼ିଲା

■ହଟ୍‌ସ୍ପଟ୍ ପାଲଟିଛି ନୀଳାଦ୍ରିବିହାର, ପଟିଆ, ଖଣ୍ଡଗିରି

■୨୩୭ଜଣ ସଂକ୍ରମିତଙ୍କ ତଥ୍ୟ ମିଳୁନି

ଭୁବନେଶ୍ୱର,୧୮।୮(ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁରେ ଆକ୍ରାନ୍ତ ହୋଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍‌ଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମ୍‌ଙ୍କ ମୃତ୍ୟୁ ଘଟଣା ଏବେ ଚିନ୍ତା ବଢ଼ାଇ ଦେଇଛି। ଚଳିତ ବର୍ଷ ଏହା ରାଜ୍ୟର ପ୍ରଥମ ଡେଙ୍ଗୁ ମୃତ୍ୟୁ ବୋଲି କୁହାଯାଉଥିଲେ ମଧ୍ୟ ସରକାରୀ ସ୍ତରରେ ଏନେଇ ସ୍ପଷ୍ଟ କରାଯାଇନାହିଁ। କିନ୍ତୁ ଡେଙ୍ଗୁ ଜୀବନ ନେବା ପରେ ସହରବାସୀଙ୍କ ମନରେ ଭୟ ଓ ଛନକା ଆହୁରି ବଢ଼ିଯାଇଛି। କାରଣ ଚଳିତବର୍ଷ ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ୨ହଜାର ପାର୍ କରିଥିବାବେଳେ ଭୁବନେଶ୍ୱର ପାଇଁ ଖୋର୍ଦ୍ଧା ଜିଲା ହଟ୍‌ସ୍ପଟ୍ ପାଲଟିଛି। ଜାନୁଆରୀରୁ ଅଗଷ୍ଟ ୧୬ ମଧ୍ୟରେ ଖୋର୍ଦ୍ଧା ଜିଲାରେ ମୋଟ୍ ୧୭ହଜାର ୮୫୦ ଟେଷ୍ଟିଂ ହୋଇଛି। ଏଥିରୁ ୮୪୦ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏଥିରୁ ସର୍ବାଧିକ ୪୦୬ଜଣ ବିଏମ୍‌ସି ଅଞ୍ଚଳରୁ ବାହାରିଛନ୍ତି। ଖୋର୍ଦ୍ଧା ଅଞ୍ଚଳରୁ ୧୫୫ଜଣ, ଅନ୍ୟ ଜିଲାରୁ ଆସି ଏଠାରେ ପରୀକ୍ଷା କରିଥିବା ୪୨ଜଣ ରହିଥିବାବେଳେ ୨୩୭ଜଣ ସଂକ୍ରମିତଙ୍କ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଅପରପକ୍ଷେ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ପଟିଆ ଅଞ୍ଚଳରୁ ସର୍ବାଧିକ ୩୪ଜଣ ଚିହ୍ନଟ ହୋଇଛନ୍ତି। ଏହା ପଛକୁ ରହିଛି ଖଣ୍ଡଗିରି ଅଞ୍ଚଳ। ଏଠାରୁ ୩୨ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବାବେଳେ ଶହୀଦନଗରରୁ ୨୫ଜଣ, ସାଲିଆସାହିରୁ ୨୪ଜଣ ଓ ନୟାପଲ୍ଲୀରୁ ୨୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଜାଗମରା, ସତ୍ୟନଗର, ନୀଳାଦ୍ରିବିହାର ମଧ୍ୟ ଡେଙ୍ଗୁ ହଟ୍‌ସ୍ପଟ୍ ପାଲଟିଛି। ତେବେ ଜୁଲାଇ ୨୭ସୁଦ୍ଧା ସହରରୁ ମୋଟ୍ ୨୧୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଅଗଷ୍ଟ ୧୬ ଅର୍ଥାତ୍ ୨୦ ଦିନରେ ଆଉ ୧୯୫ଜଣ ସଂକ୍ରମିତ ବାହାରିଛନ୍ତି। ତେଣୁ ସହରରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏଥିରୁ ଜଣାପଡୁଛି।




## ରାଜଧାନୀରେ ଆକ୍ରାନ୍ତ ଚିତ୍ର ଅସ୍ପଷ୍ଟ

ଭୁବନେଶ୍ୱରର ୫ଟି ସ୍ଥାନ ଯଥା ଏମ୍‌ସ, ଆର୍‌ଏମ୍‌ଆର୍‌ସି, କ୍ୟାପିଟାଲ ହସ୍ପିଟାଲ, ପଟିଆ ଏବଂ ଆଇଆର୍‌ସି ଭିଲେଜ୍‌ସ୍ଥିତ ୟୁପିଏଚ୍‌ସିରେ ଡେଙ୍ଗୁ ଟେଷ୍ଟିଂ ହେଉଛି। ତେବେ ୩ଟି ସ୍ୱାସ୍ଥ୍ୟକେନ୍ଦ୍ରରୁ ନିୟମିତ ସଂକ୍ରମିତଙ୍କ ରିପୋର୍ଟ ଆସୁଥିବାବେଳେ ଏମ୍‌ସ ଏବଂ ଆର୍‌ଆର୍‌ସି ସଂକ୍ରମିତଙ୍କ ତଥ୍ୟ ଦେଉନାହାନ୍ତି। ଫଳରେ ଏଠାରୁ କେତେ ସଂକ୍ରମିତ ବାହାରୁଛନ୍ତି, କେତେ ଟେଷ୍ଟିଂ କରାଯାଉଛି ତାହାର କୌଣସି ଖବର ବିଏମ୍‌ସି ପାଖରେ ନାହିଁ। ସେହିପରି ଅନେକ ଲୋକ ଘରୋଇ ହସ୍ପିଟାଲରେ ଟେଷ୍ଟ କରୁଥିବାରୁ ତାହାର ରିପୋର୍ଟ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପାଖରେ ରହୁ ନ ଥିବା ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳମଣି ସେନାପତି କହିଛନ୍ତି। ସେହିପରି ଟେଷ୍ଟିଂ ସମୟରେ ଅଧିକାଂଶ ରୋଗୀ ନିଜର ଭୁଲ୍ ଠିକଣା ଦେଉଥିବାରୁ ଟେଷ୍ଟିଂ ରିପୋର୍ଟ ଆସିବା ପରେ ସେମାନଙ୍କ ଘର ଠିକଣା ଠାବ ହୋଇପାରୁ ନାହିଁ। ଫଳରେ ସମ୍ପୃକ୍ତ ଘର ଆଖପାଖରେ ମଶାତେଲ ସିଞ୍ଚନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇ ପାରୁନାହିଁ। ସେହିପରି ସଂକ୍ରମିତ ଚିହ୍ନଟ ହେବା ପରେ ଅନେକ ରୋଗୀ ହସ୍ପିଟାଲରେ ଚିକିତ୍ସିତ ନ ହୋଇ ଘରେ ରହି ଚିକିତ୍ସିତ ହେଉଛନ୍ତି। ଏହାଦ୍ୱାରା ପରିବାରର ଅନ୍ୟ ବ୍ୟକ୍ତିମାନେ ମଧ୍ୟ ସଂକ୍ରମଣର ଶିକାର ହେଉଛନ୍ତି।

## କୁଆଡ଼େ ଗଲା ନିଧିରଥ

ସହରରେ ଡେଙ୍ଗୁ ନେଇ ସଚେତନତା କରିବା ପାଇଁ ଜୁନ୍ ୧୩ରେ ବିଏମ୍‌ସି ପକ୍ଷରୁ ନିଧିରଥ ବାହାରିଥିଲା। ଏହି ୩ଟି ନିଧିରଥ ସହରର ୬୭ଟି ଯାକ ୱାର୍ଡ ବୁଲି ବିଭିନ୍ନ ଭିଡିଓ ବାର୍ତ୍ତା ଦେବା ଖାଲି ପଡିଥିବା ପଇଡ ଖୋଳ, ଟାୟାର, ଫୁଲକୁଣ୍ଡ ଆଦିରେ ଯେପରି ପାଣି ଜମି ନ ରୁହେ ସେନେଇ ଲୋକଙ୍କୁ ସଚେତନ କରିବା। ସେହିପରି ରଥରେ ଡେଙ୍ଗୁ ସହିତ ମ୍ୟାଲେରିଆ ଏବଂ ଡାଇରିଆ ବାବଦରେ ମଧ୍ୟ ସଚେତନ କରାଯିବ ବୋଲି କୁହାଯାଇଥିଲା। ହେଲେ ରଥ ବାହାରିବାର ୨ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଏ ଯାଏ ରଥ କେଉଁଠି ସଚେତନ କରୁଛି ତାହା କାହା ପାଖରେ ଖବର ନାହିଁ।

## ମେୟରଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ ଦୋଷ ଦେଲେ ବାବୁ ସିଂ

ଜୀବନ ଯିବା ପରେ ସହରରୁ ଡେଙ୍ଗୁକୁ ପ୍ରତିହତ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ସେତେଟା ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ମେୟର ସୁଲୋଚନା ଦାସଙ୍କ ମନ୍ତବ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମେୟର କହିଛନ୍ତି, ଗତବର୍ଷ ତୁଳନାରେ ଚଳିତବର୍ଷ ରୋଗୀଙ୍କ ସଂଖ୍ୟା କମ୍ ରହିଛି। ତେବେ ବିଏମ୍‌ସି ପକ୍ଷରୁ ଯତ୍ନବାନ ହୋଇ ନିୟମିତ ମଶାତେଲ ସିଞ୍ଚନଠାରୁ ଆରମ୍ଭ କରି ଡ୍ରାଏ ଡେ' ପାଳନ, ନିୟମିତ ସଫେଇ, ବୁଶ୍ କଟିଂ, ଫଗିଂ ଆଦି କରାଯାଉଛି। ଲୋକମାନେ ନିୟମିତ ମଶାରି ଟାଙ୍ଗି ଶୋଇବା ସହ ନିଜ ଆଖପାଖ ଅଞ୍ଚଳରେ ଯେପରି ପାଣି ଜମି ନ ରୁହେ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ଏଥିସହ ଜ୍ୱର ହେଲେ ତୁରନ୍ତ ରକ୍ତ ପରୀକ୍ଷା କରାଇବା ଉଚିତ୍ ବୋଲି ମତ ଦେଇଛନ୍ତି। ହେଲେ ସହରରେ ଡେଙ୍ଗୁ ସଂକ୍ରମଣ ବଢ଼ିବାକୁ ନେଇ ବିଏମ୍‌ସିକୁ ଟାର୍ଗେଟ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ବିଏମ୍‌ସିର ଅପାରଗତା ପାଇଁ ସହରରେ ଡେଙ୍ଗୁ ତା'ର ଭୟାବହତା ଦେଖାଉଥିବା ସେ କହିଛନ୍ତି। ଏଥିସହ ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ନିଜର ନିଦ୍ରା ଭଙ୍ଗ କରି ଏନେଇ ଉଚିତ୍ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି।

## ଡେଙ୍ଗୁ ପାଇଁ କ୍ୟାପିଟାଲ ହସ୍ପିଟାଲରେ ୨ଟି ସ୍ୱତନ୍ତ୍ର ୱାର୍ଡ

କ୍ୟାପିଟାଲ ହସ୍ପିଟାଲ୍‌ରେ ଡେଙ୍ଗୁ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ହସ୍ପିଟାଲ ଉପଅଧୀକ୍ଷକ ଧନଞ୍ଜୟ ଦାସ ସୂଚନା ଦେଇଛନ୍ତି। ଏବେ ହସ୍ପିଟାଲରେ ୧୫ଜଣ ଡେଙ୍ଗୁରୋଗୀ ଥିବାବେଳେ ସେମାନେ ସୁସ୍ଥ ଥିବା କୁହାଯାଇଛି। ରବିବାର ହସ୍ପିଟାଲରେ ମୋଟ୍ ୯୩ଟି ଟେଷ୍ଟ ହୋଇଥିବାବେଳେ ସେଥିରୁ ୧୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ଦୈନିକ ଶହେରୁ ୧୫୦ ଟେଷ୍ଟିଂ କରାଯାଉଥିବା ଓ ୧୦-୧୫ ପଜିଟିଭ୍ ବାହାରୁଥିବା ସେ କହିଛନ୍ତି। ହସ୍ପିଟାଲରେ ଡେଙ୍ଗୁ ପାଇଁ ୨ଟି ସ୍ୱତନ୍ତ୍ର ୱାର୍ଡ କରାଯାଇଛି। ୨୦ଟି ବେଡ୍ ରିଜର୍ଭ ରଖାଯାଇଥିବାବେଳେ ୫୦ ରୋଗୀଙ୍କ ପାଇଁ ହସ୍ପିଟାଲ ପ୍ରସ୍ତୁତ ଥିବା ଉପ ଅଧୀକ୍ଷକ ସୂଚନା ଦେଇଛନ୍ତି।

## ବିଏମ୍‌ସିର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିଲା

ସହରରେ ସଫେଇଠାରୁ ଆରମ୍ଭ କରି ଘରଘର ବୁଲି ଆବର୍ଜନା ସଂଗ୍ରହ କରାଯାଉଛି। ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଏକାଧିକ ସଫେଇ ସଂସ୍ଥା, ଏନ୍‌ଜିଓଙ୍କ ସମେତ ସ୍ୱଚ୍ଛସାଥୀ, ସୁପରଭାଇଜର ପ୍ରମୁଖ ନିଯୁକ୍ତ ହୋଇଛନ୍ତି। ମାସକୁ ଲକ୍ଷ ଲକ୍ଷ ଟଙ୍କା ଏ ବାବଦରେ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ପ୍ରତିଦିନ ସହରରୁ ୨୦ରୁ ୩୦ ଡେଙ୍ଗୁରୋଗୀ ଚିହ୍ନଟ ହେଉଥିବାରୁ ବିଏମ୍‌ସିର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଡେଙ୍ଗୁକୁ ରୋକିବା ପାଇଁ ବିଏମ୍‌ସି ପକ୍ଷରୁ ଯେଉଁଭଳି ଭାବେ ପଦକ୍ଷେପ ନିଆଯିବା କଥା ତାହା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ରାସ୍ତାକଡ଼ରେ ପଡି ରହୁଥିବା ଭଙ୍ଗା ଟିଣ, ଟାୟାର, ଫୁଲକୁଣ୍ଡ ଆଦିରେ ପାଣି ଜମା ହୋଇରହୁଛି। ଗତବର୍ଷ ବିଏମ୍‌ସି ପକ୍ଷରୁ ଯେଉଁଭଳି ଭାବେ ଡ୍ରାଏ ଡେ' ପାଳନ କରାଯାଉଥିଲା ତାହା ଚଳିତବର୍ଷ ଦେଖିବାକୁ ମିଳୁନାହିଁ। ମଶାଧୂଆଁ ନାମକୁ ମାତ୍ର ଦିଆଯାଉଥିବାବେଳେ ନିୟମିତ ଭାବେ ମଶାତେଲ ସିଞ୍ଚନ ହେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି।

# ବକ୍ସି ବଜାରରେ ବକ୍ସି ଜଗବନ୍ଧୁଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ

କଟକ,୧୮।୮(କାର୍ତ୍ତିକ ସାହୁ)- କଟକ ବକ୍ସିବଜାର ଛକରେ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ବ୍ରୋଞ୍ଜ ନିର୍ମିତ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ରବିବାର ସନ୍ଧ୍ୟାରେ ସ୍ଥାପନ କରାଯାଇଛି। ଏହି ପ୍ରତିମୂର୍ତ୍ତିକୁ ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ଉନ୍ମୋଚନ କରାଯିବ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ସୂଚନା ଦେଇଛନ୍ତି। ଏହି ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସିଏମ୍‌ସି ପକ୍ଷରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିପାଇଁ ବକ୍ସିବଜାର ବ୍ୟବସାୟୀ ସଂଘ ସଭାପତି ସଲିଲ କୁମାର ଘୋଷ ଖୁସି ବ୍ୟକ୍ତ କରିଛନ୍ତି।




# ଚିତ୍ର, ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ସ୍ୱଚ୍ଛ ପରିବେଶ ସୃଷ୍ଟିର ବାର୍ତ୍ତା



'ନିର ଉତ୍ସବ'ରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଭୁବନେଶ୍ୱର,୧୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ପରିବେଶ ପ୍ରଦୂଷଣ ଯୋଗୁ ପାଣି, ପବନ ଓ ମୃତ୍ତିକା ମଧ୍ୟ ପ୍ରଦୂଷିତ ହୋଇଛି। ଅନିୟମିତ ବର୍ଷା ଯୋଗୁ ଜଳ ସଙ୍କଟ ଦେଖାଦେଇଥିବା ବେଳେ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେଉଛି। ତେଣୁ ସ୍ୱଚ୍ଛ ଜଳ ପାଇବା ପାଇଁ ହେଲେ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଆବଶ୍ୟକ ବୋଲି ଛାତ୍ରୀଛାତ୍ରମାନେ ବାର୍ତ୍ତା ଦେଇଛନ୍ତି। ରବିବାର ଜୟ କିରଣ ଟ୍ରଷ୍ଟ ଓ ଏସ୍‌ଜେ ଏନ୍‌ଭାଇରନ୍‌ମେଣ୍ଟାଲ ସଲ୍ୟୁଶନ ପକ୍ଷରୁ ଏମ୍‌ବିଏସ୍ ପବ୍ଲିକ ସ୍କୁଲ୍ ପରିସରରେ 'ନିର ଉତ୍ସବ'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ବିଜ୍ଞାନ ପ୍ରଦର୍ଶନୀରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପରିବେଶ ପ୍ରଦୂଷଣ ରୋକିବାକୁ ଆହ୍ୱାନ ଦେଇଥିଲେ। ବିଜ୍ଞାନ ପ୍ରଦର୍ଶନୀର ବିଷୟବସ୍ତୁ ଥିଲା 'ବ୍ୟବହାରରୁ ଧନର ସୃଷ୍ଟି'। ଭୁବନେଶ୍ୱରର ୨୫ଟି ସ୍କୁଲରୁ ଆସିଥିବା ଚତୁର୍ଥରୁ ଦଶମ ଶ୍ରେଣୀର ମୋଟ ୪୦୦ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ଜୟକିରଣ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସୁମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ମହାବୋଧି ସୋସାଇଟିର ସେକ୍ରେଟାରୀ ସୌରେନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଗାନ୍ଧିବାଦୀ ପ୍ରହ୍ଲାଦ ସିହ୍ନା ଓ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ଯୋଗଦେଇଥିଲେ। ବି.କେ. ଆର୍ଟ କଲେଜର ମମତା ସାମନ୍ତରାୟ, ଜନାର୍ଦ୍ଦନ ପରମଗୁରୁ, ପ୍ରଦୀପ ପାଣ୍ଡେ, ରାଜକିଶୋର ମହାରଣା, ସୁଜାତା ମହାପାତ୍ର, ଜାହ୍ନବୀ ବେହେରା, ପୂଜା ଜେନା, ନୂତନ ଚାନ୍ଦ ପ୍ରମୁଖ ଜୁରି ଥିଲେ।

# ଜ୍ଞାନ ରଥ ନିର୍ଭୀକ, ପ୍ରଭାବଶାଳୀ ବ୍ୟଙ୍ଗ ଚିତ୍ରଶିଳ୍ପୀ

## କାର୍ଟୁନିଷ୍ଟ ଜ୍ଞାନ ରଥଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା କାର୍ଟୁନ ଏକାଡେମୀ ପକ୍ଷରୁ ବିଶିଷ୍ଟ କାର୍ଟୁନିଷ୍ଟ ଜ୍ଞାନ ରଥଙ୍କ ସ୍ମୃତିରେ ରବିବାର ସ୍ଥାନୀୟ ଏକ ହୋଟେଲରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ସନ୍ଦୀପ ସାହୁ, ବିଭୂତି କର ଓ ଭାଷା ବିପ୍ଳବୀ ପବିତ୍ର ମହାରଥା ଯୋଗଦେଇଥିଲେ। ଜ୍ଞାନ ରଥ ଜଣେ ନିର୍ଭୀକ ଏବଂ ପ୍ରଭାବଶାଳୀ ବ୍ୟଙ୍ଗ ଚିତ୍ରଶିଳ୍ପୀ ଥିଲେ। ନୂତନ ପିଢ଼ିର ଚିତ୍ରଶିଳ୍ପୀଙ୍କୁ ପ୍ରଭାବିତ କରିବାରେ ସେ ସକ୍ଷମ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏକାଡେମୀ ସଭାପତି କମଳାକାନ୍ତ ରଥଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ସ୍ୱର୍ଗତ ରଥଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଉପସ୍ଥିତ ଅତିଥିମାନେ ଦିବଂଗତ କାର୍ଟୁନିଷ୍ଟଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ କାର୍ଟୁନିଷ୍ଟ ଦେବାଶିଷ ସିଂହ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିବା ସହ ଅନୁଷ୍ଠାନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ସଭାରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ନିର୍ବାଚିତ ବ୍ୟଙ୍ଗ ଚିତ୍ରଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା। ଅବନୀ ରଥ, ଉତ୍କଳ ଗୌରବଙ୍କ ସମେତ ବହୁ ଅଗ୍ରଣୀ ବ୍ୟଙ୍ଗ ଚିତ୍ରଶିଳ୍ପୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେବାପାଇଁ ସମସ୍ତ ସହଯୋଗ କରିବେ ବୋଲି ମତପୋଷଣ କରିଥିଲେ। ଅନୁଷ୍ଠାନର ଉପ ସଭାପତି ଶିଳ୍ପୀ କେଶୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ବିଶିଷ୍ଟ କାର୍ଟୁନିଷ୍ଟ ଜ୍ଞାନ ରଥଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ତାଙ୍କ ସ୍ମୃତି ଚାରଣ କରୁଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅମିତଙ୍କୁ ସ୍ୱାଗତ

ଭୁବନେଶ୍ୱର,୧୮।୮(ସରୋଜ ଜେନା)

ଅଲିମ୍ପିକ୍ସରେ ଦ୍ୱିତୀୟ ଥର ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ହକି ଦଳର ଡିଫେଣ୍ଡର ଅମିତ ରୋହିଦାସଙ୍କୁ ଶନିବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ହକି ଟର୍ଫରେ ନିଜର ଦକ୍ଷତା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଅମିତ ଶନିବାର ଶନିବାର ସାଇର ଛାତ୍ରୀ ଛାତ୍ରଙ୍କ ସହିତ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଅମିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସେ ଏହାକୁ ନିଜ ପାଇଁ ସମ୍ମାନ ବୋଲି ବର୍ଣ୍ଣନା କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଜର ଅଭିଜ୍ଞତା ଶେୟାର କରିଥିଲେ। କଠିନ ପରିଶ୍ରମ ଓ ସ୍ପୋର୍ଟ୍ସମ୍ୟାନ୍‌ସିପ୍ ପାଇଁ ଛାତ୍ରୀ ଛାତ୍ରଙ୍କୁ ଅନୁପ୍ରାଣିତ କରିବାରେ ତାଙ୍କ ଅଭିଜ୍ଞତା ସହାୟକ ହେବ ବୋଲି ଅମିତ କହିଥିଲେ। କ୍ରୀଡାରେ ନୁହେଁ ବରଂ ଯେ କୌଣସି କ୍ଷେତ୍ରରେ ସଫଳତା ହାସଲ କରିବା ପାଇଁ ଶୃଙ୍ଖଳିତ ଜୀବନ ଆବଶ୍ୟକ ବୋଲି ଅମିତ କହିଥିଲେ। ଛାତ୍ରୀ ଛାତ୍ର ମାନେ ଶୃଙ୍ଖଳିତ ଜୀବନ ଯାପନ ସହ ସୁଷମ ଖାଦ୍ୟପେୟ ଉପରେ ଧ୍ୟାନ ଦେବାକୁ ଅମିତ ପରାମର୍ଶ ଦେଇଥିଲେ। କଠିନ ଅଧ୍ୟବସାୟ ଦ୍ୱାରା ଯେ କୌଣସି କ୍ଷେତ୍ରରେ ଆମେ ଶୀର୍ଷ ସ୍ଥାନ ହାସଲ କରିପାରିବା ବୋଲି ଅମିତ କହିଥିଲେ।

ଅମିତ ରୋହିଦାସଙ୍କ ଭଳି ଜଣେ ବାସ୍ତବ ଚାମ୍ପିୟନଙ୍କ ସାନିଧ୍ୟ ପାଇବା ସାଇ ଇଣ୍ଟରନ୍ୟାଶନାଲର ଛାତ୍ରୀଛାତ୍ରଙ୍କ ପାଇଁ ଗର୍ବର ବିଷୟ ବୋଲି ସ୍କୁଲର ପ୍ରତିଷ୍ଠାତା ଶୀଳ୍ପି ସାହୁ ପ୍ରକାଶ କରିଛନ୍ତି। ହକିରେ ଅମିତଙ୍କ କୃତିତ୍ୱ ସମସ୍ତଙ୍କୁ ଅନୁପ୍ରାଣିତ କରିବା ପାଇଁ ଯଥେଷ୍ଟ। ଅମିତଙ୍କ ଅଭିଜ୍ଞତାରୁ ଆମର ଛାତ୍ରୀଛାତ୍ର ମାନେ ଶିଖିବା ସହ ଏକ ଉନ୍ନତ ଭବିଷ୍ୟତ ଦିଗରେ କାର୍ଯ୍ୟ କରି ପାରିବେ ବୋଲି ସେ କହିଛନ୍ତି।




# ରାଜଧାନୀରେ ଡିଜେ, ବିକୃତ ମୂର୍ତ୍ତିକୁ ନା

## ଗଣେଶ ପୂଜା କଟକଣା

■ପାରମ୍ପରିକ ବାଦ୍ୟକୁ ବୈଠକରେ ଗୁରୁତ୍ୱ

■ଭସାଣ ଉତ୍ସବ ପାଇଁ ଅନୁମତି ଜରୁରୀ

ଭୁବନେଶ୍ୱର,୧୮।୮
(ସୂର୍ଯ୍ୟକାନ୍ତ ବେହେରା)





ବୈଠକରେ ଡିସିପି ପ୍ରତୀକ ସିଂ ଓ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା।

ଆସନ୍ତା ୭ ତାରିଖରେ ଗଣେଶ ପୂଜା। ରାଜଧାନୀରେ ଶାନ୍ତିଶୃଙ୍ଖଳା ସହ ଏହାକୁ ପାଳନ କରିବା ପାଇଁ ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ପୂଜାର ସ୍ୱତନ୍ତ୍ର ଆକର୍ଷଣ କୁହାଯାଉଥିବା ଭସାଣ ଉତ୍ସବରେ ଏଥର ଡିଜେ ବ୍ୟବହାରକୁ ବାରଣ କରାଯାଇଛି। ଏହା ବଦଳରେ ପାରମ୍ପରିକ ବାଦ୍ୟ ବଜେଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଏନେଇ ରବିବାର କମିଶନରେଟ ପୋଲିସ ଓ ରାଜଧାନୀର ବିଭିନ୍ନ ପୂଜା କମିଟି ମଧ୍ୟରେ ସମନ୍ୱୟ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକ ପରେ ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ମେଲୋଡି ଉପରେ ମଧ୍ୟ କଟକଣା ଲଗାଯାଇଛି। ପୂଜା ପରେ ୮, ୧୧ ଓ ୧୫ ତାରିଖକୁ ଠାକୁରଙ୍କ ଭସାଣ ଉତ୍ସବ ପାଇଁ ସ୍ଥିର କରାଯାଇଛି। ତେବେ ଭସାଣ ଶୋଭାଯାତ୍ରା ଲାଗି ପୂର୍ବରୁ ପୋଲିସ ଅନୁମତି ଜରୁରୀ। ସେହିଭଳି ଲୋକମାନେ କିଭଳି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ପରିଚାଳନା ବା ଭିଡ଼ ନିୟନ୍ତ୍ରଣ ପାଇଁ ସହରରେ ଅଧିକ ଫୋର୍ସ ମୁତୟନ ହେବ। ଏଥିସହ ପୂଜା କମିଟିମାନେ ମଧ୍ୟ ପବ୍ଲିକ ଭଲ୍ୟୁଣ୍ଟିୟର ନିୟୋଜିତ କରିବେ। ସେହିଭଳି ଫାୟାର ସେଫ୍ଟି ପାଇଁ ମଧ୍ୟ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି। ଅନ୍ୟପଟେ ବିକୃତ ମୂର୍ତ୍ତି ନିର୍ମାଣ ଓ ପୂଜା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ। ସେହିଭଳି ଜୋରଜବରଦସ୍ତ ଚାନ୍ଦା ଆଦାୟକୁ ବାରଣ କରାଯାଇଛି। ଯଦି କୌଣସି ବ୍ୟକ୍ତି ଚାନ୍ଦା ମାଗୁଥିବା ନଜରକୁ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ରହିବ। ତେଣୁ ଅପରାଧୀମାନେ ଭିଡରେ ସକ୍ରିୟ ରହି ଛିନତାଇ, ଚୋରି ,ପକେଟ ମାର କରିଥାନ୍ତି। ତେଣୁ ସେମାନଙ୍କୁ ନଜର ରଖିବା ପାଇଁ ସିସିଟିଭି ଲଗାଇବାକୁ ପୂଜା କମିଟିମାନଙ୍କୁ ଅବଗତ କରାଯାଇଛି। ପୋଲିସର ଏହି ସମସ୍ତ ନିଷ୍ପତ୍ତିରେ ପୂଜା କମିଟି ସହମତି ପ୍ରକାଶ କରିଥିବା ଜଣାପଡିଛି । ଏହି ପ୍ରସ୍ତୁତି ବୈଠକରେ ଭୁବନେଶ୍ୱର ଡିସିପି ସିଂ ଅଧ୍ୟକ୍ଷତା କରିଥିବା ବେଳେ ବିଭିନ୍ନ ଥାନାର ଅଧିକାରୀ, ଜୋନ୍ ଏସିପି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ପୂଜା କମିଟି ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଟୋରୁ ଖସି ମହିଳା ଶ୍ରମିକ ମୃତ

ବାଣପୁର,୧୮।୮(ଦିଲୀପ କୁମାର ସ୍ୱାଇଁ)

ନାରୁଣୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସରଳସିଂ ଛକ ନିକଟରେ ରବିବାର ଏକ ଚଳନ୍ତା ଅଟୋରୁ ଖସିପଡ଼ିବାରୁ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଧୀନ ଟିକାପଡ଼ା ଗ୍ରାମର ବିପ୍ର ପ୍ରଧାନଙ୍କ ସ୍ତ୍ରୀ ପିତା ପ୍ରଧାନ(୫୦)। ସୂଚନା ମୁତାବକ, ଦୈନନ୍ଦିନ ଭଳି ରବିବାର ଅନ୍ୟ ଶ୍ରମିକମାନଙ୍କ ସହ ପିତା ଅଟୋରେ ନାରୁଣୀ ଅଞ୍ଚଳ ଅଭିମୁଖେ ଯାଉଥିଲେ। ସରଳସିଂ ଛକ ନିକଟରେ କୌଣସି କାରଣରୁ ପିତା ଅଟୋରୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନାରୁଣୀ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୬୩/୨୪) ରୁଜୁକରି ତଦନ୍ତ ଚଳାଇଛି।

### ଘରତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ନେଇଗଲେ

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରତାଲା ଭାଙ୍ଗି ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଏବଂ ୧୫ ହଜାର ଟଙ୍କା ନେଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ଆଦର୍ଶ ଥାନା ପୋଲିସ ଏକ ମାମଲା (ନଂ.୩୦୫/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ତଳସାହିରେ ଭଡାରେ ରହୁଥିବା ବ୍ରଜକିଶୋର ସୁବୁଦ୍ଧି ଜଣେ ବ୍ୟବସାୟୀ। ସେ ସୁନା ଓ ରୁପା ଅଳଙ୍କାର ବେପାର ସହ ପୁରୁଣା ଅଳଙ୍କାର ମରାମତି କରିଥାନ୍ତି। ବ୍ରଜକିଶୋର ପରିବାର ସହ ପୁରୀ ଦାଣ୍ଡମୁକୁନ୍ଦପୁର ଯାଇଥିଲେ। ସେଠାରେ ଦୁଇଦିନ ରହିଥିଲେ। ଏହି ସମୟରେ ସେ ରହୁଥିବା ଭଡାଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୮ଟି ସୁନା ଲକେଟ, ୬ଟି ନାକଫୁଲ, ୧୫ଶହ ଗ୍ରାମର ରୁପା ଅଳଙ୍କାର ଓ ୧୫ହଜାର ଟଙ୍କା ନେଇଯାଇଛନ୍ତି। ଚୋରି ହୋଇଥିବା ସୁନା ଅଳଙ୍କାରର ଆନୁମାନିକ ମୂଲ୍ୟ ୭୦ ହଜାର ଏବଂ ରୁପା ଅଳଙ୍କାର ୧ଲକ୍ଷ ୨୦ ହଜାର ଟଙ୍କା। ତେବେ ଚୋରି ହୋଇଥିବା ଜାଣିବା ପରେ ବ୍ରଜକିଶୋର ଥାନାରେ ଅଭିଯୋଗ କରିଥିଲେ।

### ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ନବୀକରଣ ଦାବି

ଟାଙ୍ଗୀ,୧୮।୮(ରଘୁନାଥ ସାହୁ)

ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ନବୀକରଣ କରିବା ପାଇଁ ଦାବି ହୋଇଛି। ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ଦେଇଥିବା ସ୍ୱାସ୍ଥ୍ୟକାର୍ଡର ଅବଧି ଅଗଷ୍ଟ ୩୧ ତାରିଖ ରହିଛି। ତେଣୁ ଏହି କାର୍ଡର ଅବଧି ଶେଷ ହେବା ପୂର୍ବରୁ ନବୀକରଣ କରିବା ପାଇଁ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ସାମ୍ବାଦିକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏହି କାର୍ଡ ମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନେ ଓ ସେମାନଙ୍କ ପରିବାର ସଦସ୍ୟ ସ୍ୱାସ୍ଥ୍ୟସେବା ପାଉଛନ୍ତି। ତେବେ ସରକାରଙ୍କ କୌଣସି ନିର୍ଦ୍ଦେଶନାମା ଏ ସମ୍ପର୍କରେ ଆସି ନ ଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

### ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

ବେଗୁନିଆ,୧୮।୮(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୋଷ୍ୟାକର୍ତ୍ତ୍ରୀ ବାଉରୀ ଶ୍ରୀଚନ୍ଦନଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ ବୋଲି କହିଥିଲେ। ଆଗାମୀ ଦିନରେ ଗ୍ରାମାଞ୍ଚଳ ଓ ବିଦ୍ୟାଳୟସ୍ତରରେ ଚାରାରୋପଣ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। କାର୍ଯ୍ୟକ୍ରମକୁ ଶିକ୍ଷକ ପଠାଣି କୁମାର ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ, ଶିକ୍ଷମାନେ ସହଯୋଗ କରିଥିଲେ।

# ବଦଳିଲେ ସିଡିପିଓ, ନିଲମ୍ବିତ ହେଲେ କିରାଣି

ବୋଲଗଡ଼,୧୮।୮(ଦେବବ୍ରତ ହୋତା)

**ବୋଲଗଡ଼ ବ୍ଲକ**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟରେ ଚାଲିଥିବା ସରକାରୀ ଅର୍ଥ ବାଟମାରଣା ଓ ବିଭିନ୍ନ ଅନିୟମିତତା ନେଇ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଠାରେ କାର୍ଯ୍ୟରତ ସିଡିପିଓଙ୍କ ବଦଳି କରାଯାଇଥିବା ବେଳେ କିରାଣିଙ୍କୁ ନିଲମ୍ବିତ କରାଯାଇଛି।

ଦୀର୍ଘ ୨ବର୍ଷ ହେବ ବୋଲଗଡ଼ ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହେବା ସହ ବହୁ ବାଦବିବାଦ ଲାଗି ରହିଥିଲା। ଏଠାରେ କାର୍ଯ୍ୟରତ ସିଡିପିଓ କ୍ରିଷ୍ଟପ୍ରିୟା ପ୍ରଧାନ ଦୁର୍ନୀତିରେ ଲିପ୍ତ ରହି ଲକ୍ଷାଧିକ ଟଙ୍କା ତୋସରପାତ କରିବାରୁ ଜିଲା ପ୍ରଶାସନ ତାଙ୍କଠାରୁ ଗତ ଏକ ବର୍ଷ ହେବ ଆର୍ଥିକ କ୍ଷମତା ଅପସାରଣ କରିବା ସହିତ ଦରମାର ଅଧା ଟଙ୍କା ରିକଭରି କରୁଥିଲା। ସେ ବିଭାଗୀୟ ତହବିଲରୁ ୩୦ଲକ୍ଷ ଟଙ୍କା ତୋସରପାତ କରିବା ସହିତ ଅଙ୍ଗନୱାଡି କର୍ମୀଙ୍କର ଓଜନ ଦିବସର ୧ଲକ୍ଷ ୧୪ହଜାର ଟଙ୍କା ଏବଂ ଅରୁଣିମାର କୁନି କ୍ୟାଲେଣ୍ଡର ଯୋଗାଇବା ପାଇଁ ନେଇଥିବା ୨ଲକ୍ଷ ୨୮ ହଜାର ଟଙ୍କା ହଡ଼ପ କରିଥିବା ନେଇ କର୍ମୀମାନେ ବିଭିନ୍ନ ସମୟରେ ସିଡିପିଓଙ୍କୁ ଘେରାଉ କରିବା ସହିତ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ରାଜ୍ୟ ସରକାର ଗତ ୧୩ ତାରିଖରେ ସିଡିପିଓ ପ୍ରଧାନଙ୍କୁ ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟର ପ୍ରୋଗ୍ରାମ ଅଧିକାରୀ ଭାବେ ବଦଳି କରିଛନ୍ତି। ୧୭ ତାରିଖରେ ବୋଲଗଡ଼ ବ୍ଲକର ବରିଷ୍ଠ ପରିଦର୍ଶିକା ଗାୟତ୍ରୀ ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ବିଦାୟ ନେଇଛନ୍ତି। ଅନୁରୂପ ଭାବେ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ କିରାଣି ଜଗନ୍ନାଥ ନାୟକଙ୍କୁ କାର୍ଯ୍ୟରେ ଅବହେଳା, ଅର୍ଥ ତୋସରପତ ଓ କାଗଜପତ୍ର ପ୍ରସ୍ତୁତିରେ ଅବହେଳା ସହିତ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ସହ ଜଗନ୍ନାଥଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ବୋଲଗଡ଼ ବ୍ଲକ ଅଙ୍ଗନୱାଡି କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏନେଇ ସିଡିପିଓ କ୍ରିଷ୍ଟପ୍ରିୟା ପ୍ରଧାନ କହିଛନ୍ତି, ବିଭାଗ ପକ୍ଷରୁ ମୋ ଦରମାରୁ ଟଙ୍କା ରିକଭରି କରାଯାଇଛି। ବୋଲଗଡ଼ରେ ଚାକିରି କାର୍ଯ୍ୟକାଳ ୩ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବାରୁ ନିୟମାନୁଯାୟୀ ତାଙ୍କର ବଦଳି ହୋଇଛି। ତେବେ କାର୍ଯ୍ୟରେ ଅବହେଳା ଓ ନିୟମିତ ଅଫିସ ନ ଆସିବାରୁ କିରାଣି ଜଗନ୍ନାଥଙ୍କୁ ନିଲମ୍ବନ କରାଯାଇଛି ବୋଲି ସେ କହିଛନ୍ତି।

## ଝାଁଳାରେ ଝୁଲଣ ଯାତ୍ରା


ଝୁଲଣ ଯାତ୍ରା ଅବସରରେ ସଂକୀର୍ତ୍ତନ କରାଯାଉଛି।

ଝାଁଳା,୧୮।୮(ବୁଲା ବାରିକ)

ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ତଥା ଜଟଣୀ ବ୍ଲକ ଅନ୍ତର୍ଗତ ଝାଁଳା ଗ୍ରାମରେ ଶ୍ରୀରାଧାମାଧବ ଦେବଙ୍କ ଝୁଲଣ ମଣ୍ଡପରେ ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଛି। ଏହି ଯାତ୍ରା କାହିଁ କେଉଁ କାଳରୁ ଚାଲି ଆସୁଅଛି। ଶ୍ରାବଣ ଶୁକ୍ଳପକ୍ଷ ଅଷ୍ଟମୀଠାରୁ ଆରମ୍ଭ ହୋଇ ରକ୍ଷାବନ୍ଧନ ତଥା ବଳଭଦ୍ର ଜନ୍ମ ପୂର୍ଣ୍ଣମୀ ଦିନ ସମାପନ ହୁଏ। ପ୍ରତି ବର୍ଷ ଭଳି ଏଥର ମଧ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ବହୁ ଦୋକାନ ଖୋଲିଥିବା ବେଳେ ଅପେରା ଗତ ୧୬ରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଖୋଲା ମଞ୍ଚରେ ଅନୁଷ୍ଠିତ ହେଉଛି। ଏହି ଝୁଲଣ ଯାତ୍ରା ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

## 'ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ବିକଶିତ ହୁଏ'


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବୋଲଗଡ଼,୧୮।୮(ଦେବବ୍ରତ ହୋତା)

**ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ**

ସାମାଜିକ ସଙ୍ଗଠନ 'ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର' ଶିଶୁମାନଙ୍କର ଶିକ୍ଷାକ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି ପାଇଁ ଶିଶୁବିକାଶ ମାସିକ ପ୍ରତିଯୋଗିତା, ପ୍ରାଦେଶିକ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା, ଶିଶୁ ମହୋତ୍ସବ, ସଙ୍ଗୀତ, ନୃତ୍ୟ, ଅଲମ୍ପିଆଡ ଆଦି ପ୍ରତିଯୋଗିତା ଦ୍ୱିତୀୟ ଶ୍ରେଣୀରୁ ନବମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ଆୟୋଜନ କରିଥାଏ। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଉକ୍ତ କେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ ରାଜ୍ୟର ବିଭିନ୍ନ ଜିଲାରେ ଆୟୋଜନ କରାଯାଉଛି। ଖୋର୍ଦ୍ଧା ଜିଲା ସଂଯୋଜକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସାନନ୍ଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଦେଉଳିଠାରେ ସଙ୍ଗୀତ, ଚିତ୍ରାଙ୍କନ, ତର୍କ, ସାଧାରଣ ଜ୍ଞାନ, ପ୍ରବନ୍ଧ ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ବୋଲଗଡ଼ ଏବଂ ବେଗୁନିଆ ବ୍ଲକର ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ଦୁଇଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ବାସନ୍ତୀବାଳା ମହାପାତ୍ର ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ବିନୟ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦେଇଥିଲେ। ପରେ ଗୁରୁମା' ଗୁରୁଜୀମାନଙ୍କ ସହଯୋଗରେ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଯାପନୀ ସମାରୋହ ତଥା ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ଶ୍ରୀରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ହିଁ ପ୍ରତିଭାକୁ ବିକଶିତ କରିଥାଏ ବୋଲି କହିଥିଲେ। ବସନ୍ତ କୁମାର ସାହୁ ମୁଖ୍ୟବକ୍ତା, ପ୍ରଫୁଲ୍ଲ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ୨୪ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୧୮।୮(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମସ୍ଥିତ ସ୍ୱରାଜ କ୍ଲବ ଏବଂ ଶ୍ରୀ ରାଧାମୋହନ ଦେବ ସତ୍‌ଶିକ୍ଷା କେନ୍ଦ୍ରର ମିଳିତ ସହଯୋଗରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାଗୃହରେ ଆୟୋଜିତ ଏହି ଶିବିରରେ ମୋଟ୍ ୨୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ବିଶିଷ୍ଟ ନାଟ୍ୟକାର ଡ. ବନବିହାରୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ସମାଜସେବୀ ଶ୍ରୀନିବାସ ବାଘସିଂହ, କ୍ଲବ ସଂଯୋଜକ ବାସୁଦେବ ନନ୍ଦ ଯାଦବ, ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ସୌରଭ ସୁନ୍ଦରରାୟ, ଲାବ୍ ଟେକ୍ନିସିଆନ ଅରୁଣ କୁମାର ସାହୁ, ଶ୍ରୀକାନ୍ତ ସାମନ୍ତସିଂହାର, ସହାୟିକା ଅମିତା ନାୟକ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସତ୍‌ଶିକ୍ଷା କେନ୍ଦ୍ରର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସଂଯୋଜକ ନାରାୟଣ ଦାଶ, ସଭ୍ୟ ଡମ୍ବରୁଧର ବେହେରାଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରାଫିକ୍ କର୍ମଚାରୀଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୮।୮(ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ ଛକରେ ଟ୍ରାଫିକ ପରିଚାଳନା କରୁଥିବା କେତେଜଣ ଟ୍ରାଫିକ୍ କର୍ମଚାରୀ ଆକ୍ରମଣର ଶିକାର ହୋଇଛନ୍ତି। ଏକ ଶପିଂ ମଲ୍‌ର ବେଆଇନ ପାର୍କିଂକୁ ବିରୋଧ କରିବାରୁ ସମ୍ପୃକ୍ତ ଟ୍ରାଫିକ୍ କର୍ମଚାରୀଙ୍କୁ ଉକ୍ତ ମଲ୍‌ର ମ୍ୟାନେଜର ଗାଳିଗୁଲଜ କରିବା ସହ ଚାକିରି ନେଇଯିବାକୁ ଧମକ ଦେଇ ଆକ୍ରମଣ କରିଥିବା ସୂଚନା ମିଳିଛି। ଏହାକୁ ନେଇ ଘଟଣାସ୍ଥଳରେ ଉଭୟଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ହୋଇଥିଲା। ଖବର ପାଇ ଟ୍ରାଫିକ ଏସିପି ଜୟନ୍ତ ଦୋରା ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ମ୍ୟାନେଜରଙ୍କୁ ଥାନାରେ ଅଟକ ରଖିବା ସହ ଅଧିକ ତଦନ୍ତ ଜାରି ରଖିଛି। ଏହି ଆକ୍ରମଣରେ ଜଣେ ଟ୍ରାଫିକ କର୍ମଚାରୀ ଆହତ ହୋଇଛନ୍ତି।

## ଓଡ଼ିଶୀ ନୃତ୍ୟଗୁରୁ ସାନ୍ତା ରାଓଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଜଟଣୀ,୧୮।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ସାଂସ୍କୃତିକ ଅନୁଷ୍ଠାନ 'ସଙ୍ଗୀତା' ପକ୍ଷରୁ ଓଡ଼ିଶୀ ନୃତ୍ୟଗୁରୁ ସାନ୍ତା ରାଓଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗୀତା'ର କାର୍ଯ୍ୟକାରୀ ସଭାପତି ରଣଜିତ ଦାସ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସାମ୍ବାଦିକ ଦେବନାରାୟଣ ସେଠୀ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ଅଜୟ କୁମାର ବିଶ୍ୱାଳ, ବରିଷ୍ଠ ଓଡ଼ିଶୀ ନୃତ୍ୟଶିଳ୍ପୀ ଶମ୍ଭୁ ଦତ୍ତ ସ୍ୱାଇଁ, ଓଡ଼ିଶୀ କଣ୍ଠସଙ୍ଗୀତ ଗୁରୁ ସତ୍ୟେନ୍ଦ୍ର ମହାନ୍ତି, ତବଲାବାଦକ ପ୍ରଦୀପ ବରିଶଲ, ଦୃଶ୍ୟକଳା ଅଧ୍ୟାପକ ସତ୍ୟଜିତ୍ ଭଞ୍ଜ, ଅଧିବକ୍ତା ତଥା ବିଶିଷ୍ଟ କଣ୍ଠଶିଳ୍ପୀ ସୁଶୀଲ କୁମାର ରଥ, ମର୍ଦ୍ଦଳ ଗୁରୁ ସୁବାସ ପଣ୍ଡା, ଅକ୍ଟୋପ୍ୟାଡ ଶିଳ୍ପୀ ରମେଶ ଦାସ, ମନୋରମା ଷଡ଼ଙ୍ଗୀ, ଇତିଶ୍ରୀ ସାମନ୍ତରାୟ, ଜ୍ୟୋସ୍ନାରାଣୀ ସାହୁ, ସିମ୍ରନ ଶୁଭଶ୍ରୀ, ସିପ୍ରାରାଣୀ ପାଢ଼ୀ, ଅନ୍ୱେଷା ମହାପାତ୍ର, ଅନୁଶ୍ରୀୟା ସାହୁ, ଆୟୁଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାନ୍ତା ରାଓଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଙ୍ଗୀତା'ର ପ୍ରଶିକ୍ଷଣ ସମ୍ପାଦିକା ସନ୍ଧ୍ୟାରାଣୀ ପାଢ଼ୀ, ଆର୍ଥିକ ଓ ଯୁଗ୍ମ ସମ୍ପାଦକ ଅଧିବକ୍ତା ମାନସ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୫୫ ୟୁନିଟ୍ ରକ୍ତ ସଂଗ୍ରହ




ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଗଡ଼ହଳଦିଆ ପଞ୍ଚାୟତର ବ୍ରାହ୍ମଣବେରେଣୀ ଗ୍ରାମ ଯୁବଗୋଷ୍ଠୀଙ୍କ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ମୋଟ୍ ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଖୋର୍ଦ୍ଧା ବ୍ଲଡବ୍ୟାଙ୍କ ଅଧିକାରୀ ଡା. ସୌରଭ ରାୟ ତତ୍ତ୍ୱାବଧାନ ଏଲ୍‌ଟି ଅରୁଣ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

## ପାଣିଘେରରେ ୧୦ ପରିବାର ଘଟଣା: ସ୍ଥିତି ପରଖିଲା ପ୍ରଶାସନ

ନିରାକାରପୁର,୧୮।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଲେଣ୍ଡୋ ପଞ୍ଚାୟତ ଅଧୀନ ଆସେଲି-କ୍ଷେତ୍ରପାଳୀ ଡୋମଣି ସାହିରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହିଥିଲା। ଫଳରେ ଗ୍ରାମର ୧୦ ପରିବାର ପାଣି ଘେରରେ ରହିଥିଲେ। କେତେଜଣଙ୍କ ଘରେ ଓ ଚୁଲିରେ ପାଣି ପଶିଯିବାରୁ ରୋଷେଇ କରିପାରି ନ ଥିଲେ। ମଇଳା ଆବର୍ଜନା ପାଣିରେ ପିଲାମାନେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଯାତାୟାତ କରୁଥିଲେ। ଏନେଇ 'ଧରିତ୍ରୀ'ରେ ପାଣିଘେରରେ ୧୦ ପରିବାର ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା।

ରବିବାର ବିଡିଓ ରେସ୍ମା ଟେଟେ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକ୍ରମ ପାହାଡ଼ସିଂହଙ୍କ ସମେତ ୱାର୍ଡ ପଞ୍ଚାୟତ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ବୁଲି ଦେଖିଥିଲେ। ଏନେଇ ଆସନ୍ତା ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ଆଲୋଚନା କରାଯାଇ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ଗ୍ରାମରେ ପାଣି ଯାଉଥିବା ରାସ୍ତାକୁ ବନ୍ଦ କରି ସେଠାରେ କୋଠାଘର ନିର୍ମାଣ କରାଯାଇଛି। ସେହିପରି ବିଲକୁ ପାଣି ଯାଉଥିବା ସ୍ଥାନକୁ ମାଟି ପକାଇ ବନ୍ଦ କରାଯାଇଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହୁଛି।

## ଷ୍ଟାଫ୍‌ନର୍ସଙ୍କ କ୍ୟାଣ୍ଡେଲ ପଦଯାତ୍ରା

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

କୋଲକାତାର ଆର୍.ଜି. କର ମେଡିକାଲ କଲେଜର ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ସାରା ଭାରତରେ ଆନ୍ଦୋଳନ ତେଜିବାରେ ଲାଗିଛି। ଶନିବାର ଓଡ଼ିଶା ମେଡିକାଲ ଆସୋସିଏଶନ ଖୋର୍ଦ୍ଧା ଶାଖା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ର ଡାକ୍ତରମାନେ ପ୍ରତିବାଦ କରିଥଲେ। କାର୍ଯ୍ୟରତ ସମସ୍ତ ଡାକ୍ତର, ଷ୍ଟାଫ ନର୍ସ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରିଥିଲେ। ସେହିପରି ରବିବାର ଡିଏଚ୍‌ଏଚ୍‌ରେ କାର୍ଯ୍ୟରତ ମହିଳା ଷ୍ଟାଫ ନର୍ସମାନେ ପ୍ରତିବାଦ କରିଛନ୍ତି। କ୍ୟାଣ୍ଡେଲ ଶୋଭାଯାତ୍ରାରେ ମେଡିକାଲରୁ ଚଣ୍ଡିଚୁଆ ଛକ, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପ୍ରାୟ ଏକ କିମି ପଦଯାତ୍ରା କରିଥିଲେ। ପୀଡ଼ିତାଙ୍କୁ ନ୍ୟାୟ, ଠିକ ତଦନ୍ତ ଏବଂ ଡାକ୍ତର, କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ଦାବି କରିଛନ୍ତି। ସ୍ୱାଧୀନତାର ୭୮ବର୍ଷ ପରେ ବି ମହିଳା ଅସୁରକ୍ଷିତ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଯାହାଦ୍ୱାରା ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବ ସେଥିପ୍ରତି ସରକାର ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି।


ଡିଏଚ୍‌ଏଚ୍‌ରେ କାର୍ଯ୍ୟରତ ଷ୍ଟାଫ ନର୍ସମାନେ ପ୍ରତିବାଦ କରୁଛନ୍ତି।

**ଜଟଣୀ ଗଣେଶ ପୂଜା**

# ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର



ଜଟଣୀ,୧୮।୮(ରବୀନ୍ଦ୍ରନାଥ ମହାକୁଡ଼)

ଆସୁଛି ପାର୍ବଣ ଋତୁ। ଧରାପୃଷ୍ଠକୁ ଓହ୍ଲାଇବେ ଦେବଦେବୀ। ପ୍ରଥମେ ଅଗ୍ରପୂଜ୍ୟ ଶ୍ରୀଗଣେଶ। ଆସନ୍ତା ୭ ତାରିଖରେ ଧରାପୃଷ୍ଠକୁ ଓହ୍ଲାଇବେ ଶ୍ରୀଗଣେଶ। ଏଥିପାଇଁ ସବୁଠି ରହିଛି ଉତ୍ସାହ। ସଜେଇ ହେଉଛି ପୂଜାମଣ୍ଡପ। ଗଣେଶ ପୂଜା ଲାଗି ଦ୍ୱିତୀୟ ମୁମ୍ବାଇ ସହରଭାବେ ଖୋର୍ଦ୍ଧା ଜିଲାର ଜଟଣୀ ସହର ପରିଚିତ। ପୂଜା ଆୟୋଜନ ଲାଗି ଜଟଣୀ ସହର ଉତ୍ସବମୁଖର ହୋଇଉଠିଛି। ଏନେଇ କାରିଗର, ଆୟୋଜକ ଏବଂ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ସାହିବସ୍ତି, ବ୍ୟବସାୟୀ ସଂଘ ଏବଂ କ୍ଲବ ପକ୍ଷରୁ ଧୁମଧାମରେ ଗଣେଶ ପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ମୂର୍ତ୍ତି ନିର୍ମାଣରେ ନିମଗ୍ନ ରହିଛନ୍ତି ଶିଳ୍ପୀ ତଥା କାରିଗର। ମୂର୍ତ୍ତି କାରିଗରମାନେ ଲୋକଙ୍କୁ ଆକୃଷ୍ଟ କରିବାକୁ ଭଳିକି ଭଳି ଡିଜାଇନର ଶ୍ରୀଗଣେଶଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି। ଏଠାରେ ବିଶେଷକରି ପଶ୍ଚିମବଙ୍ଗର କାରିଗର ମୂର୍ତ୍ତି ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପୂଜା କମିଟି ସଦସ୍ୟମାନେ ସାଜସଜ୍ଜା କରାଯିବ, ସେନେଇ କିଭଳି ମଣ୍ଡପକୁ ସୁନ୍ଦରଭାବେ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି।

### ଏମାନେ ଯାହା କୁହନ୍ତି...


" ମୂର୍ତ୍ତି ନିର୍ମାଣ ପାଇଁ ମାଟି ସ୍ଥାନୀୟ ଅଞ୍ଚଳରୁ ଅଣାଯାଉଛି। ମୂର୍ତ୍ତି ସାଜସଜ୍ଜା ପାଇଁ ଲୁଗା, ମୁକୁଟ ଏବଂ ଅଳଙ୍କାର କୋଲକାତାରୁ ଆସିଥାଏ। ୫ଫୁଟରୁ ଆରମ୍ଭ କରି ୫୦ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ନିର୍ମାଣ କରୁଛୁ। ବାଉଁଶ, ନଡା, ସୁତୁଲିରେ ଷ୍ଟ୍ରକ୍‌ଚର କରିବା ପରେ ମାଟିଲେପ ଦିଆଯାଇ ମୂର୍ତ୍ତି କାମ ଆରମ୍ଭ ହୋଇଥାଏ। ତେବେ କାମ ଅନୁସାରେ କାରିଗରଙ୍କୁ ଉଚିତ ପାରିଶ୍ରମିକ ମିଳୁନାହିଁ।

**ଅଶୋକ ପଟ୍ଟନାୟକ, ଶିଳ୍ପୀ, ପଶ୍ଚିମବଙ୍ଗ**


" ପାର୍ବଣ ସମୟରେ ଲୋକଙ୍କ ଚାହିଦା ମୁତାବକ ବିଭିନ୍ନ ମୂର୍ତ୍ତି ନିର୍ମାଣ କରାଯାଉଛି। ପ୍ରଥମେ କୋଲକାତାର କୁମାରଟୋଲିରେ ମୂର୍ତ୍ତି କାମ କରୁଥିଲି। ଗତ ୫୪ବର୍ଷ ହେବ ଜଟଣୀରେ ଆସି ମୂର୍ତ୍ତି କାମ କରୁଛି। ଏବେ ମୂର୍ତ୍ତି ଗଢ଼ିବା ପାଇଁ ଉପଯୁକ୍ତ ମାଟି ମିଳିବାରେ ଅସୁବିଧା ହେଉଛି। ଲୋକେ କମ୍ ଟଙ୍କାରେ ଭଲ ମୂର୍ତ୍ତି ଦାବି କରୁଛନ୍ତି। ବିଭିନ୍ନ ଡିଜାଇନର ମୂର୍ତ୍ତି ଗଢ଼ିବାରେ ବହୁ ସମୟ ସହିତ ଅଧିକ ସାମଗ୍ରୀ ଲାଗୁଛି। ଉଚିତ୍ ପାଉଣା ମିଳୁ ନ ଥିବାରୁ ଯୁବପିଢ଼ି ଏହି କାମରେ ଆଗ୍ରହ ପ୍ରକାଶ କରୁନାହାନ୍ତି।

**ନିଶିକାନ୍ତ ପଟ୍ଟନାୟକ, ଶିଳ୍ପୀ, ପଶ୍ଚିମବଙ୍ଗ**

# ଆଜି ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ସହ ବଡ଼ଠାକୁରଙ୍କ ଜନ୍ମନୀତି

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ଅବସରରେ ଶ୍ରୀକ୍ଷେତ୍ର ସମେତ ଶ୍ରୀମନ୍ଦିରରେ ସୋମବାର ରକ୍ଷାବନ୍ଧନ ପର୍ବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଥିବା ମହାପ୍ରଭୁ ବଡ଼ଠାକୁର ବଳଭଦ୍ର ଏବଂ ଶ୍ରୀଜଗନ୍ନାଥ ମଧ ଭଉଣୀ ସୁଭଦ୍ରାଙ୍କ ହାତରୁ ରାଖୀ ପରିଧାନ କରିବେ। ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ସହ ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଏବଂ ୨ଟି ଲେଖାଏ ଗୁଆମାଳ ପରିଧାନ କରିବେ। ପାଟରା ବିଶୋଇ ସେବକ ମହାପ୍ରଭୁଙ୍କ ନିମନ୍ତେ ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଡ଼ଠାକୁର ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରିବେ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଭୋଗମଣ୍ଡପ ସରିବା ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ଅନୁଷ୍ଠିତ ହେବ। ପରେ ତିନିବାଡ଼ରେ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମନ୍ଦିରସ୍ଥ ସର୍ବାଙ୍ଗ ନୀତି ସମ୍ପନ୍ନ କରିବା ପରେ ବୋଇରାଣୀ ପତନୀ ନୂଆ ଲୁଗା ଲାଗି କରାଯାଇ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ଦ୍ୱିପ୍ରହର ଧୂପବେଶ ବଢ଼ିବ। ଏହାପରେ ତିନିଖଣ୍ଡ ଆଜ୍ଞାମାଳ ଠାକୁରଙ୍କ ଦକ୍ଷିଣ ଭୁଜରେ ଗୋଟିଏ ଏବଂ ବାମ ଭୁଜରେ ଲାଗି କରାଯିବ। ପରେ ପାଟରା ବିଶୋଇ ଦେଇଥିବା ୪ ଗୋଟି ରାଖୀ ଏବଂ ୪ ଗୋଟି ଗୁଆମାଳକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ରଙ୍କ ଶ୍ରୀହସ୍ତରେ ପୁଷ୍ପାଳକ ସେବକମାନେ ବାନ୍ଧିବେ। ଅପରପକ୍ଷେ ଏହି ତିଥିରେ ବଡ଼ଠାକୁର ବଳଭଦ୍ର ଜନ୍ମଗ୍ରହଣ କରିଥିବାରୁ ତାଙ୍କ ସମ୍ମୁଖରେ ସିଂହାସନ ତଳେ ଷଷ୍ଠୀମାର୍କଣ୍ଡି ଓ ବରୁଣ ପୂଜା ଅନୁଷ୍ଠିତ ହେବ। ପରେ ପାଣି ପଡ଼ି ଧୋପୋଖାଳ ହୋଇ ଶ୍ରୀମନ୍ଦିରରେ ମଧାହ୍ନ ଧୂପ ଏବଂ ଯାତ୍ରାଙ୍ଗୀ ଭୋଗ ସମ୍ପନ୍ନ ହେବା ପରେ ମଙ୍ଗଳାର୍ପଣ ଓ ବନ୍ଦାପନା ନୀତି ହେବ। ପରେ ଶ୍ରୀମଦନମୋହନ ରତ୍ନ ସିଂହାସନକୁ ବିଜେ କରିବେ। ଆଜ୍ଞାମାଳ ପାଇ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ଝୁଲଣ ମଣ୍ଡପକୁ ବିଜେ କରିବେ। ପରେ ଦଇତାପତି ସେବକମାନେ ଭିତରକୁ ପ୍ରବେଶ କରିବେ। ମହାପ୍ରଭୁଙ୍କ ନିକଟରୁ ଏକ ଆଜ୍ଞାମାଳ ଶ୍ରୀସୁଦର୍ଶନଙ୍କୁ ପ୍ରଦାନ କରାଯିବ। ପରେ ଦଇତାପତିମାନେ ସୁଦର୍ଶନଙ୍କୁ ବିଜେ କରାଇ ଜଗମୋହନଠାରେ ଚଉଦୋଳକୁ ବିଜେ କରାଇ ସେଠାରେ ପତନୀ ଓ ମାଳଚୂଳ ଲାଗି କରିବା ପରେ ଝୁଲଣ ମଣ୍ଡପ ନିକଟରେ ସୁବର୍ଣ୍ଣ ଓଡ଼ିଆଣି ଓ ହରଡ଼ ମାଳି ଲାଗି କରାଯିବ। ପରେ ବିମାନବଡୁ ସେବକମାନେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରାଇବେ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିବେ। ପୂଜାପଣ୍ଡା ସାମନ୍ତ ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିବେ। ଏହାପରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଶୀତଳ ଭୋଗ କରିବେ। ପରେ ବନ୍ଦାପନା ନୀତି ସମ୍ପନ୍ନ ହେବ। ଏହାପରେ ପ୍ରତିମୂର୍ତ୍ତିକୁ ଜଳରେ ବିସର୍ଜନ କରାଯିବ। ନୀତି ସମ୍ପନ୍ନ ହେବା ପରେ ଶ୍ରୀସୁଦର୍ଶନ ଚାରି ଆଶ୍ରମ ମାର୍କଣ୍ଡେୟ, ଭୃଗୁ, ଅଙ୍ଗିରା ଏବଂ ପଣ୍ଡୁ ଆଶ୍ରମ ସହ ନଗର ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।



ସୁପ୍ରିମକୋର୍ଟର ବିଚାରପତି ସଞ୍ଜୀବ ଖାନ୍ନା ଓ ତାଙ୍କ ସ୍ତ୍ରୀ ରବିବାର ସକାଳେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ।

## ସଂକ୍ଷେପରେ

### ସୂଚନା କେନ୍ଦ୍ର ଅନ୍ୟତ୍ର ନିର୍ମାଣ କରିବାକୁ ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର ନିକଟରେ ସୂଚନା କେନ୍ଦ୍ର ନିର୍ମାଣ ବନ୍ଦ କରିବାକୁ ଦାବି କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ସାମାଜିକ କର୍ମୀ ଦିଲୀପ ବରାଳ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ଏଏସ୍ଆଇ ବିନା ଅନୁମତିରେ ସୂଚନା କେନ୍ଦ୍ର ନିର୍ମାଣ କାର୍ଯ୍ୟ କରୁଛି। ତେବେ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ସୂଚନା କେନ୍ଦ୍ର ନିର୍ମାଣ କରାଗଲେ, ଛାଉଣୀ ମଠର ଗୋଟିଏ କାନ୍ଥ ସମ୍ପୂର୍ଣ୍ଣ ଭାବେ ଲୁଚିଯିବ। ସିଂହଦ୍ୱାରର ଗୋଟିଏ ସିଂହମୂର୍ତ୍ତି ଦୂରରୁ ଭଲ ଭାବେ ଦୃଶ୍ୟମାନ ହେବ ନାହିଁ। ଏହାସହ ସିଂହଦ୍ୱାର ସମ୍ମୁଖରେ ସବୁବେଳେ ଗହଳି ଲାଗି ରହିବ। ଫଳରେ ପତିତପାବନଙ୍କୁ ଭକ୍ତମାନେ ଦୂରରୁ ଭଲ ଭାବରେ ଦର୍ଶନ କରିପାରିବେ ନାହିଁ। ସିଂହଦ୍ୱାର ସୌନ୍ଦର୍ଯ୍ୟ ନଷ୍ଟ ହେବ। ତେଣୁ ସମସ୍ତ ଦିଗକୁ ନଜରରେ ରଖି ନିର୍ମାଣ ହେଉଥିବା ସ୍ଥାନରେ ସୂଚନା କେନ୍ଦ୍ର ନିର୍ମାଣ ବନ୍ଦ କରାଯାଇ ଅନ୍ୟ ସ୍ଥାନରେ ନିର୍ମାଣ କରାଯାଉ ବୋଲି ବରାଳ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରିଛନ୍ତି।

### ମରାମତି ଅଭାବରୁ ନୟାହାଟ-କଳାବୁଦା ରାସ୍ତା ଶୋଚନୀୟ

ଯୋଗେଶ୍ୱରପୁର,୧୮।୮(ରଶ୍ମିରଞ୍ଜନ ସାହୁ)

ନୟାହାଟ-କଳାବୁଦା ଦୀର୍ଘ ୧୦ କି.ମି. ରାସ୍ତା ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାଡ଼ ସୃଷ୍ଟି ହୋଇ ବର୍ଷାପାଣି ଜମି ରହୁଛି। ଦେଉଳି, ଇଶାଣପୁରୁ ଓ ବାଉଲାଙ୍ଗ ପଞ୍ଚାୟତର ସାଧାରଣ ଜନତା ଉକ୍ତ ରାସ୍ତା ଦେଇ ନୟାହାଟକୁ ଯାତାୟାତ କରିଥାଆନ୍ତି। ଏହି ରାସ୍ତାରେ ରଙ୍ଗତୋଟା ଭାରୋଗଳଠାରେ ବଡ଼ ବଡ଼ ଖାଲ ହୋଇଥିବାବେଳେ ବିଭିନ୍ନ ସମୟରେ ବସ୍ ଓ ଅନ୍ୟ ଯାନବାହନ ମାଲ ବୋଝେଇ ଗାଡ଼ି ଏହି ରାସ୍ତାରେ ଗଳି ପଡୁଛି। ତେଣୁ ଏହି ରାସ୍ତା ଦେଇ ଯିବାକୁ ସେମାନେ ନିରାପଦ ମଣୁ ନାହାନ୍ତି। ପ୍ରସିଦ୍ଧ କାଳିଆ ଗାଦି ମଠ ପାଇଁ ଲୋକେ ଏହି ରାସ୍ତା ଦେଇ ଯାଉଛନ୍ତି। ପ୍ରତିଦିନ ସାଇକେଲ ଓ ବାଇକ୍ ଏହି ରାସ୍ତାରେ ଯାତାୟାତ କଲାବେଳେ ଖାଲରେ ପଡ଼ି କ୍ଷତବିକ୍ଷତ ହେଉଛନ୍ତି। ଉକ୍ତ ରାସ୍ତାଟି କୋଣାର୍କ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ବିଭାଗୀୟ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରେ, ବର୍ଷାଦିନେ ଫିଟୁ କାମ ହେଇପାରିବ ନାହିଁ। ଖାଲଗୁଡ଼ିକ ମରାମତି କରାଯିବ ବୋଲି ସେ କହିଛନ୍ତି।

### ବିନୋଦିନୀ ଦାଶଙ୍କ ସ୍ମୃତିସଭା

ଅସ୍ତରଙ୍ଗ,୧୮।୮(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅଧୀନ ଇସମାଇଲପୁର ଗ୍ରାମର ବିନୋଦିନୀ ଦାଶଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲୀପ ଜେନା, ପୂର୍ବତନ ସହ ଶିକ୍ଷାଧିକାରୀ ପ୍ରଶାନ୍ତ ଜେନା, ପଙ୍କୋଜିନୀ ଦେଈ, ପୀତବାସ ନନ୍ଦ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ପୁତ୍ର ଅନ୍ତର୍ଯ୍ୟାମୀ, ଚନ୍ଦ୍ରକାନ୍ତ ଓ ଦୁର୍ଗାଚରଣ ଦାଶ, ବଳରାମ ଦାଶ, ପୁତ୍ରବଧୂ, ନାତୁଣୀ, ନାତି ପରିବାର, ବନ୍ଧୁବର୍ଗ ଆତ୍ମୀୟସ୍ୱଜନ ଯୋଗଦେଇ ବିନୋଦିନୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

## ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା, ବଳଭଦ୍ରଙ୍କ ଜନ୍ମ ସମ୍ପର୍କରେ ଆଲୋଚନାଚକ୍ର




ଶ୍ରୀବଡ଼ ଓଡ଼ିଆ ମଠ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଶ୍ରୀବଡ଼ ଓଡ଼ିଆ ମଠ ପରିସରରେ ରବିବାର ଶ୍ରୀଜଗନ୍ନାଥ ମନ୍ଦିରରେ ଝୁଲଣ ଯାତ୍ରା ଓ ବଳଭଦ୍ରଙ୍କ ଜନ୍ମ ତଥା ରକ୍ଷାବନ୍ଧନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶଂକର୍ଷଣ ମଙ୍ଗରାଜ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସରର ପ୍ରଫେସର ଗୌରପ୍ରିୟା ଦାଶ ଯୋଗଦେଇଥିଲେ। ମହାପ୍ରଭୁ ହେଉଛନ୍ତି ଅବତାରୀ, ସେ ସର୍ବ ରହସ୍ୟର ରହସ୍ୟ, ଅଜନ୍ମା, ମାତ୍ର ଭକ୍ତଙ୍କ ପରିତ୍ରାଣ ପାଇଁ ବଳଦେବ ରୂପେ ଜନ୍ମଗ୍ରହଣ କରିଛନ୍ତି ଓ ଝୁଲଣ ଯାତ୍ରା ତାଙ୍କର ରାସଲୀଳା ବୋଲି ମୁଖ୍ୟ ଅତିଥି ଦାଶ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ବଳରାମ ଦାଶ ବଳଭଦ୍ରଙ୍କ ଜନ୍ମ ବୃତ୍ତାନ୍ତ, ଝୁଲଣ ଯାତ୍ରା ଓ ରକ୍ଷାବନ୍ଧନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀମନ୍ଦିର ପୁରୋହିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ପାଳନର ରହସ୍ୟ ଉପସ୍ଥାପନ କରି ମାର୍କଣ୍ଡେୟ ପୁଷ୍କରିଣୀଠାରେ ବଳଭଦ୍ରଙ୍କ ଜାତ କର୍ମ କରାଯାଇଥାଏ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନ ସମ୍ପାଦକ ଡ. ଶଶିକାନ୍ତ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ମହାପାତ୍ର, କାର୍ତ୍ତିକ ସାହୁ, ଡ. ସ୍ନେହଲତା ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ପୂର୍ଣ୍ଣିମା ମାଳା, ଅପର୍ଣ୍ଣା ରଥ ଭଜନ ପରିବେଷଣ କରିଥିଲେ।

## ନୟାହାଟ ଫାଣ୍ଡିରେ ନାହିଁ ଭ୍ୟାନ, ପାଟ୍ରୋଲିଂ ସେବା ଠପ୍

ଯୋଗେଶ୍ୱରପୁର,୧୮।୮(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡିରେ ପାଟ୍ରୋଲିଂ କରିବା ଓ ଅପରାଧୀଙ୍କୁ ଧରିବା ପାଇଁ ଭ୍ୟାନ ନ ଥିବାରୁ ପୋଲିସକୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଭ୍ୟାନ ଯୋଗାଇ ଦେବାକୁ ପୁରୀ ଏସ୍ପିଙ୍କ ପାଖରେ ନୟାହାଟ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ଏ ଦିଗରେ କୌଣସି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ସୁରେନ୍ଦ୍ର ମୋହନ ବିଟି କହିଛନ୍ତି, ଫାଣ୍ଡିରେ ଯେଉଁ ବାଇକ୍ ପିସିଆର୍ ଭ୍ୟାନ୍ ଅଛି, ସେଥିରେ ଅପରାଧୀଙ୍କୁ ଧରି ବସାଇ ଆଣିବାକୁ ପୋଲିସ କର୍ମଚାରୀ ନିରାପଦ ମନେ କରୁନାହାନ୍ତି। ବେଳେବେଳେ ଯେଉଁ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି, ସେମାନଙ୍କୁ ଅଟୋରେ ଭଡ଼ା କରି କୋର୍ଟକୁ ପଠାଯାଇଥାଏ। ଫାଣ୍ଡି ଅଞ୍ଚଳରେ ୬ଟି ପଞ୍ଚାୟତର ୭୫ଟି ଗ୍ରାମ ଥିବାବେଳେ ଫାଣ୍ଡିରେ ୬ କନେଷ୍ଟବଳଙ୍କ ବଦଳରେ ୩ ଜଣ ଅଛନ୍ତି। ଗ୍ରାମାଞ୍ଚଳରେ ଘଟୁଥିବା ଗୋଷ୍ଠୀ ସଂଘର୍ଷ, ମାରପିଟ୍ ଓ ଚୋରି ରାହାଜାନି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ବାଇକ୍ ଜରିଆରେ ଧରିବାକୁ ଓ ରାତ୍ରକାଳୀନ ପାଟ୍ରୋଲିଂ ପାଇଁ ସକ୍ଷମ ହେଉନାହିଁ। ଏ ଦିଗରେ ପୁରୀ ଏସ୍ପି ଦୃଷ୍ଟି ଦେଇ ନୟାହାଟ ଫାଣ୍ଡିକୁ ଭ୍ୟାନ୍ ଯୋଗାଇ ଦେବାକୁ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ବିଦ୍ୟାଳୟ ମଧ୍ୟରେ ସ୍ୱେରେଜ ପାଇପ ଗଲେ ଶୈକ୍ଷିକ ବାତାବରଣ ନଷ୍ଟ ହେବ

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ପୁରୀର ପ୍ରମୁଖ ବିଦ୍ୟାଳୟ ଭାବେ ପରିଚିତ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ସ୍ୱେରେଜ ପାଇପ ଯିବା ଘଟଣାକୁ ନେଇ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ଏକ ଜରୁରିକାଳୀନ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟ ପଛ ପାଖରେ ଥିବା ଏକ ବସ୍ତିର ସ୍ୱେରେଜ ପାଇପକୁ ସ୍କୁଲ ପରିସର ମଧ ଦେଇ ନେବା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ୱାଟ୍କୋ ବିଭାଗୀୟ ମୁଖ୍ୟ ଅଧିକାରୀଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯାହା ଜାଣିବା ପରେ ପୁରାତନ ଛାତ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଶାସନର ଏପରି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛନ୍ତି। ପୁରାତନ ଛାତ୍ରଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି, ଏହି ପାଇପ ଲାଇନ ଗଲେ ବିଦ୍ୟାଳୟରେ ପଢୁଥିବା ପ୍ରାୟ ୧୫୦୦ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ଏଥିସହ ଅସ୍ୱାସ୍ଥ୍ୟକର ପରିବେଶ ଉପୁଜିବାର ସମ୍ଭାବନା ରହିଛି। ତେଣୁ ବୈଠକରେ ପୁରାତନ ଛାତ୍ରମାନେ ପ୍ରଶାସନ ପକ୍ଷରୁ ହେବାକୁ ଥିବା ଏହି ଅନୈତିକ କାର୍ଯ୍ୟ ବିରୋଧରେ ନିଜ ନିଜର ମତବ୍ୟକ୍ତ କରିବା ସହ ଆଗାମୀ ଦିନରେ ଏଭଳି କାର୍ଯ୍ୟକୁ ଦୃଢ଼ ବିରୋଧ କରିଆଇନଗତ କାର୍ଯ୍ୟାନୁଷ୍ଠାନ ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକ ପରେ ପୁରାତନ ଛାତ୍ରଙ୍କ ଏକ ପ୍ରତିନିଧି ମଣ୍ଡଳୀ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକଙ୍କୁ ନିଜର ପ୍ରତିବାଦ ଜଣାଇଛନ୍ତି। ଏଥିରେ ପୁରାତନ ଛାତ୍ର ରାମଚନ୍ଦ୍ର ଦାସମହାପାତ୍ର, ରବି ନାରାୟଣ ସେନାପତି, ମଧୁସୂଦନ ମିଶ୍ର, ରମା ବଲ୍ଲଭ ମହାପାତ୍ର, ଶିବ ରଥଶର୍ମା, ପ୍ରଦ୍ୟୁମ୍ନ ମିଶ୍ର, ଦେବାଶିଷ ମିଶ୍ର, ଦେବୀ ପ୍ରସାଦ ମହାନ୍ତି, ବାନାମ୍ବର ପଟ୍ଟନାୟକ, ସଂଗ୍ରାମ କାନୁନ୍ଗୋ, ସ୍କୁଲ ପରିଚାଳନା ସମିତିର ୨ ଜଣ ସଦସ୍ୟ ବୀରେନ୍ଦ୍ର ମିଶ୍ର, ବିଭୂତି ମିଶ୍ର ପ୍ରମୁଖ ଯୋଗ ଦେଇ ପ୍ରତିବାଦ କରିଥିଲେ।

## ଗାଁରେ ଲୋକଙ୍କୁ ଭେଟି ମୌଳିକ ସମସ୍ୟା ବୁଝିଲେ ସୁପ୍ରିମକୋର୍ଟ ବିଚାରପତି

ସାକ୍ଷୀଗୋପାଳ,୧୮।୮(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ୍/ଭରତ ରାଉତ)

ସୁପ୍ରିମକୋର୍ଟ ବିଚାରପତି ତଥା ଜାତୀୟ ଆଇନ ସେବା ପ୍ରାଧିକରଣ ଏକ୍‌ଜିକ୍ୟୁଟିଭ୍ ଚେୟରମ୍ୟାନ ଜଷ୍ଟିସ ସଞ୍ଜୀବ ଖାନ୍ନା ରବିବାର ପୁରୀ ଗସ୍ତରେ ଆସିଥିଲେ। ସେ ସତ୍ୟବାଦୀ ବ୍ଲକ୍ ଦୁଗଲ ଗ୍ରାମ ପଞ୍ଚାୟତର ଅଠାଇଶ ଗ୍ରାମରେ କଚ୍ଚା ଘରେ ବାସ କରୁଥିବା କିଛି ଭୂମିହୀନ ପରିବାରଙ୍କ ପାଖକୁ ଯାଇ ସେମାନଙ୍କ ମୌଳିକ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଦୀର୍ଘ ବର୍ଷ ହେଲା ସେମାନେ ପଲିଥିନ ତଳେ କଚ୍ଚା ଘରେ ରହୁଥିବାବେଳେ ତାଙ୍କୁ ସ୍ଥାୟୀ ଜମି ପଟ୍ଟା, ପକ୍କା ଘର, ଜାତି ପ୍ରମାଣପତ୍ର ମିଳୁନାହିଁ ବୋଲି ବିଚାରପତିଙ୍କୁ ଅଭିଯୋଗ କରିଥିଲେ। ସେହିପରି ସତ୍ୟବାଦୀ ବ୍ଲକ ଗ୍ରାମୀଣ ଆଇନ ସେବାକେନ୍ଦ୍ର ପରିଦର୍ଶନ କରି ଜଷ୍ଟିସ୍ ପାରା ଲିଗାଲ ଭଲେଣ୍ଟିୟରଙ୍କ ସହ ଆଇନ ସେବା ଓ ସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ବ୍ଲକ ସଭାଗୃହରେ ବିଭିନ୍ନ ବର୍ଗର ମହିଳା, ଅସହାୟ, ବୃଦ୍ଧାବୃଦ୍ଧ, ଶିଶୁଙ୍କଠାରୁ ଆଇନ ସେବା ସୁବିଧା ଉପଲବ୍ଧି ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଜଷ୍ଟିସ୍ ଖାନ୍ନା, ତାଙ୍କ ସ୍ତ୍ରୀ ଆଶା ଖାନ୍ନା, ଅନ୍ୟ ବିଚାରପତି ଓ ଅଧିକାରୀଙ୍କ ସହ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଜଷ୍ଟିସ୍‌ଙ୍କ ସ୍ୱତନ୍ତ୍ର ଅଧିକାରୀ ଶ୍ରେୟା ଆରୋରା ମେହେଟ୍ଟା, ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ, ପୁରୀ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅଜନ୍ତା ଷଡ଼ଙ୍ଗୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମିତ୍ ବାରିକ୍, ପ୍ୟାନେଲ ଲୟର ସସ୍ମିତ ମହାନ୍ତି, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ପାରା ଲିଗାଲ ଭଲ୍ୟୁଣ୍ଟିୟର ଫୁଲ ବେହେରା, ସ୍ମୃତିଶ୍ରୀ ମୋନାଲିସା ପ୍ରଧାନ, ଚନ୍ଦ୍ରଶେଖର ବେହେରା ଓ ପୁରୀ ଆଇନ ସେବା ପ୍ରାଧିକରଣ କର୍ମଚାରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଲିପ୍ସା ରାୟଙ୍କ ସହ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

## ସାକ୍ଷୀଗୋପାଳ ମନ୍ଦିର ସେବାୟତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର

ସାକ୍ଷୀଗୋପାଳ,୧୮।୮(ଭରତ ରାଉତ)

ସାକ୍ଷୀଗୋପାଳ ମନ୍ଦିର ସେବାୟତଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ନଜରରେ ରଖି ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସେବକ ସାହିର ଜାଗେଶ୍ୱରୀ ମଣ୍ଡପଠାରେ ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ସହଯୋଗରେ ହସ୍ପିଟାଲ ବରିଷ୍ଠ ଚିକିତ୍ସକ ଡା. ଅଜିତ୍ ମେହେର, ଶିଶୁ ବିଶେଷଜ୍ଞ ଡା. ସତ୍ୟବ୍ରତ ମହାନ୍ତି, ଅସ୍ଥିଶଲ୍ୟ ଚିକିତ୍ସକ ଡା. ଅଂଶୁମାନ ଦାଶ, ସର୍ଜରି ଡା. ସୌରଭ ପାଇକରାୟ, ଚକ୍ଷୁ ବିଭାଗ ଡା. ସଞ୍ଜନା ସାହୁ, ଫାର୍ମାସିଷ୍ଟ ସନତ ବେହେରା ପ୍ରମୁଖ ଯୋଗଦେଇ ସେବାୟତଙ୍କ ପରିବାର ସଦସ୍ୟଙ୍କ ରକ୍ତଚାପ, ରକ୍ତ ଶର୍କରା, ଇସିଜି ପରୀକ୍ଷା କରିଥିଲେ। ବିଭିନ୍ନ ବିଭାଗର ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରି ଉଚିତ୍ ସ୍ୱାସ୍ଥ୍ୟ ପରାମର୍ଶ ଦେବା ସହିତ ହସ୍ପିଟାଲ୍ ପକ୍ଷରୁ ଔଷଧ ମଧ ପ୍ରଦାନ କରାଯାଇଥିଲା। ୧୫୦ରୁ ଊର୍ଦ୍ଧ୍ୱ ସେବାୟତଙ୍କ ପରିବାର ସଦସ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରରେ ସେବାୟତ ସଂଘ ପରିଚାଳନା କମିଟି ସଦସ୍ୟ ପ୍ରତାପ ମହାପାତ୍ର, ବିଜୟ ନନ୍ଦ ଏବଂ ସେବାୟତ ଶୁଭଦର୍ଶୀ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, କାହ୍ନୁ ନନ୍ଦ ଏବଂ ସଂଘ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥଲେ।

## ଭାବ, ଭକ୍ତି ହେଉଛି ପରମ ପ୍ରାପ୍ତିର ଉତ୍କୃଷ୍ଟ ମାର୍ଗ

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ, ପୁରୀ ପକ୍ଷରୁ ରାଣୀସତୀ ଭବନ ପରିସରରେ ଭାବ ଓ ଭକ୍ତିର ଠାକୁର ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଅଧକ୍ଷ ଅବସରପ୍ରାପ୍ତ ପ୍ରଶାସକ ଅଶ୍ୱିନୀ କୁମାର ଦାସ ଉତ୍ସବରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରାଧ୍ୟାପକ ଡ. ବନମାଳୀ ବିଶ୍ୱାଳ ଯୋଗଦେଇଥିଲେ। ଭାରତୀୟ ଦର୍ଶନଶାସ୍ତ୍ର ଅନୁଯାୟୀ ଭାବ ଓ ଭକ୍ତି ହେଉଛି ପରମାତ୍ମାଙ୍କ ଉପଲବ୍ଧିର ଉତ୍କୃଷ୍ଟ ମାର୍ଗ ବୋଲି ମୁଖ୍ୟ ଅତିଥି ବିଶ୍ୱାଳ କହିଥିଲେ। ଅନ୍ୟତମ ଅତିଥି ଭାବେ ସୁଶ୍ରୀ ଆରତି ଦେବୀ, ପ୍ରାଧ୍ୟାପକ କାର୍ତ୍ତିକ ଦାସ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଦାଶିବ ମିଶ୍ର, ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଟ୍ରଷ୍ଟ ଉପାଧ୍ୟକ୍ଷା ବିନୋଦ ପଣ୍ଡା, ପ୍ରାଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଡ. ଅଭିମନ୍ୟୁ ଭୂୟାଁ, ପଣ୍ଡିତ ଦୟାନିଧି ତ୍ରିପାଠୀ, ଗବେଷକ ନାରାୟଣ ନନ୍ଦ, ଅଶୋକ ମହାପାତ୍ର, ପ୍ରଭାତ ଚନ୍ଦ୍ର ରଥ, ଅଧିବକ୍ତା ରଚିତା ରାଉତରା, ଭାଗବତ ପ୍ରସାଦ ପଟ୍ଟନାୟକ, ଗବେଷିକା ସାଧନା ପାତ୍ରୀ, ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ତୃପ୍ତି ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମଦନମୋହନ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅଶ୍ୱନୀ ଦାସଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଗୀତଜ୍ୟୋତ୍ସ୍ନା ଓ ଶିଖ୍ ଗୁରୁଙ୍କ ସଂକ୍ଷିପ୍ତ ଇତିହାସ ସ୍ୱତନ୍ତ୍ର ବିଶେଷାଙ୍କ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଦୟାନିଧି ତ୍ରିପାଠୀ, ରଘୁନାଥ ମହାନ୍ତି, ସ୍ୱର୍ଣ୍ଣଲତା ମହାପାତ୍ର, ଯୁଧିଷ୍ଠିର ସେନାପତି, ଇଂ. କେଶବଚନ୍ଦ୍ର ପାତ୍ର ପ୍ରମୁଖଙ୍କୁ ଅତିଥିଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୁକୂଳଚନ୍ଦ୍ର ସେଠୀ, ତପନ ସେଠୀ, ସଂଗ୍ରାମ କେଶରୀ ନାଥ, ପ୍ରକାଶ ନାୟକ, ନାରାୟଣ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଡ. ସସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।



ପୁରୀ ରାଣୀସତୀ ଭବନ ପରିସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ରାଜ୍ୟ ଟେବୁଲ ଟେନିସ୍ ପ୍ରତିଯୋଗିତାରେ ପୁରୀ ଖେଳାଳିଙ୍କ କୃତିତ୍ୱ

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ଗତ ୧୨ରୁ ୧୭ ତାରିଖ ମଧ୍ୟରେ କଟକର ବିଜୁ ପଟ୍ଟନାୟକ ମଲ୍ଟିପର୍ପୋସ ଇଣ୍ଡୋର ହଲ୍‌ରେ ୫ମ ରାଜ୍ୟ ଆନ୍ତଃ ବିଦ୍ୟାଳୟ ତଥା ୨୯ତମ ୱାଇ.ଜି.ଟି.ଟି.ଏ ରାଜ୍ୟ ରାଙ୍କିଂ ଟେବୁଲ୍ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀର ଖେଳାଳି ଭାଗ ନେଇ କୃତିତ୍ୱ ଅର୍ଜନ କରିଛନ୍ତି। ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିନିଧିତ୍ୱ କରୁଥିବା ଜିଜ୍ଞାସୁ ସାଇକିରଣ ପ୍ରଧାନ କନିଷ୍ଠ ବାଳକ ଏକକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୁରୀର ଅନୋଖି ମହାନ୍ତି ଓ ଗାୟତ୍ରୀ ପଟ୍ଟନାୟକ କନିଷ୍ଠ ବାଳିକା ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୀର ଅନ୍ୟ ୨ଟି ଦଳ କେନ୍ଦ୍ରୀୟ ବିଦ୍ୟାଳୟକୁ ପ୍ରତିନିଧିତ୍ୱ କରୁଥିବା ଜିଜ୍ଞାସୁ ଓ ତଥାସ୍ତୁ ଶେଖର ସାହୁ କନିଷ୍ଠ ବାଳକ ଦଳଗତ ବିଭାଗରେ ତଥା ପୁରୀ ଜିଲା ସ୍କୁଲକୁ ପ୍ରତିନିଧିତ୍ୱ କରୁଥିବା ଶ୍ରୀତିଜା ଚୌଧୁରୀ ଓ ଅଭୀଲିପ୍ସା ଦାସ ମଧ କନିଷ୍ଠ ବାଳିକା ଦଳ ଗତ ବିଭାଗରେ ଉତ୍ତମ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ୱାଇ.ଜି.ଟି.ଟି.ଏ ରାଜ୍ୟ ରାଙ୍କିଂ ଟେବୁଲ୍ ଟେନିସ ପ୍ରତିଯୋଗିତାରେ ପୁରୀ ଜିଲା ଟେବୁଲ ଟେନିସ ଆସୋସିଏଶନକୁ ପ୍ରତିନିଧିତ୍ୱ କରି ଜିଜ୍ଞାସୁ ୧୩ ବର୍ଷରୁ କମ୍ ବାଳକ ଏକକ ତଥା ୧୫ ବର୍ଷରୁ କମ୍ ବାଳକ ଏକକ ବିଭାଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ୧ମ ସ୍ଥାନ ଅଧିକାର କରି ବିଜେତା ହୋଇଛନ୍ତି। ଜିଜ୍ଞାସୁ ମଧ ୧୭ ବର୍ଷରୁ କମ୍ ବାଳକ ଏକକ ବିଭାଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଉକ୍ତ ପ୍ରତିଯୋଗିତାରେ ବାଳିକା ଏକକ ୧୧ ବର୍ଷରୁ କମ୍ ବିଭାଗରେ ଅନୋଖି ଓ ଗାୟତ୍ରୀ ଉତ୍ତମ ପ୍ରଦର୍ଶନ କରି ସେମି ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ଶ୍ରୀତିଜା ଓ ମିତ୍ ପୂଜାପଣ୍ଡା, ତଥାସ୍ତୁ ଓ ଆର୍ଯ୍ୟନ୍ ମହାନ୍ତି ମଧ ଯଥାକ୍ରମେ ୧୩ ବର୍ଷରୁ କମ୍ ବାଳିକା ଏକକ ବିଭାଗ, ୧୩ ବର୍ଷରୁ କମ୍ ବାଳକ ଏକକ ବିଭାଗ ଓ ୧୧ ବର୍ଷରୁ କମ୍ ବାଳକ ଏକକ ବିଭାଗରେ ପ୍ରଶଂସନୀୟ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲା ଟେବୁଲ୍ ଟେନିସ ଆସୋସିଏଶନର ସର୍ବମୋଟ ୧୯ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଦଳ ସହିତ କୋଚ୍ ଭାବେ ଡ. କୁମାର ଅରୋଜ୍ୟୋତି ଓ ରଞ୍ଜିତ ବାରିକ୍ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆସୋସିଏଶନ ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତି କୃତୀ ପ୍ରତିଯୋଗୀଙ୍କୁ ସେମାନଙ୍କ ସଫଳତା ନିମିତ୍ତ ଅଭିନନ୍ଦନ ଜ୍ଞାପନ କରିଛନ୍ତି।




କୃତୀ ଖେଳାଳିମାନେ ।

**ଆଜି ଗହ୍ମା ପୂର୍ଣ୍ଣିମା**

# ଡିମାଣ୍ଡରେ ଫୁଲ ରାଖୀ



କଟକ,୧୮।୮(ଶିଳ୍ପା ପ୍ରିୟଦର୍ଶିନୀ)

ଭଉଣୀ-ଭାଇଙ୍କ ପବିତ୍ର ସମ୍ପର୍କକୁ ମଜଭୁତ କରିଥାଏ ରାଖୀ। ଭଉଣୀ ହାତରୁ ରାକ୍ଷୀ ବାନ୍ଧି ଆଜୀବନ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥାଏ ଭାଇ। ସେହିପରି ମହାପ୍ରଭୁ ଜଗନ୍ନାଥଙ୍କ ପାଖେ ଲାଗି ହୁଏ ଫୁଲ ରାଖୀ। ସୋମବାର ରାଖୀ ପୂର୍ଣ୍ଣିମା। ଏହାକୁ ଦୃଷ୍ଟିରେ ରଖି ରବିବାର କଟକ ସହରର ବିଭିନ୍ନ ସ୍ଥାନରେ ଥିବା ଦୋକାନରୁ ରାଖୀ କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ଲାଗିଥିଲା। ସେହିପରି ଚୌଧୁରୀ ବଜାର, ଦୋଳମୁଣ୍ଡାଇ, ରାଣୀହାଟ, କଲେଜଛକ ଆଦି ସ୍ଥାନରେ ଥିବା ଫୁଲ ଦୋକାନରେ ଫୁଲ ରାଖୀ ବିକ୍ରି ହୋଇଥିଲା। ଚଳିତବର୍ଷ ଏହାର ଡିମାଣ୍ଡ ଥିବାରୁ ଗ୍ରାହକମାନେ ବେଶି ମାତ୍ରାରେ କିଣୁଥିବା ଦେଖିବାକୁ ମିଳିଥିଲା। ବିଶେଷକରି ରଙ୍ଗିନ ଜରି, ଲେସ୍, ଗ୍ଲାସ୍ ଲିଫ୍, ଗ୍ଲିଟର ସେପର୍, ରିବନ୍, ନେଟ୍, ପଣସ ପତ୍ର, ଗୋଲାପ, ରଜନୀଗନ୍ଧା ଓ ମଲ୍ଲି ଫୁଲ ବ୍ୟବହାର କରାଯାଇ ଫୁଲ ରାଖୀ ପ୍ରସ୍ତୁତ କରାଯାଇଛି। ଏହି ରାଖୀ ପ୍ରସ୍ତୁତ ପାଇଁ ବେଙ୍ଗାଲୁରୁରୁ ଫୁଲ ଆସିଛି। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ବିଭିନ୍ନ ଡିଜାଇନର ଫୁଲ ରାଖୀ ଦୋକାନରେ ବିକ୍ରି ହୋଇଛି। ବିଶେଷକରି ୧ ଫୁଟ ଚଉଡାର ଏକ ବଡ଼ ରାଖୀ ତିଆରି କରାଯାଇଛି। ଏଥିରେ ତୁଳସୀ ପତ୍ର, ଗୋଲାପ, ମଲ୍ଲି ଓ ଗେଣ୍ଡୁ ଫୁଲ ବ୍ୟବହାର କରାଯାଇଛି। ଏହି ରାଖୀ କଟକର ଏକ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କୁ ଲାଗି କରାଯିବ। ସେହିପରି ଅନ୍ୟ ରାକ୍ଷୀଗୁଡ଼ିକର ଦର ୬୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି।



## ଏମାନେ କୁହନ୍ତି...

### ବଡ଼ ଫୁଲ ରାଖୀ ତିଆରି କରିଛି



ବିଭିନ୍ନ ଡିଜାଇନ୍‌ର ରାଖୀ ଅପେକ୍ଷା ଫୁଲ ରାଖୀକୁ ଗ୍ରାହକ ଅଧିକ ପସନ୍ଦ କରୁଛନ୍ତି। ଗ୍ରାହକଙ୍କୁ ସୁହାଇଲା ଭଳି ରାଖୀ ଦର ରହିଛି। ଏଥର ବଡ଼ ରାଖୀ ତିଆରି ପାଇଁ ଅର୍ଡର ଆସିଛି। ଏହାକୁ ତିଆରି କରାଯାଇଛି। ଏହି ରାଖୀ ଜଗନ୍ନାଥଙ୍କ ନିକଟରେ ଲାଗି କରାଯିବ।

**ଅଶୋକ ନାୟକ, ବ୍ୟବସାୟୀ**

### ଅଧିକ ଆକର୍ଷିତ କରୁଛି



ଫୁଲ ରାଖୀ କିଣିବା ପାଇଁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ରାଖୀ ତିଆରି ହେବା ମାତ୍ରେ ସଙ୍ଗେ ସଙ୍ଗେ ବିକ୍ରି ହେଉଥିବା ଦେଖି ଖୁସି ଲାଗୁଛି। ବିଶେଷକରି ଫୁଲ ରାଖୀରେ ବେଙ୍ଗାଲୁରୁର ଗୋଲାପ ବ୍ୟବହାର କରାଯାଇଥିବାରୁ ଏହା ଗ୍ରାହକଙ୍କୁ ଅଧିକ ଆକର୍ଷିତ କରୁଛି।

**ଦିଗମ୍ବର ନାୟକ, ବ୍ୟବସାୟୀ**

### ପସନ୍ଦ ଅନୁଯାୟୀ ଗ୍ରାହକ ଅର୍ଡର କରୁଛନ୍ତି



ଚଳିତବର୍ଷ କଷ୍ଟୋମାଇଜ୍‌ଡ ରାଖୀର ଚାହିଦା ଥିଲେ ମଧ୍ୟ ଫୁଲ ରାଖୀ କିଣିବାକୁ ଲୋକଙ୍କ ଭିତରେ ଆଗ୍ରହ ଦେଖାଦେଇଛି। ଏହି ରାଖୀର ମହତ୍ତ୍ୱ ରହିଛି। ବିଶେଷକରି ପସନ୍ଦ ମୁତାବକ ଫୁଲ ରାଖୀ ତିଆରି କରିବା ପାଇଁ ଗ୍ରାହକମାନେ ଅର୍ଡର କରୁଛନ୍ତି।

**ତ୍ରିଲୋଚନ ସ୍ୱାଇଁ, ବ୍ୟବସାୟୀ**

# କୀଟନାଶକ ପିଇ ବୃଦ୍ଧ ମୃତ

ଖୁଣ୍ଟୁଣୀ,୧୮।୮(ସଚ୍ଚିଦାନନ୍ଦ ପଣ୍ଡା)

କୀଟନାଶକ ପିଇ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧଙ୍କର ରବିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ପଥରଗଡା ଗ୍ରାମର ନିବାରଣ ନାୟକ। କୌଣସି କାରଣକୁ ନେଇ ସେ ୫ ଦିନ ତଳେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କଟକ ପରେ ଆଠଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସା କରାଇ ଘରକୁ ନେବାବେଳେ ଖୁଣ୍ଟୁଣୀଠାରେ ସେ ପୁଣି ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ମାଧବପୁରଠାରେ ଥିବା ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖୁଣ୍ଟୁଣୀ ପୋଲିସ ଉକ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ମେଡିକାଲ ପଠାଇଥିଲା। ମୃତକଙ୍କ ପରିବାର ଲୋକେ ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯/୨୪) ରୁଜୁ କରି ତଦନ୍ତ କରୁଥିବା ଏଏସ୍‌ଆଇ ଅମ୍ବିକା ଦାସ କହିଛନ୍ତି।

# ବକ୍ସିବଜାର ଛକରେ ସ୍ଥାପନ ହେଲା ବକ୍ସି ଜଗବନ୍ଧୁଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି




ବକ୍ସିବଜାର ଛକରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି।

କଟକ,୧୮।୮(କାର୍ତ୍ତିକ ସାହୁ)

କଟକ ବକ୍ସିବଜାର ଛକରେ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ବ୍ରୋଞ୍ଜ ନିର୍ମିତ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ରବିବାର ସନ୍ଧ୍ୟାରେ ସ୍ଥାପନ କରାଯାଇଛି। ଏହି ପ୍ରତିମୂର୍ତ୍ତିକୁ ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ଉନ୍ମୋଚନ କରାଯିବ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ସୂଚନା ଦେଇଛନ୍ତି। ଏହି ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସିଏମ୍‌ସି ପକ୍ଷରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିପାଇଁ ବକ୍ସିବଜାର ବ୍ୟବସାୟୀ ସଂଘ ସଭାପତି ସଲିଲ କୁମାର ଘୋଷ ଖୁସି ବ୍ୟକ୍ତ କରିଛନ୍ତି। ଏନେଇ ବକ୍ସିବଜାର ବ୍ୟବସାୟୀ ସଂଘର ଏକ ଜରୁରୀ ବୈଠକ ସଂଘ ସଭାପତି ଘୋଷଙ୍କ ନେତୃତ୍ୱରେ ବକ୍ସି ବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଦସ୍ୟମାନେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ ହେବାକୁ ଥିବାରୁ ଆନନ୍ଦିତ ହୋଇଥିଲେ।

### ୩୧ରେ ଉନ୍ମୋଚନ

ବକ୍ସିବଜାର ଅଞ୍ଚଳରେ ବକ୍ସି ଜଗବନ୍ଧୁ ବହୁ ବର୍ଷ ଅତିବାହିତ କରି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେହି ସ୍ଥାନରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ୨୦୧୬ରୁ ବ୍ୟବସାୟୀ ସଂଘ ଦାବି କରିଆସୁଥିଲା। ସଂଘ ସଭାପତି ଘୋଷ ଓ ସମ୍ପାଦକ ଜଗନ୍ନାଥ ପ୍ରସାଦ ଭଗତଙ୍କର ଉଦ୍ୟମ ଯୋଗୁ ସିଏମ୍‌ସି ଏହି କାର୍ଯ୍ୟ ହାତକୁ ନେବାକୁ ରାଜି ହୋଇଥିଲା। ଟ୍ରାଫିକ ବିଭାଗ ଓ ଆର୍.ଆଣ୍ଡ ବି ବିଭାଗ ଏଥିପାଇଁ ଏନ୍‌ଓସି ପ୍ରଦାନ କରିଥିଲା। ଏଭଳି କାର୍ଯ୍ୟ ପାଇଁ ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ଘୋଷ ଓ ମେୟର ସିଂଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର,୧୮।୮(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡ଼ାଲ ବିଦ୍ୟାପୀଠରେ ସମ୍ବର୍ଦ୍ଧନା ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଡାଳିଯୋଡ଼ା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ମାଟ୍ରିକ୍ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସଦ ସଭାପତି କେ.ସି. ପ୍ରତାପସିଂହଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ରାଜେନ୍ଦ୍ର ନାଥ, ଡ. ଉତ୍ତମ ଚରଣ ସାହୁ, ଗୌତମ ଆଚାର୍ଯ୍ୟ, ବିଶ୍ୱକଲ୍ୟାଣ ଦାସ, ପବିତ୍ର ମୋହନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗତ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଶ୍ରୀନିବାସ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଗାଳ୍ପିକ ବ୍ରଜ କିଶୋର ପାତ୍ରଙ୍କ ଗଳ୍ପ ସଙ୍କଳନ 'ଜୀବନ ମରୁବାଲି' ଉନ୍ମୋଚିତ ହୋଇଥିଲା। ଆୟୋଜିତ କବିତା ପାଠୋତ୍ସବରେ ମନୋଜ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ସାହୁ, ଅଶୋକ ପଣ୍ଡା, ବ୍ରଜ କିଶୋର ପାତ୍ରଙ୍କ ସମେତ ବହୁ କବି ଓ କବୟିତ୍ରୀ କବିତାପାଠ କରିଥିଲେ। ଅଜୟ ଦାସମହାପାତ୍ର ଓ ନାରାୟଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶୈଳେନ୍ଦ୍ର ମୁଖୀ ଧନ୍ୟବାଦ ଦେଇଥିଲେ।



ବିଭିନ୍ନ ଶୈବପୀଠକୁ ଜଳ ନେଇ ଯିବା ପାଇଁ ରବିବାର କଟକ ବାଲିଯାତ୍ରା ତଳପଡିଆ ମହାନଦୀ ତଟରେ କାଉଡିଆଙ୍କ ଗହଳି।

# ପ୍ରୋତ୍ସାହନ ଅଭାବରୁ ଆଳୁ ମିଶନ ଫେଲ୍

କଟକ ସଦର,୧୮।୮(ସୁଶାନ୍ତ କୁମାର ଜେନା)

ଓଡ଼ିଶା ଆଳୁ ଚାଷରେ ସ୍ୱାବଲମ୍ବି ହୋଇ ନ ଥିବାରୁ ଏବେ ଖାଉଟୀ ହନ୍ତସନ୍ତ ହେଉଛନ୍ତି। ଓଡ଼ିଶା ସରକାର ପର୍ଯ୍ୟାପ୍ତ ଆଳୁ ଯୋଗାଇ ଦେବା ପାଇଁ ପଡୋଶୀ ପଶ୍ଚିମବଙ୍ଗ ସରକାରଙ୍କୁ ଅନୁରୋଧ କରୁଛନ୍ତି। ପ୍ରୋତ୍ସାହନ ଅଭାବରୁ ଓଡ଼ିଶାରେ ଆଳୁ ଚାଷ ମିଶନ ଫେଲ୍ ମାରିଛି ବୋଲି ଚାଷୀ ସମବାୟ ସମିତି ସଭ୍ୟ ମାନସ ଶୁକ୍ଳା କହିଛନ୍ତି। କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ଏକ ଘରୋଇ ଶୀତଳ ଭଣ୍ଡାର ନିକଟରେ ରବିବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୁକ୍ଳା କହିଛନ୍ତି, ସାର, ବିହନ, କୀଟନାଶକ ଔଷଧ ଭଳି ଦରକାରୀ ସାମଗ୍ରୀ ସୁଲଭ ଦରରେ ଚାଷୀଙ୍କୁ ଯୋଗାଇ ନ ଦିଆଯିବା ପର୍ଯ୍ୟନ୍ତ ଓଡ଼ିଶାରେ ଆଳୁ ମିଶନ ସଫଳ ହୋଇପାରିବ ନାହିଁ। ସରକାରୀ ଶୀତଳ ଭଣ୍ଡାର ଚାଷୀଙ୍କୁ ସୁବିଧା ଯୋଗାଇ ଦେବାରେ ବିଫଳ ହେବା ପରେ ଘରୋଇ ବ୍ୟକ୍ତିଙ୍କୁ ଆକର୍ଷିତ କରି ଅତ୍ୟାଧୁନିକ ଶୀତଳ ଭଣ୍ଡାର କରିବାକୁ ଯୋଜନା ପ୍ରଣୟନ କରାଗଲା। ତେଣୁ କଟକ ଜିଲାର ସାଲେପୁର, ରଘୁନାଥପୁର, କଟକ ସଦର ବ୍ଲକ ଅଞ୍ଚଳ ଓ ଜଗତ୍‌ସିଂହପୁର ଜିଲାର ବିରିଡି ବ୍ଲକ ଅଞ୍ଚଳର ମଧ୍ୟଭାଗରେ ୬୦ ହଜାର ବର୍ଗଫୁଟ୍‌ର ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ମଣ୍ଟେଶ୍ୱରୀ ଶୀତଳ ଭଣ୍ଡାର ଆଳୁ ବିନା ଖାଲିପଡିଛି। କାରଣ ଏହି ଅଞ୍ଚଳର ଚାଷୀମାନେ ସୁଲଭ ମୂଲ୍ୟରେ ଚାଷ ସାମଗ୍ରୀ ଓ ବ୍ୟାଙ୍କ୍‌ରୁ ଠିକ୍ ସମୟରେ ଋଣ ନ ପାଇବା ଯୋଗୁ ଆଳୁ ଚାଷ ପ୍ରତି ଆଗ୍ରହ ଦେଖାଉନାହାନ୍ତି ବୋଲି ଯୁବ ଶିଳ୍ପୋଦ୍ୟୋଗୀ ଇଂ. ମାନସ ଲେଙ୍କା କହିଛନ୍ତି। ଘରୋଇ ଶୀତଳ ଭଣ୍ଡାରଗୁଡ଼ିକୁ ସରକାର ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଲେଙ୍କା କହିଛନ୍ତି।

# ବାବୁଲା ନାଏକ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ,୧୮।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡୁଆଳି ଜନଜାତି ସାହିର ବାବୁଲା ନାଏକ ହତ୍ୟା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ସେହି ସାହିର ହୃଦାନନ୍ଦ ନାଏକ। ଏହି ଘଟଣାରେ ସମ୍ପୃକ୍ତ ଥିବା ହୃଦାନନ୍ଦଙ୍କ ପୁଅ ନରେଶ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବାବୁଲା ଓ ଅଭିଯୁକ୍ତ ଦ୍ୱୟଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଶୁକ୍ରବାର ରାତିରେ ବାବୁଲା ସାହି ରାସ୍ତାରେ ଘରକୁ ଯାଉଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ଏଥିରେ ସେମାନେ ଉତ୍‌କ୍ଷିପ୍ତ ହୋଇ ଠେଙ୍ଗା ଓ କାଠଫାଳିଆରେ ବାବୁଲାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ଦ୍ୱୟ ବାବୁଲାଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ସ୍ତ୍ରୀ ସୁମତୀ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୭୨ /୨୪) ରୁଜୁ କରି ତଦନ୍ତ ଚଳାଇଛି।

# 'କବିତା ମାଧ୍ୟମରେ ଆଧ୍ୟାତ୍ମିକ ମାର୍ଗ ସୁଗମ ହୁଏ'



ଶ୍ରୀଦୁର୍ଗା ସାହିତ୍ୟ ସଂସଦର କବିତା ଆସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଟକ,୧୮।୮(କାର୍ତ୍ତିକ ସାହୁ)

ଶ୍ରୀଦୁର୍ଗା ସାହିତ୍ୟ ସଂସଦର କବିତା ଆସର ଓ ଆଲୋଚନାଚକ୍ର ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ସଭାପତି ଡ. ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରାଜକିଶୋର ସ୍ୱାଇଁ, କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସୁରେନ୍ଦ୍ର ମହାପାତ୍ର ଯୋଗଦେଇ କବିତା ମାଧ୍ୟମରେ ଆଧ୍ୟାତ୍ମିକ ମାର୍ଗ ସୁଗମ ହୋଇଥାଏ ବୋଲି କହିଛନ୍ତି। ଏହି ଅବସରରେ ସଭାପତି ଡ. ସାହୁଙ୍କ ରଚିତ ପୁସ୍ତକ 'ଭଜ ଗୋବିନ୍ଦମ୍' ଉନ୍ମୋଚିତ ହୋଇଥିଲା। କବି ବ୍ରହ୍ମାନନ୍ଦ ବିଶ୍ୱାଳ ପୁସ୍ତକର ସମୀକ୍ଷା କରିଥିଲେ। କବୟିତ୍ରୀ ସୁକାନ୍ତି ମହାନ୍ତି ଓ ସନ୍ଧ୍ୟା ଶତପଥୀଙ୍କ ସଂଯୋଜନାରେ ସଚ୍ଚିଦାନନ୍ଦ କର, ଚିନ୍ମୟୀ ଆଚାର୍ଯ୍ୟ, ବ୍ରଜବନ୍ଧୁ ପୃଷ୍ଟି, ରଘୁନାଥ ତ୍ରିପାଠୀ, ଅଭୟ ପାତ୍ର, ବିମଳ କୁମାର ଦାଶ, ପ୍ରମୋଦ କୁମାର ସାହୁ, ଜଗନ୍ନାଥ ସାହୁ, ମଧୁସ୍ମିତା ମିଶ୍ର, ମହେନ୍ଦ୍ର ପ୍ରସାଦ ମହାପାତ୍ର, ପ୍ରତାପ କୁମାର ନାୟକ ପ୍ରମୁଖ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଛବିରାମ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବସନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# 'ଆଜିର ନାରୀଙ୍କ ପାଇଁ ଆଦର୍ଶ ବୀରାଙ୍ଗନା'

କଟକ,୧୮।୮(କାର୍ତ୍ତିକ ସାହୁ)

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ମହିଳା ସଂଗ୍ରାମୀଙ୍କ ଭୂମିକା ଶୀର୍ଷକ ସମ୍ମିଳନୀ କଟକ ମୈତ୍ରୀ ସରଣୀସ୍ଥିତ ଦି ୟୁନିଭର୍ସଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ବିନୋଦିନୀ ଦାସ ସନ୍ଦର୍ଭ ଉପସ୍ଥାପନ କରି କହିଛନ୍ତି, ମାଳତୀ ଦେବୀ ବାହାର ରାଜ୍ୟରୁ ଆସି ମଧ୍ୟ ଓଡ଼ିଶାର ଚାଲିଚଳନ ସହ ବେଶ୍ ଖାପଖୁଆଇ ପାରିଥିଲେ। ସେ ପିଲାବେଳୁ ବେଶ୍ ସ୍ପଷ୍ଟବାଦୀ ଓ ନିର୍ଭୟା ଥିଲା। ପିଲାଦିନୁ ଛୁଆଁଅଛୁଆଁ ଭେଦଭାବ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେତେବେଳେ ଇଂରେଜ ପରିଚାଳିତ ସରକାରୀ ସ୍କୁଲରେ ପାଠ ନ ପଢ଼ି ବେସରକାରୀ ସ୍କୁଲରେ ପାଠ ପଢ଼ିଥିଲେ। ବିବାହ ପରେ ସ୍ୱାମୀସ୍ତ୍ରୀ ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ଉଭୟଙ୍କ ଜୀବନ ଥିଲା ସଂଘର୍ଷପୂର୍ଣ୍ଣ। ଡ. ସୋମା



ଦି ୟୁନିଭର୍ସ ପରିସରରେ ଆୟୋଜିତ ଏକଦିବସୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

ଚାନ୍ଦ ଅନ୍ୟ ଏକ ସନ୍ଦର୍ଭ ଉପସ୍ଥାପନା କରି କହିଛନ୍ତି, ୧୯୦୩ରେ ଜଣେ ମହିଳା ଗୋଟିଏ ଲେଖାଲେଖି କରି ନିଜର ନାଁ ଦେବାକୁ ସାହସ ଜୁଟାଇ ପାରି ନ ଥିଲେ। ରମା ଦେବୀ, ସରଳା ଦେବୀ, ରେବା ରାୟ, କୁନ୍ତଳା କୁମାରୀ ସାବତ୍ ନିଜର ଆହ୍ୱାନଧର୍ମୀ ଓ ଜାଗରଣଧର୍ମୀ ରଚନା ଦ୍ୱାରା ତତ୍କାଳୀନ ସମାଜରେ ଆମୂଳଚୁଳ ପରିବର୍ତ୍ତନ ଆଣିଥିଲେ। ଏମାନେ ଜାତିପ୍ରଥା, ବର୍ଣ୍ଣ ବୈଷମ୍ୟ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। କୁନ୍ତଳା କୁମାରୀ ନିଜର ଶାଣିତ ଲେଖା ମାଧ୍ୟମରେ ସମାଜର ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲେ। ସେଦିନର ଏହି ନାରୀନେତ୍ରୀଙ୍କ ପବିତ୍ର ସେବା ମନୋବୃତ୍ତି ପାଇଁ ଆଜିର ନାରୀ ଆଗୁଆ। ସରଳା ଦେବୀ ଥିଲେ ପ୍ରଥମ ମହିଳା ବିଧାୟିକା, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ସିନେଟ୍ ସଭ୍ୟା ଓ ଉତ୍କଳ ସାହିତ୍ୟ ସମାଜର ପ୍ରଥମ ମହିଳା ସଭାପତି ହେବାର ଗୌରବ ଅର୍ଜନ କରିଛନ୍ତି। ଡ. ଇନ୍ଦ୍ରଜିତ୍ ଘୋଷ ତୃତୀୟ ସନ୍ଦର୍ଭ ଉପସ୍ଥାପନ କରି କହିଛନ୍ତି, ଆଜି ମହିଳାମାନେ ଯାହା ହୋଇପାରିଛନ୍ତି ତାହା ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସଂଘର୍ଷମୟ ଜୀବନ ବିତାଇଥିବା ସେହି ବୀରାଙ୍ଗନାମାନଙ୍କ ପାଇଁ। ସଭାପତି ପ୍ରଫେସର ବାରିକ କହନ୍ତି, ତରିକୁନ୍ଦ ଓ ଅଳକା ଆଶ୍ରମରେ ନାରୀଶିକ୍ଷାର ପ୍ରସାର ପାଇଁ ବିଦ୍ୟାଳୟ ସ୍ଥାପନ କରି ସେମାନଙ୍କୁ ପଢ଼ାଯାଉଥିଲା। ସେଥିପାଇଁ ରମା ଦେବୀ, ସରଳା ଦେବୀ ଆଦି ନେତ୍ରୀ ଗାନ୍ଧିଜୀଙ୍କ ପ୍ରିୟପାତ୍ର ହୋଇପାରିଥିଲେ। କିଶୋର ତ୍ରିପାଠୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ଅତିଥି ପରିଚୟ, ଡ. ପ୍ରଜ୍ଞା ମିଶ୍ର ଧନ୍ୟବାଦ ଦେଇଥିଲେ। ଡା. ସୁଦର୍ଶନ ପଟ୍ଟନାୟକ, ଡ. ମହେଶ୍ୱର ମହାନ୍ତି, ଡା. ସଞ୍ଜିତ୍ ପଟ୍ଟନାୟକ, ଚିନ୍ମୟୀ ଆଚାର୍ଯ୍ୟ, କାଶୀନାଥ ସ୍ୱାଇଁ, କ୍ଷୀରୋଦ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଯୋଗଦେଇଥିଲେ।

# ମଜଭୁତ ହେଉ ଭଉଣୀ-ଭାଇ ସମ୍ପର୍କର ଡୋରି

**ଭଉଣୀର ସୁରକ୍ଷା ପାଇଁ ଭାଇ ସବୁବେଳେ ତା'ସହ ରହିଥାଏ। ଆଉ ଭଉଣୀ ମଧ୍ୟ ସବୁବେଳେ ଭାଇର ଶୁଭ ମନାସିଥାଏ। ଭାଇ ଓ ଭଉଣୀର ଏହି ମଧୁର ସମ୍ପର୍କକୁ ଆହୁରି ମଜଭୁତ କରିଥାଏ ରାଖୀ। ଭାଇ ମନରେ ଭଉଣୀ ପ୍ରତି ଥିବା ପ୍ରତିବଦ୍ଧତା ଆହୁରି ବଢ଼ିଯାଏ। ପବିତ୍ର ରାଖୀପୂର୍ଣ୍ଣିମାରେ ସ୍ନେହ, ମମତା ଆଉ ସମ୍ପର୍କର ଏହି ଡୋରି ଆହୁରି ମଜଭୁତ ହେଉ। ତେବେ ଆମ ଅଭିନେତ୍ରୀମାନେ କିଏ କିପରି ରାଖୀପୂର୍ଣ୍ଣିମା ପାଳନ କରୁଛନ୍ତି ତାହାକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।**



### ଭାଇ ହାତରେ ରାଖୀ ବାନ୍ଧିପାରିବିନି, କିନ୍ତୁ ଶୁଭ ମନାସିବି



ଏ ବର୍ଷ ଭାଇ ହାତରେ ରାଖୀ ବାନ୍ଧି ପାରିବିନି। ସେ ମୋ'ଠାରୁ ଦୂରରେ ଅଛି, ହେଲେ ତା' ପାଇଁ ଶୁଭ ମନାସିବି। ସାଙ୍ଗମାନଙ୍କ ସହ ଓ ସମ୍ପର୍କୀୟ ଭାଇଙ୍କ ହାତରେ ରାଖି ବାନ୍ଧିବି। ମୋ ବେଷ୍ଟଫ୍ରେଣ୍ଡ ମଧ୍ୟ ମୋ ହାତରେ ରାଖୀ ବାନ୍ଧିବ। ରାଖୀପୂର୍ଣ୍ଣିମା ସବୁ ଭାଇଭଉଣୀଙ୍କ ପାଇଁ ଏକ ପବିତ୍ର ଦିନ। କୁହାଯାଏ ରାଖୀ ହେଉଛି ସୁରକ୍ଷାର ବନ୍ଧନ। ଏବେ ଆମ ଦେଶରେ ଏଭଳି ଘଟଣା ଘଟୁଛି, ଯାହାକୁ ଦେଖିଲେ କାହାକୁ ଭାଇ ବୋଲି ମାନିବୁ କି ନାହିଁ ମଧ୍ୟ ଚିନ୍ତା ଲାଗିଲାଣି। ପ୍ରତ୍ୟେକ ନାରୀ ଯେଭଳି ଏକ ସୁରକ୍ଷିତ ସମାଜରେ ରହିପାରିବେ, ସେ ନେଇ ସମସ୍ତେ ବ୍ୟକ୍ତିଗତ ସ୍ତରରେ ଚେଷ୍ଟା କରିବା ଆବଶ୍ୟକ।

**-ଦେବଯାନୀ ଦେଘୁରିଆ, ଅଭିନେତ୍ରୀ**

### ରାଖୀ ବାନ୍ଧିବାକୁ ଶୁଟିଂ ବନ୍ଦ କରି ଘରକୁ ଆସିଛି



ମୋର ହାଇଦ୍ରାବାଦରେ ଶୁଟିଂ ଚାଲିଛି, ହେଲେ ରାଖୀ ପାଇଁ ମୁଁ ଛୁଟି ନେଇ ଘରକୁ ଆସିଛି। ରାଖୀ ପୂର୍ଣ୍ଣମୀରେ ମୁଁ ସବୁବେଳେ ଚେଷ୍ଟା କରେ ମୋ ଭାଇମାନଙ୍କ ପାଖରେ ରହିବାକୁ। ପୁଣି ଏହିଦିନ ମୋ ମା'ଙ୍କ ମଧ୍ୟ ଜନ୍ମଦିନ। ତେଣୁ ଘରେ ଗୋଟେ ଛୋଟ ଫେଷ୍ଟିଭାଲ ହେବ। ଭାଇମାନେ ମୋଠାରୁ ବହୁତ ସାନ ହେଲେ ବି ସେମାନେ ମା'ଙ୍କଠୁ ଟଙ୍କା ଆଣି ମୋ ପାଇଁ କିଛି ନା କିଛି କିଣି ରଖିଥାନ୍ତି। ସେମାନଙ୍କୁ ମୁଁ ବହୁତ ଭଲପାଏ। ମୋ ମାମୁଙ୍କ ପୁଅଙ୍କୁ ମଧ୍ୟ ରାଖୀ ବାନ୍ଧିବାକୁ ଯିବି।

**-ଜସ୍ମିନ ରଥ, ଅଭିନେତ୍ରୀ**

### ଏମିତି ସମୟ ହିଁ ନ ଆସୁ, ଯେଉଁଥିପାଇଁ ଗୋଟିଏ ଝିଅ ସୁରକ୍ଷା ଖୋଜିବ



ମୁଁ ମୋର ଶୁଟିଂ ସହ ପାଠପଢ଼ା ପାଇଁ ଘରେ ବେଶି ସମୟ ରହିପାରେନି। ମୋ ଭାଇ ମଧ୍ୟ ଛୋଟ। ସେ ପାଠ ପଢ଼ାରେ ବ୍ୟସ୍ତ ରହୁଛି। ତେଣୁ ଆମେ ପରସ୍ପରକୁ ବେଶି ସମୟ ଦେଇପାରୁନାହୁଁ। ମାତ୍ର ରାଖୀରେ ଘରେ ଛୋଟ ଗେଟ୍ ଟୁଗେଦର ହୁଏ। ସମ୍ପର୍କୀୟ ଭାଇ, ଭଉଣୀମାନେ ମଧ୍ୟ ଘରକୁ ଆସନ୍ତି। ରାଖୀ ବାନ୍ଧିବା ସହ ହରର୍ ମୁଭି ଦେଖିବା ଓ ଗପସପ ହେବାରେ ସମୟ ବିତାଇଦେଉ। ସବୁଥର ପରି ଏଥର ମଧ୍ୟ ରାଖୀକୁ ନେଇ ଉତ୍ସାହ ରହିଛି। ମାତ୍ର ନିକଟରେ ଘଟିଥିବା ଘଟଣାଗୁଡ଼ିକୁ ଦେଖିଲେ ବହୁତ କଷ୍ଟ ଲାଗୁଛି। ଆମେ ଅଚିହ୍ନା ଲୋକଙ୍କୁ ବି ଭାଇ ଡାକୁ। ଏବେ କାହା ସହ ମିଶିବାକୁ ମଧ୍ୟ ଭୟ ଲାଗିଲାଣି। ଏମିତି କିଛି ସମୟ ହିଁ ନ ଆସୁ, ଯେଉଁଥିପାଇଁ ଗୋଟିଏ ଝିଅ ସୁରକ୍ଷା ଖୋଜିବ।

**-ଶୀତଲ ପାତ୍ର, ଅଭିନେତ୍ରୀ**

### ଭାଇକୁ ମିସ୍ କରିବି, ଶୁଟିଂ ସେଟ୍‌ରେ ରାଖୀ ଉତ୍ସବ ପାଳିବି



ଜଣେ କଳାକାର ଭାବେ ବହୁତ କିଛି ସାକ୍ରିଫାଇସ୍ କରିବାକୁ ପଡ଼େ। ମୁଁ ଏବେ ଶୁଟିଂରେ ଅଛି। ଏଥର ରାଖୀ ଉତ୍ସବ ସେଟ୍‌ରେ ପାଳନ ହେବ। ଏତେ ବର୍ଷ ହେବ କାମ କଲିଣି। ତେଣୁ ଭାଇ ବୋଲି ଏଠାରେ ଅନେକଙ୍କୁ ସମ୍ବୋଧନ କରେ। ଏଠି ମଧ୍ୟ ଏକ ପରିବାର ଅଛି। ସେମାନଙ୍କ ସହ ରାଖୀ ପାଳିବି। ଦୂରରେ ଥିବାରୁ ମୋ ସାନଭାଇକୁ ମୁଁ ବହୁତ ମିସ୍ କରିବି। କାମ ପାଇଁ ଅନେକ ସମୟରେ ପର୍ବପର୍ବାଣିରେ ଘରକୁ ଯାଇପାରେନାହିଁ। ମାତ୍ର କେବେ ମନଦୁଃଖ କରେନି, କାରଣ ପରିବାର ପରେ କାମ ହିଁ ଏକ ଭିନ୍ନ ଭଲପାଇବା।

**-ସୂର୍ଯ୍ୟମୟୀ ମହାପାତ୍ର, ଅଭିନେତ୍ରୀ**

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

---

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଧର୍ମେନ୍ଦ୍ର



@ ସଞ୍ଜୟ



@ ବଳରାମ



@ ପ୍ରଶାନ୍ତ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

---

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୮।୮।୨୦୨୪

| ୫୨୧.୪୯୫ ଟଙ୍କା | |
|---|---|
| ସୁନା | ୪.୨୨୦ ଗ୍ରାମ୍ |
| ରୁପା | ୫.୪୦୦ ଗ୍ରାମ୍ |

---



ବିଭିନ୍ନ ଶସ୍ୟରେ ତିଆରି ରାଖୀ।



ଭୁବନେଶ୍ୱର ପରିବେଶବିତ୍ ସୁଶାନ୍ତ ସାହୁ ନିଜ ଘରେ ପରିବେଶ ଅନୁକୂଳ ରାଖୀ ତିଆରି କରୁଛନ୍ତି।

## ରାଖୀରେ ସବୁଜ ସଙ୍କଳ୍ପର ବାର୍ତ୍ତା

ପୁରୁଣା ଭୁବନେଶ୍ୱର,୧୮।୮ (ସୁବାସ ଚନ୍ଦ୍ର ପ୍ରଧାନ)

ରାଖୀରେ ସବୁଜ ସଙ୍କଳ୍ପର ବାର୍ତ୍ତା। ସଂପ୍ରତି ବିଶ୍ୱତାପନ ଓ ଜଳବାୟୁର ଜ୍ୱାଳାକୁ କିପରି ରୋକାଯାଇପାରିବ ଏନେଇ ପରିବେଶବିତ୍ ସୁଶାନ୍ତ ସାହୁ ପ୍ରସ୍ତୁତ କରିଛନ୍ତି ପରିବେଶ ଅନୁକୂଳ ରାଖୀ ତଥା ସ୍ୱଦେଶୀ ରାଖୀ। ପାନମଧୁରୀ, କଳାଜିରା, ମାଣ୍ଡିଆ, ଗୋଲମରିଚ, ଜୁଆଁଣି, କବାବଚିନି, ମେଥି ଆଦିକୁ ବ୍ୟବହାର କରି ଗଛ ରାଖୀ ପ୍ରସ୍ତୁତ ହୋଇଥିବା ବେଳେ ଧଳାଧାନ, କଳାଧନ, ନାଲିଧାନ, ବାଜରା, ସୂର୍ଯ୍ୟମୁଖୀ ମଞ୍ଜି ଆଦି ବିଭିନ୍ନ କିସମର ବିହନ ସହ ତୁଳା, କାଠି, କାଗଜ, ନଡା ଆଦିକୁ ବ୍ୟବହାର କରି ଏହି ସ୍ୱଦେଶୀ ରାଖୀ ପ୍ରସ୍ତୁତ କରାଯାଇଛି । ରାଖୀଗୁଡ଼ିକର ମୂଲ୍ୟ ୫ରୁ ୫୦ଟଙ୍କା ମଧ୍ୟରେ ରହିଛି । ରାଖୀ ମାଟି ସହ ମଣିଷର ସବୁଜିମା ସମ୍ପର୍କ ଯୋଡ଼ିବାର ଏହା ଏକ ପ୍ରୟାସ ବୋଲି ସୁଶାନ୍ତ କହିଛନ୍ତି।

---

## ପ୍ରଜାପିତା ଆଶ୍ରମ ପକ୍ଷରୁ ରକ୍ଷାବନ୍ଧନ ପର୍ବ

ବାଲିପାଟଣା,୧୮।୮ (ଅଭିମନ୍ୟୁ ନାୟକ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନୁଷ୍ଠାନର ବାଲିପାଟଣା କେନ୍ଦ୍ର ପକ୍ଷରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାର ଧରଣୀଭାଇଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ କହିଥିଲେ, ଭଉଣୀ-ଭାଇର ପବିତ୍ର ସମ୍ପର୍କର ପର୍ବ ହେଉଛି ରକ୍ଷାବନ୍ଧନ। ଏହାଦ୍ୱାରା ପରସ୍ପର ମଧ୍ୟରେ ସଦ୍‌ଭାବ ବୃଦ୍ଧି ପାଇ ସମାଜ ଶୃଙ୍ଖଳିତ ହେବ। ଅନ୍ୟମାନଙ୍କ ମଧ୍ୟରେ ଭଉଣୀ ଗୀତା ଦିଦି, ସୀତା ଦିଦି, ନିରଞ୍ଜନ ଭାଇ, କପିଳ ଭାଇ, କିଶୋର ଜେନା, ସୁରେନ୍ଦ୍ର ସେଠୀ, ଅଧ୍ୟାପକ ରାଧାକାନ୍ତ ମହାନ୍ତି, ସମିତି ସଭ୍ୟ ଶୈଳେନ୍ଦ୍ର ଭୋଳ, ପ୍ରେସ କ୍ଲବ ସଭାପତି ଦିଲୀପ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମାକୁମାରୀ ଭଉଣୀମାନେ ଉପସ୍ଥିତ ସମସ୍ତଙ୍କ ହାତରେ ରାଖୀ ବାନ୍ଧିଥିଲେ।

---

## ଉପବାସରେ ଶ୍ରୀଲିଙ୍ଗରାଜ

**ପାଳନ ହେଲାନି ପଇତାରୋପଣ ନୀତି**

ପୁରୁଣା ଭୁବନେଶ୍ୱର,୧୮।୮ (ସୁବାସ ଚନ୍ଦ୍ର ପ୍ରଧାନ)



ଉପବାସରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜ। ପଇତାରୋପଣ ନୀତି ଦ୍ୱନ୍ଦ୍ୱକୁ ନେଇ ପ୍ରଭୁ ଶ୍ରୀଲିଙ୍ଗରାଜ ରବିବାର ଦିନତମାମ ଉପବାସରେ ରହିଛନ୍ତି। ଏନେଇ ଶ୍ରଦ୍ଧାଳୁ ଏବଂ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବାରମାସରେ ତେରପର୍ବ ମଧ୍ୟରେ ପିତାରୋପଣ ନୀତି ଅନ୍ୟତମ। ବର୍ଷ ବର୍ଷ ଧରି ଏହିଦିନ ପୂଜାପଣ୍ଡା ନିଯୋଗର ପାଳିଆ ପୂଜାପଣ୍ଡା ବିଧି ମୁତାବକ ଶ୍ରୀଲିଙ୍ଗରାଜଙ୍କୁ ପଇତାଲାଗି କରିଥାନ୍ତି। ଗତ ୪ବର୍ଷ ହେବ ଏହି ପଇତାରୋପଣ ନୀତିରେ ବ୍ୟତିକ୍ରମ ଦେଖାଦେଇଛି। ପାଳିଆ ବଡୁ ସେବାୟତଙ୍କ ଅସହଯୋଗ ଯୋଗୁ ଠାକୁରଙ୍କ ଏହି ନୀତି ୪ବର୍ଷ ହେବ ବନ୍ଦ ରହିଛି। ଶନିବାର ରାତି ୮ଟା ୩୦ରେ ଠକୁରାଣୀ ସନ୍ଧ୍ୟା ଧୂପଠାରୁ ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ ରହିଥିବାରୁ ସୋମବାର ଜଳଲାଗି ପାଇଁ ଅପେକ୍ଷାରେ ଥିବା କାଉଡ଼ିଆ ଭକ୍ତଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ତେବେ ମନ୍ଦିର ପ୍ରଶାସନର ନିଷ୍କ୍ରିୟତା ପାଇଁ ଠାକୁରଙ୍କ ଗୋଟିଏ ପରେ ଗୋଟିଏ ଯାନିଯାତ୍ରାରେ ବିଭ୍ରାଟ ଦେଖାଦେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

---

## ବ୍ଲୁ ଫ୍ଲାଗ ବିଚ୍‌ରୁ ମୃତଦେହ ଜବତ

ପୁରୀ,୧୮।୮ (ଅଜିତ୍ କୁମାର ମହାନ୍ତି)

ବ୍ଲୁ ଫ୍ଲାଗ ବିଚ୍‌ଠାରେ ରବିବାର ପୋଲିସ ଏକ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ଜଗତ୍‌ସିଂହପୁର ଜିଲାର ଅମିତ୍ କୁମାର ମହାନ୍ତି ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ରବିବାର ସକାଳେ ବ୍ଲୁ ଫ୍ଲାଗ ବିଚ୍‌ଠାରେ ଏକ ମୃତଦେହ ପଡ଼ିଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

---

## କିଟ୍‌ର ୬ ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଆବେଟ ସ୍ୱୀକୃତି

ଭୁବନେଶ୍ୱର, ୧୮।୮ (ଅସମାପିକା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟର ୬ଟି ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ୬ବର୍ଷ ପାଇଁ ଆମେରିକାର ପ୍ରତିଷ୍ଠିତ ଆକ୍ରିଡିଟେଶନ ବୋର୍ଡ ଫର୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ଆବେଟ)ର ସ୍ୱୀକୃତି ମିଳିଛି। ଏକାଥରକେ ଏତେ ପାଠ୍ୟକ୍ରମକୁ ଆବେଟ ମାନ୍ୟତା ମିଳିବାରେ କିଟ୍ ହେଉଛି ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ। ଆବେଟ ହେଉଛି ଇଞ୍ଜିନିୟରିଂ ଓ ଇଞ୍ଜିନିୟରିଂ ଟେକ୍ନୋଲୋଜି ଶିକ୍ଷାକୁ ସ୍ୱୀକୃତି ପ୍ରଦାନ କରୁଥିବା ବିଶ୍ୱର ପ୍ରମୁଖ ଅନୁଷ୍ଠାନ। ଏହା ଇଞ୍ଜିନିୟରିଂ ଶିକ୍ଷା ପାଇଁ 'ଗୋଲ୍ଡ ଷ୍ଟାଣ୍ଡାର୍ଡ' ମାନ ଥିବା ପାଠ୍ୟକ୍ରମ ସହ ଉତ୍ତୀର୍ଣ୍ଣ ହେଉଥିବା ସ୍ନାତକମାନଙ୍କୁ ଅନ୍ତର୍ଜାତୀୟସ୍ତରରେ କର୍ମକ୍ଷେତ୍ରରେ ପ୍ରବେଶ କରିବାର ସୁଯୋଗ ପ୍ରଦାନ କରିଥାଏ। କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେଶନ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ, ମେକାନିକାଲ ଆଣ୍ଡ ସିଭିଲ ଇଞ୍ଜିନିୟରିଂ ଆଦି ବି.ଟେକ୍ ପାଠ୍ୟକ୍ରମକୁ ଏହି ସ୍ୱୀକୃତି ମିଳିଛି।

ଅନ୍ୟପକ୍ଷରେ ବିଶ୍ୱସ୍ତରରେ ସମ୍ମାନିତ ବେଞ୍ଚମାର୍କ ପ୍ରଦାନ କରୁଥିବା ଇଂଲଣ୍ଡର ଅନ୍ୟତମ ପ୍ରତିଷ୍ଠିତ ଅନୁଷ୍ଠାନ ଆଇଇଟି ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ସ୍ୱୀକୃତି ପ୍ରଦାନ କରିଛି। ଏହା ସହିତ କିଟ୍ ଅଷ୍ଟ୍ରେଲିଆ-ଇଣ୍ଡିଆ କ୍ରିଟିକାଲ ମିନେରାଲ୍ସ ରିସର୍ଚ୍ଚ ହବ୍ (ଏଆଇସିଏମଆର୍‌ଏଚ)ର ଅନୁମୋଦନ ପାଇବାର ଗୌରବ ଅର୍ଜନ କରିଛି। ଏହା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଶିକ୍ଷା ଓ ଗବେଷଣା ପ୍ରୋତ୍ସାହନ ସହଯୋଗ ଯୋଜନା (ସ୍ପାର୍କ)ରେ ଅନ୍ତର୍ଭୁକ୍ତ। କିଟ୍ ସମେତ ଭାରତର ୧୭ ଆଇଆଇଟି, ଏନ୍‌ଆଇଟି, ଆଇଆଇଏମ୍ ଭଳି ଶିକ୍ଷାନୁଷ୍ଠାନ ଓ ଅଷ୍ଟ୍ରେଲିଆର ୧୧ଟି ଶିକ୍ଷାନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ମିଳିତ ଭାବେ କାର୍ଯ୍ୟ କରିବେ। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ କିଟ୍‌ର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

---

**ଆଜି ବିଶ୍ୱ ଫଟୋଗ୍ରାଫି ଦିବସ**



ପୁରୀ ଜିଲା ପିପିଲି ବ୍ଲକ୍ ତଲଉ ଗ୍ରାମର ସୁଧୀର ବାରିକ ୨୦୨୪ ଜୁଲାଇରେ କେରଳର ମୁନାର ଇରାଭାଲିକୁଲମ୍ ନ୍ୟାଶନାଲ ପାର୍କରେ ଏହି ଫଟୋ ଉଠାଇଛନ୍ତି। ମା' ମାଙ୍କଡ଼ ପାଟିରେ ହାତ ରଖି ତା'ର ଛୁଆକୁ କିଛି ଶିକ୍ଷା ଦେଉଥିବା ଜଣାପଡୁଛି। ତେବେ ଏହି ଫଟୋ ଗାନ୍ଧିଜୀଙ୍କ ସେହି ତିନି ମାଙ୍କଡ଼ ଉପାଖ୍ୟାନକୁ ମନେ ପକାଇ ଦେଉଛି, ଯାହା ଆଜିର ଫଟୋଗ୍ରାଫି ଦିବସରେ ବେଶ୍ ଗୁରୁତ୍ୱ ବହନ କରୁଛି।

## ଉତ୍ତମ ଫଟୋଗ୍ରାଫି ଇତିହାସକୁ ସଂରକ୍ଷଣ କରେ

**ଧଉଳି ଚାରୁକଳା ମହାବିଦ୍ୟାଳୟରେ ଫଟୋ ପ୍ରଦର୍ଶନୀ**

ପୁରୁଣା ଭୁବନେଶ୍ୱର,୧୮।୮ (ସୁବାସ ଚନ୍ଦ୍ର ପ୍ରଧାନ)



ଫଟୋ ପ୍ରଦର୍ଶନୀକୁ ଅତିଥି ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

ସୋମବାର ବିଶ୍ୱ ଫଟୋଗ୍ରାଫି ଦିବସ। ଏହି ଦିବସ ଉପଲକ୍ଷେ ରବିବାର ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଏକ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଫଟୋଗ୍ରାଫିର ପ୍ରତିଷ୍ଠାତା ସିଦ୍ଧାର୍ଥ ଦେ ଏବଂ ସହପ୍ରତିଷ୍ଠାତା ରଶ୍ମିରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଉତ୍ତମ ଫଟୋଗ୍ରାଫି ଦ୍ୱାରା ଇତିହାସ ଓ ସଂସ୍କୃତିର ସଂରକ୍ଷଣ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଐତିହ୍ୟସ୍ଥଳୀ ଧଉଳି, ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟ, ପର୍ଯ୍ୟଟନ ସ୍ଥଳୀ, ଚିଲିକାରେ ପକ୍ଷୀ, ନୌକାବିହାର, ବିଭିନ୍ନ ଜୀବଜନ୍ତୁଙ୍କ ଫଟୋ ଏବଂ ଭାରତର ବିଭିନ୍ନ ସହରର ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ସୁନୀଲ ପାଢ଼ୀ, ଡ. ସସ୍ମିତା କମିଲା, ଶୁଭେନ୍ଦୁ ଘଡ଼ାଇ, ପ୍ରମୋଦ ନାଥ, ସୁଧୀର ବାରିକ, ଭୂପତି ପଣ୍ଡାଙ୍କ ସମେତ ୫୦ ଜଣ ଛାତ୍ରୀଛାତ୍ରଙ୍କ ଫଟୋ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଏହି ଅବସରରେ ଏକ ଆଲୋଚନାଚକ୍ର ହୋଇଥିଲା। ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଓ ଅଧ୍ୟାପକ ଭୂପତି ପଣ୍ଡା ପରିଚାଳନା କରିଥିଲେ। ଶୋଫିୟା ଜସ୍ମିନ, ନରୋତ୍ତମ ଦାସ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଅଭିନେତା ଏଲେନ ଡେଲନଙ୍କ ମୃତ୍ୟୁ



ପ୍ୟାରିସ୍, ୧୮।୮

ଫ୍ରାନ୍ସର ଖ୍ୟାତନାମା ଅଭିନେତା ଏଲେନ୍ ଡେଲନ୍ଙ୍କ ୮୮ ବର୍ଷ ବୟସରେ ରବିବାର ପରଲୋକ ଘଟିଛି। ଫିଲ୍ମରେ ଖଳନାୟକ ଭୂମିକାରେ ଅଭିନୟ କରି ସେ ବିଶ୍ୱବ୍ୟାପୀ ପ୍ରଶଂସିତ ହୋଇଛନ୍ତି। ୧୯୬୦ରେ ରେନେ କ୍ଲେମେଣ୍ଟଙ୍କ ନିର୍ଦ୍ଦେଶିତ 'ପ୍ଲେନ୍ ସୋଲେଇଲ' ଚଳଚ୍ଚିତ୍ରରେ ସେ ଡେବ୍ୟୁ କରିଥିଲେ। ସେହିପରି ୧୯୬୩ରେ ରିଲିଜ୍ ହୋଇଥିବା 'ଲେ ଗୁଏପର୍ଡ' ଫିଲ୍ମରେ ଡେଲନ ଚରିତ୍ର ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା। ଏଲନ ଫିଲ୍ମ ନିର୍ମାତା ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୧୯୬୮ରେ ସେ ଫିଲ୍ମ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୯୦ ମସିହା ସୁଦ୍ଧା ସେ ୨୬ଟି ଫିଲ୍ମ ନିର୍ମାଣ କରିସାରିଥିଲେ। ୨୦୧୯ରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଏଲନଙ୍କୁ ପାମ୍ ଡି'ଅନର ସମ୍ମାନ ପ୍ରଦାନ କରାଯାଇଥିଲା।

### ଦଳିତ ଉତ୍ସବ ପାଳିବାରୁ ମନ୍ଦିର ଭାଙ୍ଗିଲେ ହିନ୍ଦୁ

ଭେଲୋର, ୧୮।୮

ଦଳିତମାନେ ମନ୍ଦିରର ଏକ ଉତ୍ସବରେ ଯୋଗଦେବାରୁ ଏଥିରେ କ୍ଷୁବ୍ଧ ଗୋଟିଏ ଗୋଷ୍ଠୀ ଉଚ୍ଚଜାତିର ଲୋକେ ଭେଲୋରର ଗେମାନକୁପ୍ପମ ଗ୍ରାମ ନିକଟରେ ଥିବା କାଳିଆମାନ୍ ମନ୍ଦିରକୁ ଭାଙ୍ଗିଦେଇଛନ୍ତି। ଦଳିତମାନଙ୍କ ଅଭିଯୋଗ ଆଧାରରେ ସପ୍ତାହେ ପରେ କେ.ଭି. କୁପ୍ପମ ପୋଲିସ ଅନୁସୂଚିତ ଜାତି ଜନଜାତି ଅତ୍ୟାଚାର ପ୍ରତିକାର ଆଇନ ଅନୁଯାୟୀ ହିନ୍ଦୁ ସମ୍ପ୍ରଦାୟର ଜଣକ ବିରୋଧରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଉକ୍ତ ମନ୍ଦିରରେ ଅନୁସୂଚିତ ଜାତିଙ୍କ ପ୍ରବେଶ ଓ ଉତ୍ସବରେ ଯୋଗଦେବା ବାରଣ ଥିଲା। ଏହାକୁ ଅମାନ୍ୟ କରି ଦଳିତମାନେ ମନ୍ଦିରରେ ଉତ୍ସବ ପାଳନ କରିବାରୁ ସବର୍ଣ୍ଣ ହିନ୍ଦୁମାନେ ଉତ୍କ୍ଷିପ୍ତ ହୋଇ ମନ୍ଦିର ଭାଙ୍ଗିଥିବା ଅଭିଯୋଗ ହୋଇଛି।

### କାର ଦୁର୍ଘଟଣାରେ ୩ ଭାରତୀୟ ମୃତ

ଡଲାସ, ୧୮।୮

ଆମେରିକାର ଟେକ୍ସାସରେ ସଡ଼କ ଦୁର୍ଘଟଣା ଘଟି ରବିବାର ଏକ ଭାରତୀୟ ପରିବାରର ୩ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଉତ୍ତର ଟେକ୍ସାସରେ ରହୁଥିବା ମଣି ଆନନ୍ଦ ସ୍ତ୍ରୀ ପ୍ରଦୀପା ଅରବିନ୍ଦ, ଝିଅ ଆନ୍ଦ୍ରିଲ ଅରବିନ୍ଦ ଓ ପୁଅ ଆଦ୍ରିଆନ ଅରବିନ୍ଦଙ୍କୁ ଧରି କାର୍‌ରେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଡଲାସସ୍ଥିତ ଟେକ୍ସାସ ବିଶ୍ୱ ବିଦ୍ୟାଳୟରେ ପଢୁଥିବା ଆନ୍ଦ୍ରିଲଙ୍କୁ ଛାଡ଼ିବାକୁ ସେମାନେ ଯାଉଥିଲେ। ଦୁର୍ଘଟଣାରେ ମଣି, ତାଙ୍କ ସ୍ତ୍ରୀ ପ୍ରଦୀପା ଓ ଝିଅ ଆନ୍ଦ୍ରିଲଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଆଦ୍ରିଆନ ବର୍ତ୍ତିଯାଇଛନ୍ତି।

# ଅନିଶ୍ଚିତତାରେ ୟୁସିସି ବିଲ୍

**୩୧ରେ ଶେଷ ହେବ ନ୍ୟାୟିକ ଆୟୋଗ କାର୍ଯ୍ୟକାଳ**

ନୂଆଦିଲ୍ଲୀ, ୧୮।୮




ସାରା ଦେଶରେ ଏକକ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ କରାଯିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୋହରାଇବା ସତ୍ତ୍ୱେ ଏହି ବିଧେୟକର ଭାଗ୍ୟ ଅନିଶ୍ଚିତତା ମଧ୍ୟରେ ରହିଛି। ୟୁସିସି ଭାଜପାର ଦୀର୍ଘଦିନର ନିର୍ବାଚନୀ ପ୍ରତିଶ୍ରୁତି ହୋଇଥିବାବେଳେ ଦେଶବ୍ୟାପୀ ୟୁସିସି ଚିଠା ପ୍ରସ୍ତୁତି ଦାୟିତ୍ୱ ୨୨ତମ ନ୍ୟାୟିକ ଆୟୋଗକୁ ଦିଆଯାଇଥିଲା। ଜଷ୍ଟିସ୍ ଋତୁରାଜ ଅୱସ୍ଥିଙ୍କୁ ଲୋକପାଳର ନ୍ୟାୟିକ ସଦସ୍ୟ ନିଯୁକ୍ତ କରାଯିବାରୁ ସେ ନ୍ୟାୟିକ ଆୟୋଗର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଅଧ୍ୟକ୍ଷବିହୀନ ଥିବା ଉକ୍ତ ଆୟୋଗର କାର୍ଯ୍ୟକାଳ ଆସନ୍ତା ୩୧ରେ ଶେଷ ହେବାକୁ ଯାଉଥିବାବେଳେ ୟୁସିସି ବିଲ୍ ଚୂଡ଼ାନ୍ତ ହୋଇପାରି ନାହିଁ। ନୂଆ ଅଧ୍ୟକ୍ଷ ନିଯୁକ୍ତି ସମ୍ପର୍କରେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ସବୁ ଧର୍ମର ଲୋକମାନଙ୍କ ପାଇଁ ବିବାହ, ଛାଡ଼ପତ୍ର, ପୋଷ୍ୟ ଗ୍ରହଣ, ଉତ୍ତରାଧିକାର ଲାଗି ସମାନ ଆଇନ ବା ୟୁସିସି ଭାଜପାର ନୀତିଗତ ନିଷ୍ପତ୍ତି। ଏହାକୁ ଧର୍ମନିରପେକ୍ଷ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେବା ବେଳେ କହିଥିଲେ। ତେବେ ଏନ୍‌ଡିଏର ସହଯୋଗୀ ଜେଡିୟୁ, ଏଲ୍‌ଜେପି ଏବଂ ଟିଡିପି ଏଥିରେ ସହମତ ନ ଥିବା ଜଣାପଡୁଛି। ସରକାର ନୂଆ ଲ' କମିଶନ ଗଢ଼ିବା ସହ ନୂତନ ଅଧ୍ୟକ୍ଷ ନିଯୁକ୍ତ କରିବା ଆବଶ୍ୟକ ଥିବାରୁ ୟୁସିସି ଚିଠା ପ୍ରସ୍ତୁତିରେ ବିଳମ୍ବ ହେବ ବୋଲି ଆଇନ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ବିଚାରବିମର୍ଶ ଶେଷ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ଚିଠା ପ୍ରସ୍ତୁତ ହୋଇପାରି ନ ଥିବା ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଚିଠା ବିଲ୍ ପ୍ରସ୍ତୁତି ନିମନ୍ତେ କମିଶନ ବିଭିନ୍ନ ଧର୍ମଗୁରୁ, ସିଭିଲ ସୋସାଇଟି ଗ୍ରୁପ୍ ଓ ବିଭିନ୍ନ ଧର୍ମ ଓ ମହିଳା ସଂଗଠନର ପ୍ରତିନିଧିଙ୍କ ସହ ଏକାଧିକ ପର୍ଯ୍ୟାୟ ବିଚାରବିମର୍ଶ କରିଥିଲେ। ୟୁସିସି ସମ୍ପର୍କରେ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଓ ମତାମତ ମିଳିଥିଲା।

# ଜେଏମ୍‌ଏମ୍ ଛାଡ଼ିବେ ଚମ୍ପାଇ ସୋରେନ୍

ରାଞ୍ଚି, ୧୮।୮ (ପି.ଟି.)



**ଅପମାନଜନକ ଅନୁଭୂତି ବିକଳ୍ପ ପଥ ବାଛିବା ପାଇଁ ବାଧ କରିଛି**

ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍)ର ବରିଷ୍ଠ ନେତା ଚମ୍ପାଇ ସୋରେନ୍ ଦଳ ଛାଡ଼ିବା ନେଇ ରବିବାର ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ସେ ଅତ୍ୟନ୍ତ ଅପମାନଜନକ ଅନୁଭୂତି ପାଇଛନ୍ତି, ଯାହା ତାଙ୍କୁ ବିକଳ୍ପ ପଥ ବାଛିବା ପାଇଁ ବାଧ କରିଥିବା ଚମ୍ପାଇ କହିଛନ୍ତି। ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବାବେଳେ ଦିଲ୍ଲୀରେ ପହଞ୍ଚିବା ପରେ ସୋସିଆଲ ମିଡିଆ ଆକାଉଣ୍ଟରେ ଉପରୋକ୍ତ ମନ୍ତବ୍ୟ ପୋଷ୍ଟ କରିଛନ୍ତି।

ତାଙ୍କୁ ନ ଜଣାଇ ଜୁଲାଇରେ ତାଙ୍କର ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ଦଳର ନେତୃତ୍ୱ ବାତିଲ କରିଦେଇଥିଲେ। ଜଣେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଅନ୍ୟ ଜଣେ ବାତିଲ କରିବାଠାରୁ ଗଣତନ୍ତ୍ରରେ ବଡ଼ ଅପମାନ କିଛି ନ ଥାଇପାରେ ବୋଲି ଚମ୍ପାଇ କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ବିଧାୟକ ଦଳ ବୈଠକ ଡାକିବା ତାଙ୍କ କ୍ଷମତାଧୀନ ହୋଇଥିବାବେଳେ ବୈଠକ ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନ ଥିଲା। ଉକ୍ତ ବୈଠକରେ ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିଲା ଏବଂ କ୍ଷମତା ଲୋଭ ନ ଥିବାରୁ ସେ ପଦ ଛାଡ଼ିଥିଲେ। ତାଙ୍କ ଆତ୍ମସମ୍ମାନକୁ ଏହା ଗଭୀର ଭାବେ ଆଘାତ ଦେଇଥିଲା ବୋଲି ଚମ୍ପାଇ କହିଛନ୍ତି। ସେଦିନ ସେ ବିଧାୟକ ଦଳ ବୈଠକରେ କହିଥିଲେ, ଆଜିଠାରୁ ତାଙ୍କ ଜୀବନରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ଆତ୍ମସମୀକ୍ଷା ପରେ ସେ ତାଙ୍କ ଭବିଷ୍ୟତ କ୍ୟାରିୟର ସମ୍ପର୍କରେ ୩ଟି ବିକଳ୍ପ ବାଛିଛନ୍ତି। ପ୍ରଥମ ହେଲା ସେ ରାଜନୀତିରୁ ଅବସର ନେବେ ଏବଂ ଦ୍ୱିତୀୟରେ ନିଜସ୍ୱ ସଂଗଠନ ଗଢ଼ିବେ। ଉପଯୁକ୍ତ ସହଯୋଗୀ ପାଇଲେ, ତାଙ୍କ ସହ ଆଗକୁ ବଢ଼ିବେ ବୋଲି ଚମ୍ପାଇ କହିଛନ୍ତି। ଆଗାମୀ ଝାଡ଼ଖଣ୍ଡ ନିର୍ବାଚନ ପର୍ଯ୍ୟନ୍ତ ତାଙ୍କର ବିକଳ୍ପ ଖୋଲା ରହିଥିବା ଉକ୍ତ ପୋଷ୍ଟରେ ଲେଖିଛନ୍ତି। ସୂଚନାଯୋଗ୍ୟ, ଜମି ଦୁର୍ନୀତି ମାମଲାରେ ହେମନ୍ତ ସୋରେନ୍ ଗିରଫ ହେବା ପରେ ୬୭ ବର୍ଷୀୟ ଚମ୍ପାଇ ଗତ ଫେବୃଆରୀ ୨ରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ଓ ଜୁଲାଇ ୩ରେ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା।

# ଯୁଦ୍ଧବିରତି ଉଦ୍ୟମ ମଧ୍ୟରେ ଇସ୍ରାଏଲ୍‌ର ଆକ୍ରମଣ: ୨୧ ମୃତ



ଡେଇର ଅଲ୍-ବାଲାହ, ୧୮।୮

ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧବିରତି ଚୁକ୍ତିନାମା ଚୂଡ଼ାନ୍ତ କରିବା ପାଇଁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ରବିବାର ଉକ୍ତ ଅଞ୍ଚଳକୁ ଯାଇଥିବାବେଳେ ଜେରୁଜେଲମ୍ ପକ୍ଷରୁ ଆକ୍ରମଣ ଜାରି ରହିଛି। ଗାଜାରେ ରବିବାର ଇସ୍ରାଏଲ୍‌ର ବୋମାମାଡ଼ରେ ୬ ଶିଶୁ ଓ ଜଣେ ମହିଳାଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରୁଥିବା ଆମେରିକା, ଇଜିପ୍ଟ ଏବଂ କାତାର ଦୋହାରେ ୨ ଦିନ ଆଲୋଚନା ଚଳାଇଥିଲେ। ତେବେ ଇସ୍ରାଏଲ୍ କେତେକ ନୂଆ ଦାବି ଉଠାଇବାରୁ ହମାସ୍ ଏହାର ବିରୋଧ କରିଥିଲା। ଫଳରେ ବୁଝାମଣା ଅଟକି ରହିଥିବାବେଳେ ଯୁଦ୍ଧବିରତି ନେଇ ମଧ୍ୟସ୍ଥମାନେ ଆଶାବ୍ୟକ୍ତ କରିଛନ୍ତି। ଡେଇର ଅଲ୍-ବଲାହର ଏକ ଘର ଉପରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଯୋଗୁ ଜଣେ ମାଆ ଓ ତାଙ୍କ ପିଲାଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରତିପକ୍ଷର ଏକ ରକେଟ ଲଞ୍ଚରକୁ ଇସ୍ରାଏଲୀ ସେନା ଧ୍ୱଂସ କରିଦେଇଥିବା କହିଛି।

# ଭ୍ୟାନ୍-ବସ୍ ଧକ୍କା, ୧୧ ମୃତ

ବୁଲନ୍ଦଶହର, ୧୮।୮

ଉତ୍ତରପ୍ରଦେଶ ବୁଲନ୍ଦସହର ଜିଲା ସଲିମପୁର ଥାନା ବଦାୟୁଁ-ମିରଠ୍ ରାଜ୍ୟ ରାଜପଥରେ ରବିବାର ଏକ ପିକ୍‌ଅପ୍ ଭ୍ୟାନକୁ ବିପରୀତ ଦିଗରୁ ଆସୁଥିବା ଗୋଟିଏ ବସ୍ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ୧୧ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ୩୭ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ବୁଲନ୍ଦସହର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୮ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ମିରଠ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ପିକ୍‌ଅପ୍ ଭ୍ୟାନ୍ ୩୫ରୁ ଅଧିକ ଶ୍ରମିକ ରାଖୀ ପୂର୍ଣ୍ଣିମା ପାଳନ କରିବା ପାଇଁ ଗାଜିଆବାଦରୁ ସମ୍ଭଲ ଯାଉଥିଲେ। ତେବେ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି ବୋଲି ବୁଲନ୍ଦସହର ଜିଲାପାଳ ଚନ୍ଦ୍ର ପ୍ରକାଶ ସିଂ କହିଛନ୍ତି। ପୋଲିସ ବସ୍‌ଟିକୁ ଜବତ କରିଛି।



# ଲାଞ୍ଚ ଟଙ୍କା ଭାଗବଣ୍ଟାର ଭିଡିଓ ଭାଇରାଲ



ନୂଆଦିଲ୍ଲୀ, ୧୮।୮

**୩ ଟ୍ରାଫିକ୍ ପୋଲିସ ନିଲମ୍ବିତ**

ଦିଲ୍ଲୀର ୩ ଜଣ ଟ୍ରାଫିକ୍ ପୋଲିସ ଶନିବାର ଲାଞ୍ଚ ଟଙ୍କା ପରସ୍ପର ମଧ୍ୟରେ ଭାଗବଣ୍ଟା କରୁଥିବାବେଳେ ସିସିଟିଭିରେ ଧରାପଡ଼ିଯାଇଥିଲେ। ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସେମାନଙ୍କୁ ନିଲମ୍ବନ କରାଯାଇଛି।

ଥ୍ରିଲ୍ ଲୌରି ସର୍କଲର ଗାଜିପୁର ପୋଲିସ ଚେକ୍‌ପୋଷ୍ଟ ଭିତରେ ଜଣେ ବ୍ୟକ୍ତିଙ୍କ ସହ ପୋଲିସ କର୍ମଚାରୀମାନଙ୍କ ଯୁକ୍ତିତର୍କ ଚାଲିଥିବା ଭିଡିଓରେ ଦେଖିବାକୁ ମିଳିଛି। ପରେ ବ୍ୟକ୍ତି ଜଣକ ପୋଲିସ ଟେବୁଲ ଉପରେ ଏକ ନୋଟ୍ ବିଡ଼ା ରଖି ଚାଲିଯାଇଥିଲେ। ୩ ପୋଲିସ କର୍ମଚାରୀ ଉକ୍ତ ଟଙ୍କାକୁ ଗଣି ପରସ୍ପର ମଧ୍ୟରେ ଭାଗବଣ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟର ଓ ଜଣେ ହେଡ୍ କନ୍‌ଷ୍ଟେବଲ। ସେମାନଙ୍କୁ ସସ୍‌ପେଣ୍ଡ କରାଯାଇଥିବା ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏକ୍ସ'ରେ ଲେଖିଛନ୍ତି।

# ହୃଦ୍‌ଘାତରେ ତଟସୁରକ୍ଷା ଡିଜିଙ୍କ ମୃତ୍ୟୁ

ଚେନ୍ନାଇ, ୧୮।୮



ରାକେଶ ପାଲ୍

ଭାରତୀୟ ତଟସୁରକ୍ଷା ବାହିନୀର ମହାନିର୍ଦ୍ଦେଶକ (ଡିଜି) ଭାବେ କାର୍ଯ୍ୟରତ ରାକେଶ ପାଲ୍‌ଙ୍କର ରବିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ୧୯୮୯ରେ ତଟସୁରକ୍ଷା ବାହିନୀରେ ଯୋଗ ଦେଇଥିବାବେଳେ ଗତବର୍ଷ ଜୁଲାଇରେ ଡିଜି ଭାବେ ନିଯୁକ୍ତ ହୋଇଥିଲେ। ରବିବାର ସେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ତଟସୁରକ୍ଷା ବଳର ଏକ କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା। ଏହା ପୂର୍ବରୁ ସେ ଅସୁସ୍ଥ ଅନୁଭବ କରିବାରୁ ଚେନ୍ନାଇର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ହରିୟାଣା ନିର୍ବାଚନକୁ ପ୍ରଭାବିତ କରିବ କୃଷକ ଆନ୍ଦୋଳନ

ନୂଆଦିଲ୍ଲୀ, ୧୮।୮ (ପି.ଟି.)



ଅଭିମନ୍ୟୁ କୋହର

ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ହରିୟାଣାରେ କୃଷକ ସଂଗଠନଗୁଡ଼ିକ ଶାସକ ଭାଜପା ବିରୋଧରେ ପୁଣିଥରେ ବିଷୋଦ୍‌ଗାର କରିଛନ୍ତି। ସେମାନେ ବିଭିନ୍ନ ପ୍ରସଙ୍ଗ ଓ ବକେୟା ଦାବି ନେଇ ମହାପଞ୍ଚାୟତ ଜରିଆରେ ଆନ୍ଦୋଳନ ଜାରି ରଖିବାକୁ ଯୋଜନା କରିଛନ୍ତି, ଯାହା ଆଗାମୀ ନିର୍ବାଚନକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ବର୍ତ୍ତମାନ ରଦ୍ଦ ହୋଇଥିବା ୩ ବିବାଦୀୟ କୃଷି ଆଇନ ବିରୋଧରେ ୨୦୨୦-୨୧ କୃଷକ ଆନ୍ଦୋଳନରେ ହରିୟାଣାର ଚାଷୀମାନେ ମୁଖ୍ୟ ଭୂମିକା ନେଇଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚା ବ୍ୟାନରରେ ଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନ ଦେଢ଼ବର୍ଷ ଧରି ଚାଲିଥିଲା। ଫଳରେ କେନ୍ଦ୍ର ସରକାର ୩ ବିବାଦୀୟ ଆଇନକୁ ରଦ୍ଦ କରିବାକୁ ବାଧ୍ୟ ହୋଇଥିଲେ। ପରେ ଉକ୍ତ ସଂଗଠନ ବିଭାଜିତ ହୋଇ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ସୃଷ୍ଟି ହୋଇଥିଲା। ଏବେ ପଞ୍ଜାବ ଓ ହରିୟାଣାର ଶମ୍ଭୁ ଏବଂ ଖନୌରି ସୀମାରେ ଉକ୍ତ ସଂଗଠନ ଓ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଉଭୟ ସଂଗଠନ ଭାଜପାକୁ ବିରୋଧ କରୁଛନ୍ତି। ଚାଷୀ ଆନ୍ଦୋଳନର ପ୍ରଭାବ ଗତ ଲୋକ ସଭା ନିର୍ବାଚନରେ ସ୍ପଷ୍ଟ ଜଣାପଡ଼ିଥିଲା। ଆଗାମୀ ବିଧାନସଭା ନିର୍ବାଚନକୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ)ର ନେତା ଅଭିମନ୍ୟୁ କୋହର କହିଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଏବଂ ସ୍ୱାମୀନାଥନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା ହରିୟାଣା ଗ୍ରାମାଞ୍ଚଳର ମୁଖ୍ୟ ପ୍ରସଙ୍ଗ। ଅଗ୍ନିବୀର ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପାଣ୍ଠି ହ୍ରାସ ମଧ୍ୟ ଗ୍ରାମାଞ୍ଚଳ ଭୋଟରଙ୍କୁ ପ୍ରଭାବିତ କରିବ ବୋଲି ଅଭିମନ୍ୟୁ କହିଛନ୍ତି।

## ଫୁର୍‌ସତ୍

# ୧.୮ କି.ମି. ଯିବାକୁ ୭୦୦ ଟଙ୍କା ଭଡ଼ା

ନୂଆଦିଲ୍ଲୀ







ସମ୍ପ୍ରତି ଭାରତର ଅନେକ ସହରରେ ଯାତାୟତ ପାଇଁ ବିଭିନ୍ନ ରାଇଡିଂ ଆପ୍‌କୁ ବହୁଳ ଭାବେ ବ୍ୟବହାର କରାଯାଉଛି। ଏହାଦ୍ୱାରା ଯାତ୍ରୀ ଅତି ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା କରିପାରୁଛନ୍ତି। ଯାତାୟତର ଉକ୍ତ ମାଧ୍ୟମ ଅନ୍ୟ ମାଧ୍ୟମଗୁଡ଼ିକଠାରୁ ସାମାନ୍ୟ ଅଧିକ ଭଡ଼ା ନେଉଥିଲେ ମଧ୍ୟ ଏହା ଯାତ୍ରୀମାନଙ୍କ ପାଇଁ ବେଶ୍ ଆରାମଦାୟକ ରହିଥାଏ। ତେବେ ଯେତେବେଳେ ଏହି ରାଇଡିଂ ଆପ୍ ଗୁଡ଼ିକର ଚାହିଦା ଅଧିକ ଥାଏ, ସେତେବେଳେ ଏହାର ଭଡ଼ା ମଧ୍ୟ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଥାଏ। ଫଳରେ ଯାତ୍ରୀମାନେ ଅସୁବିଧାରେ ପଡ଼ିଥାନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଲିଙ୍କ୍‌ଡିନ୍'ରେ ଜଣେ ବ୍ୟକ୍ତି ଏହି ସମ୍ବନ୍ଧୀୟ ଏକ ପୋଷ୍ଟ କରିଛନ୍ତି, ଯାହା ଅନେକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିତର୍କ ଆରମ୍ଭ କରିଛି।

ପ୍ରଡକ୍ଟ ମ୍ୟାନେଜ୍‌ମେଣ୍ଟ ପ୍ରଫେସ୍‌ନାଲ ସୂର୍ଯ୍ୟ ପାଣ୍ଡେ ନାମକ ଜଣେ ବ୍ୟକ୍ତି 'ଲିଙ୍କ୍‌ଡିନ୍'ରେ ଏକ ପୋଷ୍ଟ କରି ଭାରତରେ ପ୍ରଚଳିତ ଅନ୍‌ଲାଇନ କ୍ୟାବ ସେବାକୁ ସମାଲୋଚନା କରିଛନ୍ତି। ସେ ଲେଖିଛନ୍ତି, ବିଡମ୍ବନାର ବିଷୟ ହେଉଛି ଯେଉଁ ସମସ୍ୟାର ସମାଧାନ ପାଇଁ ଓଲା, ଉବର ଓ ରାପିଡୋ ଭଳି ଅନ୍‌ଲାଇନ୍ ରାଇଡିଂ ସେବା ଭାରତରେ ଆରମ୍ଭ ହୋଇଥିଲା, ଏବେ ତାହା ଗ୍ରାହକଙ୍କ ପାଇଁ ସବୁଠୁ ବଡ଼ ସମସ୍ୟାରେ ପରିଣତ ହୋଇଛି। ସେ ନିଜ ପୋଷ୍ଟରେ ଏକ ସ୍କ୍ରିନ୍‌ସଟ୍ ମଧ୍ୟ ସେୟାର କରିଛନ୍ତି, ଯେଉଁଥିରେ ମାତ୍ର ୧.୮ କିଲୋମିଟର ରାସ୍ତା ପାଇଁ ଉବର କ୍ୟାବ୍ ଭଡ଼ା ୬୯୯ ଟଙ୍କା ରହିଛି। ଭାରତରେ ଅନ୍‌ଲାଇନ୍ ରାଇଡିଂ ସେବା ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଯାତାୟାତ ସେବା ଯୋଗାଇଦେବାକୁ ଆରମ୍ଭ କରାଯାଇଥିଲା। ତେବେ ସବୁଠୁ ଦରକାର ଥିବା ସମୟରେ ଉକ୍ତ ଆପଗୁଡ଼ିକ ୩୦୦% ଅଧିକ ଭଡ଼ା ନେଉଥିବା ସୂର୍ଯ୍ୟ କହିଛନ୍ତି।

# ସାପ ପାଇଁ ୧୧ ହଜାର ଘରେ ବିଜୁଳି କାଟ

ୱାଶିଂଟନ

ଆମେରିକାର ଭର୍ଜିନିଆରେ ଏକ ସାପ ଯୋଗୁ ଶନିବାର ୧୧ ହଜାର ଲୋକଙ୍କ ଘରେ ପ୍ରାୟ ଦେଢ଼ ଘଣ୍ଟା ଧରି ବିଜୁଳି କାଟ କରାଯାଇଥିଲା। ଭର୍ଜିନିଆ ସହରର ବିଭିନ୍ନ ଅଞ୍ଚଳରେ ଶନିବାର ହଠାତ ବିଦ୍ୟୁତ କାଟ ଘଟିଥିଲା। ଏନେଇ ସ୍ଥାନୀୟ ବିଦ୍ୟୁତ ବିଭାଗ ଅଧିକାରୀ କହିଛନ୍ତି, ଏକ ସାପ ଯୋଗୁ ଏହି ବିଜୁଳି ବିଭ୍ରାଟ ହୋଇଛି। ଉକ୍ତ ସାପଟି ସହରର ଏକ ହାଇ ଭୋଲ୍‌ଟେଜ୍ ଅଞ୍ଚଳରେ ପ୍ରବେଶ କରି ଗୋଟିଏ ଟ୍ରାନ୍ସଫର୍ମରର ସଂସ୍ପର୍ଶରେ ଆସିଥିଲା। ଫଳରେ ସର୍ଟ୍‌ସର୍କିଟ ଘଟି ଉକ୍ତ ଅଞ୍ଚଳରେ ବ୍ୟାପକ ବିଜୁଳି ବିଭ୍ରାଟ ହୋଇଥିଲା। ଅଞ୍ଚଳର ୧୧,୭୦୦ ଘରେ ବିଜୁଳି କାଟ୍ ହୋଇଥିଲା। ସୂଚନା ପାଇ ବିଜୁଳି ବିଭାଗ କର୍ମଚାରୀମାନେ ତୁରନ୍ତ ପାୱାର ରି-ରିଷ୍ଟୋରେସନ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଦେଢ଼ ଘଣ୍ଟା ପରେ ପୁନଶ୍ଚ ସମଗ୍ର ଅଞ୍ଚଳରେ ବିଦ୍ୟୁ ଆସିଥିଲା।

# ବଲିଉଡ୍ ତାରକାଙ୍କୁ ମୂର୍ଖ କହିଲେ କଙ୍ଗନା

ମୁମ୍ବାଇ



ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାୱତ ରବିବାର ପୁଣିଥରେ ବଲିଉଡ୍ ତାରକାମାନଙ୍କୁ ଟାର୍ଗେଟ କରିଛନ୍ତି। ମୋଟିଭେଶ୍‌ନାଲ ସ୍ପିକର ରାଜ ଶାମନୀଙ୍କ ପୋଡ୍‌କାଷ୍ଟ ପ୍ରୋଗ୍ରାମରେ ଯୋଗଦେଇ କଙ୍ଗନା ବଲିଉଡ୍ ତାରକାମାନଙ୍କର ଜୀବନଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ବଲିଉଡ୍‌ରେ ଚଳିପାରିବା ଭଳି ବ୍ୟକ୍ତି ନୁହନ୍ତି ଏବଂ କୌଣସି ବଲିଉଡ୍ ସେଲିବ୍ରିଟିଙ୍କ ସହ ତାଙ୍କର ବନ୍ଧୁତା ସମ୍ଭବ ନୁହେଁ ବୋଲି କଙ୍ଗନା କହିଛନ୍ତି। ସେହିପରି ବିଭିନ୍ନ ବଲିଉଡ୍ ପାର୍ଟିରେ ତାଙ୍କର ଅଭିଜ୍ଞତା ଅତ୍ୟନ୍ତ ଖରାପ ରହିଛି। କଙ୍ଗନା କହିଛନ୍ତି, ବଲିଉଡ୍ ସେଲିବ୍ରିଟିମାନେ ହେଉଛନ୍ତି ସବୁଠୁ ବଡ଼ ମୂର୍ଖ ଓ ବୋକା। ବ୍ରାଣ୍ଡେଡ୍ ବ୍ୟାଗ୍ ଓ କାର୍ ବ୍ୟତୀତ ଏହି ସେଲିବ୍ରିଟିମାନେ ଆଉ କିଛି ଜାଣନ୍ତି ନାହିଁ। ଏହିପରି ସେ ଅନେକ ବଲିଉଡ୍ ତାରକାଙ୍କୁ ଜାଣିଛନ୍ତି ବୋଲି କଙ୍ଗନା ଉକ୍ତ ସାକ୍ଷାତ୍‌କାରରେ କହିଛନ୍ତି। ଯଦି ବଲିଉଡ୍ ସେଲିବ୍ରିଟିମାନଙ୍କର କୌଣସି ଶୁଟିଂ ନ ଥାଏ ତେବେ ସେମାନଙ୍କର ଦିନଚର୍ଯ୍ୟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବ ବୋଲି କଙ୍ଗନା କହିଛନ୍ତି। ସେମାନେ ସକାଳେ ଉଠନ୍ତି, କିଛି ବ୍ୟାୟାମ କରନ୍ତି, ଦ୍ୱିପ୍ରହର ସମୟରେ ଖାଇ ପୁଣି ଶୋଇଯାଆନ୍ତି। ସନ୍ଧ୍ୟାବେଳେ ଉଠି ଜିମ୍ ଯାଆନ୍ତି। ବିଳମ୍ବିତ ରାତ୍ରି ଯାଏ ବିଭିନ୍ନ ପାର୍ଟିରେ ଯୋଗଦେଇ ମଦ୍ୟପାନ କରନ୍ତି।

## ସଂକ୍ଷେପରେ

### ଶହୀଦ ରଘୁ ସର୍ଦ୍ଦାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କଟକ ସଦର,୧୮।୮
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ଶହୀଦ ରଘୁ ସର୍ଦ୍ଦାରଙ୍କ ପ୍ରତିମୂର୍ତ୍ତି ବରାଳ ଗ୍ରାମରେ ଉନ୍ମୋଚିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହାକୁ ଉନ୍ମୋଚନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବକ୍ତାଭାବେ ଡା. ଉଦ୍ଧବ ଚରଣ ନାୟକ, ମେଜର ବ୍ରଜେନ୍ଦ୍ର ନାରାୟଣ ପଟ୍ଟନାୟକ, ବରିଷ୍ଠ ପତ୍ରକାର ଶ୍ରୀରାମ ଦାସ, ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ସାଧୁ ଚରଣ ଜେନା, ସେକ୍ କଲିମୁଲ୍ଲା, ସୁରେନ୍ଦ୍ର ନାଥ ବେହେରା, ପରମାନନ୍ଦ ଚୌଧୁରୀ, ପ୍ରତିଭା ଶତପଥୀ, ଜଗଦୀଶ ତ୍ରିପାଠୀ, ବସନ୍ତ କୁମାର ବେଉରା, ଲକ୍ଷ୍ମୀଧର ବେଉରା ପ୍ରମୁଖ ଯୋଗଦେଇ ସର୍ଦ୍ଦାରଙ୍କର ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଲୋକ ବିକାଶ ସମ୍ମାନ-୨୦୨୪ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଡା. ବିଶ୍ୱନାଥ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଙ୍କୀର ଐତିହ୍ୟ, ସଂସ୍କୃତି, କଳା ଅନନ୍ୟ

ବାଙ୍କୀ,୧୮।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):


ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

ବାଙ୍କୀ ମହୋତ୍ସବର କେନ୍ଦ୍ରୀୟ ସାଂସ୍କୃତିକ ସମାବେଶ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସମାରୋହରେ ବାଙ୍କୀ ନଗରପାଳ ମାଣିକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଙ୍କୀର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜ୍ୟୋତ୍ସ୍ନା ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ କାଉନସିଲର ସନାତନ ବେହେରା, ପଠାଣି ବେହେରା, ଭରତ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ବାଙ୍କୀର ଐତିହ୍ୟ, ସଂସ୍କୃତି, କଳା ଅନନ୍ୟ ବୋଲି କହିଥିଲେ। ମହୋତ୍ସବ ସଂଯୋଜକ ବଳଭଦ୍ର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମାନସ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମରେ ବାଙ୍କୀ ଓ ବାଙ୍କୀର ବିଭିନ୍ନ ଧର୍ମଧାରଣା ସମ୍ପର୍କରେ ବକ୍ତୃତା, ସଂଗୀତ, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା

**ବାଙ୍କୀ ମହୋତ୍ସବର କେନ୍ଦ୍ରୀୟ ସାଂସ୍କୃତିକ ସମାବେଶ**

ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଡ. ବୈରାଗୀ ଚରଣ ପଟ୍ଟନାୟକ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ରମାକାନ୍ତ ଭଞ୍ଜ, ଗୟାଧର ନାୟକ, ପ୍ରଶାନ୍ତ କୁମାର ସାମନ୍ତରାୟ, ଦେବୀଦତ୍ତ ବିଭୂତି ରାୟ, ଅନନ୍ତ କୁମାର ରଣା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅର୍ପିତା ଜେନା ପ୍ରଥମ, ଢଁସର କୃଷକ ଉଚ୍ଚବିଦ୍ୟାଳୟର ଶୁଭଶ୍ରୀ ଜେନା ଦ୍ୱିତୀୟ, ଶିମିଳିପୁର ହରିରାଜପୁର ଆଞ୍ଚଳିକ ବିଦ୍ୟାପୀଠର ଅମ୍ରିତା ନାୟକ ତୃତୀୟ ହୋଇଛନ୍ତି। ସେହିପରି ସଙ୍ଗୀତରେ ଢଁସର କୃଷକ ଉଚ୍ଚବିଦ୍ୟାଳୟର ବିଷ୍ଣୁପ୍ରିୟା ଜେନା ପ୍ରଥମ, ବାଙ୍କୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଏମ.ଏ.ଆଙ୍କାକ୍ଷା ଅରୋସ୍ମିତା ଦ୍ୱିତୀୟ, ଶୁଭମ ପ୍ରଧାନ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ତୃତୀୟ, ପ୍ରବନ୍ଧରେ ବାଙ୍କୀ ସରକାରୀ ଉଚ୍ଚବିଦ୍ୟାଳୟ ଦୀପଶିଖା ସ୍ୱାଇଁ ପ୍ରଥମ, ଢଁସର କୃଷକ ଉଚ୍ଚବିଦ୍ୟାଳୟର ସୁଜାତା ରାଉତ, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଅରୂପ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚିତ୍ରାଙ୍କନରେ ଢଁସର କୃଷକ ଉଚ୍ଚବିଦ୍ୟାଳୟର ଲୋପାମୁଦ୍ରା ସାହୁ ପ୍ରଥମ, ବାଙ୍କୀ ସରକାରୀ ଉଚ୍ଚବିଦ୍ୟଳୟର ତପସ୍ୟା ତେଜସ୍ୱିନୀ ଦ୍ୱିତୀୟ ଓ ପାଟପୁର ସିଂହନାଥ ଦେବ ବିଦ୍ୟାପୀଠର ରାକେଶ ରଞ୍ଜନ ଧଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ବାଙ୍କୀ ମହୋତ୍ସବରେ ପୁରସ୍କୃତ କରାଯିବ ବୋଲି ସଂଯୋଜକ ବଳଭଦ୍ର ରଣା ପ୍ରକାଶ କରିଛନ୍ତି।

# ସାଲେପୁରର ଅମରେନ୍ଦ୍ରଙ୍କୁ ରାଷ୍ଟ୍ରପତି ପଦକ ମିଳିବା ପରେ ଶୁଭେଚ୍ଛା

ସାଲେପୁର , ୧୮।୮
(ଅରବିନ୍ଦ ଭୂୟାଁ):



ସାଲେପୁର ମାଟିର ପୁଅ ତଥା ଜଗତ୍‌ସିଂହପୁର ଜିଲ୍ଲା ଏଏସ୍‌ପି(ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ) ଅମରେନ୍ଦ୍ର ପଣ୍ଡା ରାଷ୍ଟ୍ରପତି ପଦକ ପାଇଛନ୍ତି। ସ୍ୱାଧୀନତା ଦିବସ ପାଳନ ଅବସରରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପଦକ ପଣ୍ଡାଙ୍କୁ ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କ ତରଫରୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରିଛନ୍ତି। ପଣ୍ଡାଙ୍କ ଏଭଳି କାର୍ଯ୍ୟ ଦକ୍ଷତା ପାଇଁ ସାଲେପୁର ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ପଣ୍ଡା ୧୯୯୩ରେ ଓଡ଼ିଶା ପୋଲିସରେ ଯୋଗ ଦେଇଥିଲେ। ସେ ଜଣେ ବୃତ୍ତିଗତ ପାରଦର୍ଶୀ, କଠିନ ପରିଶ୍ରମୀ, ଅପରାଧ ଓ ଆପରାଧିକ ଜ୍ଞାନ ଦ୍ୱାରା ଅଧିକୃତ ଉଚ୍ଚପଦସ୍ଥ କର୍ମଚାରୀ। ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସମୟ ଅନୁସାରେ ସହାୟତା ପାଇଁ ସେ ସବୁବେଳେ ଚେଷ୍ଟା କରିଥାନ୍ତି। ତାଙ୍କର ଚାକିରି ଅବଧିରେ ବହୁ ଆପରାଧିଙ୍କ ମୋକଦ୍ଦମାର ତଦନ୍ତ କରି ସଫଳତା ପାଇଛନ୍ତି। ସେ କଟକ ସହରାଞ୍ଚଳ ଆରକ୍ଷୀ ଜିଲାରେ ସହକାରୀ କମିଶନର ଥିବା ବେଳେ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ତାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୨ଟି ବନ୍ଧୁକ, ୧୧୫୭ଟି ଗୁଳି ଜବତ କରାଯାଇଥିଲା। କେବଳ ଏତିକି ନୁହେଁ ସେ ଏକାଧିକ ବେଆଇନ ଅସ୍ତ୍ରଶସ୍ତ୍ର କାରବାରକାରୀଙ୍କୁ ଗିରଫ କରିଥିଲେ। ମାଲଗୋଦାମ, ଜଗତପୁର, ଚାଉଳିଆଗଞ୍ଜ ଏବଂ ଚୌଦ୍ୱାର ଆଦି ଥାନା ଅଞ୍ଚଳର ୨୦ରୁ ଅଧିକ ଖାଦ୍ୟ ଦ୍ରବ୍ୟ ଅପମିଶ୍ରିତ ସଂସ୍ଥା ଉପରେ ଚଢ଼ାଉ କରି ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ପୋଲିସ ବିଭାଗରେ ଉଲ୍ଲେଖନୀୟ ସେବା ପାଇଁ ପଣ୍ଡା ୨୦୨୦-୨୧ରେ ଡିଜିପି ଡିକ୍ସ, ୨୦୨୧ରେ ଶ୍ରେଷ୍ଠ ଭୂଭାଗ ଆରକ୍ଷୀ ସହକାରୀ କମିଶନର ଏବଂ ପୋଲିସ କମିଶନରେଟ୍ ଭୁବନେଶ୍ୱର କଟକ ତ୍ରୟୋଦଶ ପ୍ରତିଷ୍ଠା ଦିବସରେ ଆର୍ଥିକ ପୁରସ୍କାର ସହ ଶ୍ରେଷ୍ଠ ଆରକ୍ଷୀ ସହକାରୀ କମିଶନର ଭାବେ ସମ୍ମାନିତ ହୋଇଛନ୍ତି।

### ନିଷ୍ଠା, ଏକାଗ୍ରତା ବ୍ୟକ୍ତିଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଏ

ରଘୁନାଥପୁର,୧୮।୮
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନାଦି ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସଫଳ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଣତିଲତା ଦାଶଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭଶ୍ରୀ ବାରିକ, ପ୍ରିୟଙ୍କା ପାତ୍ର ଓ ସୋନମ ସୁଙ୍କୁ ଟ୍ରଷ୍ଟ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହାଛଡା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ବାବାଜୀ ଚରଣ ସାହୁ ଓ ପୋଲିସ ଅଧିକାରୀ ଚକ୍ରଧର ମହାପାତ୍ରଙ୍କୁ ମଧ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଅଭିଭାଷଣ ରଖିବା ଅବସରରେ ପ୍ରାକ୍ତନ ଶିକ୍ଷକ ସାହୁ ବହୁ ଉପାଦେୟ ଉପଦେଶ ପ୍ରଦାନ କରିବା ସହ ନିଷ୍ଠା ଓ ଏକାଗ୍ରତା ବ୍ୟକ୍ତିଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଏ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ଅତିଥି ପରିଚୟ ଓ ଟ୍ରଷ୍ଟ ଅଧକ୍ଷା ସ୍ମିତା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଜଣାଅଜଣା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୮ ଜଣ ପ୍ରତିଯୋଗୀଙ୍କୁ ଟ୍ରଷ୍ଟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶେଷରେ ଟ୍ରଷ୍ଟ ପ୍ରତିଷ୍ଠାତା ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# "ଦେଶ ପାଇଁ ଦିନଟିଏ" କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ସାଲେପୁର,୧୮।୮(ଅରବିନ୍ଦ ଭୂୟାଁ):

ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ଆଞ୍ଚଳିକ, ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ, ବିଜୟାନନ୍ଦ ଯୁବ ପରିଷଦ, ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ଆନୁକୂଲ୍ୟରେ ଏବଂ ରୋଟାରୀ କ୍ଲବ୍ ଅଫ୍ କଟକ ସହଯୋଗରେ 'ଦେଶ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ବିରଞ୍ଚି ନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରୋଟାରୀ ଜିଲା ୩୨୬୨ର ପ୍ରାକ୍ତନ ପ୍ରାନ୍ତପାଳ ଅଶୋକ ବିହାରୀ ମହାପାତ୍ର ଯୋଗଦେଇ ଅବସରପ୍ରାପ୍ତ ସୈନିକମାନଙ୍କୁ ସମ୍ବର୍ଦ୍ଧନା ଏକ ନିଆରା ପ୍ରୟାସ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ହଳଧର ସାହୁ, ସମ୍ମାନିତ ଅତିଥି ଭାବେ ଉତ୍କଳ ଗ୍ରାମ୍ୟ ସ୍ୱରାଜ୍ୟର ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ଅନ୍ୟତମ ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବ ଅଫ୍ କଟକର ସମ୍ପାଦକ ଶୂନ୍ୟସ୍ୱର ସ୍ୱାଇଁ, ସାଲେପୁର ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ସରୋଜ କୁମାର ରାଉଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମଧୁମାଟିର ସମ୍ପାଦକ ଚିରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ କବି ପରମାନନ୍ଦ ସ୍ୱାଇଁଙ୍କ ୨ଟି କବିତା ସଂକଳନ 'ଶରୀର ମନ୍ଦିର' ଓ 'କଥାରେ-କଥାରେ' କୁ ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନା ଅଧିକାରୀ ଓ କର୍ମଚାରୀ ଯଯାତି କର, ସଦାଶିବ ଷଡ଼ଙ୍ଗୀ, ଜୟଦେବ ଦାଶ, ବିଜୟ କୁମାର ନାୟକ, ସୁଧୀର କୁମାର ବିଶ୍ୱାଳ, ରାମଚନ୍ଦ୍ର ସାହୁ, ବିଭୂତିମୋହନ ରାଉତରାୟ, ପ୍ରଫୁଲ୍ଲ କୁମାର ପଣ୍ଡା, ରାହାସ ବିହାରୀ ପଣ୍ଡା, ହରିଶ ନାୟକଙ୍କ ସହ ଗାନ୍ଧୀବାଦୀ ରାମଚନ୍ଦ୍ର ଶୁକ୍ଳ, ସାମାଜିକ କର୍ମୀ ଅନିଲ କୁମାର ଦାସ ପ୍ରମୁଖଙ୍କୁ ଉତ୍ତରୀୟ, ମାନପତ୍ର ଓ ଫଳକ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବ୍ଲକସ୍ତରୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ସାଧାରଣ ଜ୍ଞାନ, ପ୍ରବନ୍ଧ, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାକୁ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ସଭାପତି ସୀମା ଲେଙ୍କା, ସମ୍ପାଦକ ଧନେଶ୍ୱର ସାହୁ, ମନୋରଞ୍ଜନ ସାହୁ, ବିବେକ ସାହୁ, ପ୍ରଶାନ୍ତ ମହାନ୍ତି, ଶୁଭମ କେଶରୀ ପରିଡ଼ା, ଅମାତ୍ୟ ସାମଲ, ମୋନାଲିସା ସ୍ୱାଇଁ, ପ୍ରକାଶ ରାଉତ, ଅଧିକାରୀ ନିରଞ୍ଜନ ଦାସ, ନରେନ୍ଦ୍ର ଦଳେଇ, ତାରିଣୀ ଘଡ଼େଇ ପ୍ରମୁଖ ପରିଚାଳନା କରିଥିଲେ।

### ବିଜ୍ଞାନ କର୍ମଶାଳାରେ ଜଳ,ଜଳବାୟୁକୁ ଗୁରୁତ୍ୱ

ବାଙ୍କୀ,୧୮।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ କାଳାପଥର ଶିଶୁ ମନ୍ଦିର ପକ୍ଷରୁ ୭ମ ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଅନ୍ୱେଷଣ ଅନୁଷ୍ଠାନର ସହାୟତାରେ ଏକ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ କଳାପଥର ମହାବିଦ୍ୟାଳୟର ଉଭିଦ ବିଜ୍ଞାନର ଅଧାପିକା ତୃପ୍ତି ମହାପାତ୍ର ଉଦ୍‌ଘାଟନ କରିଥିଲେ। ଶିଶୁ ମନ୍ଦିରର ବିଜ୍ଞାନ ଶିକ୍ଷକ କବିନ୍ଦ୍ର ମହାରଣା, ଜ୍ୟୋତିରଞ୍ଜନ ପଢ଼ିହାରି, ବିରୁପାକ୍ଷ ପରିଡା ପରିଚାଳନା କରିଥିବା ବେଳେ ଏହି କର୍ମଶାଳାରେ ୭୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କର୍ମଶାଳାରେ ଜଳ ଓ ଜଳବାୟୁକୁ ଗୁରୁତ୍ୱ ଦିଆଯାଇଥିଲା। ଅମ୍ଳକ୍ଷାରକ ଲବଣକୁ ଚିହ୍ନିବା ପାଇଁ ପ୍ରାକୃତିକ ସୂଚକ ଲିଟିହାସ ପେପର ବ୍ୟବହାର, ଅମ୍ଳଜାନ କ୍ଷାରତ୍ୱ ମାପିବା ପାଇଁ ପି.ଏଚ ସ୍କେଲର ବ୍ୟବହାର, ବିଭିନ୍ନ ପ୍ରକାର ଜଳରୁ ବିଦ୍ୟୁତ୍ ସୁପରିବାହୀ ଗୁଣ, ଦହନ ପାଇଁ ଅମ୍ଳଜାନର ଆବଶ୍ୟକତା, ବାୟୁମଣ୍ଡଳର ଚାପ, ଆଜବେଷ୍ଟସ କାହିଁକି ତରଙ୍ଗାୟିତ ହୋଇଥାଏ ସେସମ୍ପର୍କରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ଅରୁଣ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ କୃଷ୍ଣଚନ୍ଦ୍ର ଦାଶ ସହାୟତା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତ ମସଲା ପକ୍ଷରୁ ସ୍ୱାଧୀନତା ଦିବସ



ଭୁବନେଶ୍ୱର, ୧୮।୮ (ଅନୁରାଧା ମହାରଣା)

ଭାରତ ମସଲା ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ବାରଙ୍ଗ ରାମଦାସପୁରସ୍ଥିତ କମ୍ପାନୀ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ମଦନ ମୋହନ ଦାସ ଯୋଗଦେଇ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଇଂ ପ୍ରଭାକର ସ୍ୱାଇଁ ଯୋଗଦେଇ ଆମକୁ ସ୍ୱାଧୀନତା ଆଣି ଦେଇଥିବା ପୂର୍ବସୁରୀ ମାନଙ୍କ ସ୍ମୃତି ଚାରଣ କରିଥିଲେ। ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଦିବସରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏସଏନ ମିଲେନିୟମଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତ ମସଲା ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା,ଦିଗନ୍ତ କୁମାର ପଣ୍ଡା, ଶ୍ରୀମନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଜେନେରାଲ ମ୍ୟାନେଜର ଅଶ୍ୱିନୀ କୁମାର ଦାସ, ମ୍ୟାନେଜର ଅପରେସନ ଅରୁଣ କୁମାର ନାୟକ, ମ୍ୟାନେଜର (ପ୍ରଡକ୍ସନ) ନବକୃଷ୍ଣ ପ୍ରଧାନଙ୍କ ସମେତ କମ୍ପାନୀର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।


କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ପ୍ରଦାନ ଓ ଆତ୍ମାର ସଦ୍‌ଗତି କାମନା କରି ହିନ୍ଦୁ ସେନା ଛାତ୍ର ସଙ୍ଗଠନ ପକ୍ଷରୁ କଟକ ଚଣ୍ଡୀ ଛକରେ ପ୍ରଦୀପ ପ୍ରଜ୍ୱଳନ।

### ହାଇକୋର୍ଟ ବିଚାରପତିଙ୍କ ମା'ଚର୍ଚ୍ଚିକା ମନ୍ଦିର ପରିଦର୍ଶନ

ବାଙ୍କୀ,୧୮।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ରବିବାର ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ମନ୍ଦିର ପରିଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ସେବାୟତ ଓ ପରଚାଳନା କମିଟି ସଭ୍ୟମାନଙ୍କ ସହ ମନ୍ଦିରର ଉନ୍ନତି, ସମ୍ପତ୍ତି ଓ ଜମିଜମାର ସୁରକ୍ଷା ପାଇଁ ଆଇନଗତ ବିଚାରବିମର୍ଶ କରିଥିଲେ। ଏହି ଅବସରରେ ବାଙ୍କୀ ଉପଖଣ୍ଡ ସିନିୟର୍ ଡିଭିଜନ ସିଭିଲ୍ ଜଜ ସୁଧିର କୁମାର ମିଶ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳନ୍ଦୀ ଚରଣ ମହାପାତ୍ର, ମନ୍ଦିର ପରିଚାଳନା କମିଟି ସଭାପତି ଅଇନଜୀବୀ ସନ୍ତୋଷ କୁମାର ରଣା, ସମ୍ପାଦକ ନୀଳମଣି ମହାପାତ୍ର, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ରଣା, ଉପସଭାପତି ଲଳିତ ମହାପାତ୍ର, ସଭ୍ୟ ବିଦ୍ୟାଧର ରଣା, ଅମରନାଥ ରଣା, ଦିବାକର ମହାପାତ୍ର, ସୁଶାନ୍ତ ମହାପାତ୍ରଙ୍କ ସମେତ ବହୁ ସେବାୟତ ଉପସ୍ଥିତ ରହି ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟପାଇଁ ବିଚାରପତିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବାଙ୍କୀ ଥାନା ଅଧିକାରୀ ଶିବଚରଣ ବେହେରା ମଧ ଉପସ୍ଥିତ ଥିଲେ।

# ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

ମାହାଙ୍ଗା,୧୮।୮(ଯଯାତି ସିଂହ):

**ଥାନା ସମ୍ମୁଖରେ ନିଆଁ ଲଗାଇ ମହିଳାଙ୍କ ଆତ୍ମାହୁତି ଉଦ୍ୟମ ଘଟଣା**

- ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦେବାକୁ ଦାବି

କଟକ ଜିଲା ମାହାଙ୍ଗା ଥାନା ସମ୍ମୁଖରେ ଶୁକ୍ରବାର ମଧ୍ୟାହ୍ନରେ ନୃତାଙ୍ଗ ପଞ୍ଚାୟତସ୍ଥିତ ଖର୍ଡାଙ୍ଗ ଗ୍ରାମର ରଶ୍ମିତା ଦାସ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ଦେବା ନିମନ୍ତେ 'ଲଢେଇ ପରିବାର' ନାମକ ସଙ୍ଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସଙ୍କ ପକ୍ଷରୁ ଦିଲ୍ଲୀସ୍ଥିତ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ରଶ୍ମିତାଙ୍କ ଆତ୍ମାହୁତି ପାଇଁ ମାହାଙ୍ଗା ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଦାୟୀ। ଏଥିପାଇଁ ପୋଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ପୀଡ଼ିତା ରଶ୍ମିତାଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦିଆଯାଉ। ଏଥିସହ ତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାସ କମିଶନ ଦାବି କରିଛନ୍ତି।

ସ୍ୱାମୀ ଶଙ୍କରଙ୍କୁ ପୋଲିସ ମିଥ୍ୟା ମାମଲାରେ ଫସାଇବା ସହ ରଶ୍ମିତାଙ୍କୁ ନିର୍ଯାତନା ଦେଇଥିବାରୁ ସେ ଏଭଳି ପଦକ୍ଷେପ ନେଇଥିବା ନେଇ ପୀଡ଼ିତାଙ୍କ ବାପା ଧୀରେନ୍ଦ୍ର ବେହେରା ଶନିବାର ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ନୃତାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ବିଭିନ୍ନ ସାମଗ୍ରୀ ଚୋରି ଘଟଣାରେ ପୋଲିସ ଶଙ୍କରଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ଘଟଣାରେ ଶଙ୍କରଙ୍କୁ ଗୁରୁବାର ରାତିରେ ପୋଲିସ ଉଠାଇ ନେଇଥିଲା। ଶୁକ୍ରବାର ରଶ୍ମିତା ଥାନାରେ ପହଞ୍ଚି ସ୍ୱାମୀ ନିର୍ଦ୍ଦୋଷ ବୋଲି ଦାବି କରି ତାଙ୍କୁ ଛାଡ଼ିଦେବାକୁ ଅନୁରୋଧ କରିଥିଲେ। ମାତ୍ର ଶଙ୍କରଙ୍କୁ ପୋଲିସ ନ ଛାଡ଼ି ରଶ୍ମିତାଙ୍କୁ ନିର୍ଯାତନା ଦେଇଥିଲେ। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ଥାନା ସମ୍ମୁଖରେ କିରୋସିନ ଢ଼ାଳି ନିଆଁ ଲଗେଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଏବେ ରଶ୍ମିତା କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

# ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ଆହ୍ୱାନ


ବୈଠକରେ ଯୋଗଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର ନେତୃମଣ୍ଡଳୀ।

ରାହାମା,୧୮।୮(ଶ୍ରୀକାନ୍ତ ଦାସ )

**ବିଶ୍ୱ ହିନ୍ଦୁ ପରିଷଦର ଜିଲା କାର୍ଯ୍ୟକାରିଣୀ ବୈଠକ**

କୁଜଙ୍ଗ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡା, ରାହାମାଠାରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ଧର୍ମଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଡ. ସୁନାକର ବେହେରା ବୈଠକରେ ସଂଯୋଜନା କରି ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଜିଲା ସଭାପତି ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ଜିଲା ସମ୍ପାଦକ ନଳିନୀ ବାବା ହିନ୍ଦୁତ୍ୱ, ପ୍ରତ୍ୟେକ ପ୍ରଖଣ୍ଡ, ପଞ୍ଚାୟତ ଓ ଗ୍ରାମୀଣସ୍ତରରେ ସଙ୍ଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ କିପରି ସମସ୍ତେ ଏକତା ସୂତ୍ରରେ ବାନ୍ଧି ହୋଇ ପାରିବେ ସେନେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ବିଦ୍ୟା ମନ୍ଦିର ତାଳପଡାର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ, ନବକାକେଳି ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଉତ୍କଳୀୟ ସନାତନ ପରିଷଦର ସଭାପତି ରମାକାନ୍ତ ଦାସ, ରାମାୟଣୀ ପଣ୍ଡିତ ଅଭୟ ଦାଶ, ବିଶ୍ୱ ହିନ୍ଦୁ ପରିଷଦର ଜିଲା ସତ୍‌ସଙ୍ଗ ପ୍ରମୁଖ ଡ. ଧ୍ରୁତିଧର ଦାସ, ଜିଲା ସହ ଧର୍ମାଚାର୍ଯ୍ୟ ଡ.ଅରୁଣ କୁମାର ପାଣି,ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବବ୍ରତ ମହାନ୍ତି, ବିଶରକ୍ଷେତ୍ର ଜଗନ୍ନାଥ ମନ୍ଦିର ମୁଖ୍ୟ ରାମଚନ୍ଦ୍ର ଦାସ ଓ ସନ୍ଥ ଶ୍ରୁତି ସାଗର ସରସ୍ୱତୀ ମହାରାଜ ପ୍ରମୁଖ ଯୋଗଦେଇ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି ଗଠନ କରି ଧର୍ମାନ୍ତୀକରଣ ରୋକିବା ଉପରେ ଆଲୋକପାତ କରିଥିଲେ।

# ମାଟିର ଷ୍ଟୋନ୍, ରୁଦ୍ରାକ୍ଷ ରାଖୀର ଚାହିଦା ଅଧିକ



ରାଖୀ କିଣିବା ପାଇଁ ଷ୍ଟଲରେ ଲୋକଙ୍କ ଭିଡ଼।

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ସୋମବାର ରକ୍ଷାବନ୍ଧନ ଉତ୍ସବ। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ରହିଛି ଉତ୍ସାହ। ଖୋର୍ଦ୍ଧା ସମବାୟ ଛକଠାରେ ଓର୍‌ମାସ ସହାୟତାରେ ଗୋଡ଼ିପଡ଼ାସ୍ଥିତ ସାଇବାବା ପ୍ରଡ୍ୟୁସର ଗ୍ରୁପ ନିଆରା ରାଖୀ ବଜାର ଖୋଲିଛି। ଗ୍ରୁପର ମହିଳାମାନେ ପରିବେଶ ଅନୁକୂଳ 'ଇକୋ ଫ୍ରେଣ୍ଡ୍‌ଲି ରାଖୀ ପ୍ରସ୍ତୁତ କରିଛନ୍ତି। ମାଟି, ଧାନ, ମୁଗ, ବିରି, ଝୋଟ, ତାଳପତ୍ର, ସବାଇଘାସ, କାଇଁଚ, ଦୁବଘାସରେ ପ୍ରାୟ ୪୦ରୁ ୫୦ ପ୍ରକାର ରାଖୀ ପ୍ରସ୍ତୁତ କରିଛନ୍ତି। ବିଶେଷକରି ମାଟି ତିଆରି ରାଖୀର ବେଶ ଚାହିଦା ରହିଛି। ମାଟିରେ ଭଳିକି ଭଳି ପ୍ରାୟ ୧୦ରୁ ୧୫ ପ୍ରକାର ଛୋଟ ବଡ଼ ଡିଜାଇନ ପଥର ଦେଇ ରାଖୀ ପ୍ରସ୍ତୁତ କରାଯାଇଛି। ଗ୍ରାହକଙ୍କ ଏହା ବେଶ ପସନ୍ଦ ହୋଇଛି। ସେହିଭଳି ତାଳପତ୍ରରେ ପ୍ରଜାପତି, ଜଗନ୍ନାଥଙ୍କ ଚକାଆଖି, ଧାନ ଓ ଝୋଟରେ ରାଖୀ ପ୍ରସ୍ତୁତ କରାଯାଇଛି। ସେହିଭଳି ରୁଦ୍ରାକ୍ଷ, ସୂତା, ରଙ୍ଗ, ମାଳି ଓ କାଇଁଚରେ ପ୍ରସ୍ତୁତ ରାଖୀଗୁଡ଼ିକ ଆକର୍ଷଣୀୟ ହୋଇଛି। ଗୋଡ଼ିପଡ଼ାର ସାଇବାବା ପ୍ରଡ୍ୟୁସର ଗ୍ରୁପ ୪ଟି ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମା' ମଙ୍ଗଳା, ମା' ସନ୍ତୋଷୀ, ମା' ମହାମାୟୀ ଓ ମା' ତାରିଣୀକୁ ନେଇ ଗଠିତ। ଏହି ଗ୍ରୁପର ସଭାନେତ୍ରୀ ପୂର୍ଣ୍ଣିମା ମହାପାତ୍ର କହିଛନ୍ତି, ବଜାରରେ ବିଭିନ୍ନ ପ୍ରକାର ରାଖୀ ଉପଲବ୍ଧ ରହିଥିଲେ ମଧ୍ୟ ଗ୍ରୁପ ଦ୍ୱାରା ପ୍ରସ୍ତୁତ ଇକୋ ଫ୍ରେଣ୍ଡ୍‌ଲି ରାଖୀର ବେଶ ଚାହିଦା ରହିଛି।



ବିଭିନ୍ନ ଘରୋଇ ସାଜସଜ୍ଜା, ଉପକରଣ, ଘରକରଣା, ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିଆସୁଛି। ଏବେ କିଛି ବର୍ଷ ହେବ ରାଖୀ ବେପାର କରାଯାଉଛି। ପ୍ରତିବର୍ଷ କିଛି ନା କିଛି ନୂତନତ୍ୱ ନେଇ ରାଖୀ ପ୍ରସ୍ତୁତ କରାଯାଉଥିବା ବେଳେ ଚଳିତବର୍ଷ ମାଟିର ଷ୍ଟୋନ ରାଖୀର ବେଶ ଚାହିଦା ରହିଛି। ଚଳିତବର୍ଷ ୨ଟଙ୍କାରୁ ଆରମ୍ଭ କରି ୮୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ସେଥିରୁ ମାଟି ରାଖୀ ୧୦ ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ସମ୍ପାଦିକା ଶକୁନ୍ତଳା ପାଙ୍ଗଶାଣୀ କହିଛନ୍ତି, ୩ମାସ ହେବ ୪୦ଜଣ ସଦସ୍ୟ ଏହି କାର୍ଯ୍ୟରେ ଲାଗି ପ୍ରସ୍ତୁତ କରିଛନ୍ତି। ସମସ୍ତଙ୍କ ସହଭାଗିତାରେ ଇକୋ ଫ୍ରେଣ୍ଡ୍‌ଲି ରାଖୀ ପ୍ରସ୍ତୁତ କରାଯାଇଛି। ପୂର୍ବରୁ ଧାନ, ଝୋଟ, ମୁଗ, ବିରିରେ ପ୍ରସ୍ତୁତ କରାଯାଉଥିବା ବେଳେ ଗତବର୍ଷ ପରୀକ୍ଷାମୂଳକ ଭାବେ ତାଳପତ୍ର ଏବଂ ମାଟିରେ ରାଖୀ ପ୍ରସ୍ତୁତ କରାଯାଇଥିଲା। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମଧ୍ୟ ପ୍ରସ୍ତୁତ କରାଯାଇଛି। ସହଯୋଗୀ ସଦସ୍ୟମାନେ କହିଛନ୍ତି, ଉତ୍ତମ ସମନ୍ୱୟ, ସହଭାଗିତାରେ ଏହା ସମ୍ଭବ ହୋଇପାରିଛି। ଚଳିତବର୍ଷ ମାଟି, ତାଳପତ୍ର ବ୍ୟତୀତ ସୂତାର ବିଭିନ୍ନ ଭେରାଇଟି ରାଖୀ ମଧ୍ୟ କରାଯାଇଛି। ବଜାର ଦର ଅପେକ୍ଷା ସାଇବାବା ପ୍ରଡ୍ୟୁସର ଗ୍ରୁପ ପ୍ରସ୍ତୁତ ରାଖୀର ଦାମ କମ୍ ରହିଛି।

## ଖୋର୍ଦ୍ଧାରେ ଜମିଲା ରାଖୀ ବେପାର

ଖୋର୍ଦ୍ଧା,୧୮।୮(ପ୍ରଭାତ ପାଣିଗ୍ରାହୀ)

ଭାଇଭଉଣୀଙ୍କ ପବିତ୍ର ବନ୍ଧନ ହେଉଛି ରକ୍ଷାବନ୍ଧନ। ଭାଇଭଉଣୀଙ୍କ ମଧ୍ୟରେ ଯେତେ ମାନ ଅଭିମାନ ଥାଉ ନା କାହିଁକି ସବୁକୁ ପଛରେ ପକାଇ ଭାଇ ହାତରେ ରାଖୀ ବାନ୍ଧିବାକୁ ଭଉଣୀ ଉତ୍ସାହର ସହ ଅପେକ୍ଷା କରି ରହିଥାଏ। ବର୍ଷକୁ ଥରେ ଏହି ସମୟକୁ ଉଉଣୀଟିଏ ଚାହିଁ ରହିଥାଏ। ଭାଇ ହାତରେ ରାଖୀ ବାନ୍ଧି ଶୁଭ ମନାସିବା ସହ ନିଜ ସୁରକ୍ଷା ପାଇଁ ଭାଇଠାରୁ ପ୍ରତିଶ୍ରୁତି ନେଇଥାଏ। ସୋମବାର ରକ୍ଷାବନ୍ଧନ ଲାଗି ଗ୍ରାମଠୁ ସହର ପର୍ଯ୍ୟନ୍ତ ସବୁଠି ରହିଛି ଉତ୍ସାହର ମାହୋଲ। ଖୋର୍ଦ୍ଧା ବଜାରରେ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ରାଖୀର ପସରା ମେଲିଛି। ଟ୍ରାଫିକ ଛକ, ସମବାୟ ଛକ, କୋର୍ଟ ଛକ ନୂଆ ବସଷ୍ଟାଣ୍ଡ, ପଲ୍ଲା ଛକ ସମେତ ବିଭିନ୍ନ ବଜାରରେ ଭଳିକି ଭଳି ରାଖୀ ପସରା ମେଲିଛି। ଷ୍ଟୋନ, ବ୍ରେସଲେଟ, ବ୍ରୋ ଲେଖାଥିବା ରାଖୀ, ଭାଇ ଲେଖାଥିବା ରାଖୀ, ବିଭିନ୍ନ ରଙ୍ଗିନ ସୂତା ରାଖୀ, ପିଲାଙ୍କ ମୋଟୁ ପତଲୁ, ଛୋଟାଭିମ, ରକେଟ ଆଦିର ଚାହିଦା ରହିଛି। ବ୍ୟବସାୟୀ ରାକେଶ ପ୍ରଧାନ କହିଛନ୍ତି, ଚଳିତ ବର୍ଷ ବିଭିନ୍ନ ଭେରାଇଟିର ରାଖୀ ଆସିଛି। ୧୦ଟଙ୍କାରୁ ଆରମ୍ଭ କରି ୩ଶହ ଟଙ୍କା ପର୍ଯ୍ୟନ୍ତ ରାଖୀ ରହିଛି ବୋଲି ନୂଆ ବସଷ୍ଟାଣ୍ଡର ଜଣେ ବ୍ୟବସାୟୀ କହିଛନ୍ତି।

# ଆଜି ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ସହ ବଡ଼ଠାକୁରଙ୍କ ଜନ୍ମନୀତି

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ଅବସରରେ ଶ୍ରୀକ୍ଷେତ୍ର ସମେତ ଶ୍ରୀମନ୍ଦିରରେ ସୋମବାର ରକ୍ଷାବନ୍ଧନ ପର୍ବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଥିବା ମହାପ୍ରଭୁ ବଡ଼ଠାକୁର ବଳଭଦ୍ର ଏବଂ ଶ୍ରୀଜଗନ୍ନାଥ ମଧ୍ୟ ଭଉଣୀ ସୁଭଦ୍ରାଙ୍କ ହାତରୁ ରାଖୀ ପରିଧାନ କରିବେ। ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ସହ ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଏବଂ ୨ଟି ଲେଖାଏ ଗୁଆମାଳ ପରିଧାନ କରିବେ। ପାଟରା ବିଶୋଇ ସେବକ ମହାପ୍ରଭୁଙ୍କ ନିମନ୍ତେ ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଡ଼ଠାକୁର ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରିବେ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଭୋଗମଣ୍ଡପ ସରିବା ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ଅନୁଷ୍ଠିତ ହେବ। ପରେ ତିନିବାଡ଼ରେ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମନ୍ଦିରସ୍ଥ ସର୍ବାଙ୍ଗ ନୀତି ସମ୍ପନ୍ନ କରିବା ପରେ ବୋଇରାଣୀ ପତନୀ ନୂଆ ଲୁଗା ଲାଗି କରାଯାଇ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ଦ୍ୱିପ୍ରହର ଧୂପବେଶ ବଢ଼ିବ। ଏହାପରେ ତିନିଖଣ୍ଡ ଆଜ୍ଞାମାଳ ଠାକୁରଙ୍କ ଦକ୍ଷିଣ ଭୁଜରେ ଗୋଟିଏ ଏବଂ ବାମ ଭୁଜରେ ଲାଗି କରାଯିବ। ପରେ ପାଟରା ବିଶୋଇ ଦେଇଥିବା ୪ ଗୋଟି ରାଖୀ ଏବଂ ୪ ଗୋଟି ଗୁଆମାଳକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ରଙ୍କ ଶ୍ରୀହସ୍ତରେ ପୁଷ୍ପାଳକ ସେବକମାନେ ବାନ୍ଧିବେ। ଅପରପକ୍ଷେ ଏହି ତିଥିରେ ବଡ଼ଠାକୁର ବଳଭଦ୍ର ଜନ୍ମଗ୍ରହଣ କରିଥିବାରୁ ତାଙ୍କ ସମ୍ମୁଖରେ ସିଂହାସନ ତଳେ ଷଷ୍ଠୀମାର୍କଣ୍ଡି ଓ ବରୁଣ ପୂଜା ଅନୁଷ୍ଠିତ ହେବ। ପରେ ପାଣି ପଡ଼ି ଧୋପୋଖାଳ ହୋଇ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଏବଂ ଯାତ୍ରାଙ୍ଗୀ ଭୋଗ ସମ୍ପନ୍ନ ହେବା ପରେ ମଙ୍ଗଳାର୍ପଣ ଓ ବନ୍ଦାପନା ନୀତି ହେବ। ପରେ ଶ୍ରୀମଦନମୋହନ ରତ୍ନ ସିଂହାସନକୁ ବିଜେ କରିବେ। ଆଜ୍ଞାମାଳ ପାଇ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ଝୁଲଣ ମଣ୍ଡପକୁ ବିଜେ କରିବେ। ପରେ ଦଇତାପତି ସେବକମାନେ ଭିତରକୁ ପ୍ରବେଶ କରିବେ। ମହାପ୍ରଭୁଙ୍କ ନିକଟରୁ ଏକ ଆଜ୍ଞାମାଳ ଶ୍ରୀସୁଦର୍ଶନଙ୍କୁ ପ୍ରଦାନ କରାଯିବ। ପରେ ଦଇତାପତିମାନେ ସୁଦର୍ଶନଙ୍କୁ ବିଜେ କରାଇ ଜଗମୋହନଠାରେ ଚଉଦୋଳକୁ ବିଜେ କରାଇ ସେଠାରେ ପତନୀ ଓ ମାଳଚୂଳ ଲାଗି କରିବା ପରେ ଝୁଲଣ ମଣ୍ଡପ ନିକଟରେ ସୁବର୍ଣ୍ଣ ଓଡ଼ିଆଣି ଓ ହରଡ଼ ମାଳି ଲାଗି କରାଯିବ। ପରେ ବିମାନବଡୁ ସେବକମାନେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରାଇବେ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିବେ। ପୂଜାପଣ୍ଡା ସାମନ୍ତ ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିବେ। ଏହାପରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଶୀତଳ ଭୋଗ କରିବେ। ପରେ ବନ୍ଦାପନା ନୀତି ସମ୍ପନ୍ନ ହେବ। ଏହାପରେ ପ୍ରତିମୂର୍ତ୍ତିକୁ ଜଳରେ ବିସର୍ଜନ କରାଯିବ। ନୀତି ସମ୍ପନ୍ନ ହେବା ପରେ ଶ୍ରୀସୁଦର୍ଶନ ଚାରି ଆଶ୍ରମ ମାର୍କଣ୍ଡେୟ, ଭୃଗୁ, ଅଙ୍ଗିରା ଏବଂ ପଣ୍ଡୁ ଆଶ୍ରମ ସହ ନଗର ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

# ନକଲି ଚାବିରେ ଥାନା ପରିସରରୁ ଗାଡି ନେଇ ଯୁବକ ଗିରଫ

ଭୁବନେଶ୍ୱର,୧୮।୮(ସୂର୍ଯ୍ୟକାନ୍ତ ବେହେରା)

ନକଲି ଚାବିରେ ଜବତ ହୋଇଥିବା ନିଜ ବାଇକ୍‌କୁ ଥାନା ପରିସରରୁ ନେଇଯିବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି। ଏହି ଘଟଣାରେ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀରେ ରହୁଥିବା ଗଞ୍ଜାମର ଓମ୍‌କାର ମହାପାତ୍ର। ତାଙ୍କଠାରୁ ଉକ୍ତ ଗାଡି ଜବତ ହୋଇଛି। ସୂଚନାନୁସାରେ, ଶନିବାର ରାତିରେ ଟ୍ରାଫିକ୍ ଥାନା-୨ର କର୍ମଚାରୀମାନେ କେୟାର ହସ୍ପିଟାଲ ଛକ ନିକଟରେ ନାଇଟ୍ ବ୍ଲକିଂ ଜରିଆରେ ଯାନବାହନ ଚେକିଂ କରୁଥିବା ବେଳେ ଅଭିଯୁକ୍ତ କେୟାର ହସ୍ପିଟାଲ ଆଡୁ ନାଲ୍‌କୋ ଛକ ଅଭିମୁଖେ ଟ୍ରାଫିକ୍‌ର ବିପରୀତ ଦିଗରେ ଦ୍ରୁତଗତିରେ ବିପଦଜନକ ଭାବେ ବାଇକ ଚାଳନା କରି ଆସୁଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ଚେକିଂ କରୁଥିବା ପୋଲିସ କର୍ମଚାରୀମାନେ ତାଙ୍କୁ ସେଠାରେ ଅଟକାଇଥିଲେ। ଯାଞ୍ଚ ସମୟରେ ବାଇକ ଚାଳକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥିବା ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରେ ଟ୍ରାଫିକ୍ ପୋଲିସ ଉକ୍ତ ବାଇକକୁ ଜବତ କରି ପିଆର୍ ଦେଇଥିଲେ। ଅଭିଯୁକ୍ତ ଜଣକ ତାଙ୍କର ଜଣେ ବନ୍ଧୁଙ୍କୁ ଧରି ଟ୍ରାଫିକ ଥାନାକୁ ପିଆର ନମ୍ବର ପାଇଁ ଯାଇଥିବା ବେଳେ ସାଙ୍ଗରେ ଆଣିଥିବା ଏକ ଡୁପ୍ଲିକେଟ ଚାବି ସାହାଯ୍ୟରେ ନିଜ ମୋଟରସାଇକେଲକୁ ଥାନା ପରିସରରୁ ନେଇଯାଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଟ୍ରାଫିକ ଥାନାର ଅଭିଯୋଗକ୍ରମେ ଭରତପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିବା ବେଳେ ସମ୍ପୃକ୍ତ ମୋଟର ସାଇକେଲକୁ ମଧ୍ୟ ଜବତ କରିଥିଲା।

# ଗ୍ରାମବାସୀଙ୍କୁ ଭେଟି ସମସ୍ୟା ଶୁଣିଲେ ସୁପ୍ରିମକୋର୍ଟ ବିଚାରପତି



ସାକ୍ଷୀଗୋପାଳ,୧୮।୮(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ୍/ଭରତ ରାଉତ)

ସୁପ୍ରିମକୋର୍ଟ ବିଚାରପତି ତଥା ଜାତୀୟ ଆଇନ ସେବା ପ୍ରାଧିକରଣ ଏକ୍‌ଜିକ୍ୟୁଟିଭ୍ ଚେୟରମ୍ୟାନ ଜଷ୍ଟିସ ସଞ୍ଜୀବ ଖାନ୍ନା ରବିବାର ପୁରୀ ଗସ୍ତ ଆସିଥିଲେ। ସେ ସତ୍ୟବାଦୀ ବ୍ଲକ୍ ଦୁଗଲ ଗ୍ରାମ ପଞ୍ଚାୟତର ଅଠାଇଶ ଗ୍ରାମରେ କଚ୍ଚା ଘରେ ବାସ କରୁଥିବା କିଛି ଭୂମିହୀନ ପରିବାରଙ୍କ ପାଖକୁ ଯାଇ ସେମାନଙ୍କ ମୌଳିକ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଦୀର୍ଘ ବର୍ଷ ହେଲା ସେମାନେ ପଲିଥିନ ତଳେ କଚ୍ଚା ଘରେ ରହୁଥିବାବେଳେ ତାଙ୍କୁ ସ୍ଥାୟୀ ଜମି ପଟ୍ଟା, ପକ୍କା ଘର, ଜାତି ପ୍ରମାଣପତ୍ର ମିଳୁନାହିଁ ବୋଲି ବିଚାରପତିଙ୍କୁ ଅଭିଯୋଗ କରିଥିଲେ। ସେହିପରି ସତ୍ୟବାଦୀ ବ୍ଲକ ଗ୍ରାମୀଣ ଆଇନ ସେବାକେନ୍ଦ୍ର ପରିଦର୍ଶନ କରି ଜଷ୍ଟିସ୍ ପାରା ଲିଗାଲ ଭଲେଣ୍ଟିୟରଙ୍କ ସହ ଆଇନ ସେବା ଓ ସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ବ୍ଲକ ସଭାଗୃହରେ ବିଭିନ୍ନ ବର୍ଗର ଲୋକେ ମହିଳା, ଅସହାୟ, ବୃଦ୍ଧାବୃଦ୍ଧ, ଶିଶୁଙ୍କଠାରୁ ଆଇନ ସେବା ସୁବିଧା ଉପଲବ୍ଧି ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଜଷ୍ଟିସ୍ ଖାନ୍ନା, ତାଙ୍କ ସ୍ତ୍ରୀ ଆଶା ଖାନ୍ନା, ଅନ୍ୟ ବିଚାରପତି ଓ ଅଧିକାରୀଙ୍କ ସହ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଜଷ୍ଟିସ୍‌ଙ୍କ ସ୍ୱତନ୍ତ୍ର ଅଧିକାରୀ ଶ୍ରେୟା ଆରୋରା ମେହେଟ୍ଟା, ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ସୁଦିପ୍ତ ଆଚାର୍ଯ୍ୟ, ପୁରୀ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅଜନ୍ତା ଷଡ଼ଙ୍ଗୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମିତ୍ ବାରିକ୍, ପ୍ୟାନେଲ ଲୟର ସମ୍ବିତ ମହାନ୍ତି, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ପାରା ଲିଗାଲ ଭଲେଣ୍ଟିୟର ଫୁଲ ବେହେରା, ସ୍ମୃତିଶ୍ରୀ ମୋନାଲିସା ପ୍ରଧାନ, ଚନ୍ଦ୍ରଶେଖର ବେହେରା ଓ ପୁରୀ ଆଇନ ସେବା ପ୍ରାଧିକରଣ କର୍ମଚାରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଲିପ୍ସା ରାୟଙ୍କ ସହ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

# ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା, ବଳଭଦ୍ରଙ୍କ ଜନ୍ମ ସମ୍ପର୍କରେ ଆଲୋଚନାଚକ୍ର

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଶ୍ରୀବଡ଼ ଓଡ଼ିଆ ମଠ ପରିସରରେ ରବିବାର ଶ୍ରୀଜଗନ୍ନାଥ ମନ୍ଦିରରେ ଝୁଲଣ ଯାତ୍ରା ଓ ବଳଭଦ୍ରଙ୍କ ଜନ୍ମ ତଥା ରକ୍ଷାବନ୍ଧନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶଂକର୍ଷଣ ମଙ୍ଗରାଜ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସରର ପ୍ରଫେସର ଗୌରପ୍ରିୟା ଦାଶ ଯୋଗଦେଇଥିଲେ। ମହାପ୍ରଭୁ ହେଉଛନ୍ତି ଅବତାରୀ, ସେ ସର୍ବ ରହସ୍ୟର ରହସ୍ୟ, ଅଜନ୍ମା, ମାତ୍ର ଭକ୍ତଙ୍କ ପରିତ୍ରାଣ ପାଇଁ ବଳଦେବ ରୂପେ ଜନ୍ମଗ୍ରହଣ କରିଛନ୍ତି ଓ ଝୁଲଣ ଯାତ୍ରା ତାଙ୍କର ରାସଲୀଳା ବୋଲି ମୁଖ୍ୟ ଅତିଥି ଦାଶ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ବଳରାମ ଦାଶ ବଳଭଦ୍ରଙ୍କ ଜନ୍ମ ବୃତ୍ତାନ୍ତ, ଝୁଲଣ ଯାତ୍ରା ଓ ରକ୍ଷାବନ୍ଧନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀମନ୍ଦିର ପୁରୋହିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ପାଳନର ରହସ୍ୟ ଉପସ୍ଥାପନ କରି ମାର୍କଣ୍ଡେୟ ପୁଷ୍କରିଣୀଠାରେ ବଳଭଦ୍ରଙ୍କ ଜାତ କର୍ମ କରାଯାଇଥାଏ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନ ସମ୍ପାଦକ ଡ. ଶଶିକାନ୍ତ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ମହାପାତ୍ର, କାର୍ତ୍ତିକ ସାହୁ, ଡ. ସ୍ନେହଲତା ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ପୂର୍ଣ୍ଣିମା ମାଳା, ଅପର୍ଣ୍ଣା ରଥ ଭଜନ ପରିବେଷଣ କରିଥିଲେ।

# ୨୦ରୁ ଊର୍ଦ୍ଧ୍ୱ ବର୍ଷହେବ ରାଖୀର ପାଉଣା ଶୁଝୁଛି ଭାଇ



ଅସ୍ତରଙ୍ଗ,୧୮।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଭଉଣୀ-ଭାଇ ସମ୍ପର୍କ ସବୁଠୁ ନିଆରା। ଦୁହେଁ ଦୁହିଁଙ୍କ ସୁଖ ଦୁଃଖର ସାଥୀ ହୋଇଥାନ୍ତି। ଭାଇ ହାତରେ ଭଉଣୀଟିଏ ରାଖୀ ବାନ୍ଧି ତା'ର ସୁଖ ମନାସିଥାଏ। ଭାଇ ମଧ୍ୟ ତା' ସୁନାନାକି ଭଉଣୀର ସୁଖ ଦୁଃଖରେ ଠିଆ ହେବାକୁ ପଣ କରିଥାଏ। ତେବେ ଦୀର୍ଘ ୨୦ ବର୍ଷ ହେବ ଭାଇ ତ୍ରିଲୋଚନ ସ୍ୱାଇଁ(୬୨) ଭଉଣୀ ନୟନା ସ୍ୱାଇଁ(୪୭)ଙ୍କ ରାଖୀ ପାଉଣା ଶୁଝି ଆସୁଛନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ମାନସିକ ବିକାରଗ୍ରସ୍ତ ଭଉଣୀ ସେବା କରି ତାଙ୍କର ସମସ୍ତ ସମୟ ବିତିଯାଉଛି। ଭଉଣୀଙ୍କ ସମସ୍ତ ନିତ୍ୟକର୍ମ ଯଥା- ଦାନ୍ତ ଘସାଇବା, ମୁଣ୍ଡରେ ତେଲ ମାରିବା, ଗାଧୋଇ ଦେବା ଆଦି କାମ କରନ୍ତି। ଏଥିସହ ତାଙ୍କ ଲୁଗାପଟା ମଧ୍ୟ ସଫା କରିଥାନ୍ତି। ଏପରି ଏକ ଘଟଣା ଅସ୍ତରଙ୍ଗ ବ୍ଲକ କୁହୁଡି ଗ୍ରାମରେ ଦେଖିବାକୁ ମିଳିଛି।

### ମାନସିକ ବିକୃତ ଭଉଣୀଙ୍କ ସେବା କରୁଛନ୍ତି

ତ୍ରିଲୋଚନ ଭଉଣୀ ନୟନାଙ୍କ ବିବାହ ଅସ୍ତରଙ୍ଗ ନିକଟ ବେଗୁନିଆବସ୍ତ ଗ୍ରାମରେ କରିଥିଲେ। ନୟନାଙ୍କ ସ୍ୱାମୀ କିଛି ବର୍ଷ ପରେ ଅନ୍ୟତ୍ର ବିବାହ କରିଥିଲେ। ସେହିଦିନଠାରୁ ନୟନାଙ୍କ ମାନସିକ ସ୍ଥିତି ଖରାପ ହୋଇଯାଇଥିଲା। ସେହିଦିନଠାରୁ ତ୍ରିଲୋଚନ ନୟନାଙ୍କ ସେବାରେ ଲାଗିଛନ୍ତି। ନୟନାଙ୍କ ବୟସ ଯେତେ ବଢୁଛି, ସେ ଅଧିକ ରୋଗାକ୍ରାନ୍ତ ହେଉଛନ୍ତି। ତଥାପି ତାଙ୍କ ସେବା ଯତ୍ନରେ ତ୍ରିଲୋଚନ ଟିକେ ହେଲେ ବି ଅବହେଳା କରିନାହାନ୍ତି। କେବେ ଆଖି ସାମ୍ନାରୁ ଭଉଣୀଙ୍କୁ କୁଆଡ଼େ ଛାଡ଼ନ୍ତି ନାହିଁ। ପ୍ରତିଦିନ ଭଉଣୀଙ୍କ ସେବା ଯତ୍ନ କରିବା ସହ ଚାଷ କାମ କରି ପେଟ ପୋଷିଥାନ୍ତି, ଯାହା ଭଉଣୀ- ଭାଇର ସୁମଧୁର ସମ୍ପର୍କର ଏକ ଉଦାହରଣ।

# ମିଲ୍‌କୁ ଗଲା ଉତ୍ତର, ପଶ୍ଚିମ ଦ୍ୱାରରେ ଥିବା ଅର୍ପଣ ଚାଉଳ

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)



ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ଉତ୍ତର ଏବଂ ପଶ୍ଚିମ ଦ୍ୱାରଠାରେ ଥିବା ଅର୍ପଣ ଚାଉଳକୁ ପ୍ରଶାସନର ନିର୍ଦ୍ଦେଶ ପରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ରବିବାର ମିଲ୍‌କୁ ପଠାଯାଇଛି। ସୂଚନାଯୋଗ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ସମୟରେ ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଅର୍ପଣ ଚାଉଳ ନିର୍ବାଚନ ପରେ ମହାପ୍ରଭୁଙ୍କ କାର୍ଯ୍ୟରେ ନ ଲାଗି ପଡ଼ିରହି ଏବେ ନଷ୍ଟ ହେବାକୁ ବସିଥିଲା। ଶ୍ରୀମନ୍ଦିର ଉତ୍ତର ଦ୍ୱାରଠାରେ ରଖାଯାଇଥିବା ଅର୍ପଣ ଚାଉଳ ନଷ୍ଟ ହୋଇ ଗନ୍ଧ ସୃଷ୍ଟି ହେଉଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା, ଯାହାକୁ ନେଇ ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସଂଗ୍ରହ ହୋଇଥିବା ଚାଉଳରେ ଖେଚୁଡି ଓ କାନିକା ମହାପ୍ରସାଦ କରାଯାଇ ଭକ୍ତଙ୍କୁ ବଣ୍ଟାଯିବା ନେଇ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁସାରେ ଫେବୃଆରୀରୁ ଭକ୍ତଙ୍କୁ ମଧ୍ୟ ଖେଚୁଡି ଓ କାନିକା ବଣ୍ଟା ଯାଉଥିଲା। ମାତ୍ର ନିର୍ବାଚନ ପରେ ଗତ ଜୁନ୍‌ରୁ ତାହା ବନ୍ଦ କରି ଦିଆଯାଇଥିଲା। ଫଳରେ ଚାଉଳଗୁଡ଼ିକ ପଡି ପଡି ନଷ୍ଟ ହେବାକୁ ଲାଗିଥିଲା। ଯାହାକୁ ନେଇ ସୁଆର ମହାସୁଆ ନିଯୋଗ ପକ୍ଷରୁ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ୍ୟ ଆଲୋଚନା କରିବା ସହ ଉକ୍ତ ଚାଉଳ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବା ନିମନ୍ତେ ଆଉ ଉପଯୁକ୍ତ ନ ଥିବାରୁ ତାକୁ ଗରିବ ତଥା ବିଭିନ୍ନ ଅନାଥ ଆଶ୍ରମ ଆଦିରେ ପ୍ରଦାନ କରିବା ନିମନ୍ତେ ଆଲୋଚନା ହୋଇଥିଲା। ମାତ୍ର ଆଲୋଚନାକୁ ଅନେକ ଦିନ ବିତିଥିଲେ ମଧ୍ୟ ଅର୍ପଣ ଚାଉଳ ଉପରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଅପରପକ୍ଷେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଏବଂ ପଶ୍ଚିମ ଦ୍ୱାରଠାରେ ଥିବା ଅର୍ପଣ ଚାଉଳରେ ବର୍ଷା ପାଣି ମିଶି ଦୁର୍ଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଥିଲା। ଦୁର୍ଗନ୍ଧ ଯୋଗୁ ଶ୍ରୀମନ୍ଦିରକୁ ଯାଉଥିବା ଭକ୍ତ ନାହିଁ ନ ଥିବା ସମସ୍ୟା ଭୋଗିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇ କହିଛନ୍ତି, ସୁଆର ମହାସୁଆର ଜିମାରେ ଥିବା ଚାଉଳ କିଛି ବ୍ୟବହାର ହୋଇପାରି ନ ଥିଲା। ତେବେ ସେଗୁଡ଼ିକ କିପରି ଫିଡିଂ କରି ବ୍ୟବହାର କରିପାରିବେ ସେ ନେଇ ଆଲୋଚନା ହୋଇଛି। ପଦକ୍ଷେପ ନେବା ଆରମ୍ଭ ହୋଇଛି। ତେଣୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କହିଥିଲେ। ଶନିବାର ଜିଲାପାଳ ସୂଚନା ଦେବା ପରେ ରବିବାର ଏନେଇ ତ୍ୱରିତ କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଉତ୍ତର ଏବଂ ପଶ୍ଚିମ ଦ୍ୱାରଠାରେ ଥିବା ଅର୍ପଣ ଚାଉଳକୁ ସୁଆର ମହାସୁଆର ନିଯୋଗ ପକ୍ଷରୁ ମିଲ୍‌କୁ ପଠାଯାଇଛି। ଏନେଇ ସୁଆର ମହାସୁଅର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ସାରା ରାଜ୍ୟରୁ ୧୪ ହଜାର କୁଇଣ୍ଟାଲ ଚାଉଳ ପ୍ରଶାସନ ନିକଟକୁ ଆସିଥିଲା। ସେଥିମଧ୍ୟରୁ ୪ ହଜାର କୁଇଣ୍ଟାଲ ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରାଯାଇଥିଲା। ଫେବୃଆରୀ ୪ରୁ ଜୁନ୍ ୬ ପର୍ଯ୍ୟନ୍ତ ଶ୍ରୀମନ୍ଦିର ୩ ଦ୍ୱାରଠାରେ ଭକ୍ତଙ୍କୁ ଖେଚୁଡି ଓ କାନିକା ବଣ୍ଟା ଯାଇଥିଲା। ତେବେ ପାଖାପାଖି ୨୦ କୁଇଣ୍ଟାଲ ବଳକା ଚାଉଳ ଯାହା ଶ୍ରୀମନ୍ଦିର ଉତ୍ତର ଓ ପଶ୍ଚିମ ଦ୍ୱାରଠାରେ ରହିଥିଲା। କିଛି ମାସ ତଳେ ଉକ୍ତ ଚାଉଳକୁ ପ୍ରୋସେସିଙ୍ଗ କରିବାକୁ ନେବା ସମୟରେ ପ୍ରକୃତ ଘଟଣା କ'ଣ ନ ଜାଣି ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଫଳରେ ତାହା ରହିଯାଇଥିଲା। ତେବେ ରବିବାର ଉକ୍ତ ଚାଉଳକୁ ପ୍ରସେସିଂ ନିମନ୍ତେ ମିଲ୍‌କୁ ପଠାଯାଉଛି। ଚାଉଳ ଯଦି ଭଲ ଥିଲା, ତେବେ ତାହା ରିପ୍ରୋସେସିଂ ହେବ। ଯଦି ଖରାପ ହୋଇଯାଇଥିବ, ସେଗୁଡ଼ିକୁ ଅଟା କରାଯିବ। ସେଥିରେ ପୀଠା ହୋଇ ମହାପ୍ରଭୁଙ୍କୁ ଲାଗି ହେବ। ଅପରପକ୍ଷେ ପ୍ରଶାସନ ନିକଟରେ ଥିବା ଚାଉଳ ତୁରନ୍ତ ପ୍ରୋସେସିଙ୍ଗ କରାଯାଉ ନଚେତ ଅନ୍ୟତ୍ର ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ମହାସୁଆର କହିଛନ୍ତି। ଅନ୍ୟପଟେ ଶନିବାର ଏକ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସୂଚନା ଦେଇଛନ୍ତି, ଅର୍ପଣ ଚାଉଳ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ଖୁବ୍‌ଶୀଘ୍ର ଅର୍ପଣ ଚାଉଳ ସମ୍ପର୍କରେ ସରକାର ଆଗାମୀ ଦିନରେ ନିଷ୍ପତ୍ତି ନେବେ।

# ମିଲ୍‌କୁ ଗଲା ଉତ୍ତର ଦ୍ୱାର, ପଶ୍ଚିମ ଦ୍ୱାରରେ ଥିବା ଅର୍ପଣ ଚାଉଳ

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)



ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ଉତ୍ତର ଏବଂ ପଶ୍ଚିମ ଦ୍ୱାରଠାରେ ଥିବା ଅର୍ପଣ ଚାଉଳକୁ ପ୍ରଶାସନର ନିର୍ଦ୍ଦେଶ ପରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ରବିବାର ମିଲ୍‌କୁ ପଠାଯାଇଛି। ସୂଚନାଯୋଗ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ସମୟରେ ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଅର୍ପଣ ଚାଉଳ ନିର୍ବାଚନ ପରେ ମହାପ୍ରଭୁଙ୍କ କାର୍ଯ୍ୟରେ ନ ଲାଗି ପଡ଼ିରହି ଏବେ ନଷ୍ଟ ହେବାକୁ ବସିଥିଲା। ଶ୍ରୀମନ୍ଦିର ଉତ୍ତର ଦ୍ୱାରଠାରେ ରଖାଯାଇଥିବା ଅର୍ପଣ ଚାଉଳ ନଷ୍ଟ ହୋଇ ଗନ୍ଧ ସୃଷ୍ଟି ହେଉଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା, ଯାହାକୁ ନେଇ ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସଂଗ୍ରହ ହୋଇଥିବା ଚାଉଳରେ ଖେଚୁଡ଼ି ଓ କାନିକା ମହାପ୍ରସାଦ କରାଯାଇ ଭକ୍ତଙ୍କୁ ବଣ୍ଟାଯିବା ନେଇ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁସାରେ ଫେବୃଆରୀରୁ ଭକ୍ତଙ୍କୁ ମଧ ଖେଚୁଡ଼ି ଓ କାନିକା ବଣ୍ଟା ଯାଉଥିଲା। ମାତ୍ର ନିର୍ବାଚନରେ ପରେ ଗତ ଜୁନ୍‌ରୁ ତାହା ବନ୍ଦ କରି ଦିଆଯାଇଥିଲା। ଫଳରେ ଚାଉଳଗୁଡ଼ିକ ପଡି ପଡି ନଷ୍ଟ ହେବାକୁ ଲାଗିଥିଲା। ଯାହାକୁ ନେଇ ସୁଆର ମହାସୁଆ ନିଯୋଗ ପକ୍ଷରୁ ମଧ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ ଆଲୋଚନା କରିବା ସହ ଉକ୍ତ ଚାଉଳ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବା ନିମନ୍ତେ ଆଉ ଉପଯୁକ୍ତ ନ ଥିବାରୁ ତାକୁ ଗରିବ ତଥା ବିଭିନ୍ନ ଅନାଥ ଆଶ୍ରମ ଆଦିରେ ପ୍ରଦାନ କରିବା ନିମନ୍ତେ ଆଲୋଚନା ହୋଇଥିଲା। ମାତ୍ର ଆଲୋଚନାକୁ ଅନେକ ଦିନ ବିତିଥିଲେ ମଧ ଅର୍ପଣ ଚାଉଳ ଉପରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଅପରପକ୍ଷେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଏବଂ ପଶ୍ଚିମ ଦ୍ୱାରଠାରେ ଥିବା ଅର୍ପଣ ଚାଉଳରେ ବର୍ଷା ପାଣି ମିଶି ଦୁର୍ଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଥିଲା। ଦୁର୍ଗନ୍ଧ ଯୋଗୁ ଶ୍ରୀମନ୍ଦିରକୁ ଯାଉଥିବା ଭକ୍ତ ନାହିଁ ନ ଥିବା ସମସ୍ୟା ଭୋଗିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇ କହିଛନ୍ତି, ସୁଆର ମହାସୁଆର ଜିମାରେ ଥିବା ଚାଉଳ କିଛି ବ୍ୟବହାର ହୋଇପାରି ନ ଥିଲା। ତେବେ ସେଗୁଡ଼ିକ କିପରି ଫିଡିଂ କରି ବ୍ୟବହାର କରିପାରିବେ ସେ ନେଇ ଆଲୋଚନା ହୋଇଛି। ପଦକ୍ଷେପ ନେବା ଆରମ୍ଭ ହୋଇଛି। ତେଣୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କହିଥିଲେ। ଶନିବାର ଜିଲାପାଳ ସୂଚନା ଦେବା ପରେ ରବିବାର ଏନେଇ ଦ୍ରୁତ କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଉତ୍ତର ଏବଂ ପଶ୍ଚିମ ଦ୍ୱାରଠାରେ ଥିବା ଅର୍ପଣ ଚାଉଳକୁ ସୁଆର ମହାସୁଆର ନିଯୋଗ ପକ୍ଷରୁ ମିଲ୍‌କୁ ପଠାଯାଇଛି। ଏନେଇ ସୁଆର ମହାସୁଅର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ସାରା ରାଜ୍ୟରୁ ୧୪ ହଜାର କୁଇଣ୍ଟାଲ ଚାଉଳ ପ୍ରଶାସନ ନିକଟକୁ ଆସିଥିଲା। ସେଥିମଧ୍ୟରୁ ୪ ହଜାର କୁଇଣ୍ଟାଲ ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରାଯାଇଥିଲା। ଫେବୃଆରୀ ୪ରୁ ଜୁନ୍ ୬ ପର୍ଯ୍ୟନ୍ତ ଶ୍ରୀମନ୍ଦିର ୩ ଦ୍ୱାରଠାରେ ଭକ୍ତଙ୍କୁ ଖେଚୁଡ଼ି ଓ କାନିକା ବଣ୍ଟା ଯାଇଥିଲା। ତେବେ ପାଖାପାଖି ୨୦ କୁଇଣ୍ଟାଲ ବଳକା ଚାଉଳ ଯାହା ଶ୍ରୀମନ୍ଦିର ଉତ୍ତର ଓ ପଶ୍ଚିମ ଦ୍ୱାରଠାରେ ରହିଥିଲା। କିଛି ମାସ ତଳେ ଉକ୍ତ ଚାଉଳକୁ ପ୍ରୋସେସିଂ କରିବାକୁ ନେବା ସମୟରେ ପ୍ରକୃତ ଘଟଣା କ'ଣ ନ ଜାଣି ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଫଳରେ ତାହା ରହିଯାଇଥିଲା। ତେବେ ରବିବାର ଉକ୍ତ ଚାଉଳକୁ ପ୍ରସେସିଙ୍ଗ ନିମନ୍ତେ ମିଲ୍‌କୁ ପଠାଯାଉଛି। ଚାଉଳ ଯଦି ଭଲ ଥିବ, ତେବେ ତାହା ରିପ୍ରୋସେସିଂ ହେବ। ଯଦି ଖରାପ ହୋଇଯାଇଥିବ, ସେଗୁଡ଼ିକୁ ଅଟା କରାଯିବ। ସେଥିରେ ପିଠା ହୋଇ ମହାପ୍ରଭୁଙ୍କୁ ଲାଗି ହେବ। ଅପରପକ୍ଷେ ପ୍ରଶାସନ ନିକଟରେ ଥିବା ଚାଉଳ ତୁରନ୍ତ ପ୍ରୋସେସିଂ କରାଯାଉ ନଚେତ ଅନ୍ୟତ୍ର ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ମହାସୁଆର କହିଛନ୍ତି। ଅନ୍ୟପଟେ ଶନିବାର ଏକ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସୂଚନା ଦେଇଛନ୍ତି, ଅର୍ପଣ ଚାଉଳ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ଖୁବ୍‌ଶୀଘ୍ର ଅର୍ପଣ ଚାଉଳ ସମ୍ପର୍କରେ ସରକାର ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ।

# ଟ୍ରାଫିକ୍ କର୍ମଚାରୀଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୮।୮
(ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ ଛକରେ ଟ୍ରାଫିକ ପରିଚାଳନା କରୁଥିବା କେତେଜଣ ଟ୍ରାଫିକ୍ କର୍ମଚାରୀ ଆକ୍ରମଣର ଶିକାର ହୋଇଛନ୍ତି। ଏକ ଶପିଂ ମଲ୍‌ର ବେଆଇନ ପାର୍କିଂକୁ ବିରୋଧ କରିବାରୁ ସମ୍ପୃକ୍ତ ଟ୍ରାଫିକ୍ କର୍ମଚାରୀଙ୍କୁ ଉକ୍ତ ମଲ୍‌ର ମ୍ୟାନେଜର ଗାଳିଗୁଲଜ କରିବା ସହ ଚାକିରି ନେଇଯିବାକୁ ଧମକ ଦେଇ ଆକ୍ରମଣ କରିଥିବା ସୂଚନା ମିଳିଛି। ଏହାକୁ ନେଇ ଘଟଣାସ୍ଥଳରେ ଉଭୟଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ହୋଇଥିଲା। ଖବର ପାଇ ଟ୍ରାଫିକ ଏସିପି ଜୟନ୍ତ ଦୋରା ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ମ୍ୟାନେଜରଙ୍କୁ ଥାନାରେ ଅଟକ ରଖିବା ସହ ଅଧିକ ତଦନ୍ତ ଜାରି ରଖିଛି। ଏହି ଆକ୍ରମଣରେ ଜଣେ ଟ୍ରାଫିକ କର୍ମଚାରୀ ଆହତ ହୋଇଛନ୍ତି।

## ମଲ୍ ମ୍ୟାନେଜର ଅଟକ

ସୂଚନାନୁସାରେ, ରସୁଲଗଡ ଛକରେ ରବିବାର ସନ୍ଧ୍ୟାରେ ଟ୍ରାଫିକ ଜାମ ହୋଇଥିଲା। ଏହାର କାରଣ ଜାଣିବା ପାଇଁ ଟ୍ରାଫିକ କର୍ମଚାରୀମାନେ ଯାଞ୍ଚ କରୁଥିବାବେଳେ ଏକ ଶପିଂ ମଲ୍ ଆଗରେ ବେଆଇନ ଭାବେ ଗାଡି ପାର୍କିଂ ଯୋଗୁ ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଥିବା ଜାଣିବାକୁ ପାଇଥିଲେ। ତେଣୁ ସେମାନେ ମଲ୍‌ର ମ୍ୟାନେଜରଙ୍କୁ ଡାକି ଗାଡି ଉଠେଇ ପାର୍କିଂ ସ୍ଥାନରେ ରଖିବାକୁ କହିଥିଲେ। ହେଲେ ମ୍ୟାନେଜର ହଠାତ୍ ରାଗିଯାଇ ଏହି କାଣ୍ଡ ଘଟାଇଥିଲେ। ଆହତ ହୋଇଥିବା ଜଣେ ଟ୍ରାଫିକ କର୍ମଚାରୀ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

# ନକଲି ଚାବିରେ ଥାନା ପରିସରରୁ ଗାଡ଼ି ନେଇ ଯୁବକ ଗିରଫ

ଭୁବନେଶ୍ୱର,୧୮।୮
(ସୂର୍ଯ୍ୟକାନ୍ତ ବେହେରା)

ନକଲି ଚାବିରେ ଜବତ ହୋଇଥିବା ନିଜ ବାଇକ୍‌କୁ ଥାନା ପରିସରରୁ ନେଇଯିବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି। ଏହି ଘଟଣାରେ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀରେ ରହୁଥିବା ଗଞ୍ଜାମର ଓମ୍‌କାର ମହାପାତ୍ର। ତାଙ୍କଠାରୁ ଉକ୍ତ ଗାଡି ଜବତ ହୋଇଛି।

ସୂଚନାନୁସାରେ, ଶନିବାର ରାତିରେ ଟ୍ରାଫିକ୍ ଥାନା-୨ର କର୍ମଚାରୀମାନେ କେୟାର ହସ୍ପିଟାଲ ଛକ ନିକଟରେ ନାଇଟ୍ ବ୍ଲକିଂ ଜରିଆରେ ଯାନବାହନ ଚେକିଂ କରୁଥିବା ବେଳେ ଅଭିଯୁକ୍ତ କେୟାର ହସ୍ପିଟାଲ ଆଡୁ ନାଲ୍‌କୋ ଛକ ଅଭିମୁଖେ ଟ୍ରାଫିକ୍‌ର ବିପରୀତ ଦିଗରେ ଦ୍ରୁତଗତିରେ ବିପଦଜନକ ଭାବେ ବାଇକ ଚାଳନା କରି ଆସୁଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ଚେକିଂ କରୁଥିବା ପୋଲିସ କର୍ମଚାରୀମାନେ ତାଙ୍କୁ ସେଠାରେ ଅଟକାଇଥିଲେ। ଯାଞ୍ଚ ସମୟରେ ବାଇକ ଚାଳକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥିବା ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରେ ଟ୍ରାଫିକ୍ ପୋଲିସ ଉକ୍ତ ବାଇକକୁ ଜବତ କରି ପିଆର୍ ଦେଇଥିଲେ। ଅଭିଯୁକ୍ତ ଜଣକ ତାଙ୍କର ଜଣେ ବନ୍ଧୁଙ୍କୁ ଧରି ଟ୍ରାଫିକ ଥାନାକୁ ପିଆର ନମ୍ବର ପାଇଁ ଯାଇଥିବା ବେଳେ ସାଙ୍ଗରେ ଆଣିଥିବା ଏକ ଡୁପ୍ଲିକେଟ ଚାବି ସାହାଯ୍ୟରେ ନିଜ ମୋଟରସାଇକେଲକୁ ଥାନା ପରିସରରୁ ନେଇଯାଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଟ୍ରାଫିକ ଥାନାର ଅଭିଯୋଗକ୍ରମେ ଭରତପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିବା ବେଳେ ସମ୍ପୃକ୍ତ ମୋଟରସାଇକେଲକୁମଧ ଜବତକରିଥିଲା।

# ଓଡିଆ ସଂସ୍କୃତିକୁ ଯାଜପୁରର ଅବଦାନ ଅତୁଳନୀୟ

ଭୁବନେଶ୍ୱର,୧୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ଭୁବନେଶ୍ୱର ପକ୍ଷରୁ ନାଟ୍ୟକାର କାମପାଳ ମିଶ୍ରଙ୍କ ଜୟନ୍ତୀ, କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ଓ ଅଭିନେତା ଚିତ୍ତରଞ୍ଜନ ଦାସଙ୍କ ପୁଣ୍ୟତିଥି ଅବସରରେ ଆଲୋଚନାସଭା ରବିବାର ବୁଲନଭାଇ ସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଆଇନଜୀବୀ ନଟବର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଦାଶ ବେନହୁର, କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ, ନାଟ୍ୟକାର ପ୍ରଫେସର ନାରାୟଣ ସାହୁ ଉପସ୍ଥିତ ଥିଲେ। ଓଡିଆ ସଂସ୍କୃତିକୁ ଯାଜପୁରର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ପରିଷଦ ଉପସଭାପତି ଆଶୁତୋଷ ମିଶ୍ର କାମପାଳଙ୍କ ସାହିତ୍ୟ ଓ ଶବ୍ଦ ପ୍ରୟୋଗ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ନୀଳମଣି କର ପରିଷଦର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଉପଦେଷ୍ଟା ମହେନ୍ଦ୍ର କୁମାର ମଲ୍ଲିକ ଯାଜପୁର ଇତିହାସ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିବାବେଳେ କୋଷାଧ୍ୟକ୍ଷ ଆଇନଜୀବୀ ନଟବର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ନୃସିଂହ ଚରଣ ମହାପାତ୍ର, ସଂପାଦକ ଅମୁଲ୍ୟ କୁମାର ଦାଶ, ପ୍ରମୋଦ କୁମାର ନାୟକ ଏବଂ ଅଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ ସହ ମୃତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଏଆଇଡିଏସ୍‌ଓ ପକ୍ଷରୁ ଶିରିପୁର ଛକରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ସେଣ୍ଟ ଯୋଶେଫ ହାଇସ୍କୁଲର କୋଠା ଉଦ୍‌ଘାଟିତ



ଭୁବନେଶ୍ୱର,୧୮।୮(ଅଭୟ ଦାଶ)

ସେଣ୍ଟ ଯୋଶେଫ ହାଇସ୍କୁଲ ଜୋକଲଣ୍ଡି ଭରତପୁରରେ ନୂତନ ବିଦ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କଟକ ଆର୍ଚ୍ଚ ବିଶପ ରେଭେରେଣ୍ଡର ଜନ ବରୱାଙ୍କ ଦ୍ୱାରା ପ୍ରାର୍ଥନା ଏବଂ ଆଶୀର୍ବାଦ ସଭା ଅନୁଷ୍ଠିତ ହେବାପରେ ନୂତନ ବିଦ୍ୟାଳୟ ଗୃହ ସିଷ୍ଟର ଲୀନା ଜ୍ୟାକବ ଏବଂ ଅବସରପ୍ରାପ୍ତ କର୍ଣ୍ଣେଲ ସନ୍ଦୀପ ଶତପଥୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ବରେଣ୍ୟ ଅତିଥିମାନଙ୍କ ମଧରେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର ମଞ୍ଜୁଲତା କହଁର, ସିଷ୍ଟର ପଲିନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାରୋହକୁ ଅଧିକ ଉତ୍ସବ ମୁଖର କରିବା ପାଇଁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନ ସମାରୋହର ସଫଳ ରୂପାୟନ ନିମନ୍ତେ ସର୍ବଶେଷରେ ସ୍କୁଲର ଅଧକ୍ଷା ସିଷ୍ଟର ଅର୍ଚ୍ଚନା ଉପସ୍ଥିତ ସମସ୍ତ ବରେଣ୍ୟ ଅତିଥି, ଯନ୍ତ୍ରୀ ରାଜେଶ କୁମାର, ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ସହଯୋଗିତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଇମ୍ ଟୁ ସାଇନ ପକ୍ଷରୁ 'ସୂତା: ଏକ ସୁରକ୍ଷାର କବଚ'

## ୩୦ ବ୍ୟକ୍ତିତ୍ୱ, ୮ ଅନୁଷ୍ଠାନ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୮।୮
(ଶର୍ମିଷ୍ଠା ପାଣିଗ୍ରାହୀ)




ଟାଇମ୍ ଟୁ ସାଇନ ତରଫରୁ ସୂତା : ଏକ ସୁରକ୍ଷାର କବଚ କାର୍ଯ୍ୟକ୍ରମ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ସଂଯୋଜିକା ଲିନା ନନ୍ଦିତା ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏମ୍‌ସ ଭୁବନେଶ୍ୱରର କ୍ରିଟିକାଲ କେୟାର ମେଡ଼ିସିନ ବିଭାଗର ଏମ୍‌ଡ଼ି ଡ.ଶ୍ରୀକାନ୍ତ ବେହେରା, ସାମ୍ବାଦିକା ସ୍ୱସ୍ତିକା ପଣ୍ଡା, ଆର୍ମି ୱିଙ୍ଗ ମେଜର କଳ୍ପନା ଦାଶ, ଏୟାର ୱିଙ୍ଗ ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ମିହିର କୁମାର ଶରଣ, ୱିଙ୍ଗ କମାଣ୍ଡାଣ୍ଟ ପି.କେ. ବଡ଼ିଆ, ବରିଷ୍ଠ ବୈଜ୍ଞାନିକ ଡ. ନବୀନ ଧଳ, ବିଶିଷ୍ଟ ସାମାଜିକ କର୍ମୀ ରମେଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦେଶ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ବର୍ଗର ୩୦ଜଣ ବ୍ୟକ୍ତିବିଶେଷଙ୍କୁ ରାଖୀ ବାନ୍ଧି ଆଶୀର୍ବାଦ କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସଫଦର ହସୀମ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜଳେନ୍ଦ୍ର ପଢ଼ିଆରୀ, ସାମାଜିକ କର୍ମୀ ମହମ୍ମଦ ଅଲ୍ଲୀ, ସିନେ ପ୍ରଯୋଜକ ଚନ୍ଦନ କୁମାର ପଣ୍ଡା, ନିର୍ଦ୍ଦେଶକ ନିରଞ୍ଜନ ବାରିକ, ସାମାଜିକ କର୍ମୀ ଅନୁପ କୁମାର ଦେବତା, ଉଦ୍ୟୋଗପତି ରୋହନ ସାହୁ, ଆଇନଜୀବୀ ଜିତେନ୍ଦ୍ର ପାତ୍ର, ସାମାଜିକ କର୍ମୀ ବିକ୍ରମ ବେହେରାଙ୍କୁ ଭଉଣୀମାନେ ରାଖୀ ବାନ୍ଧି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ୮ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଜ୍ୟୋତି ରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଓ ମୁଖ୍ୟ ସଂଯୋଜକ ତଥା ଅଭିନେତା ବାବୁ ରାଜା ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ମାହାଙ୍ଗା,୧୮।୮(ଯଯାତି ସିଂହ)

## ଥାନା ସମ୍ମୁଖରେ ନିଆଁ ଲଗାଇ ମହିଳାଙ୍କ ଆତ୍ମାହୁତି ଉଦ୍ୟମ ଘଟଣା

■ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦେବାକୁ ଦାବି

କଟକ ଜିଲା ମାହାଙ୍ଗା ଥାନା ସମ୍ମୁଖରେ ଶୁକ୍ରବାର ମଧ୍ୟାହ୍ନରେ ନୃତାଙ୍ଗ ପଞ୍ଚାୟତସ୍ଥିତ ଖର୍ଡାଙ୍ଗ ଗ୍ରାମର ରଶ୍ମିତା ଦାସ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ଦେବା ନିମନ୍ତେ 'ଲଢେଇ ପରିବାର' ନାମକ ସଙ୍ଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସଙ୍କ ପକ୍ଷରୁ ଦିଲ୍ଲୀସ୍ଥିତ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରାଯାଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ରଶ୍ମିତାଙ୍କ ଆତ୍ମାହୁତି ପାଇଁ ମାହାଙ୍ଗା ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଦାୟୀ। ଏଥିପାଇଁ ପୋଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ପୀଡ଼ିତା ରଶ୍ମିତାଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦିଆଯାଉ। ଏଥିସହ ତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାସ କମିଶନ ଦାବି କରିଛନ୍ତି।

ସ୍ୱାମୀ ଶଙ୍କରଙ୍କୁ ପୋଲିସ ମିଥ୍ୟା ମାମଲାରେ ଫସାଇବା ସହ ରଶ୍ମିତାଙ୍କୁ ନିର୍ଯାତନା ଦେଇଥିବାରୁ ସେ ଏଭଳି ପଦକ୍ଷେପ ନେଇଥିବା ନେଇ ପୀଡ଼ିତାଙ୍କ ବାପା ଧୀରେନ୍ଦ୍ର ବେହେରା ଶନିବାର ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ନୃତାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ବିଭିନ୍ନ ସାମଗ୍ରୀ ଚୋରି ଘଟଣାରେ ପୋଲିସ ଶଙ୍କରଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ଘଟଣାରେ ଶଙ୍କରଙ୍କୁ ଗୁରୁବାର ରାତିରେ ପୋଲିସ ଉଠାଇ ନେଇଥିଲା। ଶୁକ୍ରବାର ରଶ୍ମିତା ଥାନାରେ ପହଞ୍ଚି ସ୍ୱାମୀ ନିର୍ଦ୍ଦୋଷ ବୋଲି ଦାବି କରି ତାଙ୍କୁ ଛାଡ଼ିଦେବାକୁ ଅନୁରୋଧ କରିଥିଲେ। ମାତ୍ର ଶଙ୍କରଙ୍କୁ ପୋଲିସ ନ ଛାଡ଼ି ରଶ୍ମିତାଙ୍କୁ ନିର୍ଯାତନା ଦେଇଥିଲେ। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ଥାନା ସମ୍ମୁଖରେ କିରୋସିନ ଢ଼ାଳି ନିଆଁ ଲଗେଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଏବେ ରଶ୍ମିତା କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

# ଆଜବେଷ୍ଟସ କାଟି ହାର୍ଡୱେର ଦୋକାନରୁ ଚୋରି

ଭୁବନେଶ୍ୱର,୧୮।୮
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଚୋରି, ଡକାୟତି ଓ ଲୁଟ୍ ବଢ଼ିଚାଲିଛି। ଖଣ୍ଡଗିରି ଛକରେ ଥିବା ଏକ ଏକ ହାର୍ଡୱେର ଦୋକାନରୁ ଲକ୍ଷାଧିକ ଟଙ୍କା ଓ ଦାମୀ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଆଜବେଷ୍ଟସ କାଟି ଏହି କାଣ୍ଡ ଘଟାଇଛନ୍ତି। ଏନେଇ ଦୋକାନ ମାଲିକ ରବିବାର ସକାଳେ ଦୋକାନ ଖୋଲିବାକୁ ଆସି ଚୋରି ସମ୍ପର୍କରେ ଜାଣିବା ପରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଶନିବାର କମିଶନରେଟ ପୋଲିସ ପକ୍ଷରୁ ସହରର ବିଭିନ୍ନ ଛକରେ ଚେକିଂ, ବ୍ଲକିଂ କରାଯାଇଥିବାବେଳେ ରାତିରେ ଅପରାଧୀମାନେ ଜାତୀୟ ରାଜପଥ କଡ଼ରେ ଥିବା ଏହି ଦୋକାନକୁ ଟାର୍ଗେଟ କରି ସଫଳ ହୋଇଛନ୍ତି। ତେବେ ସହରରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ସହରବାସୀଙ୍କ ଚିନ୍ତା ବଢ଼ିଛି।

# ୪୫ ବର୍ଷ ପରେ ପୁଣି ଏକାଠି



ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ଭୁବନେଶ୍ୱରଭୁବନେଶ୍ୱର,
୧୮।୮(ବନ୍ଦନା ସେଠୀ)

ଭୁବନେଶ୍ୱରର ଖଣ୍ଡଗିରି ନିକଟସ୍ଥ ଏକ ହୋଟେଲରେ ରବିବାର ପୂର୍ବାହ୍ନରେ ୟୁନିଟ-୩ ଖାରବେଳନଗର ୟୁପି ସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୫ ବର୍ଷ ପରେ ଛାତ୍ରୀଛାତ୍ରମାନେ ପ୍ରଥମ କରି ଏକାଠି ହୋଇ ଭାବବିହ୍ୱଳ ହେବା ସହ ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇ ଖୁସି ବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ପରସ୍ପର ମଧ୍ୟରେ ଭାବ ବିନିମୟ କରିବା ବେଳେ ସମସ୍ତେ କିଛି ସମୟ ପାଇଁ ପିଲା ଦିନର ଚପଳତାକୁ ଫେରିଯାଇଥିଲେ। ଏହି ଉତ୍ସବରେ ସବିତା ହରିଚନ୍ଦନ, ଅଙ୍ଗୁରବାଳା ଧଳ, ତୃପ୍ତି ମହାନ୍ତି, ସୁକାନ୍ତ ମିଶ୍ର, ନିହାର ପଣ୍ଡା, ସୁଶିଲ ଗନ୍ତାୟତ, ହରିହର ପଣ୍ଡା, ଶ୍ରୀମନ୍ତ ନନ୍ଦ, ପରଂବ୍ରହ୍ମ ମହାପାତ୍ର, ମାନସ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# 'ଆଜିର ନାରୀଙ୍କ ପାଇଁ ଆଦର୍ଶ ବୀରାଙ୍ଗନା'

## ଦି ୟୁନିଭର୍ସରେ ସମ୍ମିଳନୀ

କଟକ,୧୮।୮(କାର୍ତ୍ତିକ ସାହୁ)




ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ମହିଳା ସଂଗ୍ରାମୀଙ୍କ ଭୂମିକା ଶୀର୍ଷକ ସମ୍ମିଳନୀ କଟକ ମୈତ୍ରୀ ସରଣୀସ୍ଥିତ ଦି ୟୁନିଭର୍ସଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ବିନୋଦିନୀ ଦାସ ସନ୍ଦର୍ଭ ଉପସ୍ଥାପନ କରି କହିଛନ୍ତି, ମାଳତୀ ଦେବୀ ବାହାର ରାଜ୍ୟରୁ ଆସି ମଧ ଓଡ଼ିଶାର ଚାଲିଚଳନ ସହ ବେଶ୍ ଖାପଖୁଆଇ ପାରିଥିଲେ। ସେ ପିଲାବେଳୁ ବେଶ୍ ସ୍ୱଷ୍ଟବାଦୀ ଓ ନିର୍ଭୟା ଥିଲା। ପିଲାଦିନୁ ଛୁଆଁଅଛୁଆଁ ଭେଦଭାବ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେତେବେଳେ ଇଂରେଜ ପରିଚାଳିତ ସରକାରୀ ସ୍କୁଲରେ ପାଠ ନ ପଢ଼ି ବେସରକାରୀ ସ୍କୁଲରେ ପାଠ ପଢ଼ିଥିଲେ। ବିବାହ ପରେ ସ୍ୱାମୀସ୍ତ୍ରୀ ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ଉଭୟଙ୍କ ଜୀବନ ଥିଲା ସଂଘର୍ଷପୂର୍ଣ୍ଣ। ଡ. ସୋମା ଚାନ୍ଦ ଅନ୍ୟ ଏକ ସନ୍ଦର୍ଭ ଉପସ୍ଥାପନା କରି କହିଛନ୍ତି, ୧୯୦୩ରେ ଜଣେ ମହିଳା ଗୋଟିଏ ଲେଖାଲେଖି କରି ନିଜର ନାଁ ଦେବାକୁ ସାହସ ଜୁଟାଇ ପାରି ନ ଥିଲେ। ରମା ଦେବୀ, ସରଳା ଦେବୀ, ରେବା ରାୟ, କୁନ୍ତଳା କୁମାରୀ ସାବତ୍ ନିଜର ଆହ୍ୱାନଧର୍ମୀ ଓ ଜାଗରଣଧର୍ମୀ ରଚନା ଦ୍ୱାରା ତତ୍କାଳୀନ ସମାଜରେ ଆମୂଳଚୁଳ ପରିବର୍ତ୍ତନ ଆଣିଥିଲେ। ଏମାନେ ଜାତିପ୍ରଥା, ବର୍ଣ୍ଣ ବୈଷମ୍ୟ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। କୁନ୍ତଳା କୁମାରୀ ନିଜର ଶାଣିତ ଲେଖା ମାଧ୍ୟମରେ ସମାଜର ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲେ। ସେଦିନର ଏହି ନାରୀନେତ୍ରୀଙ୍କ ପବିତ୍ର ସେବା ମନୋବୃତ୍ତି ପାଇଁ ଆଜିର ନାରୀ ଆଗୁଆ। ସରଳା ଦେବୀ ଥିଲେ ପ୍ରଥମ ମହିଳା ବିଧାୟିକା, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ସିନେଟ୍ ସଭ୍ୟା ଓ ଉତ୍କଳ ସାହିତ୍ୟ ସମାଜର ପ୍ରଥମ ମହିଳା ସଭାପତି ହେବାର ଗୌରବ ଅର୍ଜନ କରିଛନ୍ତି। ଡ. ଇନ୍ଦ୍ରଜିତ୍ ଘୋଷ ତୃତୀୟ ସନ୍ଦର୍ଭ ଉପସ୍ଥାପନ କରି କହିଛନ୍ତି, ଆଜି ମହିଳାମାନେ ଯାହା ହୋଇପାରିଛନ୍ତି ତାହା ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସଂଘର୍ଷମୟ ଜୀବନ ବିତାଇଥିବା ସେହି ବୀରାଙ୍ଗନାମାନଙ୍କ ପାଇଁ। ସଭାପତି ପ୍ରଫେସର ବାରିକ କହନ୍ତି, ତରିକୁନ୍ଦ ଓ ଅଳକା ଆଶ୍ରମରେ ନାରୀଶିକ୍ଷାର ପ୍ରସାର ପାଇଁ ବିଦ୍ୟାଳୟ ସ୍ଥାପନ କରି ସେମାନଙ୍କୁ ପଢ଼ାଯାଉଥିଲା। ସେଥିପାଇଁ ରମା ଦେବୀ, ସରଳା ଦେବୀ ଆଦି ନେତ୍ରୀ ଗାନ୍ଧିଜୀଙ୍କ ପ୍ରିୟପାତ୍ର ହୋଇପାରିଥିଲେ। କିଶୋର ତ୍ରିପାଠୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ଅତିଥି ପରିଚୟ, ଡ. ପ୍ରଜ୍ଞା ମିଶ୍ର ଧନ୍ୟବାଦ ଦେଇଥିଲେ। ଡା. ସୁଦର୍ଶନ ପଟ୍ଟନାୟକ, ଡ. ମହେଶ୍ୱର ମହାନ୍ତି, ଡା. ସଞ୍ଜିତ୍ ପଟ୍ଟନାୟକ, ଚିନ୍ମୟୀ ଆଚାର୍ଯ୍ୟ, କାଶୀନାଥ ସ୍ୱାଇଁ, କ୍ଷୀରୋଦ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଯୋଗଦେଇଥିଲେ।

# ମିଲ୍‌କୁ ଗଲା ଉତ୍ତର, ପଶ୍ଚିମ ଦ୍ୱାରରେ ଥିବା ଅର୍ପଣ ଚାଉଳ

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)



ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ଉତ୍ତର ଏବଂ ପଶ୍ଚିମ ଦ୍ୱାରଠାରେ ଥିବା ଅର୍ପଣ ଚାଉଳକୁ ପ୍ରଶାସନର ନିର୍ଦ୍ଦେଶ ପରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ରବିବାର ମିଲ୍‌କୁ ପଠାଯାଇଛି। ସୂଚନାଯୋଗ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ସମୟରେ ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଅର୍ପଣ ଚାଉଳ ନିର୍ବାଚନ ପରେ ମହାପ୍ରଭୁଙ୍କ କାର୍ଯ୍ୟରେ ନ ଲାଗି ପଡ଼ିରହି ଏବେ ନଷ୍ଟ ହେବାକୁ ବସିଥିଲା। ଶ୍ରୀମନ୍ଦିର ଉତ୍ତର ଦ୍ୱାରଠାରେ ରଖାଯାଇଥିବା ଅର୍ପଣ ଚାଉଳ ନଷ୍ଟ ହୋଇ ଗନ୍ଧ ସୃଷ୍ଟି ହେଉଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଏନେଇ କୌଣସି ପଦକ୍ଷପ ଗ୍ରହଣ କରାଯାଉ ନ ଥିଲା, ଯାହାକୁ ନେଇ ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସଂଗ୍ରହ ହୋଇଥିବା ଚାଉଳରେ ଖେଚୁଡ଼ି ଓ କାନିକା ମହାପ୍ରସାଦ କରାଯାଇ ଭକ୍ତଙ୍କୁ ବଣ୍ଟାଯିବା ନେଇ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁସାରେ ଫେବୃଆରୀରୁ ଭକ୍ତଙ୍କୁ ମଧ୍ୟ ଖେଚୁଡ଼ି ଓ କାନିକା ବଣ୍ଟା ଯାଉଥିଲା। ମାତ୍ର ନିର୍ବାଚନରେ ପରେ ଗତ ଜୁନ୍‌ରୁ ତାହା ବନ୍ଦ କରି ଦିଆଯାଇଥିଲା। ଫଳରେ ଚାଉଳଗୁଡ଼ିକ ପଡି ପଡି ନଷ୍ଟ ହେବାକୁ ଲାଗିଥିଲା। ଯାହାକୁ ନେଇ ସୁଆର ମହାସୁଆ ନିଯୋଗ ପକ୍ଷରୁ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ୍ୟ ଆଲୋଚନା କରିବା ସହ ଉକ୍ତ ଚାଉଳ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବା ନିମନ୍ତେ ଆଉ ଉପଯୁକ୍ତ ନ ଥିବାରୁ ତାକୁ ଗରିବ ତଥା ବିଭିନ୍ନ ଅନାଥ ଆଶ୍ରମ ଆଦିରେ ପ୍ରଦାନ କରିବା ନିମନ୍ତେ ଆଲୋଚନା ହୋଇଥିଲା। ମାତ୍ର ଆଲୋଚନାକୁ ଅନେକ ଦିନ ବିତିଥିଲେ ମଧ୍ୟ ଅର୍ପଣ ଚାଉଳ ଉପରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଅପରପକ୍ଷେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଏବଂ ପଶ୍ଚିମ ଦ୍ୱାରଠାରେ ଥିବା ଅର୍ପଣ ଚାଉଳରେ ବର୍ଷା ପାଣି ମିଶି ଦୁର୍ଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଥିଲା। ଦୁର୍ଗନ୍ଧ ଯୋଗୁ ଶ୍ରୀମନ୍ଦିରକୁ ଯାଉଥିବା ଭକ୍ତ ନାହିଁ ନ ଥିବା ସମସ୍ୟା ଭୋଗିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇ କହିଛନ୍ତି, ସୁଆର ମହାସୁଆର ଜିମାରେ ଥିବା ଚାଉଳ କିଛି ବ୍ୟବହାର ହୋଇପାରି ନ ଥିଲା। ତେବେ ସେଗୁଡ଼ିକ କିପରି ଫିଡିଂ କରି ବ୍ୟବହାର କରିପାରିବେ ସେ ନେଇ ଆଲୋଚନା ହୋଇଛି। ପଦକ୍ଷେପ ନେବା ଆରମ୍ଭ ହୋଇଛି। ତେଣୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କହିଥିଲେ। ଶନିବାର ଜିଲାପାଳ ସୂଚନା ଦେବା ପରେ ରବିବାର ଏନେଇ ତ୍ୱରିତ କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଉତ୍ତର ଏବଂ ପଶ୍ଚିମ ଦ୍ୱାରଠାରେ ଥିବା ଅର୍ପଣ ଚାଉଳକୁ ସୁଆର ମହାସୁଆର ନିଯୋଗ ପକ୍ଷରୁ ମିଲ୍‌କୁ ପଠାଯାଇଛି। ଏନେଇ ସୁଆର ମହାସୁଅର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ସାରା ରାଜ୍ୟରୁ ୧୪ ହଜାର କୁଇଣ୍ଟାଲ ଚାଉଳ ପ୍ରଶାସନ ନିକଟକୁ ଆସିଥିଲା। ସେଥିମଧ୍ୟରୁ ୪ ହଜାର କୁଇଣ୍ଟାଲ ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରାଯାଇଥିଲା। ଫେବୃଆରୀ ୪ରୁ ଜୁନ୍ ୬ ପର୍ଯ୍ୟନ୍ତ ଶ୍ରୀମନ୍ଦିର ୩ ଦ୍ୱାରଠାରେ ଭକ୍ତଙ୍କୁ ଖେଚୁଡ଼ି ଓ କାନିକା ବଣ୍ଟା ଯାଇଥିଲା। ତେବେ ପାଖାପାଖି ୨୦ କୁଇଣ୍ଟାଲ ବଳକା ଚାଉଳ ଯାହା ଶ୍ରୀମନ୍ଦିର ଉତ୍ତର ଓ ପଶ୍ଚିମ ଦ୍ୱାରଠାରେ ରହିଥିଲା। କିଛି ମାସ ତଳେ ଉକ୍ତ ଚାଉଳକୁ ପ୍ରୋସେସିଂ କରିବାକୁ ନେବା ସମୟରେ ପ୍ରକୃତ ଘଟଣା କ'ଣ ନ ଜାଣି ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଫଳରେ ତାହା ରହିଯାଇଥିଲା। ତେବେ ରବିବାର ଉକ୍ତ ଚାଉଳକୁ ପ୍ରସେସିଂ ନିମନ୍ତେ ମିଲ୍‌କୁ ପଠାଯାଉଛି। ଚାଉଳ ଯଦି ଭଲ ଥିବ, ତେବେ ତାହା ରିପ୍ରୋସେସିଂ ହେବ। ଯଦି ଖରାପ ହୋଇଯାଇଥିବ, ସେଗୁଡ଼ିକୁ ଅଟା କରାଯିବ। ସେଥିରେ ପିଠା ହୋଇ ମହାପ୍ରଭୁଙ୍କୁ ଲାଗି ହେବ। ଅପରପକ୍ଷେ ପ୍ରଶାସନ ନିକଟରେ ଥିବା ଚାଉଳ ତୁରନ୍ତ ପ୍ରୋସେସିଂ କରାଯାଉ ନଚେତ ଅନ୍ୟତ୍ର ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ମହାସୁଆର କହିଛନ୍ତି। ଅନ୍ୟପଟେ ଶନିବାର ଏକ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସୂଚନା ଦେଇଛନ୍ତି, ଅର୍ପଣ ଚାଉଳ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ଖୁବ୍‌ଶୀଘ୍ର ଅର୍ପଣ ଚାଉଳ ସମ୍ପର୍କରେ ସରକାର ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ।

# ୨୦ରୁ ଊର୍ଦ୍ଧ୍ୱ ବର୍ଷହେବ ରାଖୀର ପାଉଣା ଶୁଝୁଛି ଭାଇ



ଅସ୍ତରଙ୍ଗ,୧୮।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

## ମାନସିକ ବିକୃତ ଭଉଣୀଙ୍କ ସେବା କରୁଛନ୍ତି

ଭଉଣୀ-ଭାଇ ସମ୍ପର୍କ ସବୁଠୁ ନିଆରା। ଦୁହେଁ ଦୁହିଁଙ୍କ ସୁଖ ଦୁଃଖର ସାଥୀ ହୋଇଥାନ୍ତି। ଭାଇ ହାତରେ ଭଉଣୀଟିଏ ରାଖୀ ବାନ୍ଧି ତା'ର ସୁଖ ମନାସିଥାଏ। ଭାଇ ମଧ୍ୟ ତା' ସୁନାନାକି ଭଉଣୀର ସୁଖ ଦୁଃଖରେ ଠିଆ ହେବାକୁ ପଣ କରିଥାଏ। ତେବେ ଦୀର୍ଘ ୨୦ ବର୍ଷ ହେବ ଭାଇ ତ୍ରିଲୋଚନ ସ୍ୱାଇଁ(୬୨) ଭଉଣୀ ନୟନା ସ୍ୱାଇଁ(୪୭)ଙ୍କ ରାଖୀ ପାଉଣା ଶୁଝି ଆସୁଛନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ମାନସିକ ବିକାରଗ୍ରସ୍ତ ଭଉଣୀ ସେବା କରି ତାଙ୍କର ସମସ୍ତ ସମୟ ବିତିଯାଉଛି। ଭଉଣୀଙ୍କ ସମସ୍ତ ନିତ୍ୟକର୍ମ ଯଥା- ଦାନ୍ତ ଘସାଇବା, ମୁଣ୍ଡରେ ତେଲ ମାରିବା, ଗାଧୋଇ ଦେବା ଆଦି କାମ କରନ୍ତି। ଏଥିସହ ତାଙ୍କ ଲୁଗାପଟା ମଧ୍ୟ ସଫା କରିଥାନ୍ତି। ଏପରି ଏକ ଘଟଣା ଅସ୍ତରଙ୍ଗ ବ୍ଲକ କୁହୁଡି ଗ୍ରାମରେ ଦେଖିବାକୁ ମିଳିଛି। ତ୍ରିଲୋଚନ ଭଉଣୀ ନୟନାଙ୍କ ବିବାହ ଅସ୍ତରଙ୍ଗ ନିକଟ ବେଗୁନିଆବସ୍ତ ଗ୍ରାମରେ କରିଥିଲେ। ନୟନାଙ୍କ ସ୍ୱାମୀ କିଛି ବର୍ଷ ପରେ ଅନ୍ୟତ୍ର ବିବାହ କରିଥିଲେ। ସେହିଦିନଠାରୁ ନୟନାଙ୍କ ମାନସିକ ସ୍ଥିତି ଖରାପ ହୋଇଯାଇଥିଲା। ସେହିଦିନଠାରୁ ତ୍ରିଲୋଚନ ନୟନାଙ୍କ ସେବାରେ ଲାଗିଛନ୍ତି। ନୟନାଙ୍କ ବୟସ ଯେତେ ବଢୁଛି, ସେ ଅଧିକ ରୋଗାକ୍ରାନ୍ତ ହେଉଛନ୍ତି। ତଥାପି ତାଙ୍କ ସେବା ଯତ୍ନରେ ତ୍ରିଲୋଚନ ଟିକେ ହେଲେ ବି ଅବହେଳା କରିନାହାନ୍ତି। କେବେ ଆଖି ସାମ୍ନାରୁ ଭଉଣୀଙ୍କୁ କୁଆଡ଼େ ଛାଡ଼ନ୍ତି ନାହିଁ। ପ୍ରତିଦିନ ଭଉଣୀଙ୍କ ସେବା ଯତ୍ନ କରିବା ସହ ଚାଷ କାମ କରି ପେଟ ପୋଷିଥାନ୍ତି, ଯାହା ଭଉଣୀ- ଭାଇର ସୁମଧୁର ସମ୍ପର୍କର ଏକ ଉଦାହରଣ।

# ପାଣିଟାଙ୍କି ନିର୍ମାଣ ସରିଛି, ଲୋକେ ପାଉନାହାନ୍ତି ପାଣି

ଯୋଗେଶ୍ୱରପୁର,୧୮।୮
(ରଶ୍ମିରଞ୍ଜନ ସାହୁ)

ପାନୀୟ ଜଳ ବିଭାଗ ପକ୍ଷରୁ ଦୀର୍ଘ ୫ ବର୍ଷ ହେବ ପାଣିଟାଙ୍କି ନିର୍ମାଣ ସରିଥିଲେ ମଧ୍ୟ ୩ଟି ଗ୍ରାମକୁ ପାଇପ୍ ପାଣି ଛଡ଼ାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ପାଣିଟାଙ୍କି ନିର୍ମାଣ ହୋଇଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର, ପାଣିଟାଙ୍କି, ପମ୍ପ ହାଉସ ସହିତ ପାଚେରି ନିର୍ମାଣ ହୋଇ ଗେଟ୍‌ରେ ତାଲା ଝୁଲୁଛି। ଉକ୍ତ ପାଣି ପମ୍ପଟି କାର୍ଯ୍ୟକ୍ଷମ ହୋଇଥିଲେ ମୁରୁଡ଼ା, ଦୁର୍ଗାପୁର, ସୋରଭା, ମହାନ୍ତି ସାହିର ପ୍ରାୟ ୧ ହଜାର ଜନସାଧାରଣ ପାଣି ପାଇବାରେ ଉପକୃତ ହୋଇଥାନ୍ତେ। ଦୁର୍ଗାପୁର ଗ୍ରାମର ବାବୁ ସାହୁ, ଆଲୋକ ସାହୁ, ପର୍ଶୁରାମ ସାହୁ, ସଚିତ୍ର ଜେନା ଅଭିଯୋଗ କରିଛନ୍ତି, ଏହି ୩ ଗ୍ରାମକୁ ମାଟି ତଳେ ପାଇପ ବିଛାଯାଇ ସବୁ କାର୍ଯ୍ୟ ସରିଛି। ହେଲେ ୫ ବର୍ଷ ହେଲା ପାଣି ଯୋଗାଣ ହୋଇନାହିଁ। ଏହାର ପାଚେରି ଫାଟି ଗଲାଣି। ଏଥିସହ ଗେଟ୍‌ରେ କଳଙ୍କି ଲାଗି ଭିତର ପାଖରେ ଅନାବନା ଗଛ ହୋଇ ଏକ ଛୋଟ ଜଙ୍ଗଲ ସୃଷ୍ଟି ହେଲାଣି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।




ଝୁଲଣ ଯାତ୍ରା ଅବସରରେ ପୁରୀ ଶ୍ରୀଜଗନ୍ନାଥ ବଲ୍ଲଭରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଶିଶୁ ଯତ୍ନ, ସୁରକ୍ଷା ପାଇଁ ଶିଶୁଭବନ ରକ୍ଷକଙ୍କୁ ସମ୍ବର୍ଦ୍ଧିତ

ସାକ୍ଷୀଗୋପାଳ,୧୮।୮(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ୍/ଭରତ ରାଉତ)

ସ୍ଥାନୀୟ ଆଚାର୍ଯ୍ୟ ହରିହର ଶିଶୁଭବନ ଗୃହ ରକ୍ଷକ ଲକ୍ଷ୍ମୀଧର ସାହୁଙ୍କୁ ଉତ୍କୃଷ୍ଟ ଶିଶୁଯତ୍ନ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଶିଶୁଯତ୍ନ ଅନୁଷ୍ଠାନରେ ଉତ୍କୃଷ୍ଟ ସେବା, ଯତ୍ନ ଓ ସୁରକ୍ଷା ଦିଗରେ ଦୀର୍ଘ ୩୦ ବର୍ଷ ଧରି କାମ କରୁଥିବାରୁ ସ୍ୱାଧୀନତା ଦିବସରେ ଜିଲା ଶିଶୁ ମଙ୍ଗଳ କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଓ ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ ଲକ୍ଷ୍ମୀଧରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଶିଶୁ ଭବନ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଜିଲା ପ୍ରଶାସନର ଶିଶୁ ମଙ୍ଗଳ କମିଟିକୁ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି।



ଲକ୍ଷ୍ମୀଧର ସାହୁଙ୍କୁ ଉତ୍କୃଷ୍ଟ ଶିଶୁଯତ୍ନ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଉଛି।

# ୧୬ ମାଟ୍ରିକ ଟପ୍ପର ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ପୁରୀ,୧୮।୮(ଅଜିତ୍ କୁମାର ମହାନ୍ତି)

## ସଚେତନ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ସାମାଜିକ ସଂଗଠନ ସଚେତନ ନାଗରିକ ମଞ୍ଚର ୨୬ତମ ବାର୍ଷିକୋତ୍ସବ ସ୍ୱର୍ଗଦ୍ୱାର ନିକଟ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ଡ. ହରିହର ହୋତା, ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଅଧ୍ୟକ୍ଷା ହରପ୍ରିୟା ଦାଶ, ବାର୍ଷିକୋତ୍ସବ କମିଟି ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅଭିମନ୍ୟୁ ଭୂୟାଁ, ସ୍ତମ୍ଭକାର ହରିଶଙ୍କର ମିଶ୍ର, ଜନସଂଗ୍ରାମୀ ସୂର୍ଯ୍ୟ ନାରାୟଣ ରଥ, ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ବିଦ୍ ଅନାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ ଉତ୍ସବରେ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର ମଞ୍ଚ ପରିଚାଳନା ଓ ଉପସ୍ଥାପନା କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୬ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ନାରାୟଣ ଦାଶ, ଉପସଭାପତି ସଚ୍ଚିଦାନନ୍ଦ ଦାଶ, ଲଲାଟେନ୍ଦୁ ମିଶ୍ର, ଉପସଭାପତି ଅଶୋକ ଆଢ଼ିୟ, ତ୍ରିଲୋଚନ ଦାସ, ରାକେଶ ପ୍ରଧାନ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ତନ୍ମୟ ଚାଟାର୍ଜୀ ଧନ୍ୟବାଦ ଦେଇଥିଲେ। ମଞ୍ଚ ସ୍ୱର୍ଗଦ୍ୱାର ଜମି ଦୁର୍ନୀତି, ବିଡିଏ, ସିଡିଏ ଜମି ଦୁର୍ନୀତି, ରତ୍ନଭଣ୍ଡାର ଚାବି ହଜିବା, ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ପ୍ରସଙ୍ଗରେ ସ୍ୱର ଉଠେଇ ଆସିଛି। ପୀଡ଼ିତାଙ୍କୁ ନ୍ୟାୟ ଦେବା ଲାଗି ମଞ୍ଚ କେବେ ପଛଘୁଞ୍ଚା ଦେଇନାହିଁ। ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମଞ୍ଚ ନିଜର ଦାବି ଉପସ୍ଥାପନ କରିଛି ବୋଲି ଅତିଥିମାନେ କହିଥିଲେ।

# ସଚେତନ ନାଗରିକ ପକ୍ଷରୁ ବାର୍ଷିକ ମେଧା ସମ୍ମାନ ଉତ୍ସବ

ଗୋପ,୧୮।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ସଚେତନ ନାଗରିକ ଗୋପ ଶାଖା ପକ୍ଷରୁ ବାର୍ଷିକ ମେଧା ସମ୍ମାନ ଉତ୍ସବ ୨୦୨୪ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ କବି ତଥା ଶିକ୍ଷାବିତ୍ ପୁନେଶ କୁମାର ସେନାପତି ଯୋଗଦେଇ ମାନପତ୍ର ହେଉଛି ଆମମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଏକ ମାର୍ଗ ଦର୍ଶକ ଭାବରେ ପରିଗଣିତ ହେବ ବୋଲି କହିଥିଲେ। ସ୍ମାର୍ଟ ସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ୍, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ପ୍ରଧାପକ ପ୍ରକାଶ ଚନ୍ଦ୍ର ଖଟୋଇ ଓ ସଚେତନ ନାଗରିକ ଗୋପ ଶାଖା ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରାରୋପଣ କରିଥିଲେ। ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ବାଳିକା ବିଦ୍ୟାଳୟ ଛାତ୍ରୀ ସାଇ ସୁମୋଧା ଭୋଳ, ଅଭିପ୍ସା ନନ୍ଦ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଛାତ୍ରୀ ଜ୍ୟୋତିର୍ମୟୀ ସ୍ୱାଇଁ, ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଛାତ୍ରୀ ଅନନ୍ୟା ସେନାପତି, ଦେଶବନ୍ଧୁ ନୋଡାଲ ସ୍କୁଲ ଛାତ୍ରୀ ସ୍ମୃତିରେଖା ପୃଷ୍ଟି, ଛାତ୍ର ଲକ୍ଷ୍ମଣ ବାରିକ୍ ଓ କାକଟପୁର ବ୍ଲକ ମହାଦେବବସ୍ତ ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ଛାତ୍ରୀ ଶ୍ୱେତପଦ୍ମା ତ୍ରିପାଠୀ, ଛାତ୍ର ସତ୍ୟମ ଶୁଭଦର୍ଶୀ ସାହୁଙ୍କୁ ଚଳିତବର୍ଷର ମାଟ୍ରିକ୍ ମେଧାବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋପ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ପରିବାରର ସଦସ୍ୟ ଯୋଗ ଦେଇଥିଲେ।



ବାର୍ଷିକ ମେଧା ସମ୍ମାନ ଉତ୍ସବ ୨୦୨୪ରେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନବ ନିର୍ମିତ ବନମାଳୀ ବ୍ରହ୍ମଚାରୀ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

ନିମାପଡ଼ା,୧୮।୮(ବିଚିତ୍ରାନନ୍ଦ ସାହୁ)

ବନମାଳୀ ବ୍ରହ୍ମଚାରୀ ସ୍ମୃତି ନ୍ୟାସ ପକ୍ଷରୁ ନିମାପଡ଼ାଠାରେ ଏକ ନବ ନିର୍ମିତ ବନମାଳୀ ବ୍ରହ୍ମଚାରୀ ଗୋଷ୍ଠୀକେନ୍ଦ୍ରର ଶୁଭ ଉଦ୍‌ଘାଟନ ଓ ଲୋକାର୍ପଣ ହୋଇଯାଇଛି। ଏହି ଅବସରରେ ଏକ ନାଗରିକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ମୁଖ୍ୟ ଉପଦେଷ୍ଟା ମାଧବ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଭାଜପା ନେତା ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଯୁବନେତା ଅଜୟ ସ୍ୱାଇଁ, ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ସଭାପତି ଭାଗ୍ୟଧର ପ୍ରଧାନ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସମାଜ ହିଁ ଦେଶ ଓ ରାଜ୍ୟର ପଥ ପ୍ରଦର୍ଶକ। ଶିକ୍ଷାକୁ ଆଧାର କରି ଏକ ବିକଶିତ ଓଡ଼ିଶା ଗଠନ କରିବା ଓ ଶିକ୍ଷା ବ୍ୟବସ୍ଥାକୁ ଆଗେଇ ନେବା ଶିକ୍ଷକ ସମାଜର ମୂଳଲକ୍ଷ୍ୟ ଓ ବ୍ରତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗାନ୍ଧିବାଦୀ ନେତା, ଶିକ୍ଷାବିତ୍, ବିଶିଷ୍ଟ ଶିଶୁ ସାହିତ୍ୟିକ ବନମାଳୀ ବ୍ରହ୍ମଚାରୀଙ୍କ ଶିକ୍ଷକ ସମାଜ ପାଇଁ ଦାନ ଓ ତ୍ୟାଗ ଅତୁଳନୀୟ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଭବ୍ୟ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାରୁ ବହୁ ଶିକ୍ଷାବିତ୍, ଶତାଧିକ ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।




ସମାରୋହରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ସମୀର ଦାଶ ଯୋଗଦେଇ ଏହି ନବନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ ଉଦ୍‌ଘାଟନ କରି ଲୋକାର୍ପିତ କରିଥିଲେ।

# ସତ୍ୟବାଦୀ ମଣ୍ଡଳସ୍ତରୀୟ ମେଧା ପ୍ରତିଭା ସମ୍ମାନ

ସାକ୍ଷୀଗୋପାଳ,୧୮।୮(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକସ୍ତରୀୟ ମେଧା ପ୍ରତିଭା ସମ୍ମାନ-୨୦୨୪ ପୁରସ୍କାର ଉତ୍ସବ ରବିବାର ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ସେବା ଟ୍ରଷ୍ଟ ସାକ୍ଷୀଗୋପାଳ ଓ ମହାପାତ୍ର ଚାରିଟେବୁଲ ଟ୍ରଷ୍ଟ, ବୀରଗୋବିନ୍ଦପୁରର ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଉଭୟ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଭୁବନେଶ୍ୱର ଏମ୍ସ ହସ୍ପିଟାଲ ପୂର୍ବତନ ଅଧ୍ୟକ୍ଷ ଡା. ଅଶୋକ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ପୁଷ୍କର ମହାପାତ୍ର, ସମ୍ମାନିତ ଅତିଥି ଶିକ୍ଷାବିତ୍ ଜୟନ୍ତ ତ୍ରିପାଠୀ, ଟ୍ରଷ୍ଟ ସଭାପତି ସୁଦର୍ଶନ ପ୍ରଧାନ, ଉପସଭାପତି ରିତା ତ୍ରିପାଠୀ ପିଲାଙ୍କୁ କଠିନ ପରିଶ୍ରମ ସହ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ସତ୍ୟବାଦୀ ମଣ୍ଡଳସ୍ତରୀୟ ଶିକ୍ଷାକ୍ଷେତ୍ରରେ ଚଳିତବର୍ଷ ୧୦ମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ଉତ୍କର୍ଷତା ହାସଲ କରିଥିବା ୧୦ ଜଣ (୪୧) ଛାତ୍ରୀଛାତ୍ର ଆୟୁଷ୍ମାନ ଦାଶ, ବିନତି ରଥ, ସୌମ୍ୟାଶ୍ରୀ ଦାଶ, ରିଉ ରଥ, ପ୍ରୀତିପ୍ରଜ୍ଞା ନନ୍ଦ, ସୌମ୍ୟ ରଞ୍ଜନ ସ୍ୱାଇଁ, ସସ୍ମିତ ରଞ୍ଜନ ହୋତା, ବିଶ୍ୱପ୍ରକାଶ ବାରିକ୍, ସାଇ ସୋହମ୍ ପ୍ରଧାନ, ସୁଶ୍ରୀ ଶ୍ରୀମନ ମହାପାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ସମ୍ମାନପତ୍ର ସହ ଏକ ଭାଗବତ ଗୀତା ପୁସ୍ତକ ଓ ନଗଦ ୧ ହଜାର ଅର୍ଥ ରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏହି ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଆଗକୁ ଏହି କାର୍ଯ୍ୟକ୍ରମ ଦ୍ୱାରା ଅନ୍ୟ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଅଧିକ ପ୍ରେରଣା ମିଳିବା ସହ ସତ୍ୟବାଦୀରେ (୪୧) ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ଡା. ଅଶୋକ କୁମାର ମିଶ୍ର ପ୍ରକାଶ କରିଥିଲେ। ଟ୍ରଷ୍ଟ ସମ୍ପାଦକ ଆଇନଜୀବୀ ସୁଶାନ୍ତ କୁମାର ରଥ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା କରିଥିଲେ। ଟିଙ୍କିନା ମିଶ୍ର, ରୋଜାଲିନ ମିଶ୍ର, ନୀଳକଣ୍ଠ ବାରିକ୍, ପ୍ରଶାନ୍ତ ନାୟକ, ସୁକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



ମେଧା ପ୍ରତିଭା ସମ୍ମାନ ପାଇଥିବା ଛାତ୍ରୀଛାତ୍ର ଓ ଉପସ୍ଥିତ ଅତିଥିମାନେ।

# ଲଣ୍ଡନର ହୋଟେଲରେ ଏୟାର ଇଣ୍ଡିଆ କ୍ୟାବିନ କ୍ରିଉ ସଦସ୍ୟାଙ୍କୁ ଆକ୍ରମଣ

**ଲଣ୍ଡନ, ୧୮।୮**

ଏୟାର ଇଣ୍ଡିଆର ଜଣେ କ୍ୟାବିନ କ୍ରିଉ ସଦସ୍ୟାଙ୍କୁ ଲଣ୍ଡନର ଏକ ହୋଟେଲ ରୁମ୍ ମଧ୍ୟରେ ଆକ୍ରମଣ କରାଯାଇଛି। ରବିବାର ଏନେଇ ଏୟାରଲାଇନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ହୋଟେଲରେ ବେଆଇନ ଭାବେ ପ୍ରବେଶ କରି ଜଣେ ଦୁର୍ବୃତ୍ତ ଏହି ଘଟଣା ଘଟାଇଛନ୍ତି। ସମ୍ପୂର୍ଣ୍ଣ ଘଟଣାକୁ ନେଇ ଲଣ୍ଡନ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଆକ୍ରମଣର ଶିକାର ହୋଇଥିବା କ୍ରିଉ ସଦସ୍ୟାଙ୍କ ଗୋପନୀୟତାକୁ ଦୃଷ୍ଟିରେ ରଖି ଏୟାରଲାଇନ୍ସ ପକ୍ଷରୁ ତାଙ୍କ ପରିଚୟ ପ୍ରକାଶ କରାଯାଇନାହିଁ। ସ୍ଥାନୀୟ ପୋଲିସ ଓ ହୋଟେଲ କର୍ତ୍ତୃପକ୍ଷଙ୍କ ସହ ଏୟାର ଇଣ୍ଡିଆ ସମ୍ପର୍କରେ ରହିଛି। ମହିଳା କ୍ରିଉ ସଦସ୍ୟାଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯାଉଛି ବୋଲି ଏୟାରଲାଇନ୍ସ କହିଛି। ତେବେ ଉକ୍ତ କ୍ରିଉ ସଦସ୍ୟାଙ୍କ ସହ ବଳାତ୍କାର ହୋଇଥିବାନେଇ କେତେକ ରିପୋର୍ଟ ପ୍ରକାଶ ପାଇଥିବାବେଳେ ଏୟାର ଇଣ୍ଡିଆ ପକ୍ଷରୁ ଏନେଇ ବୟାନ ଦିଆଯାଇନାହିଁ।



ପ୍ରାଣୀହତ୍ୟା ପ୍ରତିବାଦରେ ଲଣ୍ଡନସ୍ଥିତ ବ୍ରିଟେନ୍ ପାର୍ଲାମେଣ୍ଟ ବାହାରେ ଆନିମଲ୍ ରାଇଟ୍ସ ଆକ୍ଟିଭିଷ୍ଟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ସୌଜନ୍ୟ-ଗାର୍ଡିଆନ୍)**

# ୟୁକ୍ରେନ୍ ସୀମାରେ ବେଲାରୁଷୀୟ ସୈନ୍ୟ ଠୁଳ

**ମସ୍କୋ, ୧୮।୮**

ବେଲାରୁଷ ସୀମାରେ ୟୁକ୍ରେନ୍ ୧,୨୦,୦୦୦ରୁ ଊର୍ଦ୍ଧ୍ୱ ସୈନ୍ୟ ମୁତୟନ କରିଛି। ଏହାର ମୁକାବିଲା ପାଇଁ ମିନ୍ସ୍କ ନିଜର ଏକ-ତୃତୀୟାଂଶ ସଶସ୍ତ୍ର ସୈନ୍ୟ ଠୁଳ କରିଛି ବୋଲି ରବିବାର ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅଗଷ୍ଟ ୬ରୁ ଅନେକ ହଜାର ୟୁକ୍ରେନୀୟ ସୈନ୍ୟ ରୁଷୀୟ ଭୂଖଣ୍ଡ କୁର୍ସ୍କ ଭିତରକୁ ଯାଇ ଆକ୍ରମଣ ଜାରି ରଖିଥିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପାଇଁ ଲଜ୍ଜାଜନକ ସ୍ଥିତି ଉପୁଜିଛି। ଏହି ପରିପ୍ରେକ୍ଷୀରେ ପୁଟିନ୍‌ଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଲୁକାଶେଙ୍କୋ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ବେଲାରୁଷର କେତେ ସୈନ୍ୟଙ୍କୁ ମୁତୟନ କରାଯାଇଛି ସେନେଇ ଲୁକାଶେଙ୍କୋ ନିର୍ଦ୍ଦିଷ୍ଟ ସଂଖ୍ୟା କହିନାହାନ୍ତି। ବେଲାରୁଷ ସେନାରେ ପ୍ରାୟ ୪୮,୦୦୦ ସୈନ୍ୟ ଏବଂ ୧୨,୦୦୦ ସୀମା ସୁରକ୍ଷା ବଳ ରହିଥିବା ବିଷୟ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍ ପକ୍ଷରୁ ୨୦୨୨ରେ କରାଯାଇଥିବା ଏକ ସାମରିକ ସନ୍ତୁଳନ ସମୀକ୍ଷାରୁ ଜଣାପଡ଼ିଛି। ଇତିମଧ୍ୟରେ ଶନିବାର ୱାଶିଂଟନ୍ ପୋଷ୍ଟରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ୟୁକ୍ରେନ୍ ଓ ରୁଷିଆ ଉଭୟ ପକ୍ଷର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ ପାଇଁ ଚଳିତ ମାସରେ କାତାରକୁ ନିଜ ନିଜ ପ୍ରତିନିଧି ଦଳ ପଠାଇବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ରୁଷିଆ ଉକ୍ତ ରିପୋର୍ଟର ଦାବିକୁ ରବିବାର ଖଣ୍ଡନ କରିଛି।

# ଆଇଏଏସ୍‌ର ଘରୋଇକରଣ ସଂରକ୍ଷଣ ବନ୍ଦ ପାଇଁ ମୋଦିଙ୍କ ଗ୍ୟାରେଣ୍ଟି: ରାହୁଲ

**ନୂଆଦିଲ୍ଲୀ, ୧୮।୮ (ପି.ଟି.)**

କେନ୍ଦ୍ର ସରକାର ଲାଟେରାଲ ଏଣ୍ଟ୍ରି ଜରିଆରେ ଅମଲାମାନଙ୍କୁ ନିଯୁକ୍ତି ଦେବା ରାଷ୍ଟ୍ର ବିରୋଧୀ ପଦକ୍ଷେପ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ରହିଥିବା ସଂରକ୍ଷଣକୁ ଖୋଲାଖୋଲି ଭାବେ ଛଡ଼ାଇ ନିଆଯାଉଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି) ପରିବର୍ତ୍ତେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜରିଆରେ ଅଫିସରମାନଙ୍କୁ ନିଯୁକ୍ତି ଦିଆଯାଉଥିବା କହି ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ରାଷ୍ଟ୍ର ବିରୋଧୀ ପଦକ୍ଷେପକୁ ଇଣ୍ଡିଆ ବ୍ଲକ୍ ଦୃଢ଼ ବିରୋଧ କରିବ। ଆଇଏଏସ୍‌ର ଘରୋଇକରଣ ସଂରକ୍ଷଣ ବ୍ୟବସ୍ଥା ଶେଷ କରିବାକୁ ମୋଦିଙ୍କ ଗ୍ୟାରେଣ୍ଟି ବୋଲି ରାହୁଲ କହିଛନ୍ତି।

୧୦ ଯୁଗ୍ମ ସଚିବ ଏବଂ ୩୫ଟି ନିର୍ଦ୍ଦେଶକ ଅଥବା ଉପସଚିବ ପଦବୀ ଠିକା ଭିତ୍ତିରେ ଲାଟେରାଲ ଏଣ୍ଟ୍ରି ମୋଡ୍‌ରେ ପୂରଣ କରାଯିବ ବୋଲି ଶନିବାର ୟୁପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀଗୁଡ଼ିକରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍), ଭାରତୀୟ ଜଙ୍ଗଲ ସେବା (ଆଇଏଫ୍‌ଓଏସ୍) ଏବଂ ଗ୍ରୁପ୍ ଏ ସର୍ଭିସର ଅଫିସରମାନେ ନିଯୁକ୍ତ ହୋଇଥାନ୍ତି। ବିଭିନ୍ନ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଲାଟେରାଲ ଏଣ୍ଟ୍ରି ଜରିଆରେ ନିଯୁକ୍ତି ଦିଆଯିବା



ଦ୍ୱାରା ଅନୁସୂଚିତ ଜାତି, ଜନଜାତି ଏବଂ ଓବିସିଙ୍କ ପାଇଁ ଥିବା ସଂରକ୍ଷଣକୁ ଛଡ଼ାଇ ନିଆଯାଉଛି। ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହେଉଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ଅଧିକାରକୁ ଲୁଣ୍ଠନ କରାଯାଉଛି। ଏହା ଅବହେଳିତଙ୍କ ପାଇଁ ଥିବା ସଂରକ୍ଷଣ ସମେତ ସାମାଜିକ ନ୍ୟାୟ ଧାରଣା ଉପରେ ଆକ୍ରମଣ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଅଳ୍ପ କେତେଜଣ କର୍ପୋରେଟ୍ ପ୍ରତିନିଧି ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀରେ ବସିବାକୁ ଯାଉଛନ୍ତି। ଏକ ଘରୋଇ ସେକ୍ଟର ବ୍ୟକ୍ତି ପ୍ରଥମ ଥର ସେବି ଅଧ୍ୟକ୍ଷ ହୋଇ ବିବାଦରେ ଛନ୍ଦି ହୋଇଥିବା ମାଧବୀ ବୁଚ୍‌ଙ୍କୁ ଲକ୍ଷ୍ୟ କରି ରାହୁଲ କହିଛନ୍ତି।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାହୁଲଙ୍କ ସମାଲୋଚନାର ଜବାବ ଦେଇଛନ୍ତି। ନିଜ ଏକ୍ସ ହ୍ୟାଣ୍ଡେଲରେ ଅଶ୍ୱିନୀ ଲେଖିଛନ୍ତି, ଅମଲାତନ୍ତ୍ରରେ ଲାଟେରାଲ ଏଣ୍ଟ୍ରିର ପରିକଳ୍ପନା ଉପା ସରକାର ଅମଳରେ କରାଯାଇଥିଲା। ଏନ୍‌ଡିଏ ସରକାର ସେଥିରେ ସଂସ୍କାର ଆଣି ନୂଆ ବ୍ୟବସ୍ଥା କରିଥିବାବେଳେ କଂଗ୍ରେସର ସମାଲୋଚନା କପଟତାପୂର୍ଣ୍ଣ।

# ବିମାନବାହୀ ଜାହାଜରେ ନିଆଁ



**ବେଜିଂ, ୧୮।୮**

ଚାଇନାର ଜିଆଙ୍ଗସୁ ପ୍ରଦେଶସ୍ଥିତ ୟାଙ୍ଗଜେ ନଦୀ ନିକଟରେ ରବିବାର ମିନସ୍କ ନାମକ ଏକ ପୁରାତନ ବିମାନ ବାହକରେ ନିଆଁ ଲାଗିଥିଲା। ଦୀର୍ଘ ସମୟ ଧରି ନିଆଁ ଜଳିବା ପରେ ସ୍ଥାନୀୟ ପ୍ରଶାସନ ଓ ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବାବେଳେ ଘଟଣାକୁ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ସୋଭିଏତ ଅମଳରେ ଯୁଦ୍ଧ ପାଇଁ ବ୍ୟବହୃତ ଏହି ବିମାନ ୧୯୯୫ରେ ଅବସର ନେଇଥିଲା। ଅବସର ପରେ ଏହା କୋରିଆର ଏକ କମ୍ପାନୀକୁ ବିକ୍ରି ହୋଇଥିଲା ଏବଂ ପରେ ଚାଇନାର ଏକ କମ୍ପାନୀ ଏହି ବିମାନ ବାହକକୁ କିଣିଥିଲା। ଚାଇନାର ଶେନ୍‌ଝେନ୍ ସହରର ସାମରିକ ଥିମ ପାର୍କରେ ମିନସ୍କକୁ ଦୀର୍ଘ ସମୟ ଧରି ରଖାଯାଇଥିଲା। ୨୦୧୬ରେ ଉକ୍ତ ବିମାନ ବାହକକୁ ଚାଇନାର ନାନ୍‌ତଙ୍ଗ ସହରକୁ ଅଣାଯାଇଥିଲା।

# ବିହାର ମଦ୍ରାସାରେ ମୌଳବାଦୀ ପାଠ୍ୟକ୍ରମ: ଜାତିସଂଘ ତଦନ୍ତ ଦାବି

**ନୂଆଦିଲ୍ଲୀ, ୧୮।୮ (ପି.ଟି.)**

ବିହାରରେ ସରକାରୀ ପାଣ୍ଠିରେ ଚାଲୁଥିବା ମଦ୍ରାସାଗୁଡ଼ିକରେ ମୌଳବାଦୀ ପାଠ୍ୟକ୍ରମ ଏବଂ ହିନ୍ଦୁ ପିଲାମାନଙ୍କୁ ନାମ ଲେଖାଇବାକୁ ନେଇ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଅଧ୍ୟକ୍ଷ ପ୍ରିୟଙ୍କ କାନୁନ୍‌ଗୋ ରବିବାର ଗମ୍ଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ମଦ୍ରାସାଗୁଡ଼ିକ ପାଇଁ ଏଭଳି ପାଠ୍ୟକ୍ରମ ପ୍ରସ୍ତୁତିରେ ୟୁନିସେଫ୍ ସାମିଲ ଘଟଣାକୁ ନେଇ ପ୍ରିୟଙ୍କ ପ୍ରଶ୍ନ ଉଠାଇଛନ୍ତି। ଏହା ଉଭୟ ୟୁନିସେଫ୍ ଏବଂ ମଦ୍ରାସା ବୋର୍ଡର ତୁଷ୍ଟୀକରଣ ନୀତି। ଜାତିସଂଘ ଏହାର ତଦନ୍ତ କରିବା ସହ ମଦ୍ରାସା ବୋର୍ଡକୁ ଭାଙ୍ଗିଦେବା ପାଇଁ ଏନ୍‌ସିପିସିଆର୍ ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି।

# ବଜାରରେ ସିମେଣ୍ଟ ତିଆରି ରସୁଣ



**ଅକୋଲା, ୧୮।୮**

ମହାରାଷ୍ଟ୍ରର ଅକୋଲା ଜିଲାରୁ ସିମେଣ୍ଟରେ ତିଆରି ନକଲି ରସୁଣ ବିକ୍ରି ହେଉଥିବାର ଏକ ଘଟଣା ରବିବାର ସାମ୍ନାକୁ ଆସିଛି। ସହରର ବାଜୋରିଆ ନଗର ଅଞ୍ଚଳରେ ସୁଭାଷ ପାଟିଲ ନାମକ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏହି ଠକାମିର ଶିକାର ହୋଇଛନ୍ତି। ସେ ରବିବାର ଏକ ପରିବା ଦୋକାନରୁ ୨୫୦ ଗ୍ରାମର ରସୁଣ କିଣିଥିଲେ। ତେବେ ଘରକୁ ଆସିବା ପରେ ସୁଭାଷଙ୍କ ସ୍ତ୍ରୀ ଉକ୍ତ ରସୁଣଗୁଡ଼ିକର ଖୋଳପା ଛଡ଼ାଇବା ପରେ ଯାହା ଦେଖିଥିଲେ ବିଶ୍ୱାସ କରିପାରି ନ ଥିଲେ। ସୁଭାଷ କିଣିଥିବା କେତେକ ରସୁଣର ଧଳା ଖୋଳପା କାଢ଼ିବା ପରେ ସେଥିମଧ୍ୟରୁ ସିମେଣ୍ଟ ପଥର ବାହାରିଥିଲା।


କମଳା ହାରିସ୍

# ହାରିସ୍‌ଙ୍କଠାରୁ ମୁଁ ଅଧିକ ସୁନ୍ଦର: ଟ୍ରମ୍ପ୍


ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ୍, ୧୮।୮**

ଆମେରିକାର ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ କମଳା ହାରିସ୍‌ଙ୍କୁ ପୁଣି ବ୍ୟକ୍ତିଗତ ଭାବେ ଟାର୍ଗେଟ କରିଛନ୍ତି। ଉପରାଷ୍ଟ୍ରପତିଙ୍କ ଚେହେରାକୁ ନ୍ୟୂନ ଦର୍ଶାଇବାକୁ ଯାଇ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ହାରିସ୍‌ଙ୍କ ତୁଳନାରେ ସେ ଅଧିକ ଭଲ ଦେଖାଯାଆନ୍ତି। ନିକଟରେ ଟାଇମ୍ ମାଗାଜିନ୍ ପ୍ରଚ୍ଛଦରେ ୫୯ ବର୍ଷୀୟା ଉପରାଷ୍ଟ୍ରପତି ହାରିସ୍‌ଙ୍କ ଫଟୋ ପ୍ରକାଶ ପାଇଥିଲା। ୭୮ ବର୍ଷୀୟ ଟ୍ରମ୍ପ୍ ପାନ୍‌ସିଲଭାନିଆର ଏକ ରାଲିରେ ଏହି ଅଳଙ୍କରଣକୁ ସମାଲୋଚନା କରି କହିଛନ୍ତି, ଟାଇମ୍ ମାଗାଜିନ୍ ହାରିସ୍‌ଙ୍କ ପ୍ରତି ଅଧିକ ସହାନୁଭୂତିଶୀଳ ହୋଇଯାଇଛି। ମାଗାଜିନ୍ ନିକଟରେ ହାରିସ୍‌ଙ୍କ କୌଣସି ଫଟୋ ନାହିଁ। ତେଣୁ ସେମାନେ ତାଙ୍କର ଏକ ଅବିଶ୍ୱସନୀୟ ଚିତ୍ର ଆଙ୍କିଛନ୍ତି। ସେମାନେ ହାରିସ୍‌ଙ୍କ ଅନେକ ଫଟୋ ନେଇଥିଲେ। କିନ୍ତୁ ସେଗୁଡ଼ିକ ଭଲ ଦେଖା ନ ଯିବାରୁ ଜଣେ ସ୍କେଚ୍ ଆର୍ଟିଷ୍ଟଙ୍କୁ ଅର୍ଥ ଦେଇ ଏହି କାମ କରାଇଛନ୍ତି। ରାଲିକୁ ଟ୍ରମ୍ପ୍ ପ୍ରାୟ ୨ ଘଣ୍ଟା ଧରି ସମ୍ବୋଧନ ବେଳେ ରାଷ୍ଟ୍ରପତି ପ୍ରାର୍ଥୀ ହାରିସ୍‌ଙ୍କ ଆର୍ଥିକ ନୀତିକୁ କଡ଼ା ସମାଲୋଚନା କରିଥିଲେ। ସେହିପରି ନଭେମ୍ବର ୫ରେ ହେବାକୁ ଥିବା ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଥିବା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ମଧ୍ୟ ସେ ଟାର୍ଗେଟ କରିଥିଲେ। ପେନ୍‌ସିଲଭାନିଆର ୧୯ ଇଲେକ୍ଟୋରାଲ କଲେଜ ଥିବାବେଳେ ଏହି ରାଜ୍ୟ ରାଷ୍ଟ୍ରପତି ନିର୍ବାଚନରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଏଠାରେ ଟ୍ରମ୍ପ୍ ୨୦୧୬ରେ ସାମାନ୍ୟ ଉପରକୁ ଉଠିଥିବାବେଳେ ୨୦୨୦ ନିର୍ବାଚନ ବେଳେ ବାଇଡେନ୍‌ଙ୍କଠାରୁ ହାରିଯାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ୨୦ରେ ସୁପ୍ରିମକୋର୍ଟରେ ...

କରାଯାଇଥିଲା। ଅପରାଧୀଙ୍କୁ ସୁରକ୍ଷା ଦେବାରେ ପୋଲିସ ସମ୍ପୃକ୍ତ ଥିବା ରାଜ୍ୟର ବିରୋଧୀ ଦଳ ଭାଜପା ଅଭିଯୋଗ ଆଣିଥିଲା। ଗତ ବୁଧବାର ମଧ୍ୟରାତ୍ରରେ ଆର୍.ଜି. କର ମେଡିକାଲ କଲେଜ ହସ୍ପିଟାଲରେ ଆକ୍ରମଣ ଦଳର ଅଭିଯୋଗକୁ ପୁଷ୍ଟ କରିଥିଲା। ପ୍ରମାଣ ନଷ୍ଟ ପାଇଁ ଏହି ଆକ୍ରମଣ କରାଯାଇଥିବା ଭାଜପା କହିଥିଲା। ମୃତା ଡାକ୍ତରଙ୍କ ଭିସେରାକୁ କୋଲକାତା ପୋଲିସ ବଦଳାଇବା ସହ ଅନ୍ୟାନ୍ୟ ପ୍ରମାଣରେ ଜାଲିଆତି କରିଥିବା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ରବିବାର ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୯ ତାରିଖ ବିଳମ୍ବିତ ରାତିରେ ୩୧ ବର୍ଷୀୟା ପିଜି ଡାକ୍ତରୀ ଛାତ୍ରୀ ଜଣଙ୍କ ଡ୍ୟୁଟି ସାରି ସେମିନାର ରୁମ୍‌କୁ ଶୋଇବା ପାଇଁ ଯାଇଥିଲେ। ପରଦିନ ସକାଳେ ଉକ୍ତ ରୁମ୍‌ରୁ ତାଙ୍କର ଅର୍ଦ୍ଧନଗ୍ନ କ୍ଷତାକ୍ତ ମୃତଦେହ ମିଳିଥିଲା। କୋଲକାତା ପୋଲିସରେ ଭଲ୍ୟୁଣ୍ଟର ଭାବେ କାର୍ଯ୍ୟ କରୁଥିବା ସଞ୍ଜୟ ରାୟଙ୍କୁ ପ୍ରଥମେ ସନ୍ଦେହ କରାଯାଇଥିଲା। କାରଣ ସଞ୍ଜୟଙ୍କର ଉକ୍ତ ମେଡିକାଲ କଲେଜ ହସ୍ପିଟାଲର ସବୁ ବିଭାଗରେ ଅବାଧ ପ୍ରବେଶ ଥିଲା। ସିସିଟିଭି ଫୁଟେଜ୍ ଆଧାରରେ ସଞ୍ଜୟଙ୍କୁ ଗିରଫ କରାଯାଇଥିଲା।

### ଭୁବନେଶ୍ୱର ପରେ ...



ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ପୋଲିସ କହିଛି, ରାଜୁ ଉକ୍ତ ଘରକୁ ୮ ହଜାର ଟଙ୍କାରେ ୨୦୨୩ ଡିସେମ୍ବରରୁ ଭଡ଼ାରେ ନେଇଥିଲେ। କପଡା ବ୍ୟବସାୟ କରିବେ ବୋଲି ମାଲିକଙ୍କୁ କହିଥିଲେ। ଫୋନ୍‌ପେ ଜରିଆରେ ଘର ଭଡ଼ା ଦେଉଥିଲେ। ତେବେ ଏହି ର୍ୟାକେଟ ଚଳାଇଥିବା ମାଷ୍ଟରମାଇଣ୍ଡ ବାଂଲାଦେଶର ଆଶାଦ୍ଦୁର ଜମାନ୍ ଗତବର୍ଷ ଡିସେମ୍ବରରେ କଟକ ଆସିଥିଲେ। ସେ ଉକ୍ତ ଘରେ ସିମ୍ ବକ୍ସ ସେଟ୍‌ଅପ୍ କରିବା ସହ ରାଜୁଙ୍କୁ ଏହାର ମେଣ୍ଟେନାନ୍ସ ଦାୟିତ୍ୱରେ ରଖିଥିଲେ। ଆଶାଦ୍ଦୁର ଗତବର୍ଷ ଅକ୍ଟୋବରରେ ଭାରତରୁ ଭିସା ନେଇଥିବା ବେଳେ ଏହାର ବୈଧତା ଆଗାମୀ ଅକ୍ଟୋବର ୨୪ ତାରିଖ ଯାଏ ରହିଛି। ଭିସା ପାଇବା ପରେ ଅକ୍ଟୋବର ୨୧ରେ ଆଶାଦ୍ଦୁର ଅଗରତାଲା ଦେଇ ଭାରତ ଆସିବା ସହ ଭୁବନେଶ୍ୱର, କଟକରେ ଏଭଳି ସିମ୍ ବକ୍ସ ସେଟ୍ କରି ଡିସେମ୍ବର ୨୪ରେ ହରିଦାସପୁର-ପଶ୍ଚିମବଙ୍ଗ ଦେଇ ବାଂଲାଦେଶ ଫେରିଯାଇଥିଲେ। ମାଷ୍ଟରମାଇଣ୍ଡ ଆଶାଦ୍ଦୁରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଜେଣ୍ଟ ରାଜୁ ପଶ୍ଚିମବଙ୍ଗ ଉତ୍ତର୨୪ ପ୍ରାଗଣାରୁ ସପ୍ତାହରେ ଥରେ ଓଡ଼ିଶା ଆସି ସିମ୍‌ବକ୍ସର ତଦାରଖ କରୁଥିଲେ। ସିମବକ୍ସରେ ଇଣ୍ଟରନେଟ୍ ସଂଯୋଗ, ବିଦ୍ୟୁତ ସଂଯୋଗ ଆଦି ଦେଖି ସେ ପୁଣି ଚାଲିଯାଉଥିଲେ। ତେବେ ସିମ୍ ବକ୍ସ ଯାଞ୍ଚ ବେଳେ ଭିନ୍ନ ଭିନ୍ନ ଡିଭାଇସ୍‌ରେ ପାକିସ୍ତାନ, ଆଫଗାନିସ୍ତାନ, ମିଆଁମାର ଭଳି ଦେଶର ଆଇଏସ୍‌ଡି କୋଡ୍ ଷ୍ଟିକରିଂ ହୋଇଥିବା ଦେଖିବାକୁ ମିଳିଛି। ତେଣୁ ଉକ୍ତ ଦେଶରୁ ଆତଙ୍କୀ ଲିଙ୍କ୍‌ରେ କଲ୍ ଆସୁଥିଲା ବୋଲି ପୋଲିସ ସନ୍ଦେହ କରୁଛି। ରିମାଣ୍ଡ ସମୟରେ ରାଜୁଙ୍କଠାରୁ ଏପରି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଯୋଜନା କରିଛି।

**ବାଂଲାଦେଶରୁ ହାୱାଲା ଜରିଆରେ ଆସୁଥିଲା ନଗଦ ଟଙ୍କା**

ସିମ୍‌ବକ୍ସ କାରବାରରେ ଆଉ ଏକ ବଡ଼ ରହସ୍ୟ ପଦାକୁ ଆସିଛି। ମାଷ୍ଟରମାଇଣ୍ଡ ଆଶାଦୁର୍ ବାଂଲାଦେଶରୁ ହାୱାଲା ଜରିଆରେ ଭାରତକୁ ନଗଦ ଟଙ୍କା ପଠାଉଥିଲେ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ବାଂଲାଦେଶ ସୀମାରେ କିଛି ଦୋକାନୀ ଏହି ହାୱାଲା କାରବାର କରୁଛନ୍ତି। ଉକ୍ତ ଟଙ୍କା ମାଷ୍ଟରମାଇଣ୍ଡଠାରୁ ହାୱାଲା ଜରିଆରେ ଆସିବା ପରେ ରାଜୁ ତାହାକୁ ନେଇ ଚଳୁଥିଲେ। ତେଣୁ ପଶ୍ଚିମବଙ୍ଗ ପୋଲିସ ସହାୟତା ନେଇ ଏହି କାରବାରର ଖୁଲାସା କରାଯିବା ସହ ଆବଶ୍ୟକ ପଡ଼ିଲେ ଏନ୍‌ଆଇଏ ଓ ଇଣ୍ଟରପୋଲ୍‌ର ସହାୟିତା ନିଆଯିବ ବୋଲି ସିଂ କହିଛନ୍ତି। ତେବେ ଆଶାଦ୍ଦୁର୍ କେବଳ ଓଡ଼ିଶାରେ ନା ଭାରତର ଆଉ କେଉଁ ରାଜ୍ୟରେ ଏଭଳି ଏଜେଣ୍ଟ ରଖି ସିମ୍ ବକ୍ସ ର୍ୟାକେଟ ଚଳାଇଥିଲେ ତାହାର ମଧ୍ୟ ଖୋଳତାଡ଼ ଚାଲିଥିବା ସୂଚନା ମିଳିଛି।

### ବସ୍ ଭିତରେ ନାବାଳିକାଙ୍କୁ...

ଉତ୍ତରପ୍ରଦେଶର ମୋରାଦାବାଦ ଜିଲାରେ। ସେ ବସ୍ ଟର୍ମିନାଲରେ ବସି କାନ୍ଦୁଥିବା ଜଣେ ଗାର୍ଡ ଦେଖିବା ପରେ ରାଜ୍ୟ ଶିଶୁ କଲ୍ୟାଣ ବିଭାଗ (ସିଡବ୍ଲୁସି)କୁ ଜଣାଇଥିଲେ। ସିଡବ୍ଲୁସି ତାଙ୍କୁ ହେପାଜତକୁ ନେଇଛି। ପୀଡ଼ିତା ଜଣଙ୍କ ଗଣବଳାତ୍କାର ସମ୍ପର୍କରେ ସିଡବ୍ଲୁସିକୁ ଜଣାଇଥିଲେ।

ଅନ୍ୟ ଏକ ଘଟଣାରେ ବେଙ୍ଗାଲୁରୁର ଜଣେ କଲେଜ ଛାତ୍ରୀଙ୍କୁ ରବିବାର ଭୋର ସମୟରେ ଜଣେ ଅଜଣା ବାଇକ୍ ଆରୋହୀ ଲିଫ୍ଟରେ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡ଼ିତା ଜଣକ ସିଟି କଲେଜର ଶେଷବର୍ଷ ଡିଗ୍ରୀ ଛାତ୍ରୀ। ସେ କୋରାମଙ୍ଗଲଠାରେ ଏକ ଗେଟ୍-ଟୁଗେଦର କାର୍ଯ୍ୟକ୍ରମରେ ଯୋଗଦେଇ ହେବାଗୋଡ଼ିସ୍ଥିତ ଘରକୁ ଫେରୁଥିଲେ ବୋଲି ଅତିରିକ୍ତ ପୋଲିସ କମିଶନର (ପୂର୍ବାଞ୍ଚଳ) ରମଣ ଗୁପ୍ତା କହିଛନ୍ତି। ପୀଡ଼ିତା ଯେଉଁ ବାଇକ୍ ଆରୋହୀଙ୍କ ସହ ଲିଫ୍ଟରେ ଯାଇଥିଲେ, ସେ ତାଙ୍କୁ ଆକ୍ରମଣ କରିବା ସହ ବଳାତ୍କାର କରିଥିଲେ। ପୋଲିସ ବଳାତ୍କାର ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ୫ ଜଣିଆ ପୋଲିସ ଟିମ୍ ତଦନ୍ତ ଜାରି ରଖିଛି ଓ ଖୁବ୍‌ଶୀଘ୍ର ଅପରାଧୀ ଗିରଫ ହେବେ ବୋଲି ଗୁପ୍ତା କହିଛନ୍ତି।

ସେହିପରି ମଧ୍ୟପ୍ରଦେଶର ଶାହଡୋଲ ଜିଲାରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ୬୯ ବର୍ଷୀୟଙ୍କୁ ଗିରଫ କରାଯାଇଛି। ଗତ ୧୪ ତାରିଖରେ ବେଓହାରି ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟାଙ୍କୁ ଘରେ ଏକୁଟିଆ ପାଇ ବୃଦ୍ଧ ଜଣଙ୍କ ବଳାତ୍କାର କରିଥିଲେ। ପରଦିନ ଏନେଇ ପୋଲିସରେ ଅଭିଯୋଗ ହୋଇଥିଲା। ଭାରତୀୟ ନ୍ୟାୟ ସଂହିତା ଏବଂ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଆଇନର ବିଭିନ୍ନ ଦଫାରେ ବୃଦ୍ଧଙ୍କ ନାଁରେ ମାମଲା ରୁଜୁ ହେବା ସହ ତାଙ୍କୁ ଗିରଫ କରାଯାଇଛି।

ଆଉ ଏକ ଘଟଣା ମୁମ୍ବାଇର ସିଅନ୍ ହସ୍ପିଟାଲରେ ଶନିବାର ବିଳମ୍ବିତ ରାତିରେ ଜଣେ ମହିଳା ରେସିଡେଣ୍ଟ ଡାକ୍ତରଙ୍କୁ ଜଣେ ମଦ୍ୟପ ରୋଗୀ ଓ ତାଙ୍କ ପରିବାର ସଦସ୍ୟମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଉକ୍ତ ହସ୍ପିଟାଲ ବାହାରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷରୁ ରୋଗୀଙ୍କ ଓଠ ଓ ନାକରେ କ୍ଷତ ହୋଇଥିଲା। ଆଶୁ ଚିକିତ୍ସା ୱାର୍ଡରେ ଚିକିତ୍ସା କଲାବେଳେ ଅତ୍ୟଧିକ ଯନ୍ତ୍ରଣା ହେବାରୁ ସେ ଡାକ୍ତରଙ୍କୁ ଗାଳି ଦେଇଥିଲେ। ନିୟମ ଅନୁଯାୟୀ ଅଧିକ ପରୀକ୍ଷା ନିମନ୍ତେ ତାଙ୍କୁ ଇଏନ୍‌ଟି ବିଭାଗକୁ ପଠାଯାଇଥିଲା। ସେଠାରେ ମହିଳା ଡାକ୍ତର ଜଣଙ୍କ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ବ୍ୟାଣ୍ଡେଜ୍ ଖୋଲିବାରୁ ରୋଗୀଙ୍କୁ ଅତ୍ୟଧିକ ଯନ୍ତ୍ରଣା ହୋଇଥିଲା। ଡାକ୍ତର ପ୍ରେସ୍କ୍ରିପ୍‌ଶନ ଲେଖିବା ବେଳେ ରୋଗୀଙ୍କ ସମ୍ପର୍କୀୟମାନେ ତାଙ୍କ ସହ ପାଟିତୁଣ୍ଡ କରିବା ସହ ଗଜ୍ କପଡ଼ା ଫିଙ୍ଗିଥିଲେ। ସେମାନଙ୍କ ଆକ୍ରମଣରେ ମହିଳା ଡାକ୍ତରଙ୍କ ହାତରେ ଆଞ୍ଚୁଡ଼ା ଦାଗ ହୋଇଥିବା ଦେଖାଯାଇଛି। ପୋଲିସ ଡାକ୍ତରଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତ ରୋଗୀ ଓ ସମ୍ପର୍କୀୟଙ୍କ ନାଁରେ ମାମଲା ରୁଜୁ କରିଛି।

### ଆଜି ଦୃଶ୍ୟମାନ ...

ଦ୍ୱିତୀୟ ପ୍ରକାରର ବ୍ଲୁ ମୁନ୍ ମାସଭିତ୍ତିକ ହୋଇଥାଏ। ଯେତେବେଳେ ଗୋଟିଏ ମାସରେ ୨ଟି ପୂର୍ଣ୍ଣିମା ପଡ଼ିଥାଏ, ସେତେବେଳେ ଦ୍ୱିତୀୟ ପୂର୍ଣ୍ଣିମାକୁ ମାସଭିତ୍ତିକ ବା 'ମନ୍ଥଲି ବ୍ଲୁ ମୁନ୍' କୁହାଯାଏ। ପ୍ରଥମ ଥର ପାଇଁ ୧୫୨୮ରେ 'ମନ୍ଥଲି ବ୍ଲୁ ମୁନ୍' ଦେଖାଯାଇଥିବା ନେଇ ନାସା ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୧୯୪୦ରୁ ଗୋଟିଏ ମାସରେ ଦ୍ୱିତୀୟ ପୂର୍ଣ୍ଣିମା ଥିବା ଦିନକୁ ମଧ୍ୟ ବ୍ଲୁ ମୁନ୍ କୁହାଯାଉଛି।

ଗବେଷକମାନେ କହିଛନ୍ତି ଏହି ବିରଳ 'ସୁପର ବ୍ଲୁ ମୁନ୍' ପୂରା ବିଶ୍ୱରେ ଦେଖିବାକୁ ମିଳିବ। ବିଶ୍ୱବ୍ୟାପୀ ଅଗଷ୍ଟ ୧୮ରୁ ୨୦ ମଧ୍ୟରେ ଅଲଗା ଅଲଗା ସମୟରେ 'ସୁପର ବ୍ଲୁ ମୁନ୍'କୁ ଦେଖାଯାଇପାରିବ। ଭାରତରେ ଏହା ସୋମବାର ରାତ୍ରି ୧୧.୫୬ରୁ ମଙ୍ଗଳବାର ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଦେଖିବାକୁ ମିଳିବ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, 'ସୁପର ବ୍ଲୁ ମୁନ୍'କୁ ଦେଖିବା ପାଇଁ ଏପରି ସ୍ଥାନ ବାଛିବା ଆବଶ୍ୟକ, ଯେଉଁଠାରୁ ଆକାଶ ସଫା ଦେଖାଯାଉଥିବ ଏବଂ ବାୟୁ ପ୍ରଦୂଷଣର ମାତ୍ରା କମ୍ ଥିବ। ସହରର ଆଲୋକରୁ ଦୂରରେ ରହିଲେ ଏହା ଅଧିକ ସ୍ପଷ୍ଟ ଦେଖାଯିବ ବୋଲି ନାସାର ଅବସରପ୍ରାପ୍ତ ବୈଜ୍ଞାନିକ ଗାର୍ଡନ ଜନଶନ୍ କହିଛନ୍ତି। ଯଦିଓ ଖାଲିଆଖିରେ ସୁପର ମୁନ୍‌କୁ ଦେଖାଯାଇପାରିବ ତେବେ ଦୂରବୀକ୍ଷଣ ଯନ୍ତ୍ର କିମ୍ବା ବାଇନାକୁଲାର ଜରିଆରେ ଚନ୍ଦ୍ରପୃଷ୍ଠର ଏହି ବିରଳ ଦୃଶ୍ୟକୁ ଦେଖିବାକୁ ସେ ପରାମର୍ଶ ଦେଇଛନ୍ତି।

### ସମ୍ପତ୍ତି ଲୋଭରେ...

କୁମାର ଶର୍ମାଙ୍କ ସହ ସନ୍ଦୀପଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ନିଜ ସ୍ତ୍ରୀଙ୍କଠାରୁ ଅଲଗା ହେବା ପରେ ଶ୍ରୀୟାଙ୍କୁ ସେ ସ୍ତ୍ରୀ ଭାବେ ଗ୍ରହଣ କରି ପ୍ରାୟ ୩ ମାସ ହେଲା ବ୍ରହ୍ମପୁର ଆଣି ଘରେ ରଖିଥିଲେ। ଉଭୟେ ଅଧିକାଂଶ ସମୟ ନିଶାସକ୍ତ ହୋଇ ଗରିବବନ୍ଧୁଙ୍କୁ ଗାଳିଗୁଲଜ କରିବା ସହ ମାର୍‌ପିଟ କରୁଥିଲେ। ବାପା କାଳେ ସମ୍ପତ୍ତି ଅନ୍ୟ କାହା ନାମରେ କରିଦେବେ ସନ୍ଦୀପ ଆଶଙ୍କାରେ ଥିଲେ। ଗତ ୧୬ ତାରିଖ ସକାଳେ ଗରିବବନ୍ଧୁଙ୍କୁ ଗୁରୁତର ଅବସ୍ଥାରେ ସନ୍ଦୀପ ଓ ଶ୍ରୀୟା ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ହେଲେ ମେଡିକାଲରେ ପହଞ୍ଚିବା ପୂର୍ବରୁ ଗରିବବନ୍ଧୁଙ୍କ ମୃତ୍ୟୁ ହୋଇସାରିଥିଲା ବୋଲି ଡାକ୍ତର ଘୋଷଣା କରିଥିଲେ। ତାଙ୍କ ଛାତି ହାଡ଼ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଡାକ୍ତରଙ୍କ ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ବୈଦ୍ୟନାଥପୁର ଥାନା ପୋଲିସ ଅପମୃତ୍ୟୁ ମାମଲା (ନଂ.୫୩୯/୨୪)


ଅଭିଯୁକ୍ତ ସନ୍ଦୀପ ପଣ୍ଡା ଓ କିନ୍ନର ଶ୍ରୀୟା।

ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏପଟେ ଘରେ ଚଟାଣରେ ପଡିଯିବାରୁ ବାପା ଗୁରୁତର ହୋଇଥିଲେ ବୋଲି ସନ୍ଦୀପ ଡାକ୍ତର ଓ ପୋଲିସକୁ କହିଥିଲେ। ହେଲେ ମୃତକଙ୍କ ଶରୀରରେ ଯେଭଳି କ୍ଷତ ହୋଇଥିଲା ତାକୁ ଦେଖି ପୋଲିସର ସନ୍ଦେହ ଉପୁଜିଥିଲା। ତଦନ୍ତକାରୀ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ଗରିବବନ୍ଧୁଙ୍କ ପଡ଼ୋଶୀଙ୍କୁ ପଚରାଉଚରା କରିଥିଲା। ୧୫ ତାରିଖ ରାତିରେ ସନ୍ଦୀପ ଓ ଶ୍ରୀୟା ମଦ୍ୟପାନ କରିବା ପରେ ଗରିବବନ୍ଧୁଙ୍କ ସହ ଝଗଡା କରିଥିଲେ। ଉଭୟେ ଉତ୍ତ୍ୟକ୍ତ ହୋଇ ଗରିବବନ୍ଧୁଙ୍କ ଉପରକୁ ଟେବୁଲ ଫ୍ୟାନ ଓ ଷ୍ଟିଲ ଆଲମିରା ପକାଇ ଦେଇଥିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘରର ବିଭିନ୍ନ ସ୍ଥାନରେ ରକ୍ତଛିଟା ପଡିଥିଲା। ହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ସନ୍ଦୀପ ଓ ଶ୍ରୀୟା ତାହାକୁ ପୋଛାପୋଛି କରିଥିଲେ। ସକାଳେ ଆମେରିକାରେ ରହୁଥିବା ଭଉଣୀଙ୍କୁ ସନ୍ଦୀପ ବାପା ଅସୁସ୍ଥ ଥିବା ଫୋନ ଯୋଗେ ଜଣାଇଥିଲେ ବୋଲି ପୋଲିସ ସୂଚନା ଦେଇଛି।

# ଆସନ୍ତା ବର୍ଷ ଛାତ୍ର ସଂସଦ ନିର୍ବାଚନ: ମନ୍ତ୍ରୀ ପୃଥ୍ୱୀରାଜ

ଚଣ୍ଡିଖୋଲ/ବଡ଼ଚଣା, ୧୮।୮ (ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି)

### ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଉତ୍ସବ

ଆମେ ଛାତ୍ର ସଂସଦ ନିର୍ବାଚନରୁ ରାଜନୀତି କ୍ଷେତ୍ରକୁ ଆସିଛୁ। ପୂର୍ବ ସରକାର ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଦେଇଥିଲେ। ଆମେ ଏ ବର୍ଷ ପ୍ରସ୍ତୁତ ହେଉଛୁ, ଆଗାମୀ ବର୍ଷ ପ୍ରତ୍ୟେକ କଲେଜରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଛାତ୍ରୀଛାତ୍ର ସେଥିପ୍ରତି ରୁଚି ରଖି ଶୃଙ୍ଖଳିତ ଭାବେ ପରିଚାଳନା କରିବା ଉଚିତ। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ରବିବାର ୪୫ତମ ପ୍ରତିଷ୍ଠା ଉତ୍ସବରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏକଥା କହିଛନ୍ତି।

ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ମହଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ କହିଛନ୍ତି, ୧୯୮୦ରୁ ୮୫ ମଧ୍ୟରେ ଗ୍ରାମାଞ୍ଚଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଶିକ୍ଷାକ୍ଷେତ୍ରରେ ଆଗ୍ରହ ଯୋଗୁ ଏକ ବିପ୍ଳବ ସୃଷ୍ଟି ହୋଇଥିଲା। ଉଚ୍ଚ ଶିକ୍ଷା ପାଇଁ ଏହା ଏକ ସୁବର୍ଣ୍ଣ ଯୁଗ ଥିଲା। ଶିକ୍ଷାକ୍ଷେତ୍ରରେ ଯେଉଁ ବାଧା ବିଘ୍ନ ପୂର୍ବରୁ ଥିଲା ଏବେ ଆଉ ତାହାନାହିଁ। ଆମ ସରକାର ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିକୁ ଅଗ୍ରାଧିକାର ଦେଇଛନ୍ତି। ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ସେଥିପାଇଁ କୃଷକ ଓ କୃଷିର ଉନ୍ନତି ପାଇଁ ଲାଭଦାୟକ ଫସଲ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଛି। ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଯେଉଁ ଅସୁବିଧା ରହିଛି ତାହା ଶୀଘ୍ର ସମାଧାନ ପାଇଁ ସହାୟତା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ମୁଖ୍ୟ ବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ର ଶିକ୍ଷାକୁ ଜ୍ଞାନ ଭାବରେ ଗ୍ରହଣ କରନ୍ତୁ। ଡିଗ୍ରୀ ସାର୍ଟିଫିକେଟ ପଛରେ ଧାଇଁବା ଅପେକ୍ଷା ଜ୍ଞାନ ପଛରେ ଯିବାକୁ ସେ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ଲକ୍ଷ୍ୟ ସ୍ଥିର କରି ପାଠପଢ଼ିବା ଉଚିତ। ଲକ୍ଷ୍ୟ ହାସଲ ପାଇଁ ପରିଶ୍ରମ ଓ ଧୈର୍ଯ୍ୟର ଆବଶ୍ୟକତା ରହିଛି। ତେବେ ଅଧ୍ୟବସାୟ ରହିଲେ ଛାତ୍ରୀଛାତ୍ର ନିଶ୍ଚିତ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ବୋଲି ସେ କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯାଜପୁର ଏମ୍ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଓ ପରିଚାଳନା କମିଟି ସଭାପତି ପ୍ରଫେସର ତ୍ରିଲୋଚନ ରାଉତ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଦୀପକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ଅବଦାନ ପାଇଁ ବିନାୟକ ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ବିଶ୍ୱନାଥ ଦାସ, ଅଚ୍ୟୁତ ନନ୍ଦ ମହାନ୍ତି, ସନାତନ ନାୟକ, ଶ୍ରେଷ୍ଠ ଛାତ୍ରୀଛାତ୍ର ସତ୍ୟ ପ୍ରକାଶ ସେଠୀ, ନୀତିଶ କୁମାର ନାୟକ, ପ୍ରତିମା ପ୍ରିୟଦର୍ଶିନୀ ରାଉତ, ପୂଜାରାଣୀ ସାହୁ ଓ ଏସ୍‌କେ ସାହିଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ କଲେଜର ବାର୍ଷିକ କ୍ୟାଲେଣ୍ଡରକୁ ଉନ୍ମୋଚନ କରିବା ସହ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ଅମ୍ବିକା ତ୍ରିପାଠୀ, ପ୍ରଦୀପ ବରାଳ, ଶାନ୍ତନୁ କୁମାର ରାଉତରାୟ, ନାରାୟଣ ମୁଦୁଲି, ନିରୁପମା ସ୍ୱାଇଁ, ସରିତା ସେଠୀ, ସଞ୍ଜିତ କୁମାର ମହାନ୍ତି, ପ୍ରୀତମ ମିଶ୍ର ଓ ଭାଗ୍ୟଧର ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ରଞ୍ଜିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଅତିଥି ମହାବିଦ୍ୟାଳୟର କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

# 'ସୁସ୍ଥ ପରିବେଶ ନିମନ୍ତେ ଜଙ୍ଗଲ ସୁରକ୍ଷା ଜରୁରୀ'

କେନ୍ଦୁଝର, ୧୮।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ସୁସ୍ଥ ଓ ସୁନ୍ଦର ଶରୀର ପାଇଁ ସୁସ୍ଥ ପରିବେଶର ଆବଶ୍ୟକତା ରହିଛି। ସୁସ୍ଥ ପରିବେଶ ନିମନ୍ତେ ଜଙ୍ଗଲର ସୁରକ୍ଷା ଅତ୍ୟନ୍ତ ଜରୁରୀ। ସାମ୍ପ୍ରତିକ ପରିସ୍ଥିତିରେ ଗ୍ଲୋବାଲ ୱାର୍ମିଂକୁ ନେଇ ସମଗ୍ର ବିଶ୍ୱରେ ବିତର୍କ ଲାଗି ରହିଥିବା ବେଳେ ପରିବେଶ ସୁରକ୍ଷା ଏକ ପ୍ରମୁଖ ଆହ୍ୱାନ ହୋଇଛି। ଏହାକୁ ନେଇ ସମଗ୍ର ବିଶ୍ୱରେ ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଉଥିବା ରୋଟାରୀ କ୍ଲବ୍ କେନ୍ଦୁଝର ଶାଖା ପକ୍ଷରୁ ଜିଲାସ୍ତରୀୟ ପରିବେଶ ସମ୍ବନ୍ଧୀୟ କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସ୍ଥାନୀୟ ରବୀନ୍ଦ୍ର ବିଦ୍ୟା ନିକେତନ ଅଡିଟୋରିୟମଠାରେ ଅନୁଷ୍ଠିତ କର୍ମଶାଳାରେ ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ରୋଟାରୀ କ୍ଲବ୍ ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର, ରୋଟାରୀ କ୍ଲବ୍ ଜିଲା ଚେୟାର ଏନ୍‌ଭାଇରନ୍‌ମେଣ୍ଟ ଶିବବ୍ରତ ଦାଶ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି, ପରିବେଶବିତ୍ ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ କ୍ଲବ୍‌ର ସଭାପତି ଡା. ସୁରେଶ ଚନ୍ଦ୍ର ଖଟୋଇ, ଉପ ସଭାପତି ବସନ୍ତ ପୃଷ୍ଟି, ରୋଟାରୀ କ୍ଲବ୍ କେନ୍ଦୁଝର ଶାଖାର ସମ୍ପାଦକ ଦୀପକ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। କର୍ମଶାଳାରେ ରୋଟାରୀ କ୍ଲବ୍‌ର ୨୦ ଶାଖାର ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାୟ ୧୨ ସ୍କୁଲ, କଲେଜର ଛାତ୍ରୀଛାତ୍ର ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଡା. ସଞ୍ଜୀବ ଓତା, ଅଞ୍ଜୁ ସାହୁ, ଚନ୍ଦନ ପଣ୍ଡା, ବିଜୟ କୁମାର ବେହେରା ପ୍ରମୁଖଙ୍କୁ ପୁରସ୍କୃତ କରିବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ଗୋଟିଏ ପ୍ରମୁଖ ଭୂମିକା ରହିଛି, ଏହାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଚାରା ପ୍ରଦାନ କରାଯାଇଥିଲା। ସାମାଜିକ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍ କେନ୍ଦୁଝର ଶାଖା ସହିତ ସାମିଲ ଥିବା ଇନର ହୁଇଲ କ୍ଲବ୍‌ର ସମସ୍ତ ସଦସ୍ୟା, ସଦସ୍ୟଙ୍କୁ ଶୁଭେଚ୍ଛା ଓ ଭବିଷ୍ୟତରେ ସେମାନଙ୍କ ସହଯୋଗ କାମନା କରାଯାଇଥିଲା। ଏହି ଅବସରରେ ପ୍ଲାକାର୍ଡ ଧରି ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା।




ରୋଟାରୀ କ୍ଲବ୍ ସଦସ୍ୟା, ସଦସ୍ୟ ଓ ଅତିଥିମାନେ।

# ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା

ରଘୁନାଥପୁର, ୧୮।୮ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପରିବେଶ ସୁରକ୍ଷା ଓ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ' ଶୀର୍ଷକ ଏକ ସଭା ଆୟୋଜନ ହୋଇଥିଲା। ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ଏଥିରେ ଯୋଗଦେଇ ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା ବୋଲି ପ୍ରକାଶ କରିଥିଲେ। ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ଚାରାରୋପଣର ଆବଶ୍ୟକତା ଏବଂ ଏହା ପରିବେଶକୁ କିପରି ସୁରକ୍ଷା ଦେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ବାଡ଼ିବଗିଚା କିମ୍ବା ସରକାରୀ ଜମିରେ ଗୋଟିଏ ଗଛ ଲଗାଇ ଏହା ବଡ ହେବା ପର୍ଯ୍ୟନ୍ତ ଦାୟିତ୍ୱ ନେବାକୁ ସମ୍ପାଦକ ଜେନା ଆହ୍ୱାନ ଦେଇଥିଲେ। ସଙ୍ଗଠନର ଉପସଭାପତି ସାରଦା ରାୟ ଓ ଯୁଗ୍ମ ସମ୍ପାଦକ ବିନୋଦବିହାରୀ ମହାନ୍ତି କହିଥିଲେ ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଚାରା ଲଗାଇବା ପାଇଁ ପ୍ରେରଣା ଦିଅନ୍ତୁ। ପ୍ରଧାନଶିକ୍ଷକ ବିଶ୍ୱଜିତ ଓଝା ସଭାରେ ପୌରୋହିତ୍ୟ କରି ଗୁରୁଜନଙ୍କ ଆଦେଶକୁ ପାଳନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳ ଚାରା ଚାରାରୋପଣ କରାଯାଇଥିଲା। ଏଥିରେ ଶିକ୍ଷକ କିଶୋର ଚନ୍ଦ୍ର ସେଠୀ, ଦିବାକର ମହାକୁଡ଼, ମୌସୁମୀ ରଥ, ରଞ୍ଜିତା ବେହେରା, ଗୀତାରାଣୀ ବିଶ୍ୱାଳ, ଶକୁନ୍ତଳା ସେଠୀ, ଆଲୁମ୍ନି ସଦସ୍ୟ ଚନ୍ଦ୍ରଶେଖର ସିଂହ, ଅର୍ପିତା ସିଂହ ଓ ହରେକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

# ଆଜି ଗହ୍ମାପୂର୍ଣ୍ଣିମା-ରକ୍ଷାବନ୍ଧନ




ଆଜି ପବିତ୍ର ଗହ୍ମାପୂର୍ଣ୍ଣିମା, ପ୍ରଭୁ ଶ୍ରୀବଳଭଦ୍ରଙ୍କ ଜନ୍ମଦିନ। ତା'ସହ ରକ୍ଷାବନ୍ଧନ ଉତ୍ସବ। ଏହା ଆମ ରାଜ୍ୟର ସମଗ୍ର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଥାଏ। ଏହା ମଧ୍ୟ ଏକ ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବ। ସାଧାରଣତଃ ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଗହ୍ମାପର୍ବ ବା ଗହ୍ମାପୂର୍ଣ୍ଣିମା ପାଳିତ ହୋଇଥାଏ। ଗହ୍ମାର ଅର୍ଥ ହେଉଛି ଗୋମାତା ଏବଂ ଗୋମାତାଙ୍କୁ ଏହି ଦିନ ପୂଜା କରାଯାଉଥିବାରୁ ଏହାକୁ ଗୋ–ପୂର୍ଣ୍ଣିମା ମଧ୍ୟ କୁହାଯାଏ। ହିନ୍ଦୁ ପରମ୍ପରା ଅନୁସାରେ ମାନବ ଜାତି ହିତରେ ସଦାସର୍ବଦା ଉପକାରରେ ଆସୁଥିବା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତକୁ ପୂଜା କରାଯାଏ। ଗୋମାତା ହେଉଛି ଆମର ମା'। ତେଣୁ ଗହ୍ମାପୂର୍ଣ୍ଣିମା କୃଷକ ଓ କୃଷି ବିଶେଷଜ୍ଞମାନଙ୍କ ଏକ ସ୍ୱତନ୍ତ୍ର ଉତ୍ସବ ଭାବେ ଗୋମାତାଙ୍କୁ ପୂଜା କରାଯାଏ।

ଏହି ପବିତ୍ରଦିନ ଗୋରୁ ଗୁହାଳ ପରିଷ୍କାର ପରିଚ୍ଛନ୍ନ କରାଯିବା ସହିତ ଲିପାପୋଛା କରାଯାଏ। କୃଷକ ଗୁହାଳ କାନ୍ଥରେ ବଳଦ, ଲଙ୍ଗଳ, ମଇ, କୋଡ଼ି, କୋଦାଳ, ବଳଦଗାଡ଼ି (ଶଗଡ଼) ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଆଦିର ଚିତ୍ର ଆଙ୍କିଥାନ୍ତି। କୃଷକମାନେ ସକାଳୁ ବଳଦକୁ ଗାଧୋଇ ଦେଇ ଫୁଲ, ଚନ୍ଦନ, ସିନ୍ଦୂର, ଅବିର ଆଦି ଲଗାଇ ସୁସଜ୍ଜିତ କରିଥା'ନ୍ତି। ଗୋରୁଙ୍କ ଶିଙ୍ଗରେ ତେଲ ମରାଯାଏ। ଏଥିସହିତ ଗୋମାତା ବା ବଳଦମାନଙ୍କୁ ରାଖୀ ପିନ୍ଧା ଯାଇଥାଏ। ବଳଭଦ୍ରଙ୍କୁ କୃଷକ ଦେବତା ଭାବେ ପୂଜା କରାଯାଉଥିବା ବେଳେ କୃଷି ଉପକରଣ ଏବଂ ବଳଦଙ୍କୁ ପୂଜା କରିବାର ବିଧି ଏଠାରେ ରହିଆସିଛି।

ପ୍ରଭୁ ବଳଦେବଙ୍କ ଜନ୍ମଦିବସ ଲୋକପ୍ରିୟ ଗହ୍ମାଡିଆଁ ଖେଳ ମାଧ୍ୟମରେ ପାଳିତ ହେବାର ଦୃଶ୍ୟ କେତେକ ଅଞ୍ଚଳରେ ଦେଖିବାକୁ ମିଳେ। ଗହ୍ମାଡିଆଁର ଅର୍ଥ ହେଉଛି ଗହ୍ମା ଡେଇଁବା ବା ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ଡେଇଁବା। ଏହି ପର୍ବ ପାଳନ ପୂର୍ବରୁ ଇଟା, ମାଟି ଓ ଘାସରେ ଏକ ପ୍ଲାଟଫର୍ମ ତିଆରି କରାଯାଏ। ଏହାର ମଧ୍ୟମ ଭାଗରେ ପଥରଖଣ୍ଡ ପକାଇ ମଜଭୁତ କରାଯାଏ। ଏହା ଏକ ସ୍ୱର୍ ପରି ଉଚ୍ଚ ଉପରଆଡ଼ୁ ନୀଚା ତଳଆଡ଼କୁ ହୋଇଥାଏ। ଏହାର ଦୁଇପାର୍ଶ୍ୱରେ ଦୁଇଟି ପୋଲ୍ ପୋତାଯାଏ ଏବଂ ଏହାର ଦୁଇପଟ ପୋଲ ବା ଖୁଣ୍ଟକୁ ବାଉଁଶ ବାଡ଼ି ବା ଦଉଡ଼ି ଦ୍ୱାରା ବାନ୍ଧିଦିଆଯାଏ। ଏଥିରେ ବିଭିନ୍ନ ଫଳ ଯଥା ଲେମ୍ବୁ, କଦଳୀ, ନଡ଼ିଆ ଆଦି ବାନ୍ଧି ଦିଆଯାଏ। ଜଣେ ପରେ ଜଣେ ଏହି ପ୍ଲାଟଫର୍ମ ବା ଗହ୍ମାର ତଳଆଡ଼ୁ ଉପରଆଡ଼କୁ ଦୌଡ଼ିଆସି ବନ୍ଧା ଯାଇଥିବା ଫଳକୁ ଡେଇଁକରି ଆଣନ୍ତି। ଏଥିରେ ଯିଏ ଉତ୍ତୀର୍ଣ୍ଣ ହୁଏ, ସେ ପୁରସ୍କୃତ ହୁଅନ୍ତି। ସାଧାରଣତଃ ଏହି ପର୍ବ କଟକ, ନୟାଗଡ଼, ଗଞ୍ଜାମ, ଗଜପତି ଜିଲା ଓ ଅନ୍ୟାନ୍ୟ ଅଞ୍ଚଳରେ ଦେଖିବାକୁ ମିଳେ।

ଆମ ରାଜ୍ୟର ଜଗନ୍ନାଥ ସଂସ୍କୃତି ଅନୁଯାୟୀ ପ୍ରଭୁ ଶ୍ରୀକୃଷ୍ଣ ଓ ରାଧା ଶ୍ରାବଣ ଶୁକ୍ଳପକ୍ଷ ଏକାଦଶୀ ତିଥିଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ, ବର୍ଷାଋତୁରେ ଧରିତ୍ରୀ ଶସ୍ୟଶ୍ୟାମଳା ଦୃଶ୍ୟକୁ ଉପଭୋଗ କରି ଧରିତ୍ରୀବାସୀଙ୍କୁ ଆଶୀର୍ବାଦ କରିଥାନ୍ତି। ଏହା ଶ୍ରାବଣପୂର୍ଣ୍ଣିମା ବା ରାଖୀ ପୂର୍ଣ୍ଣିମାଦିନ ସୁସଜ୍ଜିତ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲାଇ ପୂଜାର୍ଚ୍ଚନା କରାଯାଉଥିବାରୁ ଏହାକୁ ଝୁଲଣ ଯାତ୍ରା ବା ଝୁଲଣ ପର୍ବ ବୋଲି କୁହାଯାଏ। ଅନ୍ୟପକ୍ଷରେ ରାଖୀପୂର୍ଣ୍ଣିମାକୁ ଜନଇଁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହିଦିନ ବ୍ରାହ୍ମଣ, କ୍ଷତ୍ରିୟ ଓ ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନେ ସେମାନେ ପରିଧାନ କରିଥିବା ପଇତାକୁ ବର୍ଷକୁ ଥରେ ବଦଳାଇ ଥାନ୍ତି। ସାଧାରଣତଃ ହିନ୍ଦୁ ଓ ଜୈନମାନଙ୍କ ଦ୍ୱାରା ଏହି ପର୍ବ ପାଳିତ ହୋଇଥାଏ।

ରକ୍ଷାବନ୍ଧନର ଅର୍ଥ ହେଉଛି ସୁରକ୍ଷାର ବନ୍ଧନ। ରକ୍ଷାର ଅର୍ଥ ହେଉଛି ସୁରକ୍ଷା, ବନ୍ଧନର ଅର୍ଥ ହେଉଛି ବନ୍ଧ। ତେଣୁ ଏହାକୁ ସୁରକ୍ଷାର ବନ୍ଧନ କୁହାଯାଏ। ରାଖୀ ହିନ୍ଦୁମାନଙ୍କର ମହାନ୍ ପର୍ବ ଭାବେ ପାଳିତ ହୋଇ ଆସୁଅଛି। ଆମ ଦେଶ ଓ ଦେଶ ବାହାରେ ରକ୍ଷାବନ୍ଧନ ଦିନ ଭାଇ ଓ ଭଉଣୀର ସଂପର୍କର ଉତ୍ସବ ଭାବେ ପାଳନ ହେଉଅଛି। ଏହି ରକ୍ଷାବନ୍ଧନ ଉତ୍ସବ ଅଗଷ୍ଟ ମାସର ଶ୍ରାବଣ ପୂର୍ଣ୍ଣିମା ଦିନ ପୁରପଲ୍ଲୀଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଧୁମ୍‌ଧାମରେ ପାରମ୍ପରିକ ରୀତିରେ ପାଳନ କରାଯାଇ ଆସୁଅଛି। ଏହି ପବିତ୍ରଦିନ ଭଉଣୀ ଥାଳିରେ ଅରୁଆ ଚାଉଳ, ଧୂପକାଠି, ମିଠା, ସିନ୍ଦୂର, ଦୀପ, ଚନ୍ଦନ ଆଦି ସଜାଡ଼ି ପୂଜା ପାଇଁ ପ୍ରସ୍ତୁତ ହୁଅନ୍ତି। ତା'ପରେ ଭଉଣୀ ଆରତି ବା ଦୀପ ମାଧ୍ୟମରେ ଭାଇକୁ ପୂଜା କରି ମସ୍ତକରେ ଚନ୍ଦନ, ସିନ୍ଦୂର ଓ ତିଳକ ଦେଇ ସ୍ନେହ ଓ ସମ୍ମାନର ପ୍ରତୀକ ଭାବେ ଭାଇ ହାତରେ ରାଖୀଡୋରି ବାନ୍ଧିଦେଇ ଭାଇର ଦୀର୍ଘାୟୁ କାମନା କରନ୍ତି।

ଆଜକୁ ୬୦୦୦ ବର୍ଷ ପୂର୍ବେ ଆର୍ଯ୍ୟ ସଭ୍ୟତା ସମୟରୁ ହିନ୍ଦୁପର୍ବ ରକ୍ଷାବନ୍ଧନ ବା ସୁରକ୍ଷାର ବନ୍ଧନ ପାରମ୍ପରିକ ରୀତିରେ ଆମ ଦେଶରେ ପାଳିତ ହୋଇ ଆସୁଅଛି।

**– ଡା. ବୀରକିଶୋର ପରିଡ଼ା,** ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ)
ପ୍ଲଟ ନଂ–୨୭୬, ଲକ୍ଷ୍ମୀପ୍ରିୟା ଭବନ, ମହାନଦୀ ବିହାର, କଟକ
ମୋ : ୯୪୩୭୬୦୭୩୧୨



# ମନ୍ଦିର ନିର୍ମାଣବେଳେ କାହାରି ପ୍ରତି ବାଛବିଚାର ନ ଥିଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

■ ଦୋଳପୂନିଅଁରେ କାମ ବନ୍ଦ ରହି ସାମୂହିକ ଜନ୍ତାଳ ହୋଇଥିଲା
■ ଏରବଙ୍ଗ ଦଧିବାମନଙ୍କ ମନ୍ଦିର ଥିଲା ବଡ଼ଠାକୁରଙ୍କ ଗାଦି

ଐତିହ୍ୟର ଓଡ଼ିଶା

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ସବିଶେଷ ତଥ୍ୟ, ଅର୍ଥାତ୍ ଯେତିକି ଉପଲବ୍ଧ ହେଉଛି, ଆମେ ଆଲୋଚନା କରୁଛେ। କୋଣାର୍କରେ ମନ୍ଦିର ଆରମ୍ଭ ହେବାର ଶହେବର୍ଷରୁ ଅଧିକ ପୂର୍ବରୁ ବର୍ତ୍ତମାନ ଦୃଶ୍ୟମାନ ଶ୍ରୀମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ନିର୍ମାଣର ପାଖାପାଖି ଶହେବର୍ଷ ପୂର୍ବରୁ ଶ୍ରୀଲିଙ୍ଗରାଜ ମନ୍ଦିର ଏକାମ୍ର କ୍ଷେତ୍ରରେ ନିର୍ମିତ ହୋଇସାରିଥିଲା। ଶ୍ରୀଲିଙ୍ଗରାଜ ମନ୍ଦିର ଓ ଶ୍ରୀମନ୍ଦିର ନିର୍ମାଣର ସବିଶେଷ ତଥ୍ୟ ଥିବ। ମାତ୍ର ତାହା ଯେତିକି ପ୍ରଭାବିତ ଶୈଳୀରେ ଆଲୋଚନା ହେବା କଥା, ସେତିକି ସମ୍ଭବ ହୋଇ ନାହିଁ। ଲେଖା ଯେ ହୋଇ ନାହିଁ, ତାହା ଆମେ କହୁନାହୁଁ...। କେଉଁଠୁ ପଥର ଆସିଲା, କେଉଁ ନଦୀପଥରେ ଆସିଲା। କେବେ କେଉଁ କେଉଁ ତିଥିରେ କି କି କାମ ହେଲା... ସେସବୁ ବିଶେଷ ଆଲୋଚନା ଆମେ କରିପାରି ନାହେଁ।

ପୂର୍ବରୁ ଆମେ ଆଲୋଚନା କଲେ ଶ୍ରୀପଦ୍ମକେଶର ମନ୍ଦିରର ଗୁରୁତ୍ୱପୂର୍ଣ୍ଣ ନିର୍ମାଣ ସମୟରେ ଅନୁଷ୍ଠାନ ହୋଇଛି। ସେହିପରି ଗର୍ଭଗଣ୍ଠିରେ 'ବଜ୍ରମୁଣ୍ଡି' ଖୋଦେଇବେଳେ ବିଶେଷ ଅନୁଷ୍ଠାନ ହୋଇଥିଲା। ସନାତନ ପରମ୍ପରାରେ ଯେଉଁ 'ଅନୁଷ୍ଠାନ' ବିଧି ରହିଛି, ତାହା ସର୍ବ ମଙ୍ଗଳ କାମନା ପାଇଁ। ବାଧାବିଘ୍ନ ନ ଆସୁ, ସୁବିଧାରେ କାମଟି ସମ୍ପନ୍ନ ହୋଇଯାଉ। ବଜ୍ରମୁଣ୍ଡି ଖୋଦେଇ ଦାୟିତ୍ୱ ଦିଆଯାଇଥିଲା ଗଦାଧର ମହାପାତ୍ରଙ୍କୁ। ଏହା ଭାରି ଅକଡ଼ିଆ କାମ। ଚଉଦଜଣ ପାଇଟିଆଳ ଗର୍ଭଗଣ୍ଠିରେ ଫାଶୀକାଠ ଭାରା ପ୍ରସ୍ତୁତ କରିବା ପରେ ତା' ଉପରେ ବସି ଖୋଦେଇ କାମ ହୋଇପାରିବ। ସେଥିପାଇଁ ଶ୍ରାବଣ ଶୁକ୍ଳ ତ୍ରୟୋଦଶୀଠାରୁ ଏକ ମାସ ଧରି ଦୁଇଜଣ ଶିଳ୍ପୀ 'ହବିଷ' ପାଳନ କରିଥିଲେ। ବଜ୍ରମୁଣ୍ଡି ଖୋଦେଇ ଆରମ୍ଭ ବେଳକୁ ଚାରିଜଣ ବେଦପୁର ମହାଜନ 'ହବିଷ' ଆରମ୍ଭ କରିଥିଲେ। ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା।

ମୁଖଶାଳାର ଅପରପାର୍ଶ୍ୱରେ ମୁଣ୍ଡିଳି ଏବଂ ଆମଳକୀ ନିର୍ମାଣ କାର୍ଯ୍ୟବେଳେ ୧୬ଜଣ ପଥୁରିଆ, ତିନିଜଣ ପଥରବୁହାଳି ନିଯୁକ୍ତ ହୋଇଥିଲେ। ଫାଶୀକାଠ ଭାରାରେ ଅଗାଧୁ ପଥୁରିଆ ଓ ପଠାଣି କାମ କଲାବେଳେ ଭାରସାମ୍ୟ ରଖି ନ ପାରି ତଳେ ପଡ଼ିଯାଇଥିଲେ। ସେମାନଙ୍କର ହାତ ଭାଙ୍ଗିଗଲା। ଚିକିତ୍ସା ହେଲା, କିନ୍ତୁ ଅଗାଧୁ ପଥୁରିଆ ହରିପ୍ରାପ୍ତି ହୋଇଗଲେ। ତାଙ୍କୁ ପଠାଇଥିଲେ ମୟୂରଭଞ୍ଜ ରାଜା। ମୟୂରଭଞ୍ଜ ରାଜାଙ୍କୁ ଜଣେଇବା ପାଇଁ ଜଣେ ପାଇକ ପତ୍ର ନେଇ ଯାଇଥିଲେ। ଅଗାଧୁର ଭାଇ ଦଣ୍ଡୀ ପଥୁରିଆ ବାହାରପଟେ କାମ କରୁଥିଲେ। ତାଙ୍କୁ ଗାଁକୁ ପଠାଗଲା ଶୁଦ୍ଧିକ୍ରିୟା କରିବାକୁ। ତାଙ୍କୁ ତିନିମାଢ଼ ସୁନା ଓ ଚାଉଳ ଦିଆଗଲା।

ବିପଦବେଳେ ଏହା ଥିଲା ସହଯୋଗର ଚିତ୍ର। କାହାକୁ ଆଡ଼େଇ ଦିଆଯାଉ ନ ଥିଲା। ସହଯୋଗରେ ବାଛ ବିଚାର ନ ଥିଲା। ଉତ୍ସବ ସମୟରେ ସେଇ ସମାନ ଭାବଧାରା ଦେଖିବାକୁ ମିଳେ। ମୁଖଶାଳାର ବାହାରପଟ କାମ ପରେ ଦୋଳପୂନିଅଁ ପଡ଼ିଲା। ଡେଙ୍ଗୁରା ଦିଆଗଲା ଦୋଳପୂନିଅଁ ପାଇଁ କାମ ବନ୍ଦ ରହିବ। କୋଠଜନ୍ତାଳ ହେବ। ୬ ଜଣ ରୋଷେୟା ନିଯୁକ୍ତ ହେଲେ। ଭଣ୍ଡାରରୁ ସରୁ ଅରୁଆ ଚାଉଳ, ମୁଗ ଏବଂ ଘିଅ ଯୋଗାଇ ଦିଆଗଲା। ଗୋଲରାଗଡ଼ ସାନ୍ତ (ବିଶୋଇ) ୨୦ ଭାର ପରିବା, ୬ ଭାର ଦହି ପଠେଇଥିଲେ। ରୂପାସ ଗଡ଼ ସାନ୍ତ (ଦଳବେହେରା) ବାର ଘଡ଼ି ନିତିଆନି (କ୍ଷୀର) ଯୋଗାଇ ଦେବା ପରେ କୋଣାର୍କରେ ଥିବା ନଡ଼ିଆମଠ ମହନ୍ତ ଦେଲେ ଖଣ୍ଡ ମିଠା ପାଇଁ ଏକ କାହାଣ ଦଶ ପଣ କଉଡ଼ି। ଦଶ ଗଣ୍ଡା ନଡ଼ିଆ। ଏହି ଜନ୍ତାଳ ପାଇଁ ଆସିଥିଲା ୩୦୦୦ କଦଳୀପତ୍ର। ସୂତ୍ରଧର ଶିବେଇ ସାମନ୍ତରା ସମସ୍ତ ଦିଗର ଦେଖାରଖା କରିଥିଲେ। ରୋଷେଇ କାର୍ଯ୍ୟ ତଦାରଖ କରିଥିଲେ ଏରବଙ୍ଗର ଶ୍ରୀଦଧିବାମନଙ୍କ ପୂଜାରୀ। ଶ୍ରୀଦଧିବାମନଙ୍କ ମନ୍ଦିର ସେତେବେଳେ ପ୍ରସିଦ୍ଧ ଥିଲା 'ବଡ଼ଠାକୁର' ଗାଦି ଭାବରେ। ଶ୍ରୀଜଗନ୍ନାଥ ପୂଜା ପାଉଥିଲେ ଶ୍ରୀଦଧିବାମନ ନାମରେ। ଏ ଘଟଣାର ୨୮୦ ବର୍ଷ (ହାରାହାରି) ପରେ ଏଇଠି ଓଡ଼ିଶାର ପ୍ରସିଦ୍ଧ ମହାପୁରୁଷ ବଳରାମ ଦାସଙ୍କର ଶେଷ ଜୀବନ ବିତିଥିଲା।



ରୂପାସଗଡ଼ର ଦେବୀ କାଳଭୈରବୀ, ଗଡ଼ ସାନ୍ତଙ୍କ ଅସ୍ତ୍ର ପୂଜା ପରେ ଶିଳ୍ପୀମାନେ ରୂପାସ ଶିବିରରୁ ବଢ଼େଇ ଗୋହିରୀ ଦେଇ କୋଣାର୍କ ଗଲାବେଳେ ହତିଆର ଛୁଆଁଇ ଯାଉଥିଲେ। **(ଫଟୋ: ଅଜୟ ପାତ୍ର, ରୂପାସଗଡ଼)**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



କାହ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୨ ହଜାର କୋଟିର ରାଖୀ ବ୍ୟବସାୟ

ଭୁବନେଶ୍ୱର, ୧୮।୮ (ଅନୁରାଧା ମହାରଣା)



ରାଖୀପୂର୍ଣ୍ଣିମାକୁ ନେଇ ଭାଇ-ଭଉଣୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଥିବାବେଳେ ରାଖୀ ଚୟନରେ ଲୋକଙ୍କ ପସନ୍ଦ ବଦଳିଛି। ଚଳିତ ବର୍ଷ ଚାଇନା ରାଖୀ ବିକ୍ରୟ ଅନେକାଂଶରେ କମ୍ ହୋଇଥିବାବେଳେ ସ୍ୱଦେଶ ରାଖୀ ପ୍ରତି ଗ୍ରାହକଙ୍କ ରୁଚି ବଢ଼ିଛି। ଚଳିତ ବର୍ଷ ରାଖୀ ପ୍ରାୟ ୧୨ ହଜାର କୋଟି ଟଙ୍କା ବ୍ୟବସାୟ ହେବା ନେଇ ଆକଳନ କରାଯାଇଛି। ବ୍ୟବସାୟୀଙ୍କ ସର୍ବୋଚ୍ଚ ସଂଗଠନ କନଫେଡେରେଶନ ଅଫ ଅଲ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଖୀ ପର୍ବରେ ଚଳିତ ବର୍ଷ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଉଛି। ଗତ କିଛି ବର୍ଷ ଧରି ଦେଶରେ ସ୍ୱଦେଶୀ ରାଖୀର ଚାହିଦା ବଢ଼ିଛି। ଚଳିତ ବର୍ଷ ଚାଇନାରେ ପ୍ରସ୍ତୁତ ରାଖୀ ପ୍ରତି ଲୋକଙ୍କ ବିଶେଷ ଆଗ୍ରହ ନାହିଁ। ସିଏଆଇଟିର ଜାତୀୟ ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ରାଖୀ ଚାହିଦାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ୧୨ ହଜାର କୋଟି ଟଙ୍କାର ବ୍ୟବସାୟ ହୋଇପାରିବ। ଗତ ବର୍ଷ ଏହି ସଂଖ୍ୟା ପ୍ରାୟ ୧୦ ହଜାର କୋଟି ଟଙ୍କା ଥିଲା। କ୍ୟାଟ ଜାତୀୟ ସଭାପତି ବିସି ଭାରତୀ କହିଛନ୍ତି ଯେ ଚଳିତ ବର୍ଷ ଦେଶର ବିଭିନ୍ନ ସହରର ପ୍ରସିଦ୍ଧ ଉତ୍ପାଦରୁ ସ୍ୱତନ୍ତ୍ର ପ୍ରକାରର ରାଖୀ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏଥିମଧ୍ୟରେ ନାଗପୁରରେ ତିଆରି ଖାଡି ରାଖୀ, ଜୟପୁରର ସାଙ୍ଗେନେରୀ କଳା ରାଖୀ, ପୁଣେର ବୀଜ ରାଖୀ, ମଧ୍ୟପ୍ରଦେଶର ସତ୍ୟନାରେ ଉନୀ ରାଖୀ, ଆଦିବାସୀ ସାମଗ୍ରୀରେ ତିଆରି ବାଉଁଶ ରାଖୀ, ଆସାମର ଚା ପତ୍ର ରାଖୀ, କୋଲକାତାର ଝୋଟ ରାଖୀ, ମୁମ୍ବାଇର ରେଶମ ରାଖୀ, ଏଥିମଧ୍ୟରେ କେରଳର ଖଜୁରି ରାଖୀ, କାନପୁରର ମୋତି ରାଖୀ, ମଧୁବାଣୀ ଏବଂ ବିହାରର ମୈଥିଳୀ କଳା ରାଖୀ, ପଣ୍ଡିଚେରୀର ସଫ୍ଟ ଷ୍ଟୋନ ରାଖୀ, ବାଙ୍ଗାଲୋରର ଫୁଲ ରାଖୀ ଇତ୍ୟାଦି ରହିଛି। ଏହା ବ୍ୟତୀତ ତ୍ରିରଙ୍ଗା ରାଖୀ, ବସୁଧୈବ କୁଟୁମ୍ବକମ ରାଖୀ, ଭାରତ ମାତା ରାଖୀ ଇତ୍ୟାଦିର ମଧ୍ୟ ଚାହିଦା ରହିଛି।

## ଏମ୍ଏଏଲ୍ ପକ୍ଷରୁ ଡିଆର୍ଏଚ୍ପି ଦାଖଲ

ନୂଆଦିଲ୍ଲୀ,୧୮।୮

ମେଟାଲମ୍ୟାନ୍ ଅଟୋ ଲିମିଟେଡ୍ (ଏମ୍ଏଏଲ୍) ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଏକ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍ପେକ୍ଟସ୍ (ଡିଆର୍ଏଚ୍ପି) ଦାଖଲ କରାଯାଇଛି। କମ୍ପାନୀ ଇନିସିଆଲ ପବ୍ଲିକ୍ ଅଫର ଜରିଆରେ ଇକ୍ୱିଟି ଶେୟାର ଜାରି କରି ୩୫୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛି ଏବଂ ଅଫର ଫର ସେଲ୍‌ରେ ଅଂଶଧନକାରୀମାନେ ୧,୬୩୬,୧୬୨ ଇକ୍ୱିଟି ଶେୟାର ବିକ୍ରି କରିବେ। ଏହି ଅଫରରୁ ସଂଗୃହୀତ ହେବାକୁ ଥିବା ପାଣ୍ଠିକୁ କମ୍ପାନୀ, ପିତମପୁରା କାରଖାନା ପାଇଁ ପ୍ଲାଣ୍ଟ ଓ ମେଶିନ୍ ସଂଗ୍ରହ ଲାଗି ୨୫ କୋଟି ଟଙ୍କା ଖର୍ଚ୍ଚ କରିବ। ସେହି ମେଶିନ୍‌ଗୁଡ଼ିକୁ ୨୦୨୫ ଓ ୨୦୨୬ ସୁଦ୍ଧା ମୁତୟନ କରାଯିବ।

## ଭିଏଏସ୍‌ପିଏଲ୍‌ର ନୂତନ ଉତ୍ପାଦ



ଭୁବନେଶ୍ୱର,୧୮।୮

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଭିଟା ଆଲକାଲି ସଲ୍ୟୁସନ୍ ପ୍ରାଇଭେଟ ଲିମିଟେଡ (ଭିଏଏସ୍‌ପିଏଲ୍)ର ନୂତନ ଉତ୍ପାଦ 'ଆକ୍ୱା ଭିଟା'ର ଅନାବରଣ (ପ୍ରଡକ୍ଟ ଲଞ୍ଚ) ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଏହାର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର୍ ତଥା ଓଲିଉଡ ଅଭିନେତା ଦୀପକ ପରିଡ଼ା, କମ୍ପାନୀର ଟେକ୍ନୋଲୋଜି ଏକ୍ସପର୍ଟ ଡ. ବିନୟ ଖାନା, ନିର୍ଦ୍ଦେଶକ ରାଜେନ୍ଦ୍ର ଦାସଙ୍କ ସମେତ ରୋଜାଲିନ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏପରିକି ସ୍ୱଚ୍ଛ ତଥା ଆଲକାଲାଇନ୍ ପାନୀୟଜଳ ଉପଲବ୍ଧ କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ ଭାବେ ଭିଟା ଆଲକାଲି ସଲ୍ୟୁସନ୍ ଭୁବନେଶ୍ୱରବାସୀଙ୍କ ପାଇଁ ଏକ ଜଳ ବିଶୋଧନ ଯନ୍ତ୍ର ନେଇ ଆସିଛି, ଉଭୟ ଘରୋଇ ତଥା କର୍ପୋରେଟ କାର୍ଯ୍ୟାଳୟଗୁଡ଼ିକରେ ଏହି ଜଳ ବିଶୋଧନ ଯନ୍ତ୍ର ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ବେଶ୍ ଉପାଦେୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ କମ୍ପାନୀର ବୈଷୟିକ ପରାମର୍ଶଦାତା ତଥା ବରିଷ୍ଠ ସୂଚନା ପ୍ରଯୁକ୍ତିବିତ ସତ୍ୟ ପାତ୍ର କହିଥିଲେ, ଆଜିର ବ୍ୟସ୍ତ ବହୁଳ ଜୀବନଚର୍ଯ୍ୟା,ଅସନ୍ତୁଳିତ ଆହାର ତଥା ପ୍ରଦୂଷିତ ଜଳବାୟୁରେ ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛ ପାନୀୟ ଜଳ ଓ ଆଲକାଲାଇନ୍ ଜଳର ଆବଶ୍ୟକତା ସର୍ବାଧିକ ବୋଲି ସେ ମତପ୍ରକାଶ କରିଛନ୍ତି।

## ବଜାରରେ ଜେଲିଓର ନୂତନ ମଡେଲ

ଭୁବନେଶ୍ୱର,୧୮।୮




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଇ-ବାଇକ ନିର୍ମାତା (କମ୍ପାନୀ) 'ଜେଲିଓ'ର ନୂତନ ମଡେଲ 'ଅଲ ନ୍ୟୁ ମିଷ୍ଟ୍ରି'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହି ହାଇସ୍ପିଡ ତଥା ସର୍ବାଧିକ ମାଇଲେଜ ବିଶିଷ୍ଟ 'ଇ-ବାଇକ ମିଷ୍ଟ୍ରି'ର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଉତ୍କଳ ଇଭି ପକ୍ଷରୁ ଭୁବନେଶ୍ୱରର ଏକ ତାରକା ହୋଟେଲଠାରେ ଏହାର ଅନାବରଣ ଉତ୍ସବ ଓ ଡିଲର୍ସ ସମ୍ମିଳନୀ (ଲଞ୍ଚିଂ ଆଣ୍ଡ ଡିଲର୍ସ ମିଟ୍) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜେଲିଓର ମୁଖ୍ୟ କୁନାଲ ଆର୍ଯ୍ୟ, ମାର୍କେଟିଂ ହେଡ ଜିତେନ୍ଦ୍ର ମଲ୍ଲିକ ଏବଂ ଜିତେନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ଉକ୍ତ ମଡେଲକୁ ଓଡ଼ିଶା ବଜାରରେ ପ୍ରବେଶ କରାଇଥିଲେ।

ଏ ସମ୍ପର୍କରେ ଜେଲିଓର ମୁଖ୍ୟ କୁନାଲ ଆର୍ଯ୍ୟ କହିଥିଲେ, ଆମେ ଆମର ନୂତନ ମଡେଲ ''ଅଲ ନ୍ୟୁ ମିଷ୍ଟ୍ରି'ର ଅନାବରଣ ସହ ଓଡିଶା ବଜାର ପ୍ରବେଶ କରାଇ ବେଶ ଉତ୍ସାହିତ ଅଛୁ। ଏପରିକି ଏହା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି। ସେହିଭଳି ଜେଲିଓର ସମସ୍ତ ମଡେଲ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେଉଛି। ଏପରିକି ଏହା ସମସ୍ତ ବର୍ଗର ପରିବାର ପାଇଁ ଏକ ଭଲ ଉପକରଣ ହୋଇପାରିବ। ଦେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଆମେ ସମସ୍ତେ ଇ-ବାଇକ ବ୍ୟବହାର କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ଡିଲର ସମ୍ମିଳନୀରେ ଯୋଗ ଦେଇ କମ୍ପାନୀର ମୁଖ୍ୟ ଜେଲିଓର ନିର୍ମାଣ ଶୈଳୀ, ଶକ୍ତି,କ୍ଷମତା ଓ ବିଭିନ୍ନ ପ୍ରକାରର ଫିଚର ସହିତ ବ୍ୟାଟେରୀ ଓ ବଜାର ମୂଲ୍ୟ ସମ୍ବନ୍ଧରେ ବିସ୍ତୃତ ଭାବେ ବୁଝାଇଥିଲେ। ପରିଶେଷର ଜିତେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଣବତ୍ତାରେ ଭାରତୀୟ ମସଲା କମ୍ପାନୀ ବିଫଳ

ଭୁବନେଶ୍ୱର, ୧୮।୮ (ଅନୁରାଧା ମହାରଣା)



ଭାରତୀୟ ମସଲା କମ୍ପାନୀଗୁଡିକ ଗତ କିଛି ଦିନ ଧରି ବିବାଦରେ ରହୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଗୋଟିଏ ପରେ ଗୋଟିଏ, ସମସ୍ତ ମସଲା କମ୍ପାନୀର ଉତ୍ପାଦଗୁଡିକର କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। ହଂକଂରୁ ଏପରି ଏକ ମାମଲା ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ବିଶ୍ୱର ଅନେକ ଦେଶରେ ଭାରତୀୟ ମସଲା କମ୍ପାନୀ ବିରୋଧରେ ଅନୁସନ୍ଧାନ ଚାଲିଛି। ବର୍ତ୍ତମାନ ଏକ ରିପୋର୍ଟ ଦାବି କରିଛି ଯେ, ଭାରତୀୟ ମସଲାର ପ୍ରାୟ ୧୨ ପ୍ରତିଶତ ନମୁନା ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ) ପରୀକ୍ଷାରେ ବିଫଳ ହୋଇଛି। ସଂପୃକ୍ତ କମ୍ପାନୀଗୁଡ଼ିକ ଉତ୍ତମ ଗୁଣବତ୍ତା ଏବଂ ଖାଦ୍ୟ ସୁରକ୍ଷାର ମାନଦଣ୍ଡ ପୂରଣ କରିନାହାନ୍ତି।

ଭାରତୀୟ ମସଲା ଶିଳ୍ପ ପାଇଁ ଏହା ଏକ ବଡ଼ ସମସ୍ୟା ପାଲଟିଛି। ବ୍ରିଟେନ ପରେ ବର୍ତ୍ତମାନ ନ୍ୟୁଜିଲାଣ୍ଡ, ଆମେରିକା ଏବଂ ଅଷ୍ଟ୍ରେଲିଆରେ ଭାରତୀୟ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ମସଲାଗୁଡ଼ିକର କଡ଼ା ଯାଞ୍ଚ ଚାଲିଛି। ରଏଟର୍ସ ରିପୋର୍ଟ ଅନୁଯାୟୀ, ବ୍ରିଟେନରେ ଭାରତୀୟ ମସଲା ଆମଦାନୀ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି। ହଂକଂରେ ଦୁଇଟି ଅଗ୍ରଣୀ ଭାରତୀୟ ମସଲା ବ୍ରାଣ୍ଡ୍ ଉପରେ ନିଷେଧାଦେଶ ପରେ ଏଫ୍ଏସ୍ଏସ୍ଏଆଇ ମଧ୍ୟ ଭାରତୀୟ ମସଲା ବିରୋଧରେ ତଦନ୍ତ ଆରମ୍ଭ କରିଛି। ଏହି ଉଭୟ କମ୍ପାନୀ ନିଶ୍ଚିତ କରିଥିଲେ ଯେ ସେମାନଙ୍କର ମସଲା ସମ୍ପୂର୍ଣ୍ଣ ସୁରକ୍ଷିତ ଅଟେ। ଭାରତ ବ୍ୟତୀତ ଏହି ଦୁଇଟି କମ୍ପାନୀର ମସଲା ୟୁରୋପ, ଆମେରିକା ଏବଂ ଉତ୍ତର ଆମେରିକାରେ ବହୁଳ ଭାବରେ ବ୍ୟବହୃତ ହୁଏ।

ଆରଟିଆଇରୁ ମିଳିଥିବା ସୂଚନାକୁ ଆଧାର କରି ଏହି ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ମେ' ଏବଂ ଜୁଲାଇ ମଧ୍ୟରେ ୪,୦୫୪ ନମୁନା ପରୀକ୍ଷା କରାଯାଇଥିଲା।

## ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୮।୮

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସର ନୂତନ ଅଭିଯାନ ଏବଂ ଟିଭି କମର୍ସିଆଲ (ଟିଭିସି)ର ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଏକ ସିନେମା ଜରିଆରେ ଭାରତର ସ୍ୱାଧୀନତା ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଛି, ଯେଉଁଥିରେ ଭାରତୀୟ ଜାତୀୟ ପତାକାର ରଙ୍ଗକୁ ତୋଳି ଧରାଯାଇଛି। ଟିବିଡବ୍ଲ୍ୟୁଏ ଇଣ୍ଡିଆ ପକ୍ଷରୁ ପରିକଳ୍ପନା କରାଯାଇଥିବା ଏହି ଅଭିଯାନ ଜରିଆରେ ଭାରତୀୟ ଜାତୀୟ ପତାକାକୁ ଭିନ୍ନ ଦୃଷ୍ଟିକୋଣରେ ଉପସ୍ଥାପନ କରାଯାଇଛି, ଯାହା ରଙ୍ଗର ବିବିଧତାକୁ ପାଳନ କରୁଛି। ସେହିଭଳି ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକରେ ଏହି ଅଭିଯାନକୁ ଉନ୍ମୋଚନ କରାଯାଇଛି। ଏହି ଅଭିଯାନ ଜରିଆରେ ଜାତୀୟ ପତାକାରେ ଥିବା ତିନିଟି ରଙ୍ଗ ମଧ୍ୟରୁ ପ୍ରତି ରଙ୍ଗକୁ ଏକତା, ଗୌରବ ଓ ଜାତୀୟ ସଫଳତାର ପ୍ରତୀକ ଭାବେ ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସ ଉପସ୍ଥାପନ କରିଛି।

ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସର ଯୁଗ୍ମ ଏମ୍‌ଡି ତଥା ସିଇଓ ଏ. ଏସ. ସୁନ୍ଦରେସନ କହିଛନ୍ତି,ଆମ ସ୍ୱାଧୀନତା ଦିବସ ଅଭିଯାନ ଆମର ଜାତୀୟ ପରିଚୟ ସୃଷ୍ଟି କରୁଥିବା ରଙ୍ଗକୁ ପାଳନ କରୁଛି। ଯେଉଁ ରଙ୍ଗ ଦେଶକୁ ଏକାଠି କରିଥାଏ ଏବଂ ଆମେ ଯାହା କରିଥାଉ ସେଥିରେ ଗର୍ବ ଜାଗ୍ରତ କରୁଛି। ଏହା ଆତ୍ମ ଚିନ୍ତାଶୀଳ ହେବା ଏବଂ ପ୍ରତ୍ୟେକ ରଙ୍ଗ ପଛରେ ଥିବା କାହାଣୀକୁ ସାମ୍ନାକୁ ଆଣିବାର ଲକ୍ଷ୍ୟକୁ ପ୍ରତିଫଳିତ କରୁଛି।


### ଜନ୍ମଦିନ ଶୁଭେଚ୍ଛା



**ସୌମ୍ୟଜିତ୍ ସାହୁ (କାହ୍ନା)**

ମହତାବ ନଗର, ନିଉ କଲୋନୀ, ସାମରାଇପୁର, ଭଦ୍ରକ

ଦୁଷ୍ଟାମିରେ ଭରା ତୋର ସେହି ହସ,
କରିଥାଏ ସେ ତ ସଭିଙ୍କୁ ବଶ
ତୋ ଆଖିରେ ସେହି ନିଷ୍ପାପ ଚାହାଣି,
କହିଥାଏ କେତେ ସୁନ୍ଦର କାହାଣୀ।
ପାଟିର ସେହି ଦରୋଟି କଥା
ଦୂର ହୁଏ ଯେତେ ମନେ ଥାଏ ବ୍ୟଥା ।

ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଭଗବାନ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ପାପା, ମାମା, ନନା ଓ ପରିବାରବର୍ଗ ।

ଧ-୧୦୭୨


# ବେଆଇନ କାରବାରରୁ ରାଜସ୍ୱ ହ୍ରାସ

ନୂଆଦିଲ୍ଲୀ,୧୮।୮

କ୍ରମାଗତ ଭାବେ ଉଭୟ ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ବଜାରରେ ବେଆଇନ ସିଗାରେଟ କାରବାର ପାଇଁ ସରକାର ମୋଟା ଅଙ୍କର ରାଜସ୍ୱ ହରାଉଛନ୍ତି। ଏପରିକି ବେଆଇନ ତମାଖୁ କାରବାର ବିଶ୍ୱବ୍ୟାପୀ ଏକ ପ୍ରମୁଖ ବିପଦ ଓ ବର୍ଦ୍ଧିତ ଆହ୍ୱାନ ପାଲଟିଛି। ଉଲ୍ଲେଖଯୋଗ୍ୟ, ଫିକି (ଏଫ୍ଆଇସିସିଆଇ) କାସ୍‌କେଡ ଷ୍ଟଡି-୨୦୨୨ ମୁତାବକ ଭାରତରେ ବେଆଇନ ସିଗାରେଟ ପାଇଁ ମୋଟ ବଜାରର ହାରାହାରି ୨୨,୯୩୦ କୋଟି ଟଙ୍କା ମୂଲ୍ୟର ଅଟେ। ଏହି ରିପୋର୍ଟ ଅନୁଯାୟୀ ବେଆଇନ ତମାଖୁ କାରବାର ଯୋଗୁ ୨୦୨୨ରେ ଭାରତ ସରକାରଙ୍କ ହୋଇଥିବା ମୋଟ କ୍ଷତିର ମୂଲ୍ୟ ହାରାହାରି ୧୩,୩୩୧ କୋଟି ଟଙ୍କା ହୋଇଥିଲାବେଳେ ୨୦୧୨ରେ ଏହାର ପରିମାଣ ୬୨୪୦ କୋଟି ଟଙ୍କା ଥିଲା। ୨୦୧୨ତୁଳନାରେ ୨୦୨୨ରେ ଏହାର ପରିମାଣ ପ୍ରାୟ ୪୬% ଅଧିକ ବୋଲି ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ଫିଲିପ ମୋରିସ୍ ଇଣ୍ଟରନ୍ୟାଶନାଲ୍‌ସ (ପିଏମ୍ଆଇ) ଇଣ୍ଡିଆ ଆଫିଲିଏଟ, ଆଇପିଏମ୍ ଇଣ୍ଡିଆ, ଭାରତର ଅର୍ଥନୈତିକ ଆଗ୍ରହ ଓ ଉପଭୋକ୍ତାଙ୍କୁ ସୁରକ୍ଷିତ ରଖିବା ପାଇଁ ବେଆଇନ ତମାଖୁ କାରବାର ପ୍ରତିରୋଧ ଦିଗରେ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।

**୧୦ ବର୍ଷରେ ୪୬% ଟିକସ କ୍ଷତି**

ଏପରିକି ଟବାକୋ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଟିଆଇଆଇ)ର ରିପୋର୍ଟ ଅନୁଯାୟୀ ଅନ୍ତର୍ଜାତୀୟ ସ୍ତରରୁ ଚୋରାଚାଲାଣ କରାଯାଉଥିବା ଏବଂ ସ୍ଥାନୀୟ ଭାବେ ଟିକସ ଫାଙ୍କି ଉତ୍ପାଦନ କରାଯାଉଥିବା ବେଆଇନ ସିଗାରେଟକୁ ନେଇ ଗଠିତ ଏବଂ ଏହି ବେଆଇନ ସିଗାରେଟ କାରବାର ପରିମାଣ ଭାରତରେ ସିଗାରେଟ ଶିଳ୍ପର ଏକ ଚତୁର୍ଥାଂଶ ସହ ସମାନ ଅଟେ। ସଦ୍ୟତମ ରିପୋର୍ଟ ଅନୁଯାୟୀ ୨୦୨୩-୨୪ରେ ଆଇନ ପ୍ରଣୟନ ସଂସ୍ଥାଗୁଡିକ ଭାରତର ଅନେକ ସହରରୁ ବେଆଇନ ସିଗାରେଟ ଜବତ କରିଥିଲେ ମଧ୍ୟ ବେଆଇନ କାରବାର ବନ୍ଦ ହୋଇନାହିଁ। ଏପରିକି ୟୁରୋ ମନିଟର ଇଣ୍ଟରନ୍ୟାଶନାଲର ୨୦୨୩ ରିପୋର୍ଟ ଅନୁଯାୟୀ ଭାରତରେ ବେଆଇନ ସିଗାରେଟ କାରବାର ସଂଖ୍ୟା ୨୦୨୨ରେ ୩୦.୨ ବିଲିୟନ ଷ୍ଟିକ୍‌ରେ ପହଞ୍ଚିଥିଲାବେଳେ ଏ କ୍ଷେତ୍ରରେ ଭାରତର ସ୍ଥାନ ଚାଇନା ଓ ବ୍ରାଜିଲ ପଛରେ ରହିଛି।

ଏ ସମ୍ପର୍କରେ ଆଇପିଏମ୍ ଇଣ୍ଡିଆର ଏମଡି ନବୀନ ଲକର କହିଛନ୍ତି, ବେଆଇନ କାରବାରକୁ ଦୂର କରିବା ଆମ ପାଇଁ ଦୀର୍ଘ ଦିନରୁ ଏକ ପ୍ରାଥମିକତା ରହି ଆସିଛି। ଏପରିକି ବେଆଇନ କାରବାରକୁ ରୋକିବା ପାଇଁ ବିଶ୍ୱବ୍ୟାପୀ ପିଏମ୍ଆଇର ରଣନୀତି ଜାରି ରହିଛି। ଏପରିକି ୫ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଅନୁସନ୍ଧାନ ଓ ବୁଦ୍ଧିମତ୍ତା, ଯୋଗାଣ ଶୃଙ୍ଖଳାକୁ ସୁରକ୍ଷିତ ରଖିବା, ସହଭାଗିତା, ଆଇନ ପ୍ରଣୟନ ସଂସ୍ଥାନ ସହ ସହଭାଗିତା ଓ ସଚେତନତା ବୃଦ୍ଧି କରିବା ଉପରେ ସଂସ୍ଥା ଗୁରୁତ୍ୱ ଦେଉଛି। ଭାରତରେ ଆମେ ଏହି କାରଣ ପାଇଁ ସମାନ ଭାବେ ପ୍ରୟାସ କରୁଛୁ,ବେଆଇନ ତମାଖୁ କାରବାର ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଓ ଲୋକମାନଙ୍କୁ ସଚେତନ କରିବା ପାଇଁ ଆଇନ ପ୍ରଣୟନ ସଂସ୍ଥାଗୁଡିକ ସହ କାର୍ଯ୍ୟ କରୁଛୁ।


# Classified Everyday 0674-2580101, 2549949



REAL ESTATE

**SALE**

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ। 7008297827. D-974

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-1071

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Plot for sale near KIIT University, Patia, 30' Road, Electricity available (Ready for construction), 8144344542. D-75986

**GA Plot for sale (Non Freehold) 60'x45'=2700sqft. at Chandrasekharpur and 50'x75'=3750sqft. plot at Ghatikia. The intending buyer who will give 4 months time for freehold need only contact 9937786833, 9668135323. Time- 4.00-6.00P.M.** D-75773

**TO LET**

Jagamara Main Road, opposite to News-7 Office. 700 Square Feet Carpet Area, First Floor, Three Rooms with attached Bath Room. For Business/ Office use, Contact Number-9437799684/ 8455887142. D-1055




Newly open health benefits SPA special offer @ 999 Bapuji Nagar. 8018429809. D-76145

Newly open health benefits SPA by expert therapist. Contact- 6371861658. D-76146

Newly open SPA positively health benefits with expert therapist. 9040286886. D-76143

**Full body massage experience good looking therapist @ 999 (Bhubaneswar). 9078484455.** D-999

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିଜୟ କୁମାର ସାବତ**

ଆବିର୍ଭାବ : ୦୭.୦୬.୧୯୪୪
ତିରୋଧାନ : ୦୮.୦୮.୨୦୨୪

ତୁମର ଆଦର୍ଶ, ସ୍ନେହ, ସଚ୍ଚୋଟତା, ଆମକୁ ସବୁଦିନ ପ୍ରେରଣା ଯୋଗାଇଥାଉ । ଆଜିର ଏହି ଅବସରରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ :**
ରୀନା, ମୁନା, ଝୁନୁ, ଟିକି, ବିଷ୍ଣୁ, ଟିନା, ଅଳକା, ସସ୍ମିତା, ଅମିତ, ଗୁଡ଼ଲି, ରେଇନି, ଆଶିଷା, ଓମ୍, ଗୋବିନ୍ଦ, ବବଲୀ, ରିଦ୍ଧି, ସିଦ୍ଧି ପରିବାରବୃନ୍ଦ ତଥା ଆତ୍ମୀୟ ସ୍ୱଜନ ।

ଧ-୭୫୩୪୫

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଶାନ୍ତିଲତା ପ୍ରଧାନ**

ଖାସମାହାଲ କଲୋନୀ, ଜଟଣୀ, ଖୋର୍ଦ୍ଧା

ବୋଉ! ଆଜି ବି ତତେ ଡାକିଲେ ପ୍ରତି ଉତ୍ତରରେ 'ଓ' ବୋଲି ଶୁଭେ। ତୋ ପଣତ ପତିତପାବନ, ତୋ କୋଳ ରତ୍ନ ପଲଙ୍କ, ତୋ ହାତରନ୍ଧା ଆମ ଲାଗି ଆନନ୍ଦ ବଜାର, ତୋ ପାଇଁ ଘର ଶ୍ରୀମନ୍ଦିର ଲାଗେ, ତୋ ବିନା ସବୁ ଶ୍ରୀହୀନ। ଆଉ ଥରେ ଆମ ଅଳି ଅଝଟର ସାକ୍ଷୀ ହେବା ପାଇଁ ଆସନ୍ତୁନି। ହେ ମହାପ୍ରଭୁ ଏତିକି ଗୁହାରି ଶୁଣନ୍ତୁ।

**ଶୋକସନ୍ତପ୍ତ- ସ୍ୱାମୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପରିବାରବର୍ଗ ।**

ଧ-୧୦୫୮

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଡକ୍ଟର ରବିନାରାୟଣ ମିଶ୍ର**

ତିରୋଧାନ - ରାକ୍ଷୀ ପୂର୍ଣ୍ଣିମା

ନାନା, ... ଆଜିକୁ ୬ ବର୍ଷ ବିତିଗଲା, ତୁମ ପଥକୁ ଚାହିଁ ଚାହିଁ । ତୁମେ ଜଗନ୍ନାଥଙ୍କ ପାଖରେ ଭଲରେ ଥିବ ନିଶ୍ଚୟ । କିନ୍ତୁ ଆମ ଆଖିରୁ ଲୁହ ଝରି ଚାଲିଛି, ଆମର ଅତୀତର ଦିନ ଗୁଡିକ ସ୍ମରଣ କରି ।

**ଆଶୀର୍ବାଦ ଦେବ**
**ସୋନି - ସୁନୀ**

ଧ-୭୫୫୫୬

# ବିଦ୍ୟୁତ୍ ତାର ଲାଗି ହାତୀ ମୃତ

## ବିଦ୍ୟୁତ୍ ବିଭାଗ ଅବହେଳାକୁ ଦାୟୀ କଲେ ସ୍ଥାନୀୟ ଲୋକେ

ନାକଟୀଦେଉଳ, ୧୮।୮(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡ ଘୋଷରାମାଳ ଫରେଷ୍ଟ ସେକ୍ସନର ଚରଡ଼ପଶି ଚହଟାପଦାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ମାଈହାତୀର ମୃତ୍ୟୁ ଘଟିଛି। ଶନିବାର ରାତିରେ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ରେଢ଼ାଖୋଲ-ନାକଟୀଦେଉଳ ରାସ୍ତା ପାର୍ଶ୍ୱରୁ ପ୍ରାୟ ୧ଶହ ମିଟର ଦୂରରେ ଏହି ଘଟଣା ଘଟିଛି।



ମରି ପଡିଥିବା ମାଈହାତୀ।

ପ୍ରାପ୍ତ ସୂଚନା ଅନୁସାରେ ଗତ କିଛିଦିନ ହେଲା ଏକ ୫୦ଟିକିଆ ହାତୀପଲ ଏହି ଅଞ୍ଚଳକୁ ଆସି ଭାଗ ଭାଗ ହୋଇ ଏଣେତେଣେ ବୁଲୁଥିଲେ। ଶନିବାର ରାତ୍ରି ପ୍ରାୟ ୧୦ଟା ବେଳେ ଏକ ୧୫ ଟିକିଆ ହାତୀପଲ ଚହଟାପଦାଠାରେ ଧାନ ଜମିରେ ପଶି ଉପଦ୍ରବ କରୁଥିଲେ। ବନ ବିଭାଗ କର୍ମଚାରୀ ସେମାନଙ୍କ ପିଛା କରିଥିଲେ। ଏହି ସମୟରେ ହାତୀପଲ ଚହଟାପଦା ଜଙ୍ଗଲରୁ ଜାତୀୟ ରାଜପଥ ପାର ହୋଇ ଅପରପାର୍ଶ୍ୱ ଜଙ୍ଗଲକୁ ଯାଉଥିବାବେଳେ ପାଖରେ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଏକ ମାଈହାତୀର ଶୁଣ୍ଢ ଲାଗିଯିବାରୁ ଘଟଣାସ୍ଥଳରେ ଟଳି ପଡ଼ିଥିଲା। ମୃତ ହାତୀ ନିକଟରେ ଅନ୍ୟ ହାତୀମାନେ ଦୀର୍ଘ ସମୟ ଧରି ଜଗି ରହିଥିଲେ। ହାତୀପଲଙ୍କ ପିଛା କରୁଥିବା ବନ କର୍ମଚାରୀମାନେ ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଅରବିନ୍ଦ ମହାନ୍ତି, ସହକାରୀ ବନ ସଂରକ୍ଷକ ମାଳତୀଲତା ହାଁସଦା, ନାକଟୀଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ରବିବାର ସକାଳେ ବନ ବିଭାଗର ଅଧିକାରୀ ଏବଂ ରେଢ଼ାଖୋଲ ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମାଟି ଉପରୁ କମ୍ ଉଚ୍ଚତାରେ ୧୧କେଭି ଜୀବନ୍ତ ତାର ଯାଇଥିବାରୁ ହାତୀର ମୃତ୍ୟୁ ଘଟିଲା ଓ ବିଦ୍ୟୁତ୍ ବିଭାଗର ଅବହେଳା ଏଥିପାଇଁ ଦାୟୀ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ପରେ ସେଠାରେ ହାତୀ ମୃତଦେହ ପୋତି ଦିଆଯାଇଛି। ମୃତ ମାଈହାତୀର ବୟସ ୧୫ ବର୍ଷ ହେବ। ହାତୀ ମୃତ୍ୟୁ ଘଟଣାର ତଦନ୍ତ କରାଯିବ ବୋଲି ରେଢ଼ାଖୋଲ ଡିଏଫ୍‌ଓ ମହାନ୍ତି କହିଛନ୍ତି। ହାତୀ ଚଲାପଥ ରାସ୍ତାରେ ଯାଇଥିବା ବିଦ୍ୟୁତ୍ ତାରଗୁଡ଼ିକୁ ଖୁବ୍‌ଶୀଘ୍ର ହଟାଇ କେବୁଲ ତାର ବିଛାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏହି ଘଟଣାକୁ ମିଶାଇ ଗତ ୨ ମାସ ମଧ୍ୟରେ ରେଢ଼ାଖୋଲ ବନଖଣ୍ଡରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଟି ହାତୀର ମୃତ୍ୟୁ ଘଟିସାରିଲାଣି।

# ଟ୍ରେନ୍‌ରେ କଟି ଛୁଆହାତୀ ମୃତ

ଟେନସା,୧୮।୮
(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ବରସୁଆଁ ରେଞ୍ଜ ଡିଭିଜନ ଚୋରଧରା ରେଲୱେ ସାଇଡିଂ ନିକଟରେ ଏକ ମାଲବାହୀ ଟ୍ରେନରେ କଟି ରବିବାର ସକାଳେ ଏକ ହାତୀ ଛୁଆର ମୃତ୍ୟୁ ଘଟିଛି। ମୃତଦେହ ପାଖରେ ହାତୀପଲ ଜଗି ରହିଥିବାରୁ ଘଟଣାସ୍ଥଳକୁ ଯାଇ ପାରି ନ ଥିଲେ ଜଙ୍ଗଲ ଓ ଜିଆର୍‌ପି କର୍ମଚାରୀ। ଫଳରେ ସେହି ଟ୍ରାକ୍‌ରେ ଯାତାୟାତ କରୁଥିବା ଅନ୍ୟ ସମସ୍ତ ଟ୍ରେନକୁ ବାତିଲ କରିଥିଲେ ବନ୍ଧମୁଣ୍ଡା ରେଳ କର୍ତ୍ତୃପକ୍ଷ। ପରେ କେ. ବଲାଙ୍ଗ ପୋଲିସ, ବରସୁଆଁ ଜଙ୍ଗଲ ଅଧିକାରୀ ଓ ରେଲୱେ ଅଧିକାରୀମାନେ ହାତୀ ପଲଙ୍କୁ ଘଉଡ଼ାଇ ମୃତଦେହ ବାହାର କରିବା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଛି।



ଟ୍ରେନ୍‌ରେ କଟି ପ୍ରାଣ ହରାଇଥିବା ହାତୀ ଛୁଆ।

# ଟାଙ୍ଗିଆରେ ହାଣି ସ୍ତ୍ରୀକୁ ହତ୍ୟା

## ସ୍ୱାମୀ ଅଟକ

ବାଲିଶଙ୍କରା, ୧୮।୮(ହୃଦାନନ୍ଦ ବାରିକ)

ଘରୋଇ କଳହକୁ ନେଇ ସୁନ୍ଦରଗଡ଼ ଜିଲା କିଞ୍ଜିରକେଲା ଥାନା ଅନ୍ତର୍ଗତ କୁସୁମୁରା ପଞ୍ଚାୟତର ରାଇଡ଼ିହି ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଏହି ଗ୍ରାମର ଲାଜରସ ଧନୁୟାର (୪୮)। ଖବର ପାଇ କିଞ୍ଜିରକେଲା ପୋଲିସ ରବିବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏହାସହ ଅଭିଯୁକ୍ତ ବିନୋଦ ଧନୁୟାର(୫୫)ଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ତେବେ ମୃତଦେହ ଦୁର୍ଗନ୍ଧ ହେଉଥିବାରୁ ୩/୪ ଦିନ ପୂର୍ବରୁ ଏହି ହତ୍ୟାକାଣ୍ଡ ହୋଇଥିବ ବୋଲି ପୋଲିସ ଅନୁମାନ କରୁଛି।

ପୋଲିସ ସୂଚନା ଅନୁସାରେ, ୩ଦିନ ତଳେ ରାଇଡିହୀ ଗ୍ରାମର ବିନୋଦ ଓ ତାଙ୍କ ସ୍ତ୍ରୀ ଲାଜରସ ବିଲକୁ କାମ କରିବାକୁ ଯାଇ ଘରକୁ ଫେରିଥିଲେ। ଖାଇବା ପୂର୍ବରୁ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିନୋଦ ଘରେ ଥିବା ଏକ ଟାଙ୍ଗିଆରେ ଲାଜରସଙ୍କୁ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଲାଜରସଙ୍କ ମୃତ୍ୟୁ ହୋଇଥିଲା। ପରଦିନ ସନ୍ଧ୍ୟାରେ ସେ ଗ୍ରାମବାସୀଙ୍କୁ ଡାକି ତାଙ୍କ ସ୍ତ୍ରୀ ବିଲରେ ପଡ଼ି ମୃତ୍ୟୁବରଣ କରିଛନ୍ତି ବୋଲି କହିଥିଲେ। ତାଙ୍କ କଥାରେ ସନ୍ଦେହ ହେବାରୁ ଗ୍ରାମବାସୀ ଥାନାକୁ ଖବର ଦେଇଥିଲେ।

# ପୋଖରୀରେ ବୁଡ଼ି ୨ ଶିଶୁକନ୍ୟା ମୃତ

ଦିଗପହଣ୍ଡି,୧୮।୮(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଟିଗୁଡା ପଞ୍ଚାୟତ ସିନ୍ଧୁରପୁର ଗାଁରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଗାଁ ଶିବମନ୍ଦିର ପୋଖରୀରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇ ୨ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଉକ୍ତ ଗ୍ରାମର ସନ୍ତୋଷ ନାୟକଙ୍କ ଝିଅ ସେଲାନି ନାୟକ (୬) ଓ ବଳରାମ ଡାକୁଆଙ୍କ ଝିଅ ତୁଳସୀ ଡାକୁଆ (୬)। ପରିବାର ଲୋକଙ୍କ ଅଜାଣତରେ ମଧ୍ୟାହ୍ନରେ ଉଭୟେ ଗାଧୋଇବା ପାଇଁ ପୋଖରୀକୁ ଯାଇ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକ ଓ କେତେ ଜଣ ଗ୍ରାମବାସୀ ପୋଖରୀ ଆଡ଼େ ଖୋଜିବାକୁ ଯାଇଥିଲେ। ପୋଖରୀ ତୁଠରେ ଶିଶୁକନ୍ୟାଦ୍ୱୟଙ୍କ ପୋଷାକ ଥିବା ଦେଖି କେତେଜଣ ଯୁବକ ପାଣିରେ ପଶି ଖୋଜିଥିଲେ। ଖବରପାଇ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ଅଚେତ ଅବସ୍ଥାରେ ସେଲାନି ଓ ତୁଳସୀଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ୨ଟିକୁ ଜବତ କରିଥିଲା। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଦୁଇ ଅପମୃତ୍ୟୁ (ନଂ.୧୪/୨୪ ଓ ୧୫/୨୪) ମାମଲା ରୁଜୁ କରାଯାଇଛି।

# ଯବାନଙ୍କ ଝୁଲନ୍ତା ମୃତଦେହ ଜବତ

ଭବାନୀପାଟଣା,୧୮।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଥିବା ୬୪ ସିଆର୍‌ପିଏଫ୍ କ୍ୟାମ୍ପରୁ ଶନିବାର ସକାଳେ ଜଣେ ଯବାନଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ଅର୍ଜୁନ ଚରଣ ନାୟକ(୫୮)। ତାଙ୍କ ଘର ଜଗତ୍‌ସିଂହପୁର ବୋଲି ଜଣାପଡ଼ିଛି। ଅର୍ଜୁନ ୬୪ ସିଆର୍‌ପିଏଫ୍‌ରେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ସେ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଉଛି। ତେବେ ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ଟାଉନ ଥାନା ଆଇଆଇସି ଯଶୋବନ୍ତ ହିଆଲ ପ୍ରକାଶ କରିଛନ୍ତି। ପରିବାର ଲୋକେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୦୨୪) ରୁଜୁ ହୋଇଛି।

# ବିଦେଶୀ ମଦ ବୋଝେଇ ୨ ଟ୍ରକ୍ ଜଳିଗଲା



ଗୋଦାମ ପରିସରରେ ଥିବା ୨ଟି ମଦ ବୋଝେଇ ଟ୍ରକ୍‌ରେ ନିଆଁ ଲାଗିଛି।

ଛେଣ୍ଡିପଦା,୧୮।୮ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁରସ୍ଥିତ ଓଡ଼ିଶା ରାଜ୍ୟ ମଦ ନିଗମ ଲିମିଟେଡ୍ (ଓଏସ୍‌ବିସିଏଲ୍) ଗୋଦାମ ପରିସରରେ ଖାଲି କରାଯିବା ପାଇଁ ରଖାଯାଇଥିବା ବିଦେଶୀ ମଦ ବୋଝେଇ ୨ଟ୍ରକ୍ ରବିବାର ଜଳିଯାଇଛି। ଏଥିଯୋଗୁ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ମଦ ଡିପୋରୁ ୨ଟି ଟ୍ରକ୍‌ରେ ବିଦେଶୀ ମଦ ବୋଝେଇ ହୋଇ ଦୁର୍ଗାପୁର ସରକାରୀ ମଦ ଗୋଦାମରେ ପହଞ୍ଚିଥିଲା। ରବିବାର ଛୁଟି ଦିନ ହୋଇଥିବାରୁ ଟ୍ରକ୍ ୨ଟି ଖାଲି ହୋଇପାରି ନ ଥିଲା। ହେଲେ ମଧ୍ୟାହ୍ନରେ ହଠାତ ଟ୍ରକ୍ ୨ଟିରେ ନିଆଁ ଲାଗି ମଦ ବୋତଲସବୁ ଫାଟିବାକୁ ଲାଗିଥିଲା। ଏହାଦେଖି ଗୋଦାମ ସୁରକ୍ଷାକର୍ମୀମାନେ ତୁରନ୍ତ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ୩ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ସର୍ଟସର୍କିଟ ଯୋଗ ଏହି ଘଟଣା ଘଟିଥିବା ଅଗ୍ନିଶମ ବିଭାଗର ପ୍ରାଥମିକ ତଦନ୍ତରେ ସନ୍ଦେହ କରାଯାଇଛି। ଏପରି ଖବରପାଇ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ୧୫ ଭରି ଗହଣା, ଲକ୍ଷେ ଟଙ୍କା ଲୁଟିନେଲେ

ବ୍ରହ୍ମପୁର,୧୮।୮(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ୬ଷ୍ଠ ସାରଣୀରେ ରହୁଥିବା ଦୃତିକୃଷ୍ଣ ସାହୁଙ୍କ ଘରର ତାଲା ବନ୍ଦ ୧୫ ଭରି ସୁନାଗହଣା (୧୫୦ ଗ୍ରାମ), ୫୦୦ ଗ୍ରାମ ରୁପା ଅଳଙ୍କାର ଓ ୧ ଲକ୍ଷ ଟଙ୍କା ଚୋରି ହୋଇଛି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିବା ସହ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଦୃତିକୃଷ୍ଣଙ୍କ ଅସୁସ୍ଥ ଶାଶୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ୪ ତାରିଖରେ ଦୃତିକୃଷ୍ଣ ଘରେ ତାଲା ପକାଇ ପରିବାର ସହ ସେଠାକୁ ଯାଇଥିଲେ। ୧୪ ତାରିଖରେ ତାଙ୍କ ଘର ଗ୍ରୀଲ ତାଲା ଭଙ୍ଗା ଯାଇଥିବା ସ୍ଥାନୀୟ ଲୋକ ଫୋନ କରି ଦୃତିକୃଷ୍ଣଙ୍କୁ ଜଣାଇଥିଲେ। ସେ ଘରକୁ ଫେରି ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ଘର ଭିତରକୁ ଯିବାରେ ଦୁଇଟି ଆଲମିରା ଖୋଲାଥିବା ବେଳେ ସେଥିରେ ଥିବା ସୁନା ଓ ରୁପା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ପୋଲିସ ଏକ ମାମଲା (ନଂ.୨୨୬/୨୪) ରୁଜୁ କରିଛି। ଲୁଟେରାଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି।

# ଯୁବ ଡାକ୍ତର ଓମ୍‌କାର ହୋତାଙ୍କୁ ଶୁଭେଚ୍ଛା

## ‘ଦମନ’ ଚଳଚ୍ଚିତ୍ରର ରିଏଲ ହିରୋ

ଟିଟିଲାଗଡ,୧୮।୮(ଶରତ ମିଶ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ମ୍ୟାଲେରିଆ ରୋଗର ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଯୁବ ଡାକ୍ତର ଓମ୍‌କାର ହୋତାଙ୍କୁ ନେଇ ୨୦୨୨ରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର ‘ଦମନ’ ଅନେକ ଖ୍ୟାତି, ସମ୍ମାନ ସହ ପୁରସ୍କାର ସାଉଁଟିବାରେ ଲାଗିଛି। ନିକଟରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ହୋଇଥିବା ବେଳେ ‘ଦମନ’ ଆଞ୍ଚଳିକ ଫିଚର ଫିଲ୍ମ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଛି। ଚଳଚ୍ଚିତ୍ରର ସେହି ରିଏଲ ହିରୋ ଡା. ହୋତା ବର୍ତ୍ତମାନ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ସେବାକୁ ନେଇ ନିର୍ମିତ ଚଳଚ୍ଚିତ୍ରର ସଫଳତା ପରେ ଟିଟିଲାଗଡ଼ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ଖୁସିର ଲହରି ଖେଳିଯାଇଛି। ଯୁବ ଡାକ୍ତର ହୋତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଏନେଇ ରବିବାର ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟାଳୟ ଡାକ୍ତରଖାନା ରୋଗୀ କଲ୍ୟାଣ ସମିତି ସଦସ୍ୟ ସୁଦାମ ମହାରଣା, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଭାଜପା ନେତା ହରିନାରାୟଣ ମିଶ୍ର ପ୍ରମୁଖ ଡା. ହୋତାଙ୍କୁ ଡାକ୍ତରଖାନାରେ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଦମନ ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନେତା ବାବୁସାନ ମହାନ୍ତି ଓ ଦୀପନ୍ୱିତ ଦାଶ ମହାପାତ୍ର ରହିଛନ୍ତି। ଏହାର ପ୍ରଯୋଜକ ଦୀପେନ୍ଦ୍ର ସାମଲ ରହିଥିବା ବେଳେ ଯୁଗ୍ମ ନିର୍ଦ୍ଦେଶନା ଦେଇଛନ୍ତି ଦେବୀପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ। ‘ଦମନ’ ଜାତୀୟ ପୁରସ୍କାର ପାଇବା ପରେ ଏବେ ସେହି ଯୁବ ଡାକ୍ତରଙ୍କୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି।



‘ଦମନ’ର ସଫଳତା ପରେ ଡାକ୍ତର ଓମ୍‌କାରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

# ଚଳନ୍ତା ମାଲବାହୀ ଟ୍ରେନ୍ ଇଞ୍ଜିନରୁ ୨୦ ବଗି ବିଚ୍ଛିନ୍ନ



ମାଲବାହୀ ଟ୍ରେନ ଇଞ୍ଜିନରୁ ବଗି ବିଚ୍ଛିନ୍ନ ହୋଇ ଫାଟକ ଠାରେ ଛିଡ଼ା ହୋଇଛି।

ଲାଠୋର,୧୮।୮(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ହରିଶଙ୍କରରୋଡ୍ ରେଳ ଫାଟକଠାରେ ରବିବାର ସକାଳେ ଏକ ମାଲବାହୀ ଟ୍ରେନ ଇଞ୍ଜିନରୁ ବଗି ବିଚ୍ଛିନ୍ନ ହୋଇ ଯାଇଛି। ଏଥିରେ କୌଣସି ପ୍ରକାର ଅଘଟଣ ଘଟି ଧନଜୀବନ କ୍ଷତି ହୋଇ ନ ଥିଲେ ମଧ୍ୟ ଏକ ବଡ଼ଧରଣର ଦୁର୍ଘଟଣା ଟଳିଯାଇଛି। ଏହି ଦୁର୍ଘଟଣା ଯୋଗୁ ଅଧ ଘଣ୍ଟା କାଳ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ସକାଳେ ରାୟପୁର ପଟୁ ଏକ ମାଲବାହୀ ଟ୍ରେନ ବିଶାଖାପାଟଣା ଅଭିମୁଖେ ଯାତ୍ରା କରୁଥିଲା। ଟ୍ରେନଟି ହରିଶଙ୍କରରୋଡ ରେଳ ଫାଟକଠାରେ ପୂର୍ବାହ୍ନ ୧୦ଟା ୩୦ ମିନିଟରେ ପହଞ୍ଚି ଥିଲା। ତେବେ ଇଞ୍ଜିନ ଏବଂ କିଛି ବଗି ଫାଟକ ଅତିକ୍ରମ କରିବା ପରେ ହଠାତ୍ ଇଞ୍ଜିନରୁ ବଗି ବିଚ୍ଛିନ୍ନ ହୋଇଯାଇଥିଲା। ଇଞ୍ଜିନ ଆଉ କେତେକ ବଗି କିଛି ବାଟ ଅତିକ୍ରମ କଲାପରେ ଟ୍ରେନଟି ଅଟକି ଥିଲା। ପ୍ରାୟ ୨୦ ଗୋଟି ବଗି ବିଚ୍ଛିନ୍ନ ହୋଇ ରହିଯାଇଥିଲା। ଫଳରେ ହରିଶଙ୍କର ରୋଡ୍ ରେଳ ଫାଟକ ବନ୍ଦ ରହିଥିଲା। ରବିବାର ସାପ୍ତାହିକ ହାଟ ପାଳି ଥିବା ହେତୁ ଫାଟକ ନିକଟରେ ଅନେକ ଗାଡ଼ି ମୋଟର ଛିଡ଼ା ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ଖବର ପାଇ ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରେନ ବଗିକୁ ଯୋଡିଲା ପରେ ଟ୍ରେନଟି ନିଜର ଗନ୍ତବ୍ୟ ସ୍ଥଳ ଅଭିମୁଖେ ପୁଣି ଯାତ୍ରା ଆରମ୍ଭ କରିଥିଲା। ବିଭାଗୀୟ ଅବହେଳା ଯୋଗୁ ଏପରି ଘଟିଥିବା ଆଲୋଚନା ହେଉଛି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଅନୁଗୋଳ,୧୮।୮(ମାନସ ବିଶ୍ୱାଳ)

ନାବାଳିକାଙ୍କୁ ପ୍ରେମ ଜାଲରେ ପକାଇ ଜନ୍ମଦିନ ପାଳନ ଆଳରେ ହୋଟେଲରେ କରିଥିଲେ ବଳାତ୍କାର। ଏହାପରେ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର କରିଥିଲେ ବଳାତ୍କାର। ଏପରି କି ନାବାଳିକାଙ୍କ ଗର୍ଭପାତ ମଧ୍ୟ କରାଇଥିଲେ। ହେଲେ ଏହାପରେ ଆଉ ଧରାଛୁଆଁ ଦେଇ ନ ଥିଲେ ଯୁବକ। ଏ ନେଇ ନାବାଳିକା ପୋଲିସର ଦ୍ୱାରସ୍ଥ ହେବା ପରେ ଗିରଫ ହୋଇଛନ୍ତି ଅଭିଯୁକ୍ତ ବିଜୟ କୁମାର ନାଏକ (୨୭)। ଅନୁଗୋଳ ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣା ରବିବାର ଆଲୋଚନାର ବିଷୟ ହୋଇଛି।

ପୋଲିସ କହିଛି, ଅଭିଯୁକ୍ତ ବିଜୟ ସହରର ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ କରୁଥିଲେ। ଜନ୍ମଦିନ ପାଳିବାକୁ ତାଙ୍କୁ ଏକ ଘରୋଇ ହୋଟେଲକୁ ଡାକିଥିଲେ। ସେଠାରେ ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ଏହାପରେ ବିବାହ ପ୍ରତିଶ୍ରୁତି ଦେଇ ଅନେକ ଥର ବଳାତ୍କାର କରିଥିଲେ। ଫଳରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିଲେ। ଏକଥା ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ଧମକ ମଧ୍ୟ ଦେଇଥିଲେ। କିନ୍ତୁ ନାବାଳିକା ଜଣକ ବିବାହ ପାଇଁ ବାଧ୍ୟ କରିବାରୁ ଅଭିଯୁକ୍ତ ବିଜୟ ମନା କରିଦେବା ସହ ନାବାଳିକାଙ୍କ ଗର୍ଭପାତ କରାଇଥିଲେ। ଏହାପରେ ଆଉ ଧରାଛୁଆଁ ନ ଦେଇ ଅନ୍ୟତ୍ର ବିବାହ କରିଥିଲେ। ଏ ନେଇ ସମ୍ପୃକ୍ତା ନାବାଳିକା ଗତ ୧୬ ତାରିଖରେ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୫୭/୨୪ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲଙ୍ଗେ ଗଲି ବଲଙ୍ଗେ ଗଲି
କରମେ ଥିଲା ପୁଅ ପାଇଲି।**

ପୁଅ ଝିଅ ଉଭୟେ ସମାନ ହୋଇଥିବା ସ୍ଥଳେ ଅନେକ ମାତାପିତା ପୁତ୍ର ପ୍ରାପ୍ତିର ଆଶା ରଖିଥାନ୍ତି। ବୃଦ୍ଧାବସ୍ଥାରେ ଟିକିଏ ସାହାଭରସା ମିଳିବା ଆଶାରେ ପୁଅଟିଏ ପାଇବା ପାଇଁ ବ୍ୟାକୁଳ ହୋଇପଡ଼ିଥାନ୍ତି। ବହୁ ପୂଜାର୍ଚ୍ଚନା କରି ତଥା କଷ୍ଟ ସ୍ୱୀକାର କରି ଭାଗ୍ୟବଳରେ ପୁତ୍ରଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅପମାନ ପାଇ ଅଳସୀ ରାଗେ,
କଥା ନ କହିଲା ଗେରସ୍ତ ସାଙ୍ଗେ।**

ଦାମ୍ପତ୍ୟ ଜୀବନରେ କଳହ ଏକ ସାଧାରଣ କଥା। ବେଳେ ବେଳେ ଅତି ସାମାନ୍ୟ କଥାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର, ମନାନ୍ତର ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ସ୍ୱାମୀଠାରୁ କଡ଼ାକଥା ଶୁଣି ଅଭିମାନରେ ମୁହଁ ଶୁଖାଇ କଥା କହୁ ନ ଥିବା ଘରଣୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କ୍ଷମା ମାଗିଲେ ଅଲ୍‌କାରାଜ

ସିନ୍‌ସିନାଟି,୧୮।୮(ଏପି)

ଶୁକ୍ରବାର ଅପରାହ୍ନରେ ସିନ୍‌ସିନାଟି ଓପନରେ ଗେଲ୍ ମନ୍‌ଫିଲ୍ସ ବିପକ୍ଷ ପରାଜୟ ମ୍ୟାଚ ବେଳେ କାର୍ଲୋସ ଅଲ୍‌କାରାଜ ଯେଉଁ ଆଚରଣ ଦେଖାଇଥିଲେ ସେଥିପାଇଁ ସେ କ୍ଷମାପ୍ରାର୍ଥନା କରିଛନ୍ତି। ତୃତୀୟ ସେଟ୍ ବେଳେ ଅଲ୍‌କାରାଜ ହତୋତ୍ସାହିତ ହୋଇ ତାଙ୍କ ର‍୍ୟାକେଟ୍‌ଟିକୁ କୋର୍ଟରେ ବାରମ୍ବାର ପ୍ରହାର କରି ଭାଙ୍ଗି ଦେଇଥିଲେ। ୪ଥର ଗ୍ରାଣ୍ଡସ୍ଲାମ ବିଜେତାଙ୍କ ନିକଟରେ ଏଭଳି କାର୍ଯ୍ୟକଳାପ ଦେଖିବାକୁ ମିଳି ନ ଥାଏ। ଏଟିପି ର‍୍ୟାଙ୍କିଙ୍ଗର ୩ ନମ୍ବର ଖେଳାଳି ୩୭ ବର୍ଷୀୟ ମନଫିଲ୍ସଙ୍କଠାରୁ ୪-୬, ୭-୬ (୭-୫), ୬-୪ରେ ହାରିଯାଇଥିଲେ। ଶନିବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କର ଏକ ପୋଷ୍ଟରେ ଭୁଲ ସ୍ୱୀକାର କରିଛନ୍ତି। କୋର୍ଟରେ ଏଭଳି ଆଚରଣ ଶୋଭା ପାଏନା। ୨୧ବର୍ଷୀୟ ଟେନିସ ତାରକା କହିଛନ୍ତି, ସେ ସମୟରେ ତାଙ୍କର ହୃଦ୍‌ସ୍ପନ୍ଦନ ଏତେଟା ବୃଦ୍ଧି ପାଇଥିଲା ଯେ, ନିଜକୁ ନିୟନ୍ତ୍ରଣରେ ରଖିବା ତାଙ୍କ ପାଇଁ କଷ୍ଟକର ହୋଇ ପଡ଼ିଥିଲା। ତେବେ ଭବିଷ୍ୟତରେ ଏହାର ଯେପରି ପୁନରାବୃତ୍ତି ନ ଘଟେ ସେଥିପ୍ରତି ସେ ଧ୍ୟାନ ଦେବେ। ସୂଚନାଯୋଗ୍ୟ, ପ୍ୟାରିସ ଅଲିମ୍ପିକ୍ସ ଫାଇନାଲରେ ନୋଭାକ୍ ଜୋକୋଭିଚ୍‌ଙ୍କଠାରୁ ହାରି ଏକ ରୌପ୍ୟ ଜିତିବା ପରେ ଅଲ୍‌କରାଜଙ୍କର ଏହାଥିଲା ପ୍ରଥମ ମ୍ୟାଚ। ଗତବର୍ଷ ସିନ୍‌ସିନାଟି ଫାଇନାଲରେ ସେ ଜୋକୋଭିଚ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ଅଲ୍‌କାରାଜ କହିଛନ୍ତି ମନଫିଲ୍ସଙ୍କ ବିପକ୍ଷ ମ୍ୟାଚ ତାଙ୍କ ଜୀବନର ସବୁଠାରୁ ବାଜେ ମ୍ୟାଚ ଥିଲା।


କାର୍ଲୋସ ଅଲ୍‌କାରାଜ

# କୋଚିଂ ପାଇଁ ଭିନେଶ ଆଗ୍ରହୀ

ବଲାଲି,୧୮।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସରୁ ପ୍ରତ୍ୟାବର୍ତ୍ତନ ପରେ ଭିନେଶ ଫୋଗଟଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ୧୩ ଘଣ୍ଟାର ଲମ୍ବା ଶୋଭାଯାତ୍ରାରେ ଦିଲ୍ଲୀରୁ ବାହାରି ବଲାଲି ସ୍ଥିତ ନିଜ ବାସଭବନରେ ପହଞ୍ଚିଥିଲେ ଭିନେଶ। ଘରେ ପହଞ୍ଚିବା ପରେ ଭିନେଶ କୋଚିଂ ପ୍ରତି ଆଗ୍ରହୀ ଥିବା ନେଇ ମତ ଦେଇଛନ୍ତି। ନିଜ ଗ୍ରାମ ବଲାଲିର ଅନ୍ୟ ମହିଳା ରେସଲରଙ୍କୁ ପ୍ରଶିକ୍ଷଣ ଦେବାକୁ ସେ ଆଗ୍ରହୀ। ଏହି ଆଥଲେଟମାନେ ରେକର୍ଡ ଭାଙ୍ଗିଲେ ସେ ନିଜକୁ ଗର୍ବିତ ମନେକରିବେ ବୋଲି କହିଛନ୍ତି ଭିନେଶ।

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ୫୦ କିଗ୍ରା ମହିଳା କୁସ୍ତି ଇଭେଣ୍ଟରେ ଅଂଶଗ୍ରହଣ କରିବା ସହ ଫାଇନାଲରେ ପହଞ୍ଚି ଇତିହାସ ରଚିଥିଲେ। ମାତ୍ର ୧୦୦ ଗ୍ରାମ୍ ଓଜନ କାରଣରୁ ଭିନେଶ ଅଯୋଗ୍ୟ ଘୋଷିତ ହୋଇଥିଲେ। ଭାରତ ଅନ୍ୟୂନ ଏକ ରୌପ୍ୟ ପଦକ ବିଜୟୀ ହେବା ନେଇ ଆଶା କରାଯାଉଥିଲା। ତେବେ ଭିନେଶ ଅଯୋଗ୍ୟ ଘୋଷିତ ହେବା ପରେ ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ଭାଙ୍ଗିଯାଇଥିଲା। ଏହା ସହିତ ଭିନେଶ ମଧ୍ୟ ଅନ୍ତର୍ଜାତୀୟ କୁସ୍ତିରୁ ଅବସର ଘୋଷଣା କରିଥିଲେ। ଭିନେଶଙ୍କୁ ନିଷ୍ପତ୍ତିର ପୁନର୍ବିଚାର ପାଇଁ ମଧ୍ୟ ଅନେକ ପୂର୍ବତନ ଖେଳାଳି ଅନୁରୋଧ କରିଥିଲେ। ଏହାକୁ ନେଇ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ରେ ଭିନେଶ ଆବେଦନ କରିଥିଲେ। ଆବେଦନ ଖାରଜ ହେବା ପରେ ଭିନେଶ କୁସ୍ତିରୁ ଅବସର ଘୋଷଣା କରିଥିଲେ।

ଦିଲ୍ଲୀରୁ ବଲାଲି ୧୩୫ କିମି ରାସ୍ତା ଅତିକ୍ରମ କରିବାକୁ ଭିନେଶଙ୍କୁ ୧୩ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ବଲାଲିରେ ପହଞ୍ଚିବା ପରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମଧ୍ୟରେ କୋଚିଂ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ ଭିନେଶ। ବଲାଲି ମହିଳା ରେସ୍‌ଲରଙ୍କ ପାଇଁ ପ୍ରସିଦ୍ଧି ହାସଲ କରିଥିବା ବେଳେ ଆଗାମୀ ଦିନରେ ଆହୁରି ମହିଳା ଆଗକୁ ଆସିବା ଉଚିତ ବୋଲି କହିଥିଲେ ଭିନେଶ। ଏପରିକି ସେ ଏହି ମହିଳା ଖେଳାଳି ମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଆଗ୍ରହୀ ବୋଲି କହିଥିଲେ। ରେସ୍‌ଲିଂରେ ମୁଁ ଯାହାବି ଶିଖିଛି ମୋ ଗାଁର ଭଉଣୀ ମାନଙ୍କ ସହ ତାହା ଶେୟାର କରିବି। ଏହା ସହିତ ସେମାନେ ରେସ୍‌ଲିଂରେ ଏକ ନୂତନ ଶିଖର ଛୁଅନ୍ତୁ ବୋଲି ସେ ଆଶା କରିବେ। ଦୁଇ ଥରର ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ତଥା ରାଜ୍ୟ ଗୋଷ୍ଠୀ ଓ ଏସିଆନ୍ ଚାମ୍ପିୟନ ଭିନେଶ ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଭାରତୀୟ ରେସ୍‌ଲିଂ ମହାସଂଘ ବିରୋଧରେ ଚାଲିଥିବା ଲଢେଇ ଜାରି ରହିବ ବୋଲି ମଧ୍ୟ ଭିନେଶ କହିଥିଲେ। ଅଲିମ୍ପିକ୍ସ ପଦକ ହରାଇବା ତାଙ୍କୁ ଗଭୀର ଆଘାତ ଦେଇଛି। ଏହି ଆଘାତ ପ୍ରଶମିତ ହେବା ପାଇଁ କେତେ ସମୟ ଲାଗିବ ତାହା କହିବା ସହଜ ନୁହେଁ, ଏପରିକି ରେସ୍‌ଲିଂକୁ ପ୍ରତ୍ୟାବର୍ତ୍ତନ କରିବେ କି ନାହିଁ ତାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଛି। ତେବେ ଏହି ଘଟଣାରୁ ଯେଉଁ ସାହସ ମିଳିଛି ତାହା ତାଙ୍କୁ ସଠିକ ଦିଗରେ ଯାତ୍ରା କରିବା ପାଇଁ ସର୍ବଦା ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି ଭିନେଶ।


ଭିନେଶ ଫୋଗଟ

# ଅଭିଳାଷ, ଚିନ୍ମୟଙ୍କ ମାଉଣ୍ଟ ଏଲ୍‌ବ୍ରୁସ ଆରୋହଣ


ଅଭିଳାଷ ଭୋଇ ଓ ଚିନ୍ମୟ ମହାରଣା।

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ଓଡ଼ିଶାର ଅଭିଳାଷ ଭୋଇ ଓ ଚିନ୍ମୟ ମହାରଣା ୟୁରୋପ ମହାଦେଶର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ (୫,୬୪୨ ମିଟର)କୁ ସଫଳତାର ସହ ଆରୋହଣ କରିଛନ୍ତି। ଅଭିଳାଷ ଶନିବାର ଓ ଚିନ୍ମୟ ରବିବାର ଏଲବ୍ରୁସ ଶୃଙ୍ଗରେ ପହଞ୍ଚି ଜାତୀୟ ପତାକା ଉଡ଼ାଇଥିଲେ। ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା)ର କର୍ମକର୍ତ୍ତା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, ଶକ୍ତି ମହାନ୍ତି, ଦେବବ୍ରତ ସାମନ୍ତରାୟ, ଶିବ ପ୍ରସାଦ ପଣ୍ଡା, ବିକ୍ରମ ଦାସ, ନୃସିଂହ ସାହୁ, ହରେଶ କୁମାର ମିଶ୍ର ଓ ପରାମର୍ଶଦାତା ଅଶୋକ ମହାନ୍ତି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଅନ୍ତର୍ଜାତୀୟ କ୍ରିକେଟରେ ୧୬ ବର୍ଷ

## କ୍ୟାରିୟରର ଶ୍ରେଷ୍ଠ ୫ ଇନିଂସ

ନୂଆଦିଲ୍ଲୀ,୧୮।୮

ଭାରତୀୟ କ୍ରିକେଟର ଜାଜ୍ୱଲ୍ୟମାନ ତାରକା ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ୧୬ ବର୍ଷ ପୂରଣ କରିଛନ୍ତି। ଅଧିନାୟକ ଭାବରେ ଭାରତକୁ ଏକ ନମ୍ବର ଟେଷ୍ଟ ମାନ୍ୟତାରେ ପହଞ୍ଚାଇଥିବା କିଙ୍ଗ୍ କୋହଲି ଅଗଷ୍ଟ ୧୮, ୨୦୦୮ରେ ଶ୍ରୀଲଙ୍କା ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ ଭାରତକୁ ଚାମ୍ପିୟନ କରାଇଥିବା କୋହଲି ୨୦୦୮ରେ ଡେବ୍ୟୁ କରିବା ପରଠାରୁ ଭାରତ ପାଇଁ ୫୩୩ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଲେଣି। ୧୧୩ ଟେଷ୍ଟରୁ ୨୯ ଶତକ ସହ ୮୮୪୮ ରନ୍ କରିଥିବା ବେଳେ ୨୯୫ ଦିନିକିଆ ମ୍ୟାଚ୍‌ରୁ ସ୍କୋର କରିଛନ୍ତି ୧୩୯୦୬ ରନ୍। ଏହା ବ୍ୟତୀତ ୧୨୫ ଟି୨୦ ମ୍ୟାଚ୍‌ରୁ ଗୋଟିଏ ଶତକ ଓ ୩୮ ଅର୍ଦ୍ଧଶତକ ସହିତ ସେ ସ୍କୋର କରିଛନ୍ତି ୪୧୮୮ରନ୍। ୧୬ ବର୍ଷର କ୍ୟାରିୟର ମଧ୍ୟରେ ଭାରତକୁ ଅନେକ ବିପର୍ଯ୍ୟୟରୁ ଉଦ୍ଧାର କରିବା ସହିତ ଦିନିକିଆ ବିଶ୍ୱକପ୍, ଟି୨୦ ବିଶ୍ୱକପ୍ ଓ ଚାମ୍ପିୟନ୍ସ ଟ୍ରଫି ବିଜୟୀ ହେବାର ସୌଭାଗ୍ୟ ହାସଲ କରିଛନ୍ତି। କୋହଲିଙ୍କ ଅନେକ ମ୍ୟାଚ୍ ବିଜୟୀ ଇନିଂସ ମଧ୍ୟରୁ ଶ୍ରେଷ୍ଠ ୫ ଇନିଂସ ଉପରେ ଏକ ଆଲେଖ୍ୟ।

➤**୧୮୩* ବନାମ ପାକିସ୍ତାନ, ଏସିଆ କପ୍, ୨୦୧୨:** ଏସିଆ କପ୍ ୨୦୧୨ରେ କୋହଲି ଜଣେ ଚାମ୍ପିୟନ ଖେଳାଳି ବୋଲି ନିଜକୁ ପ୍ରମାଣିତ କରିଥିଲେ। ମୀରପୁରରେ ପାକିସ୍ତାନ ବିପକ୍ଷରେ ଅପରାଜିତ ୧୮୩ ରନ୍‌ର ଇନିଂସ ଖେଳି ସେ ଭାରତକୁ ବିଜୟୀ କରିଥିଲେ। ମହମ୍ମଦ ହଫିଜଙ୍କ ୧୦୫ ଓ ନାସିର ଜାମସେଦଙ୍କ ୧୧୨ ରନ୍ ବଳରେ ପାକିସ୍ତାନ ୫୦ ଓଭରରେ ୫ ଉଇକେଟ ହରାଇ ୩୨୯ ରନ୍ କରିଥିଲା। ଜବାବରେ ଭାରତ ପ୍ରଥମ ଓଭରରେ ଗୌତମ ଗମ୍ଭୀରଙ୍କ ଉଇକେଟ ହରାଇଥିଲା। ତେବେ ଯୁବ କୋହଲି ଅସୀମ ଧୈର୍ଯ୍ୟର ପରିଚୟ ଦେଖାଇ ୧୪୮ ବଲ୍‌ରୁ ଅପରାଜିତ ୧୮୩ ରନ୍ କରି ଭାରତକୁ ଜିତାଇଥିଲେ। ଏହି ଇନିଂସରେ ୨୨ ଚୌକା ଓ ୧ ଛକା ସାମିଲ ଥିଲା।

➤**୧୩୩* ବନାମ ଶ୍ରୀଲଙ୍କା, ସିବି ସିରିଜ, ୨୦୧୨:** ଏସିଆ କପ୍ ପରେ ୨୦୧୨ରେ କମନୱେଲ୍‌ଥ ବ୍ୟାଙ୍କ ସିରିଜ୍‌ରେ କୋହଲିଙ୍କ ବ୍ୟାଟରୁ ଆଉ ଏକ ଚମତ୍କାର ଇନିଂସ ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଏହି ତ୍ରିରାଷ୍ଟ୍ରୀୟ ସିରିଜରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ହୋବାର୍ଟରେ ଖେଳା ଯାଇଥିଲା। ତିଳକରତ୍ନେ ଦିଲ୍‌ସାନଙ୍କ ୧୬୦ ଓ କୁମାର ସାଙ୍ଗକାରାଙ୍କ ୧୦୫ ରନ୍ ବଳରେ ଶ୍ରୀଲଙ୍କା ସ୍କୋର କରିଥିଲା ୩୨୦ ରନ୍। ଫାଇନାଲ ଦୌଡରେ ରହିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ୪୦ ଓଭର ମଧ୍ୟରେ ଜିତିବା ଆବଶ୍ୟକ ଥିଲା। ପୁଣି ଥରେ ଦଳର ଭାର ନିଜ କାନ୍ଧକୁ ନେଇଥିଲେ ଚେଜ୍ ମାଷ୍ଟର କୋହଲି। ୮୬ ବଲ୍‌ରୁ ୧୬ ଚୌକା ଓ ୨ ଛକା ସହ ଅପରାଜିତ ୧୩୩ ରନ୍ କରି ୩୬.୨ ଓଭରରେ ଭାରତକୁ ବିଜୟୀ କରିଥିଲେ।

➤**୮୨* ବନାମ ଅଷ୍ଟ୍ରେଲିଆ, ଟି୨୦ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ, ୨୦୧୬:** ଭାରତରେ ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ହରାଇଥିଲା ଭାରତ। ଘରୋଇ ଦଳରେ ଏହି ବିଜୟରେ କୋହଲିଙ୍କ ଆଉ ଏକ ମାଷ୍ଟରକ୍ଲାସ ଦେଖିବାକୁ ମିଳିଥିଲା। ୧୬୧ ରନ୍‌ର ପିଛା କରୁଥିବା ଭାରତ ୪୯ ରନ୍‌ରେ ୩ ଉଇକେଟ ହରାଇଥିବା ବେଳେ କୋହଲି ଖେଳିଥିଲେ ଅପରାଜିତ ୮୨ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ। ୫୧ ବଲ୍‌ରୁ ୯ ଚୌକା ଓ ୨ ଛକା ସହ ସେ ଏହି ସ୍କୋର କରିଥିଲେ। ଅନ୍ତିମ ୩ ଓଭରରେ ୩୯ ରନ୍ ଆବଶ୍ୟକ ଥିବା ବେଳେ ଅଷ୍ଟ୍ରେଲୀୟ ବୋଲରଙ୍କ ବିପକ୍ଷରେ ପଡିଆର ଚାରି ଆଡକୁ ଶଟ୍ ଖେଳିଥିଲେ କୋହଲି।

➤**୧୪୯ ବନାମ ଇଂଲଣ୍ଡ, ଏଜ୍‌ବାଷ୍ଟନ, ପ୍ରଥମ ଟେଷ୍ଟ, ୨୦୧୮:** ୨୦୧୪ରେ ଇଂଲଣ୍ଡ ସିରିଜରେ କୋହଲିଙ୍କ ପ୍ରଦର୍ଶନ ଚାରିଆଡୁ ସମାଲୋଚନାର ଶିକାର ହୋଇଥିଲା। ୫ ଟେଷ୍ଟରୁ ମାତ୍ର ୧୩୪ ରନ୍ ସ୍କୋର କରିବା ସହ ବ୍ୟାକ୍‌ଫୁଟରେ ରହିଥିଲେ। ଏଜ୍‌ବାଷ୍ଟନରେ ଇଂଲଣ୍ଡ ପ୍ରଥମ ଇନିଂସରେ ୨୮୭ ରନ୍ ସ୍କୋର କରିଥିବା ବେଳେ ଭାରତ ଏକ ମିନି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ନିମ୍ନକ୍ରମ ବ୍ୟାଟରଙ୍କୁ ସାଥୀ କରି କୋହଲି ଖେଳିଥିଲେ ଚମତ୍କାର ୧୪୯ ରନ୍‌ର ଇନିଂସ। ୨୨୫ ବଲ୍ ଖେଳି ସେ ୨୨ ଚୌକା ଓ ୧ ଛକା ମାରିଥିଲେ।

➤**୮୨* ବନାମ ପାକିସ୍ତାନ, ଟି୨୦ ବିଶ୍ୱକପ୍, ୨୦୨୨:** ଅଷ୍ଟ୍ରେଲିଆର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ ଏମ୍‌ସିସିରେ ପାକିସ୍ତାନର ଶକ୍ତିଶାଳୀ ବୋଲିଂ ଲାଇନଅପ୍ ଆଗରେ କୋହଲି ଖେଳିଥିଲେ ୮୨*ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ। ଶେଷ ୮ ବଲ୍‌ରୁ ୨୮ ରନ୍ ଦରକାର ଥିବା ବେଳେ ଭାରତର ବିଜୟ ଅସମ୍ଭବ ମନେ ହେଉଥିଲା। ତେବେ ହାରିସ୍ ରୌଫ୍‌ଙ୍କୁ ଦୁଇଟି ଚମତ୍କାର ଛକା ମାରିବା ସହ ସେ ଖେଳିଥିଲେ ଅବିଶ୍ୱସନୀୟ ଇନିଂସ। ଲଙ୍ଗ ଅନ୍ ଉପରେ ମାରିଥିବା ଫ୍ଲାଟ ବ୍ୟାଟେଡ ଛକାକୁ ଏବେ ମଧ୍ୟ କ୍ରିକେଟ ପଣ୍ଡିତମାନେ ଏକ ଅସମ୍ଭବ ଶଟ୍ ଭାବରେ ବିବେଚନା କରିଥାନ୍ତି। ୧୬୦ ରନ୍ ଚେଜ୍ କରୁଥିବା ଭାରତ ୩୧ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିବା ବେଳେ କୋହଲି ୬ ଚୌକା ଓ ୪ ଛକାର ଚମତ୍କାର ଇନିଂସ ଖେଳିଥିଲେ।


ବିରାଟ କୋହଲି

# ଦକ୍ଷିଣ ଆଫ୍ରିକା ସିରିଜ ବିଜୟୀ

**ପ୍ରୋଭିଡେନ୍ସ, ୧୮।୮ (ପି.ଟି.):** ୱେଷ୍ଟଇଣ୍ଡିଜକୁ ୨୨୨ ରନରେ ଅଲଆଉଟ କରି ଦକ୍ଷିଣ ଆଫ୍ରିକା ଏଠାରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚକୁ ୪୦ରନରେ ଜିତି ନେଇଛି। ଏଥିସହିତ ଦଳ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ଜିତି ନେଇଛି। ତ୍ରିନିଦାଦଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ବର୍ଷା ଦ୍ୱାରା ପ୍ରଭାବିତ ହୋଇ ଡ୍ର ଭାବେ ଶେଷ ହୋଇଥିଲା। ମାତ୍ର ୩ ଦିନରେ ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ମୋଟ ୫ଉଇକେଟ ନେଇ ଦଳକୁ ଜିତାଇବାରେ ସ୍ପିନ ବୋଲର କେଶବ ମହାରାଜଙ୍କର ବିଶେଷ ଭୂମିକା ରହିଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏହା ହେଉଛି କ୍ରମାଗତ ୧୦ମ ଟେଷ୍ଟ ସିରିଜ ବିଜୟ। ଜେଡେନ ସିଲ୍ସଙ୍କୁ ଆଉଟ କରି ମହାରାଜ ମ୍ୟାଚର ପରିସମାପ୍ତି ଘଟାଇଥିଲେ। ସିରିଜରେ ତାଙ୍କର ଉଇକେଟ ସଂଖ୍ୟା ୧୩ରେ ପହଞ୍ଚିଥିଲା। ଏଥିସହିତ ଟେଷ୍ଟ କ୍ରିକେଟରେ ୧୭୧ଉଇକେଟ ଅକ୍ତିଆର ସହ ସେ ଦକ୍ଷିଣ ଆଫ୍ରିକାର ସବୁଠାରୁ ସଫଳ ସ୍ପିନର ବିବେଚିତ ହୋଇଛନ୍ତି। ପୂର୍ବଦିନର ଅସମାପ୍ତ ସ୍କୋର ୨୨୩/୫ରୁ ଖେଳ ଆରମ୍ଭ କରିଥିବା ଭ୍ରମଣକାରୀ ଦଳ ୨୪୬ରେ ଅଲଆଉଟ ହୋଇଥିଲା। ୱେଷ୍ଟଇଣ୍ଡିଜର ସଫଳ ବୋଲର ସିଲ୍ସ ୬ଉଇକେଟ ସଫଳତା ହାସଲ କରିଥିଲେ। ୨୬୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୱେଷ୍ଟଇଣ୍ଡିଜ ଏକଦା ୧୦୪ରନ ସ୍କୋରରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଗୁଡାକେଶ ମୋତି ଓ ଜୋଶୁଆ ଡା ସିଲଭା ପାର୍ଟନରଶିପ୍‌ରେ ୭୭ ରନ ଯୋଗ କରି ଘରୋଇ ଦଳ ପାଇଁ କିଛିଟା ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ଉଭୟଙ୍କୁ ଆଉଟ କରିବା ପରେ ମହାରାଜ ପୂର୍ବରୁ ଦକ୍ଷିଣ ଆଫ୍ରିକାର ସବୁଠାରୁ ସଫଳ ସ୍ପିନର ବିବେଚିତ ହଗ୍ ଟେଫିଲ୍ଡଙ୍କ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ପରେ ସେ ସିଲ୍ସଙ୍କୁ ଡେଭିଡ୍ ବେଡିଙ୍ଗହାମ୍ ଦ୍ୱାରା କ୍ୟାଚ ଆଉଟ କରାଇ ଦକ୍ଷିଣ ଆଫ୍ରିକାକୁ ବିଜୟୀ କରାଇଥିଲେ। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୬୦ ରନ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୧୪୪ ରନ କରିଥିଲା।

# ସେମିଫାଇନାଲରେ କ୍ୟାପିଟାଲ ହାଇସ୍କୁଲ



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ବାଇଧର ତିରିଆ ଓ ଦୀପକ ସିଦୁ।

**ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ**

ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦଳଭାବେ କ୍ୟାପିଟାଲ ହାଇସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଛି। ସୋମବାର କିସ୍ ଓ ଲୟୋଲା ଓଡ଼ିଆ ସ୍କୁଲ ମଧ୍ୟରେ ପ୍ରଥମ ଏବଂ ଆଇଆରସି ଭିଲେଜ ଓ କ୍ୟାପିଟାଲ ହାଇସ୍କୁଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ। ରବିବାର ଅନୁଷ୍ଠିତ ମ୍ୟାଚରେ କ୍ୟାପିଟାଲ ୬-୦ ଗୋଲରେ ୟୁନିଟ-୧ ହାଇସ୍କୁଲକୁ ପରାସ୍ତ କରିଛି। କ୍ୟାପିଟାଲ ପକ୍ଷରୁ ବାଇଧର ତିରିଆ ୧୨, ୧୬, ୨୮, ୪୨ ଓ ୪୪ତମ ମିନିଟରେ ୫ଟି ଗୋଲ ଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁରେଶ ମୁର୍ମୁ ୧୪ଶ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ। କଲ୍ୟାଣ ଦତ୍ତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟଏକ ମ୍ୟାଚରେ ଆଇଆରସି ଭିଲେଜ ୪-୧ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ପୁପୁନ ସ୍ୱାଇଁ, ଆଶିଷ ବେହେରା, ଦୀପକ ସିଦୁ ଓ କୃଶ୍ ବାସ୍କେ ଏବଂ ସାଇ ଇଣ୍ଟରନ୍ୟାଶନାଲର ଆୟୁଷ ମହାନ୍ତି ଗୋଲ ଦେଇଥିଲେ। ଦିପକ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଚନ୍ଦ୍ରକାନ୍ତ ବାରିକ, ଅମିତ କୁମାର ନାୟକ, ଶିବ ସାମନ୍ତରାୟ, ବିଜୟ ମଙ୍ଗରାଜ, ଶୋଭାଲିନ୍ ପଣ୍ଡା ଓ ଏମ.ଏସ. ବେଗ୍ ମ୍ୟାଚ ୨ଟି ପରିଚାଳନା କରିଥିଲେ। ସୁଦୀପ୍ତା ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

# ନମନ ରାଜ, ସାଇ ବିଦ୍ୟାଶ୍ରୀ ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ରାଜ୍ୟ ସ୍କୁଲ୍ସ ଓପନ୍ ଚେସ୍**

ଭୁବନେଶ୍ୱର,୧୮।୮(ସରୋଜ ଜେନା)

ଷ୍ଟିୱାର୍ଟ ସ୍କୁଲ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ରାଜ୍ୟ ସ୍କୁଲ୍ସ ଓପନ୍ ଚେସ୍‌ରେ ନମନ ରାଜ ଓ ସାଇ ବିଦ୍ୟାଶ୍ରୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଷ୍ଟିୱାର୍ଟ ସ୍କୁଲରେ ଅନୁଷ୍ଠିତ ଇଭେଣ୍ଟକୁ ପ୍ରିନ୍ସିପାଲ ରଶ୍ମିରେଖା ସେନାପତି ଉଦ୍‌ଘାଟନ କରିଥିଲେ। ମିନି ଗ୍ରୁପ୍‌ରେ କିଟ୍‌ର ନମନ ରାଜ ସିଂ ଓ ସବ୍ ଜୁନିୟର ବର୍ଗରେ ସେଣ୍ଟ ଜାଭିୟର୍ସ ଭଦ୍ରକର ସାଇ ବିଦ୍ୟାଶ୍ରୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୬ବର୍ଷରୁ କମ୍ ବର୍ଗରେ ରଚିତ ସେନାପତି, ୮ ବର୍ଷରୁ କମ୍ ବର୍ଗରେ ଆଦିତ୍ୟ ଶେଖର ବେହେରା, ୧୦ ବର୍ଷରୁ କମ୍ ବୟସ ବର୍ଗରେ ଆରିଶ୍. ଏନ୍ ଗୋସ୍ୱାମୀ, ୧୨ ବର୍ଷରୁ କମ୍ ବୟସ ବର୍ଗରେ ଆଦିତ୍ୟ ଜେନା ଓ ୧୪ ବର୍ଷରୁ କମ୍ ବୟସ ବର୍ଗରେ ଦିବ୍ୟାଂଶୁ କୁମାର ପଶାୟତ ବିଜୟୀ ହୋଇଥିଲେ। ବାଳିକା ବର୍ଗରେ ସନ୍ନିଧି ଦାଶ ବିଜୟୀ ହୋଇଥିଲେ। ଷ୍ଟିୱାର୍ଟ ସ୍କୁଲ ଗଣିତ ବିଭାଗ ମୁଖ୍ୟ ଶରତ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଷ୍ଟିୱାର୍ଟ ସ୍କୁଲ ବରିଷ୍ଠ ଖେଳ ଶିକ୍ଷକ ଅସିତ କୁମାର ସାହୁ ଓ ଖେଳ ଶିକ୍ଷକ ସୁପ୍ରସନ୍ନ ନାୟକ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ପ୍ୟାରିସ୍ ଅଭିଜ୍ଞତା ବାଣ୍ଟିଲେ ଅମିତ୍, ସମ୍ପିତ୍

ଭୁବନେଶ୍ୱର, ୧୮।୮ (ବିଜୟ ରଣା)

ପ୍ୟାରିସ-୨୦୨୪ ଅନ୍ୟ ସମସ୍ତ ଅଲିମ୍ପିକ୍ସଠାରୁ ସମ୍ପୂର୍ଣ୍ଣ ନିଆରା ଥିଲା। ଯେତିକି ରୋମାଞ୍ଚ ଭରାଥିଲା ସେତିକି ଆହ୍ୱାନ ଆଣି ଦେଇଥିଲା। ଅନେକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଖେଳାଳିଙ୍କୁ ଯେଭଳି କଷ୍ଟକର ସମୟ ଦେଇ ଗତି କରିବାକୁ ପଡ଼ିଥିଲା। ବିଭିନ୍ନ ସ୍ଥାନରେ ବିବିଧ ଇଭେଣ୍ଟ କଭର୍ କରିବା କ୍ରୀଡ଼ା ଖବରଦାତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ରବିବାର ପ୍ୟାରିସ ଅଲିମ୍ପିକ୍ସର ଅଭୁଲା ଅଭିଜ୍ଞତା ସବୁ ବାଣ୍ଟିବା ବେଳେ ଏଭଳି କଥାମାନ କହିଥିଲେ କ୍ରମାଗତ ହକି ପଦକ ଜିତିଥିବା ଅମିତ ରୋହଦାସ ଏବଂ ଅଲିମ୍ପିକ୍ସ ମଞ୍ଚରେ ପହଞ୍ଚିଥିବା ଓଡ଼ିଶାର ପ୍ରଥମ କ୍ରୀଡ଼ା ଖବରଦାତା ସମ୍ପିତ ମହାପାତ୍ର।

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ରବିବାର ଅନୁଷ୍ଠିତ ଡକ୍ଟର ଅଶୋକ ପଟ୍ଟନାୟକ ସ୍ମାରକୀ ବକ୍ତୃତାରେ ମୁଖ୍ୟ ଆକର୍ଷଣ ଥିଲେ ଓଡ଼ିଶାର ହକି ଅଲିମ୍ପିଆନ ଅମିତ ରୋହିଦାସ। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମାରକୀ ବକ୍ତୃତା ପୂର୍ବରୁ ଡକ୍ଟର ଅଶୋକ ପଟ୍ଟନାୟକଙ୍କୁ ତାଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଅମିତ ରୋହିଦାସ। ଅନ୍ୟମାନଙ୍କ ମଧ୍ୟରେ ଓସ୍‌ଜାର ଉପସଭାପତି ସମୀକ୍ଷା ପଟ୍ଟନାୟକ, ସମ୍ପାଦକ ସୁରେଶ ସ୍ୱାଇଁ, ଯୁଗ୍ମ ସମ୍ପାଦକ ହିମାଂଶୁ ପତି ମିଶ୍ର, ସଞ୍ଜୀବ ବିଶ୍ୱାଳ, କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ, କାର୍ଯ୍ୟକାରୀ କମିଟି ସଦସ୍ୟ କେ. ରବି, ବିମଳ କୁମାର ରାଉଳ, ଶକ୍ତି ପ୍ରସାଦ ନନ୍ଦ, ମନୋରଞ୍ଜନ ଦାସଙ୍କ ସହ ବରିଷ୍ଠ ସଦସ୍ୟ ରଜନୀକାନ୍ତ ଶତ୍ରୁଶଲ୍ୟ, ସନ୍ତୋଷ ମହାନ୍ତି, ଅନିରୁଦ୍ଧ ମିଶ୍ର, ବିଜୟ ରଣା, ଶୁଭଲକ୍ଷ୍ମୀ ବଳ, ରଞ୍ଜନ ରାୟ, ପ୍ରତାପ ପ୍ରଧାନ, ପ୍ରଫୁଲ୍ଲ କିଶୋର ସାହୁ, ଦେବୀ ପ୍ରସନ୍ନ ପାଣିଗ୍ରାହୀ ଏବଂ କ୍ରୀଡ଼ା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ମଳୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଅଶୋକ ପଟ୍ଟନାୟକ ସ୍ମାରକୀ ବକ୍ତୃତା**


ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହକି ତାରକା ଅମିତ ରୋହିଦାସଙ୍କ ସହ ଓସ୍‌ଜାର ସଦସ୍ୟବୃନ୍ଦ।

# ଏମ୍‌ସିଜିରେ ଅଷ୍ଟ୍ରେଲିଆ-ଇଂଲଣ୍ଡ ମ୍ୟାଚ୍

**ଟେଷ୍ଟ କ୍ରିକେଟର ୧୫୦ବର୍ଷ ପୂର୍ତ୍ତି**

ମେଲବୋର୍ନ, ୧୮।୮(ପି.ଟି.)

ଟେଷ୍ଟ କ୍ରିକେଟର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଇକନିକ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି) ୨୦୨୭ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଏକ ଟେଷ୍ଟ ମ୍ୟାଚ ଆୟୋଜନ କରିବ। କ୍ରିକେଟ ଇତିହାସରେ ପ୍ରଥମ ଟେଷ୍ଟ ମ୍ୟାଚ ୧୮୭୭ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଭଳି ୧୯୭୭ରେ ଶତବାର୍ଷିକୀ ମ୍ୟାଚରେ ମଧ୍ୟ ୪୫ ରନରେ ବିଜୟୀ ହୋଇଥିଲା। କ୍ରିକେଟ ଅଷ୍ଟ୍ରେଲିଆ ଏହା ବ୍ୟତୀତ ୨୦୨୪-୨୫ରୁ ୨୦୩୦-୩୧ ପର୍ଯ୍ୟନ୍ତ ପରବର୍ତ୍ତୀ ୭ ଗ୍ରୀଷ୍ମଋତୁ ପାଇଁ ବିଭିନ୍ନ ପୁରୁଷ ଅନ୍ତର୍ଜାତୀୟ ଟେଷ୍ଟ, ଦିନିକିଆ, ଟି୨୦ ଓ ଅନ୍ୟ ମ୍ୟାଚଗୁଡ଼ିକ ପାଇଁ ଆୟୋଜନ ଅଧିକାର ପ୍ରଦାନ କରିଛି।

## ଦୀର୍ଘକାଳୀନ କିଡ୍‌ନୀ ସମସ୍ୟା



**ଦୀ**ର୍ଘକାଳୀନ କିଡ୍‌ନୀ ସମସ୍ୟା ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀରର ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକ୍‌ଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ନିଷ୍କାସିତ ହୁଏ ବହୁ ପରିମାଣରେ ପ୍ରୋଟିନ୍। ଫଳରେ ରକ୍ତରେ ଆଲବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଡାଇବେଟିକ୍ ନେଫ୍ରୋପାଥିରେ ଡାଇବେଟିସ୍ ଯୋଗୁ କିଡ୍‌ନୀ ନଷ୍ଟ ହୋଇ ଜାତହୁଏ କିଡ୍‌ନୀ ଅକ୍ଷମତା ବା କିଡ୍‌ନୀ ଫେଲ୍ୟୁଅର। କିଡ୍‌ନୀ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ କେତେକ ବିଷୟ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏଥିପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସନ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୮ ଘଣ୍ଟା ଶୁଅନ୍ତୁ।

## ମାନସିକ ରୋଗ: କିଛି କଥା



**ପ୍ରା**ରମ୍ଭିକ ଅବସ୍ଥାରେ କେତେକ ବ୍ୟକ୍ତି ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। ପୁଣି କେତେଜଣ ଏହି ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ମାନି ନ ଥାନ୍ତି। ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶିଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

# ରାଖୀ ପୂର୍ଣ୍ଣିମାରେ ସୁପର ମୁନ୍



ଡ. କମଳାକାନ୍ତ ଜେନା

''ରାଖୀ ପୂର୍ଣ୍ଣିମା ରାତିର ଜହ୍ନ ହେଉଛି ଏବର୍ଷର ପ୍ରଥମ ସୁପର ମୁନ୍। ତା' ପରେ ସେପ୍ଟେମ୍ବର ୧୮ରେ ଏ ବର୍ଷର ୨ୟ ସୁପର ମୁନ୍, ଅକ୍ଟୋବର ୧୭ରେ ୩ୟ ସୁପର ମୁନ୍ ଓ ନଭେମ୍ବର ୧୫ ତାରିଖ ରାସ ପୂର୍ଣ୍ଣିମୀରେ ୪ର୍ଥ ସୁପର ମୁନ୍ ଦେଖିହେବ। ସୁପର ମୁନ୍ ଦେଖାଯିବା ପଛରେ ଆମ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ବଦଳୁଥିବା ଦୂରତା ହିଁ ଦାୟୀ। ଚନ୍ଦ୍ର ହେଉଛି ଆମ ପୃଥିବୀ ଗ୍ରହର ଉପଗ୍ରହ, ଯାହାକି ପୃଥିବୀକୁ ପରିକ୍ରମା କରେ। ପୃଥିବୀ ଚାରିପଟେ ଥରେ ବୁଲିବା ସକାଶେ ଚନ୍ଦ୍ରକୁ ୨୭ ଦିନ ୭ ଘଣ୍ଟା ୪୩ ମିନିଟ୍ ଲାଗେ। ସେଇ ସମୟ ଭିତରେ ଚନ୍ଦ୍ର ନିଜେ ବି ନିଜ ଚାରିପଟେ ଥରେ ନଟୁ ପରି ବୁଲିଆସେ।''




**ଆ**ଜି ପବିତ୍ର ରାଖୀ ପୂର୍ଣ୍ଣମୀ। ସବୁଠାରୁ ଖାସ୍ କଥା ହେଲା ଆଜି ରାତିରେ ଆମେ ଗୋଲାକାର ଜହ୍ନ ଦେଖିପାରିବା। କିନ୍ତୁ ତାହାର ଆକାର ଅନ୍ୟ ପୂର୍ଣ୍ଣମୀ ଜହ୍ନର ଆକାରଠାରୁ ବଡ଼ ଦିଶିବ। ସେହି ବଡ଼ ଜହ୍ନକୁ କୁହାଯାଏ 'ସୁପର ମୁନ୍'। ସୁପର ମୁନ୍ ପ୍ରସଙ୍ଗ ଆମ ପାଇଁ ନୂଆ ନୁହେଁ। ଆଗରୁ ମଧ୍ୟ ଆମେ ଅନେକ ପୂର୍ଣ୍ଣମୀ ରାତିରେ ସୁପର ମୁନ୍ ଦେଖିଛୁ। ତେବେ ରାଖୀପୂର୍ଣ୍ଣମୀର ସୁପର ମୁନ୍ ଏତେ ଦିନ ପରେ ଦେଖାଯାଉଥିବାରୁ ତାହାକୁ ଦେଖିବା ପାଇଁ ଲୋକମାନଙ୍କର ଉତ୍କଣ୍ଠା ବଢ଼ିଯାଇଛି। ଚଳିତବର୍ଷ ଆମେ ୪ ଥର ସୁପର ମୁନ୍ ଦେଖିପାରିବା।

ରାଖୀପୂର୍ଣ୍ଣିମା ରାତିର ଜହ୍ନ ହେଉଛି ଏବର୍ଷର ପ୍ରଥମ ସୁପର ମୁନ୍। ତା' ପରେ ସେପ୍ଟେମ୍ବର ୧୮ରେ ଏବର୍ଷର ୨ୟ ସୁପର ମୁନ୍, ଅକ୍ଟୋବର ୧୭ରେ ୩ୟ ସୁପର ମୁନ୍ ଓ ନଭେମ୍ବର ୧୫ ତାରିଖ ରାସ ପୂର୍ଣ୍ଣମୀରେ ୪ର୍ଥ ସୁପର ମୁନ୍ ଦେଖିହେବ। ସୁପର ମୁନ୍ ଦେଖାଯିବା ପଛରେ ଆମ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ବଦଳୁଥିବା ଦୂରତା ହିଁ ଦାୟୀ। ଚନ୍ଦ୍ର ହେଉଛି ଆମ ପୃଥିବୀ ଗ୍ରହର ଉପଗ୍ରହ, ଯାହାକି ପୃଥିବୀକୁ ପରିକ୍ରମା କରେ। ପୃଥିବୀ ଚାରିପଟେ ଥରେ ବୁଲିବା ସକାଶେ ଚନ୍ଦ୍ରକୁ ୨୭ ଦିନ ୭ ଘଣ୍ଟା ୪୩ ମିନିଟ ଲାଗେ। ସେଇ ସମୟ ଭିତରେ ଚନ୍ଦ୍ର ନିଜେ ବି ନିଜ ଚାରିପଟେ ଥରେ ନଟୁ ପରି ବୁଲିଆସେ। ଚନ୍ଦ୍ର ଓ ପୃଥିବୀ ମଧ୍ୟରେ ଆକର୍ଷଣ ବଳ କାମ କରୁଛି। ତେଣୁ ପୃଥିବୀ ଚାରିପଟେ ଚନ୍ଦ୍ର ବୁଲିପାରୁଛି। ଚନ୍ଦ୍ର ଯେଉଁ ପଥରେ ବୁଲୁଛି, ସେହି ପଥକୁ ଚନ୍ଦ୍ରର 'କକ୍ଷପଥ' କୁହାଯାଏ। ଚନ୍ଦ୍ରର କକ୍ଷପଥ ସମ୍ପୂର୍ଣ୍ଣ ଗୋଲ ବା ବୃତ୍ତାକାର ନୁହେଁ, ବରଂ ଦୀର୍ଘ ବୃତ୍ତାକାର ବା ଅଣ୍ଡାକୃତି। ତେଣୁ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଦୂରତା ସବୁବେଳେ ବଦଳୁଥାଏ। ଚନ୍ଦ୍ର ନିଜର ଲମ୍ବାଳିଆ କକ୍ଷପଥରେ ବୁଲିବା ସମୟରେ ପୃଥିବୀଠାରୁ ଏହାର ଦୂରତା କ୍ରମଶଃ ବଢ଼ି ବଢ଼ି ଯାଏ, ପୁଣି କମି କମି ଆସେ। କୌଣସି ବସ୍ତୁ ଆମଠାରୁ ଦୂରେଇ ଗଲେ ତାହା ଆମକୁ ଛୋଟ ଦିଶେ। କିନ୍ତୁ ପାଖେଇ ଆସିଲେ ବଡ଼ ଦିଶେ। ତେଣୁ ପୃଥିବୀଠାରୁ ଦୂରରେ ଥିବା ସମୟରେ ଚନ୍ଦ୍ର ଆମକୁ ଛୋଟ ଦିଶେ, ପୃଥିବୀର ଅତି ନିକଟରେ ଥିଲେ ବଡ଼ ଦିଶେ। ଯଦି ଚନ୍ଦ୍ରକଳାର ହ୍ରାସ ବୃଦ୍ଧି ନ ହୁଅନ୍ତା ଓ ଚନ୍ଦ୍ରର ଆକୃତି ସବୁଦିନ ଗୋଲାକାର ରହନ୍ତା, ତେବେ ଏକଥା ସହଜରେ ଲକ୍ଷ୍ୟ କରିହୁଅନ୍ତା। ଅର୍ଥାତ୍ ଏହାକୁ ଅନୁଭବ କରିବା ସକାଶେ ଗୋଲାକାର ଚନ୍ଦ୍ର ଆବଶ୍ୟକ। ତେଣୁ କିଛି ମାସ ଧରି ପୂର୍ଣ୍ଣିମା ତିଥିରେ ପୂନେଇଁ ଜହ୍ନର ଆକାରକୁ ଲକ୍ଷ୍ୟ କଲେ ଯାଇ ଏଭଳି ପରିବର୍ତ୍ତନକୁ ଜାଣିପାରିବା। ସବୁ ପୂର୍ଣ୍ଣିମାରେ ଚନ୍ଦ୍ରର ଆକୃତି ସିନା ଗୋଲାକାର ଦିଶିବ, କିନ୍ତୁ ଆକାର ସମାନ ରହିବ ନାହିଁ। ଚନ୍ଦ୍ର ନିଜର ଅଣ୍ଡାକୃତି କକ୍ଷପଥରେ ବୁଲୁ ବୁଲୁ ପୃଥିବୀଠାରୁ ସର୍ବନିମ୍ନ ଦୂରତାରେ ରହିବା ସମୟରେ ପୂର୍ଣ୍ଣମୀ ପଡୁଥିଲେ, ସେହି ପୂର୍ଣ୍ଣମୀର ଚନ୍ଦ୍ର ସବୁଠାରୁ ବଡ଼ ଦେଖାଯାଏ। ସେହି ଚନ୍ଦ୍ରକୁ 'ସୁପର ମୁନ୍' ବୋଲି କୁହାଯାଏ।

ଅତଏବ, ଯେଉଁ ପୂର୍ଣ୍ଣିମାରେ ଚନ୍ଦ୍ର ଓ ପୃଥିବୀ ମଧ୍ୟରେ ଦୂରତା ସବୁଠାରୁ କମ୍ ଥାଏ, ସେହି ପୂର୍ଣ୍ଣିମାରେ ବେଶ୍ ବଡ଼ ଦେଖାଯାଉଥିବା ପୂନେଇଁ ଜହ୍ନକୁ 'ସୁପରମୁନ୍' କୁହାଯାଏ। 'ସୁପରମୁନ୍' ଶବ୍ଦଟି ଜ୍ୟୋତିର୍ବିଜ୍ଞାନର ଶବ୍ଦ ନୁହେଁ। ବରଂ ପୂର୍ଣ୍ଣିମା ତିଥିରେ ଚନ୍ଦ୍ରର ଏଭଳି ବିରଳ ଅବସ୍ଥାନକୁ ସାଧାରଣ ଭାଷାରେ ପ୍ରକାଶ କରିବା ଆଳରେ ଏହି ଶବ୍ଦ ବ୍ୟବହୃତ ହୁଏ। ୧୯୭୯ ମସିହାରେ ଜ୍ୟୋତିର୍ବିଜ୍ଞାନୀ ରିଚାର୍ଡ ରୋଲେ ପ୍ରଥମେ ସୁପରମୁନ୍ ଶବ୍ଦ ବ୍ୟବହାର କରିଥିଲେ। ଯେପରି ପୃଥିବୀଠାରୁ ସର୍ବନିମ୍ନ ଦୂରତାରେ ରହିଥିବା ପୂନେଇଁ ଜହ୍ନକୁ 'ସୁପରମୁନ୍' କୁହାଯାଏ। ସେହିପରି ପୃଥିବୀଠାରୁ ସର୍ବାଧିକ ଦୂରରେ ରହିଥିବା ପୂନେଇଁ ଜହ୍ନକୁ 'ମାଇକ୍ରୋମୁନ୍' କୁହାଯାଏ।

ସୁପରମୁନ୍ ଦେଖାଯିବା ସମୟରେ ପୃଥିବୀର ଅତି ନିକଟରେ ଚନ୍ଦ୍ର ରହେ। ଅତୀତରେ ୨୩ ଜୁନ୍ ୨୦୧୩ ତାରିଖରେ ପଡ଼ିଥିବା ପୂର୍ଣ୍ଣମୀରେ ସୁପରମୁନ୍ ଦେଖିବାକୁ ମିଳିଥିଲା। ୧୯ ମାର୍ଚ୍ଚ ୨୦୧୧ ତାରିଖର ପୂନେଇଁ ଜହ୍ନ ଆମ ପୃଥିବୀର ସବୁଠାରୁ ନିକଟକୁ ଆସିଥିଲା। ତେଣୁ ବେଶ୍ ବଡ଼ ଓ ଅଧିକ ଉଜ୍ଜ୍ୱଳ ଦେଖାଯାଉଥିଲା। ପୃଥିବୀଠାରୁ ସର୍ବାଧିକ ଦୂରତାରେ ରହିଲା ବେଳେ ଚନ୍ଦ୍ର ଯେତେ ବଡ଼ ଓ ଯେତେ ଉଜ୍ଜ୍ୱଳ ଦିଶେ, ରାଖୀପୂର୍ଣ୍ଣିମାର ଚାନ୍ଦ ତା'ଠାରୁ ୧୪% ଅଧିକ ବଡ଼ ଦିଶିବ ଏବଂ ୩୦% ଅଧିକ ଉଜ୍ଜ୍ୱଳ ମଧ୍ୟ ଦିଶିବ। ଇତିମଧ୍ୟରେ ଅନେକ ପୂର୍ଣ୍ଣମୀ ଆସିଥିଲା ସତ, କିନ୍ତୁ ଆମକୁ ଛୋଟ ଛୋଟ ଚନ୍ଦ୍ର ଦେଖିବାକୁ ମିଳୁଥିଲା। ୨୩ ଜୁନ୍ ୨୦୧୩ ତାରିଖରେ ଚନ୍ଦ୍ର ଆମର ଅତି ନିକଟରେ ରହିଥିଲା। ତା'ପରେ ଆମଠାରୁ ଦୂରେଇ ଦୂରେଇଗଲା। ପୁଣି ୧୦ ଅଗଷ୍ଟ ୨୦୧୪ ତାରିଖରେ ଆଉ ଥରେ ଅତି ନିକଟକୁ ଆସିଥିଲା ଓ ସୁପରମୁନ୍ ଦେଖାଗଲା।

ଥରେ ସୁପରମୁନ୍ ଦେଖାଦେବାର ୪୧୩ ଦିନ (ପ୍ରାୟ ୧ ବର୍ଷ ୧ ମାସ ୧୮ ଦିନ) ପରେ ଆଉ ଥରେ ସୁପରମୁନ୍ ଦେଖାଯାଏ। ଏହା ହେଉଛି ୧୪ଟା ପୂର୍ଣ୍ଣମୀ ମଧ୍ୟରେ ସମୟ ବ୍ୟବଧାନ। ସମସ୍ତ ସୁପରମୁନ୍ ପାଇଁ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଦୂରତା ଅତି କମ୍ ରହେ, କିନ୍ତୁ ସବୁ ଥର ସେହି ଦୂରତା ସମାନ ନଥାଏ। ତେଣୁ ସମସ୍ତ ସୁପରମୁନ୍‌ର ଆକାର ସମାନ ରହେ ନାହିଁ, ଯଦିଓ ସାଧାରଣ ପୂନେଇଁ ଜହ୍ନ ତୁଳନାରେ ସୁପରମୁନ୍ ବଡ଼ ଦେଖାଯାଏ। ୨୦୧୧ ମସିହାରେ ଦୃଶ୍ୟମାନ ସୁପରମୁନ୍ ଅବସରରେ ପୃଥିବୀ-ଚନ୍ଦ୍ର ମଧ୍ୟରେ ଦୂରତା ଥିଲା ୩,୫୬,୫୭୫ କି.ମି.। ୨୦୧୩ ମସିହାରେ ଦୂରତା ଥିଲା ୩,୫୬,୯୯୧ କି.ମି. ଓ ୨୦୧୪ରେ ଦୂରତା ଥିଲା ୩,୫୬,୮୯୬ କି.ମି.। ଏବର୍ଷ ଅଗଷ୍ଟ ୧୯ରେ ପୃଥିବୀ-ଚନ୍ଦ୍ର ମଧ୍ୟରେ ଦୂରତା ୩,୬୧,୯୬୯ କି.ମି., ସେପ୍ଟେମ୍ବର ୧୮ରେ ୩,୫୭,୪୮୫ କି.ମି., ଅକ୍ଟୋବର ୧୭ରେ ୩,୫୭,୩୬୩ କି.ମି. ଏବଂ ନଭେମ୍ବର ୧୫ ତାରିଖରେ ଦୂରତା ୩,୬୧,୮୬୬ କି.ମି. ରହିବ। ତେଣୁ ୨୦୨୪ ମସିହା ଅକ୍ଟୋବର ୧୭ ତାରିଖର ପୂର୍ଣ୍ଣମୀ ଜହ୍ନ ସବୁଠାରୁ ବଡ଼ ଓ ଉଜ୍ଜ୍ୱଳ ସୁପରମୁନ୍ ହେବ।

- ପ୍ରାଧ୍ୟାପକ, ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ
ମୋ: ୯୪୩୯୫୦୧୬୫୧

## ସୁସ୍ଥ ହାର୍ଟ ପାଇଁ...



**ହୃ**ତ୍‌ପିଣ୍ଡ ବା ହାର୍ଟ ଆମ ଶରୀରର ଅନ୍ୟତମ ଏକ ପ୍ରମୁଖ ଅଙ୍ଗ। ଏହା ସୁସ୍ଥ ରହିବା ନିହାତି ଜରୁରୀ। କେତେକ କାରଣରୁ ହୃଦ୍‌ଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ହାର୍ଟ କିପରି ସୁସ୍ଥ ରହିବ ସେ ବିଷୟରେ ଆମେ ସଚେତନ ହେବା ନିହାତି ଦରକାର। ଏ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି, ସେମାନଙ୍କର ହାର୍ଟ ଅଧିକ ସକ୍ରିୟ ଭାବରେ କାମ କରୁଥିବାର ସେମାନେ ଦେଖିବାକୁ ପାଇଥିଲେ। ତେଣୁ ଜଣେ ବ୍ୟକ୍ତି ଯେତେସମ୍ଭବ ନିଜକୁ ଚାପମୁକ୍ତ ରଖିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।

## ରକ୍ତଚାପକୁ ନିୟନ୍ତ୍ରଣ କରେ ଅଙ୍ଗୁର



**ଶ**ରୀରକୁ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାରେ ଅଙ୍ଗୁରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ରକ୍ତଚାପକୁ ସନ୍ତୁଳିତ ରଖିଥାଏ। ତେଣୁ ଜଣେ ବ୍ଲଡ୍‌ପ୍ରେସର ସମସ୍ୟା ସହଜ ଜଡ଼ିତ ବ୍ୟକ୍ତି ଏହାକୁ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରିବେ। କେବଳ ସେତିକି ନୁହେଁ, ଏଥିରେ ଆହୁରି ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଅଙ୍ଗୁରରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିଥାଏ। ଏଥିଯୋଗୁଁ ଶରୀର ବାହ୍ୟ ସଂକ୍ରମଣରୁ କେତେକାଂଶରେ ରକ୍ଷା ପାଇଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ନିକଟରେ ଜଣାପଡ଼ିଛି ଯେ, ଏଥିରେ ଥିବା ଉପକାରୀ ତତ୍ତ୍ୱ କ୍ୟାନ୍‌ସର ଆକ୍ରାନ୍ତ କୋଷ(ସେଲ୍)ଗୁଡ଼ିକୁ ବୃଦ୍ଧି କରିବାକୁ ଦେଇ ନ ଥାଏ। ଏଥିରେ ଫାଇବର୍ ମଧ୍ୟ ରହିଛି, ଯାହା କୋଲେଷ୍ଟରଲ୍‌ର ମାତ୍ରାକୁ ସନ୍ତୁଳିତ ରଖେ। ଅଙ୍ଗୁରରେ ଭିଟାମିନ୍-କେ, କ୍ୟାଲସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଥିବାରୁ ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ମାନସିକ ଭାବେ ସୁସ୍ଥ ରହିବାର ଏକ ସହଜ ଉପାୟ ରହିଛି। ଏଥିପାଇଁ ନିୟମିତ ପ୍ରାଣାୟାମ କରନ୍ତୁ।

➤ସକାଳେ ଖାଲିପାଦରେ କିଛି ସମୟ ଦୌଡ଼ନ୍ତୁ। ଏହା ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। ଏହାଦ୍ୱାରା ପାଦ ଆହୁରି ଶକ୍ତ ହୋଇଥାଏ।

➤ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଏହା ସହ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ କରନ୍ତୁ।



➤ନିଜକୁ ଅବସାଦଠାରୁ ଯେତେସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ।

➤ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ। ନହେଲେ ଜୀବାଣୁଗୁଡ଼ିକ ଶରୀର ମଧ୍ୟକୁ ଯାଇ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।

➤ରାତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ - ରାତିରେ ଖାଇବା ଓ ଶୋଇବା ମଧ୍ୟରେ ଅତି କମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଦରକାର।

➤ବୟସ ବଢ଼ିବା ସହ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରୁହନ୍ତୁ। ଏହି ସମୟରେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ଜାଣିରଖନ୍ତୁ

- ଯେଉଁ ଋତୁ ହେଉନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଭିଟାମିନ୍‌ଯୁକ୍ତ ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହା ଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇପାରେ।
- ଅସ୍ଥି ଓ ମଜ୍ଜାକୁ ମଜଭୁତ କରିବାରେ ଭିଟାମିନ୍ ଡି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଭଳି ଖାଦ୍ୟ ପ୍ରତିଦିନ ଖାଇବାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ।
- ଯଦି ଆପଣ କୌଣସି ରୋଗରେ ଆକ୍ରାନ୍ତ ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରୋଗର ଚିକିତ୍ସାରେ ବିଳମ୍ବ କିମ୍ବା ଅବହେଳା କଲେ ପରବର୍ତ୍ତୀ ସମୟରେ ରୋଗ ଗୁରୁତର ଆକାର ଧାରଣ କରିଥାଏ ଏବଂ ଚିକିତ୍ସା ପାଇଁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।



## କାର୍ଯ୍ୟଦକ୍ଷତା ବୃଦ୍ଧିର ସହଜ ଉପାୟ

**ଆ**ଜିକାଲିର ବ୍ୟସ୍ତମୟ ଜୀବନରେ ପ୍ରାୟ ସମସ୍ତେ ନିଜ ନିଜ କାମରେ ନିଜକୁ ନିୟୋଜିତ ରଖୁଛନ୍ତି। ତେବେ ଜଣେ ବ୍ୟକ୍ତି ନିଜ କାମକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଯୋଜନାବଦ୍ଧ ଭାବରେ ଆଗେଇବାକୁ ପଡ଼ିଥାଏ। ହେଲେ ଏହି ସମୟରେ ନିଜର ମନୋବଳ ବୃଦ୍ଧି କରିବାର ଏକ ସହଜ ତଥା ସରଳ ଉପାୟ ରହଛି। ୟୁନିଭର୍ସିଟି ଅଫ୍ ଲଣ୍ଡନର ମନୋବିଜ୍ଞାନୀମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ, ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ବହି ପଢ଼ାପଢ଼ି କରନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତା କେତେକାଂଶରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଉକ୍ତ ସର୍ଭେରୁ ଜଣାପଡ଼ିଛି ଯେ, ପ୍ରତିଦିନ କିଛି ସମୟ ମନ ପସନ୍ଦର ବହି ପଢ଼ିବା କିମ୍ବା ବହି ସହ ନିଜକୁ ଯୋଡ଼ି ରଖିବା ଦ୍ୱାରା ସଂପୃକ୍ତ ବ୍ୟକ୍ତି ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିବା ବେଳେ ଅନ୍ୟ ଗ୍ରୁପ୍ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ପଢ଼ାପଢ଼ି କରିବାକୁ ପରାମର୍ଶ ଦିଆଯାଇଥିଲା। କିଛି ସପ୍ତାହ ପରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ କିଛି ସମୟ ନିଜ ମନ ପସନ୍ଦର ବହି ପଢୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବାର ଲକ୍ଷ୍ୟ କରାଯାଇଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୯/୨୦୨୪ Bhubaneswar, Monday, August 19/ 2024

# ଓଡ଼ିଶା ଓପନ ସ୍ନୁକର ଆରମ୍ଭ

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)**

ସ୍ଥାନୀୟ ଭିନ୍‌ଟେଜ୍ କ୍ଲବ ପରିସରରେ ରବିବାର 'ଗ୍ରୀନ୍ ବାଇଜେ କ୍ଲାସିକ୍) ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍ ରବିବାର ଆରମ୍ଭ ହୋଇଛି। ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ୧୫-ରେଡ୍ ସ୍ନୁକର ଟୁର୍ନାମେଣ୍ଟରେ ଅନେକ ଯୁବ ପ୍ରତିଭାଙ୍କ ସହ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଶୁତୋଷ ପାଢ଼ୀ ଅଂଶଗ୍ରହଣ କରିଛନ୍ତି। ମୋଟ ୫୭ ଖେଳାଳି ଏଥିରେ ଭାଗ ନେଇଥିବାବେଳେ ୧୭ ବର୍ଷୀୟା ପ୍ରତିଭା ସମ୍ପନ୍ନ ମହିଳା କ୍ୟୁଇଷ୍ଟ ଶୁଭାଙ୍ଗୀ ରାଓ ଆକର୍ଷଣରେ ରହିଛନ୍ତି। ସେ ଏକମାତ୍ର ମହିଳା ଖେଳାଳିଭାବେ ଏହି ଓପନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ପାଇଁ ମୋଟ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଚାମ୍ପିୟନଙ୍କୁ ଟ୍ରଫି ସହ ୧୫,୦୦୦ଟଙ୍କା ପ୍ରଦାନ କରାଯିବ। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ରାହୁଲ ହାଲିଙ୍କୁ ଆକ୍ରମ ଖାଁ ୩-୧, ଉସମାନ ଖାଁଙ୍କୁ ଶ୍ୟାମ ଅଗ୍ରୱାଲ ୩-୨, ଶୁଭାଙ୍ଗି ରାଓଙ୍କୁ ୩-୦ରେ ଜ୍ଞାନ ଶତପଥୀ, ଗୋବିନ୍ଦ ଶର୍ମାଙ୍କୁ ୩-୧ରେ ଜୀତେଶ ଷଡ଼ଙ୍ଗୀ, ରୋହିତ ଶର୍ମାଙ୍କୁ ୩-୧ରେ ଗୁଡ୍‌ୱିନ କୁଲୁ, ଗୋବିନ୍ଦ ରାଓଙ୍କୁ ୩-୧ରେ ନିଶ୍ଚୟ ମିଶ୍ର, ରାକେଶ ବାରିକଙ୍କୁ ୩-୧ରେ ମିଶାଲ ସ୍ୱାଇଁ, ଅମିତାଭ ନାୟକଙ୍କୁ ୩-୧ରେ ସତ୍ୟଦୀପ ଦାସ, ଆଶିଷ ପାତ୍ରଙ୍କୁ ୩-୦ରେ ଅଶିତ ଚୌଧୁରୀ ଏବଂ ଦୁର୍ଗା ପ୍ରସନ୍ନ ମହାନ୍ତିଙ୍କୁ ୩-୦ରେ ବରୁଣ ପୂର୍ବା ପରାସ୍ତ କରିଛନ୍ତି।



ଏକମାତ୍ର ମହିଳା ପ୍ରତିଯୋଗୀ ଶୁଭାଙ୍ଗୀ ରାଓ।

# ପ୍ରତିବାଦ ଶୋଭାଯାତ୍ରାରେ ସାମିଲ ହେଲେ ଫୁଟ୍‌ବଲପ୍ରେମୀ

**କୋଲକାତା ବଳାତ୍କାର ହତ୍ୟା ମାମଲା**

**କୋଲକାତା, ୧୮।୮ (ପି.ଟି.)**

ଆର୍.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିବାର ଯେଉଁ ଅଭିଯୋଗ ହୋଇଛି ସେ ନେଇ ଦେଶ ବ୍ୟାପୀ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ ଚାଲିଛି। ପରସ୍ପର ମଧ୍ୟରେ ରହିଥିବା ପ୍ରତିଦ୍ୱନ୍ଦ୍ୱିତାକୁ ଭୁଲି ରବିବାର ଏଥିରେ ନିଜକୁ ସାମିଲ କରିଛନ୍ତି କୋଲକତାର ୩ ପ୍ରମୁଖ ଫୁଟ୍‌ବଲ କ୍ଲବ ମୋହନ ବାଗାନ, ଇଷ୍ଟ ବେଙ୍ଗଲ ଓ ମହମ୍ମଡ଼ାନ ସ୍ପୋର୍ଟିଂ ଫୁଟ୍‌ବଲ କ୍ଲବର ହଜାର ହଜାର ସଂଖ୍ୟାରେ ସମର୍ଥକ। ସଲ୍ଟଲେକ୍ ଷ୍ଟାଡିୟମରେ ଦେଖିବାକୁ ମିଳିଥିଲା ଅଭୂତପୂର୍ବ ଦୃଶ୍ୟ। ଏହି ପ୍ରତିବାଦ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ଭାରତୀୟ ଦଳର ଡିଫେଣ୍ଡର ଓ ମୋହନ ବାଗାନ ଅଧିନାୟକ ସୁଭାଶିଷ ବୋଷ ଓ ତାଙ୍କ ସ୍ତ୍ରୀ କସ୍ତୁରୀ ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌଧାରୀ। ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀକୁ ଉଚିତ ଦଣ୍ଡ ମିଳୁ ବୋଲି ସେମାନେ ଦାବି କରିଥିଲେ। ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ଘଟେ ସେ ଦିଗରେ ସରକାର ଦୃଢ଼ ପଦକ୍ଷେପ ନିଅନ୍ତୁ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ ଜାରି ରହିବ ବୋଲି ବୋଷ କହିଛନ୍ତି। ତାଙ୍କ ସ୍ତ୍ରୀ ଏକ ପ୍ଲାକାର୍ଡ ଧରିଥିବା ଲକ୍ଷ୍ୟ କରାଯାଇଥିଲା। ସେଥିରେ ଇଂଲିଶରେ 'ୱି ୱାଣ୍ଟ ଜଷ୍ଟିସ, ଜଷ୍ଟିସ ଫର୍ ଆର୍‌ଜି କର୍' ବୋଲି ଲେଖା ରହିଥିଲା। ପ୍ରଥମ ଥର ପାଇଁ ମୋହନବାଗାନ, ଇଷ୍ଟ ବେଙ୍ଗଲ ଓ ମହମ୍ମଡ଼ାନ ସ୍ପୋର୍ଟିଂର ସମର୍ଥକ ଏକତ୍ର ହୋଇ ନ୍ୟାୟ ପାଇଁ ଲଢୁଛନ୍ତି। ଏଥିପାଇଁ ମୁଁ ସମସ୍ତଙ୍କ ନିକଟରେ କୃତଜ୍ଞ। ଏହି ଲଢେଇ କେବଳ ବେଙ୍ଗଲ ପାଇଁ ନୁହେଁ ସମଗ୍ର ଦେଶ ପାଇଁ ବୋଲି ସେ କହିଥିଲେ। ବୋଷ କହିଥିଲେ, ଆମେ ମିଳିତ ଭାବେ ଲଢେଇ କଲେ ଏଭଳି ଘୃଣ୍ୟ କାର୍ଯ୍ୟ କରିବା ଲାଗି କେହି ସାହାସ କରିବେ ନାହିଁ। ମୁଁ ଜଣେ ଫୁଟ୍‌ବଲର୍। ତେଣୁ ପଡ଼ିଆ ମୋ ପାଇଁ ସବୁକିଛି। କିନ୍ତୁ ରାଜ୍ୟ ଅବା ଦେଶରେ ଆମ ମା ଓ ଭଉଣୀମାନେ ଯଦି ନିଜକୁ ସୁରକ୍ଷିତ ନ ମଣନ୍ତି, ଏହି ସମସ୍ୟାର ସମାଧାନଠାରୁ ବଡ଼ କାର୍ଯ୍ୟ ଆଉ କିଛି ନାହିଁ।

# ଇଣ୍ଡିପେଣ୍ଡେଣ୍ଟ, ସନ୍‌ରାଇଜ୍ ବିଜୟୀ

**ଫାଓ ଲିଗ୍**

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ରବିବାର ଅନୁଷ୍ଠିତ ୨ଟି ମ୍ୟାଚରେ ଇଣ୍ଡିପେଣ୍ଡେଣ୍ଟ ଓ ସନ୍‌ରାଇଜ୍ କ୍ଲବ ବିଜୟ ହାସଲ କରିଛନ୍ତି। ଇଣ୍ଡିପେଣ୍ଡେଣ୍ଟ କ୍ଲବ ୪-୨ ଗୋଲରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସେକ୍ ଫରିଦ ୧୧, ସୁନୀଲ ସୋରେନ ୨୫, ଛୋଟୁ ମୁର୍ମୁ ୩୫ ଓ ପ୍ରକାଶ ନାଏକ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜୟଦୁର୍ଗାର ବଷ୍ଟି କଙ୍ଗସା ବାନିକ ୨୪ ଓ ୯୦+୨ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଅନ୍ୟ ମ୍ୟାଚଟିରେ ସନ୍‌ରାଇଜ ୪-୨ରେ ବିଡ଼ାନାସୀ କ୍ଲବକୁ ହରାଇ ଦେଇଛି। ସନ୍‌ରାଇଜ୍‌ର ଅର୍ବିନ ଲାକ୍ରା ୫ ଓ ୪୨ ଏବଂ ଦୀନବନ୍ଧୁ ଦାସ ୮୨ ଓ ୮୬ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ବିଡ଼ାନାସୀ ଦଳର ପ୍ରଦ୍ୟୁମ୍ନ ସ୍ୱାଇଁ ୪୮ ଓ ଅମିୟ ରଞ୍ଜନ ପଟ୍ଟନାୟକ ୫୩ତମ ମିନିଟରେ ଗୋଲ ୨ଟି ସ୍କୋର କରିଥିଲେ।



ସନ୍‌ରାଇଜ୍ ଓ ବିଡ଼ାନାସୀ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଉତ୍କଳ, ହର୍ଷିତ, ତପନ, ଜ୍ୟୋତ୍ସ୍ନଭ ବିଜୟୀ



ଜାତୀୟ ଚେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଖେଳାଳି ଓ ଅନ୍ୟମାନେ।

**ଜାତୀୟ ଚେସ୍ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)**

ହରିୟାଣାର ଗୁର୍‌ଗାଓଁଠାରେ ଚାଲିଥିବା ୬୧ତମ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡରେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ଉତ୍କଳ ରଞ୍ଜନ ସାହୁ, ହର୍ଷିତ ରଞ୍ଜନ ସାହୁ, ତପନ ମଡ଼ମୁଣ୍ଡି ଓ ଜ୍ୟୋତ୍ସ୍ନଭ ତାଲୁକଦାର ପ୍ରମୁଖ ବିଜୟ ହାସଲ କରିଛନ୍ତି। ଚଳିତ ମାସ ୨୭ ପର୍ଯ୍ୟନ୍ତ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୧ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଅଂଶୁମାନ ସାମଲ, କୌସ୍ତୁଭ ଦାଶ, ଏସ.ପି. ସୂର୍ଯ୍ୟପ୍ରଜ୍ଞାଳ, ଅଂଶୁମାନ ଭଞ୍ଜ, ଅମୃତାଂଶୁ ଭଞ୍ଜ, ଲଭ୍ୟାଜ୍ୟୋତି ରାଉତରାୟ ଓ ଅଜିତ କୁମାର ବେହେରା। ଲଭ୍ୟାଜ୍ୟୋତି ତାଙ୍କଠାରୁ ଉଚ୍ଚ ର୍ୟାଙ୍କ୍‌ପ୍ରାପ୍ତ ଖେଳାଳିଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଛନ୍ତି। ସେହିପରି କୌସ୍ତୁଭ ମଧ୍ୟ ପଏଣ୍ଟ ଭାଗ କରିଛନ୍ତି। ଖେଳାଳିଙ୍କ ବ୍ୟତୀତ ପ୍ରିୟଦର୍ଶିନୀ ପଟ୍ଟନାୟକ ଟିମ୍ ମ୍ୟାନେଜର ଓ ଅନ୍ତର୍ଜାତୀୟ ଆର୍ବିଟର ଅପରାଜିତା ଗୋଚ୍ଛିକାର ଅଫିସିଆଲଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଉତ୍କଳ କରାଟେ ମିଟ୍ ଉଦ୍‌ଯାପିତ





ଉତ୍କଳ କରାଟେ ମିଟ୍‌ରେ କୃତିତ୍ୱ ଅର୍ଜନ କରିଥିବା କରାଟେକାମାନେ ଅତିଥି ଓ ଅଫିସିଆଲଙ୍କ ଗହଣରେ।

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)**

ଚଳିତ ବର୍ଷର ଉତ୍କଳ କରାଟେ ମିଟ୍ ରବିବାର ଶେଷ ହୋଇଛି। ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଛୋଟ ପିଲାଙ୍କ ମଧ୍ୟରେ କରାଟେପ୍ରତି ଉତ୍ସାହ ସୃଷ୍ଟି କରିବା ଓ ସେମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ। ଓଡ଼ିଶା ରାଜ୍ୟ କରାଟେ ସଂଘ ଓ ଉତ୍କଳ କରାଟେ ସ୍କୁଲର ମିଳିତ ଉଦ୍ୟମ ଯୋଗୁ ରାଜ୍ୟରେ କରାଟେ କ୍ରୀଡ଼ା ଉଚ୍ଚତର ସୋପାନରେ ପହଞ୍ଚି ପାରିଛି। ରାଜ୍ୟର କରାଟେକାମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା ଗୁଡ଼ିକରେ ଅଂଶଗ୍ରହଣ କରି ରାଜ୍ୟକୁ ଗର୍ବିତ କରି ଆସୁଛନ୍ତି। ୧୭ ଓ ୧୮ ତାରିଖ ଦୁଇଦିନଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ୱେଷ୍ଟଇଣ୍ଡିଜ ବିପକ୍ଷରୁ ଭାରତର ଅଭିଯାନ

**ଦୁବାଇ,୧୮।୮(ପି.ଟି.):** ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ ପାଇଁ କାର୍ଯ୍ୟସୂଚୀ ରବିବାର ପ୍ରକାଶ ପାଇଛି। ୨ ବର୍ଷ ଅନ୍ତରାଳରେ ଖେଳା ଯାଉଥିବା ଏହି ଟୁର୍ନାମେଣ୍ଟ ଜାନୁଆରୀ ୧୮ରୁ ଫେବୃଆରୀ ୨ ମଧ୍ୟରେ ୱେଷ୍ଟଇଣ୍ଡିଜରେ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିୟନ ଭାରତ ଗ୍ରୁପ୍ ଏ'ରେ ମାଲେସିଆ, ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ସହିତ ସ୍ଥାନ ପାଇଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଇଂଲଣ୍ଡ, ଆୟର୍ଲାଣ୍ଡ, ପାକିସ୍ତାନ ଓ ଆମେରିକା ଗ୍ରୁପ୍ ବି'ରେ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ସମୋଆ ଓ ଏକ ଆଫ୍ରିକୀୟ କ୍ୱାଲିଫାଇଙ୍ଗ ଦଳ ଗ୍ରୁପ୍ ସି'ରେ ସ୍ଥାନ ପାଇଥିବା ବେଳେ ଅଷ୍ଟ୍ରେଲିଆ, ବାଂଲାଦେଶ, ସ୍କଟଲାଣ୍ଡ ଓ ଏସିଆର ଏକ କ୍ୱାଲିଫାଇଂ ଦଳ ଗ୍ରୁପ୍ ଡି'ରେ ସାମିଲ ଅଛନ୍ତି।









SHREEKHETRA AUTOMOBILES: Bhubaneswar-8291159378, Jagatsingpur-8879229672, Parlakhemundi-8879229831, Daspalla -8291160652, Barbil- 8291159378

GUGNANI AUTOCARS: Bhubaneswar: 8879529357, Cuttack: 7045134681, Keonjhar: 8291607250, Jajpur: 8291148273, Chandikhol: 8291176433

DION AUTOMOTIVES: Bhubaneswar: 7506018735, Cuttack: 9167984347, Puri: 8879183329, Berhampur: 9152102460, Phulbani: 7506018735, Balugaon: 7506018735

TRUPTI ENTERPRISES: Bhubaneswar: 7506018747, Nayagarh: 8291149637, Patrapara: 8291678503, Patia: 8291645334, Paradip: 8291149735, Kendrapara: 8291175631, Khorda: 8879187412

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ